# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୩/୨୦୨୦ (୧୬ ପୃଷ୍ଠା) Bhubaneswar, Thursday, July 23/2020 ★★★★★★

୪୬ଶ ଭାଗ ୨୩୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







ଗୁଜରାଟର କକ୍ରାପାରସ୍ଥିତ ୭୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଆଣବିକ ବିଦ୍ୟୁତ୍ ପ୍ରକଳ୍ପ ବୁଧବାର କାର୍ଯ୍ୟକ୍ଷମ ହୋଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଣବିକ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ରିଆକ୍ଟର 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନର ଉଜ୍ଜ୍ୱଳ ଦୃଷ୍ଟାନ୍ତ ବୋଲି କହିଛନ୍ତି। ଭାରତର ଆଣବିକ ଇତିହାସରେ ଏହା ଏକ ବଡ଼ ଦିନ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି।



ଚାଇନାର ଡେଟ୍ ଡିପ୍ଲୋମାସି

# ଋଣଜାଲରେ ବିକାଶଶୀଳ ରାଷ୍ଟ୍ର

**ସାରା ବିଶ୍ୱରେ ଋଣର ଜାଲ ବିଛାଇଛି ଚାଇନା, ଯେଉଁଥିରେ ଛନ୍ଦି ହୋଇଯାଇଛନ୍ତି ଗୋଟିଏ ପରେ ଗୋଟିଏ ବିକାଶଶୀଳ ଦେଶ। ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସମେତ ଅବଶିଷ୍ଟ ବିଶ୍ୱ ପାଇଁ ଚାଇନା ଆପଣାଉଥିବା ଏହି ଆର୍ଥିକ ଅସ୍ତ୍ରକୁ ଋଣ କୂଟନୀତି ବା 'ଡେଟ୍ ଡିପ୍ଲୋମାସି' ଭାବେ ଅଭିହିତ କରାଯାଏ। ଆର୍ଥିକ ସହାୟତା ଓ ବ୍ୟବସାୟିକ ଲକ୍ଷ୍ୟ ନେଇ ବେଜିଂ ପକ୍ଷରୁ ଦିଆଯାଉଥିବା ଏହି ଋଣ ପଛରେ ଆଉ ଏକ ଭିନ୍ନ ଉଦ୍ଦେଶ୍ୟ ରହିଥିବା ଆଲୋଚନା ହୁଏ। ତାହା ହେଉଛି ଶକ୍ତିଶାଳୀ ଆମେରିକା ତୁଳନାରେ ରାଜନୈତିକ ତଥା ଆର୍ଥିକ ଦୃଷ୍ଟିରୁ ନିଜକୁ ଅଧିକ ମଜଭୁତ କରି ଗଢ଼ି ତୋଳିବା। ଋଣ ଦିଆନିଆ ଅନେକ ରାଷ୍ଟ୍ରର ବହିର୍ବ୍ୟାପାର ନୀତିର ଏକ ଅଙ୍ଗ ହୋଇଥିବାବେଳେ ଚାଇନା ଏହା ମାଧ୍ୟମରେ ନିଜର ବିସ୍ତାରବାଦୀ ମହତ୍ତ୍ୱାକାଂକ୍ଷାକୁ ଚରିତାର୍ଥ କରୁଥିବା ବିଶେଷଜ୍ଞମାନେ ସମାଲୋଚନା କରନ୍ତି। ଏହାସତ୍ତ୍ୱେ ଚାଇନା ବିଶ୍ୱର ସର୍ବବୃହତ୍ ଋଣଦାତା ଭାବେ ଉଭା ହୋଇଛି। ବିଶେଷକରି ବିଗତ ଦୁଇ ଦଶନ୍ଧି ଧରି ଏହାର ହାତମୁଠା ବେଶି ଟାଣ ହୋଇଛି।**

ନୂଆଦିଲ୍ଲୀ/ବେଜିଂ,୨୨।୭

ବିକାଶଶୀଳ ଦେଶଗୁଡ଼ିକୁ ଚାଇନା ଦେଉଥିବା ଋଣର ଅଧା ହେଉଛି ହିଡେନ କ୍ରେଡିଟ୍ସ (ଲୁକ୍କାୟିତ କରଜ)। ହାର୍ଭାର୍ଡ ୟୁନିଭର୍ସିଟିର ଜଣାଶୁଣା ଋଣ ବିଶେଷଜ୍ଞ କାର୍ମେନ ରିନ୍‌ହାର୍ଟ ଏବଂ କେଇଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର କ୍ରିଷ୍ଟୋଫ୍ ଟ୍ରେବେସ୍କ ଓ ସେବାଷ୍ଟିଆନ୍ ହର୍ନ ବିଶ୍ଳେଷଣ କରି ଉପରୋକ୍ତ ବିଷୟ ଜାଣିବାକୁ ପାଇଛନ୍ତି। ୧୯୪୯ରୁ ୨୦୧୭ ମଧ୍ୟରେ ଚାଇନା ପକ୍ଷରୁ ୧୫୨ ଦେଶକୁ ପ୍ରଦାନ କରାଯାଇଥିବା ୨,୦୦୦ ଋଣ ସମ୍ପର୍କରେ ସେମାନେ ଅଧ୍ୟୟନ କରିଥିଲେ। ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟକୁ ନେଇ ବିଶ୍ୱ ଅର୍ଥନୀତିରେ ଚାଇନାର ବାସ୍ତବ ଭୂମିକା ସମ୍ପର୍କରେ ସେମାନେ ଅବତାରଣା କରିଛନ୍ତି। ଏହି ବିକାଶଶୀଳ ଦେଶଗୁଡ଼ିକରେ ଚାଇନା ପବ୍ଲିକ୍ ଓ ପ୍ରାଇଭେଟ ସେକ୍ଟରକୁ କୋଟି କୋଟି ଡଲାର ଋଣ ଦେଇ ନିଜ ଚେର ମଜଭୁତ କରିଛି। ଉକ୍ତ ଋଣ ସମ୍ପର୍କିତ ରେକର୍ଡ କୌଣସି ଆନ୍ତର୍ଜାତିକ ସଂସ୍ଥା ପାଖରେ ନ ଥିବାରୁ ଏହାକୁ ହିଡେନ୍ କ୍ରେଡିଟ୍ସର ନାମକରଣ ଏଇଥିପାଇଁ ଦିଆଯାଇଛି।

ଅଧ୍ୟୟନରୁ ଅନୁମାନ କରାଯାଇଛି ଯେ, ହିଡେନ୍ କ୍ରେଡିଟ୍ସର ସିଂହଭାଗ ବିଗତ ୨ ଦଶନ୍ଧି ମଧ୍ୟରେ ବଢ଼ିଯାଇଛି। ଏବେ ଏହାର ପରିମାଣ ୨୦,୦୦୦ କୋଟି ଡଲାର ଟପିଯାଇଛି। ଏଥିରେ ପୂର୍ବରୁ ବାକି ଥିବା ଋଣର ସମ୍ମିଳିତ ମୂଲ୍ୟକୁ ମଧ୍ୟ ସାମିଲ କରାଯାଇଛି। ଚାଇନାଠାରୁ ସର୍ବାଧିକ ଋଣ ନେଇଥିବା ୫୦ ଦେଶ ସମ୍ପର୍କରେ ଆଲୋଚନା କଲେ ଜଣାଯାଏ ଯେ, ଏହି ଦେଶଗୁଡ଼ିକରେ ହାରାହାରି ଋଣ ବଢ଼ି ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୧୫%ରୁ ଅଧିକ। ଡାଇରେକ୍ଟ ଲୋନ୍ସ ବା ପ୍ରତ୍ୟକ୍ଷ ଋଣର ସିଂହଭାଗ ଚାଇନା ସରକାରଙ୍କ ନିୟନ୍ତ୍ରଣରେ ଥିବା 'ଚାଇନା ଡେଭେଲପ୍‌ମେଣ୍ଟ ବ୍ୟାଙ୍କ' ଏବଂ 'ଏକ୍ସିମ୍ ବ୍ୟାଙ୍କ ଅଫ୍ ଚାଇନା' ଜରିଆରେ ପ୍ରଦାନ କରାଯାଇଛି। ଏହାବାଦ ଏପରି ଅନେକ ପରୋକ୍ଷ ବ୍ୟବସ୍ଥା ମଧ୍ୟ ରହିଛି, ଯାହା ଜରିଆରେ ଚାଇନା ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଋଣ ଦେଇଥାଏ। ଏପରି ଋଣ ସମ୍ପର୍କରେ ଜାଣିବା ସହଜ ନୁହେଁ। କାରଣ ଏହା 'ସରକାରଠାରୁ ସରକାର' ବ୍ୟବସ୍ଥା ଜରିଆରେ ନିଆଯାଇଥାଏ। ଅଧିକାଂଶ ଋଣ ସରକାରୀ ନିୟନ୍ତ୍ରଣରେ ଥିବା ୟୁନିଟଗୁଡ଼ିକ ଜରିଆରେ ଦିଆଯାଇଥାଏ ଏବଂ ତାକୁ ପ୍ରଦାନ କରୁଥିବା କମ୍ପାନୀଗୁଡ଼ିକ ମଧ୍ୟ ସାଧାରଣତଃ ଏପରି ହୋଇଥାନ୍ତି, ଯାହାର ମୁଖ୍ୟ ମାଲିକ ହେଉଛି ଚାଇନା।



## ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଚାଇନାର ଦଖଲ

ଦୁଇ ଦଶନ୍ଧି ତଳେ ଚାଇନା ଆପଣାଇଥିବା ଋଣନୀତି ଆଜି ଏହାକୁ ବିଶ୍ୱ ଅର୍ଥ ବ୍ୟବସ୍ଥାର ଏକ ପ୍ରମୁଖ ରାଷ୍ଟ୍ରରେ ପରିଣତ କରିଛି। ବାହାର ଦୁନିଆ ପାଇଁ କୋହଳ ଆଭିମୁଖ୍ୟ ଯୋଗୁ ଚାଇନା ଏପରି ସଫଳତା ହାସଲ କରିଛି। ଏଥିଯୋଗୁ ଚାଇନା ବିଶ୍ୱର ସବୁଠୁ ବଡ଼ ସରକାରୀ କରଦାତା ପାଲଟିସାରିଛି। ଅନ୍ୟ କୌଣସି ଦେଶର ସରକାର ଚାଇନା ଭଳି ବିପୁଳ ପରିମାଣର ଋଣ ପ୍ରଦାନ କରିବାରେ ସକ୍ଷମ ନୁହନ୍ତି। ୨୦୧୮ର ତଥ୍ୟାନୁସାରେ ବିକାଶଶୀଳ ଦେଶଗୁଡ଼ିକ ଉପରେ ଚାଇନାର ୫ ଲକ୍ଷ କୋଟି ଡଲାରରୁ ଅଧିକ ଋଣ ରହିଛି। ଏହି ପରିମାଣ ବିଶ୍ୱ ଜିଡିପିର ପ୍ରାୟ ୬% ହେବ। ୨୦ ବର୍ଷ ପୂର୍ବରୁ ଏହି ଋଣର ପରିମାଣ ଜିଡିପିର ମାତ୍ର ୧% ଥିଲା। ଚାଇନା ସବୁ ପ୍ରକାର ଅର୍ଥ ବ୍ୟବସ୍ଥାକୁ ଋଣ ଦେଉଥିବାବେଳେ ଏହାର ଆଧିପତ୍ୟ ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକ ଉପରେ ଅଧିକ। ଗରିବ ଓ ବିକାଶଶୀଳ ଦେଶଗୁଡ଼ିକୁ ଚାଇନା ପକ୍ଷରୁ ଦିଆଯାଉଥିବା ଋଣ ୱାର୍ଲ୍ଡ ବ୍ୟାଙ୍କ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଅଥବା ଅନ୍ୟ ସରକାରଗୁଡ଼ିକ ତୁଳନାରେ ବହୁ ପରିମାଣରେ ଅଧିକ।

## ଭାରତ ନେଇଛି କି ?

ଚାଇନାଠାରୁ ଭାରତ ପ୍ରତ୍ୟକ୍ଷ ଭାବେ ଋଣ ନେଇନାହିଁ। ତେବେ ଏସିଆନ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ (ଏଆଇଆଇବି)ଠାରୁ ସର୍ବାଧିକ ଋଣ ନେଇଥିବା ଦେଶଗୁଡ଼ିକ ମଧ୍ୟରେ ଶୀର୍ଷରେ ଭାରତ ରହିଛି। ଏହି ବହୁପାକ୍ଷିକ ବ୍ୟାଙ୍କର ସବୁଠୁ ବଡ଼ ଅଂଶଧନ (୨୬.୬% ଭୋଟିଂ ରାଇଟ୍ସ) ଚାଇନାର ହୋଇଥିବାବେଳେ ଭାରତର ଶେୟାର ୭.୬%। ଏଆଇଆଇବି ପକ୍ଷରୁ ଭାରତକୁ ଦିଆଯାଇଥିବା ଋଣ ଭାରତୀୟ ଇନ୍‌ଫ୍ରା ମାର୍କେଟରେ ଚାଇନା ଫାର୍ମଗୁଡ଼ିକର ପ୍ରବେଶ ପାଇଁ ପଥ ପ୍ରଶସ୍ତ କରିପାରେ।

## ଓବିଓଆର୍ ଯୋଗୁ ପ୍ରଭାବିତ

ଭାରତର ଅଧିକାଂଶ ପଡ଼ୋଶୀ ଚାଇନାର ୮ ଟ୍ରିଲିୟନ୍ ଡଲାର ବ୍ୟୟରେ ନିର୍ମାଣାଧୀନ ୱାନ୍ ବେଲ୍ଟ ୱାନ୍ ରୋଡ୍ (ଓବିଓଆର୍) ଋଣଜାଲରେ ଛନ୍ଦି ହୋଇଯାଇଛନ୍ତି। ଏସିଆ, ଆଫ୍ରିକା ଓ ୟୁରୋପ ମଧ୍ୟରେ ସଂଯୋଗୀକରଣ ପାଇଁ ଉଦ୍ଦିଷ୍ଟ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ମାନସ ସନ୍ତାନ ଓବିଓଆର୍ ସହ ପାକିସ୍ତାନ, ବାଂଲାଦେଶ ଓ ନେପାଳ ସମେତ ଅନେକ ରାଷ୍ଟ୍ର ଯୋଡ଼ିହୋଇସାରିଲେଣି। ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଅଧୀନରେ ଆସୁଥିବା ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ପାକ୍-ଅଧିକୃତ କଶ୍ମୀର (ପିଓକେ) ଦେଇ ଗତିଶୀଳ ହୋଇଥିବାରୁ ଏହାଦ୍ୱାରା ଭାରତ ପ୍ରଭାବିତ ହୋଇଛି। ଉକ୍ତ ପ୍ରକଳ୍ପକୁ ଭାରତ ନିଜର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ବିପଦ ଦର୍ଶାଇ ବିରୋଧ କରୁଛି।



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ

- ଚାଇନାର 'ଡେଟ୍ ଡିପ୍ଲୋମାସି' ସମ୍ପର୍କରେ ଜର୍ମାନୀର 'କିଏଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଦି ୱାର୍ଲ୍ଡ ଇକୋନୋମି' ଅର୍ଥଶାସ୍ତ୍ରୀ କ୍ରିଷ୍ଟୋଫ୍ ଟ୍ରେବେସ୍କ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରିଛନ୍ତି। ତାଙ୍କ ମତରେ ୨୦୦୦ରୁ ୨୦୧୭ ମସିହା ମଧ୍ୟରେ ଚାଇନାଠାରୁ ଅନ୍ୟ ଦେଶଗୁଡ଼ିକ ନେଇଥିବା ଋଣର ପରିମାଣ ୧୦ ଗୁଣ ବୃଦ୍ଧି ପାଇଥିଲା। ପୂର୍ବରୁ ଋଣ ପରିମାଣ ୫୦୦ ବିଲିୟନ ଡଲାରରୁ କମ୍ ଥିବାବେଳେ ୧୦ ବର୍ଷରେ ଏହା ୫ ଟ୍ରିଲିୟନ ଡଲାର ଅତିକ୍ରମ କରିଥିଲା।
- ଚାଇନାଠାରୁ ସର୍ବାଧିକ ଋଣ ନେଇଥିବା ଦେଶଗୁଡ଼ିକ ମଧ୍ୟରେ ଜିବୁତି, ଟୋଙ୍ଗା, ମାଳଦ୍ୱୀପ, କଙ୍ଗୋ, କିର୍ଗିଜ୍‌ସ୍ତାନ, କାମ୍ବୋଡିଆ, ନାଇଜର, ଲାଓସ୍, ଜାମ୍ବିଆ ଏବଂ ସାମୋଆ ଅନ୍ତର୍ଭୁକ୍ତ।
- ଚାଇନାଠାରୁ ଋଣ ନେଇଥିବା ୫୦ ବିକାଶଶୀଳ ଦେଶର କରଜ ପରିମାଣ ସେହି ରାଷ୍ଟ୍ରଗୁଡ଼ିକର ଜିଡିପିର ୧%ରୁ କମ୍ ଥିଲା। କିନ୍ତୁ ୨୦୧୭ରେ ଏହା ଜିଡିପିର ୧୫% ଟପିଯାଇଥିଲା।
- ଏକ ଦୃଷ୍ଟିକୋଣରୁ ଦେଖିଲେ ଏହି ଦେଶଗୁଡ଼ିକର ବାହ୍ୟ ଋଣ (ଏକ୍ସଟର୍ନାଲ ଡେଟ୍) ହେଉଛି ଚାଇନାଠାରୁ ନିଆଯାଇଥିବା ଅର୍ଥ। ଏହି ଗ୍ରୁପ୍‌ରେ ଚାଇନାର ସବୁଠୁ ବଡ଼ ଋଣୀଙ୍କ ମଧ୍ୟରେ ୩ ଲାଟିନ ଆମେରିକୀୟ ଦେଶ ଭେନେଜୁଏଲା, ଇକ୍ୱେଡର ଓ ବୋଲିଭିଆ ରହିଛନ୍ତି।

ସିପିଇସି



# ଆଖିବୁଜିଲେ ଖବରଦାତା ବିକ୍ରମ

ଗୁଳିମାଡ଼ରେ ଗୁରୁତର ଥିଲେ



ବିକ୍ରମ ଜୋଷୀ

ଲକ୍ଷ୍ନୌ,୨୨।୭: ଉତ୍ତରପ୍ରଦେଶର ଗାଜିଆବାଦ ବିଜୟ ନଗରଠାରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଗୁରୁତର ହୋଇଥିବା ଖବରଦାତା ବିକ୍ରମ ଜୋଷୀ ବୁଧବାର ହସ୍ପିଟାଲରେ ପ୍ରାଣ ହରାଇଛନ୍ତି। ସ୍ଥାନୀୟ ଏକ ହିନ୍ଦୀ ଖବରକାଗଜରେ ସେ କାମ କରୁଥିଲେ। ଏଭଳି ଘଟଣାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିନ୍ଦା କରିବା ସହ ଜୋଷୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଓ ତାଙ୍କ ସ୍ତ୍ରୀଙ୍କୁ ଚାକିରି ଦିଆଯିବ ବୋଲି ଘୋଷଣା କରିଛନ୍ତି। ମଙ୍ଗଳବାର ରାତିରେ ଜୋଷୀ ତାଙ୍କ ଦୁଇ ଝିଅଙ୍କ ସହ ବାଇକ୍‌ରେ ଆସୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡକୁ ଗୁଳିମାଡ଼ କରିଥିଲେ। ଏହି ଘଟଣାରେ ପୋଲିସ ୯ ଅଭିଯୁକ୍ତଙ୍କୁ ଗିରଫ କରିଛି। ନ୍ୟାୟ ଦାବିରେ ୩୫ ବର୍ଷୀୟ ବିକ୍ରମଙ୍କ ପରିବାର ସହ ମିଡିଆ ସଙ୍ଗଠନ ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି।

# ହ୍ୟୁଷ୍ଟନ କନ୍‌ସୁଲେଟ ବନ୍ଦ କର

ଚାଇନାକୁ ଆମେରିକାର ନିର୍ଦ୍ଦେଶ

ବେଜିଂ,୨୨।୭

ଟେକ୍ସାସ୍‌ର ହ୍ୟୁଷ୍ଟନ ସହରରେ ଥିବା ବାଣିଜ୍ୟିକ ଦୂତାବାସ ୭୨ ଘଣ୍ଟା ମଧ୍ୟରେ ବନ୍ଦ କରିବା ପାଇଁ ଚାଇନାକୁ ଆମେରିକା ନିର୍ଦ୍ଦେଶ ଦେଇଛି। ଆମେରିକାର ଏଭଳି ଅଚାନକ ପଦକ୍ଷେପକୁ ବେଜିଂ କଡ଼ା ସମାଲୋଚନା କରିବା ସହ ଏହାର ପ୍ରତିଶୋଧ ନେବା ଲାଗି ଚେତାବନୀ ଦେଇଛି। ଆମେରିକୀୟମାନଙ୍କ ବୌଦ୍ଧିକ ସମ୍ପତ୍ତି ଓ ଘରୋଇ ତଥ୍ୟର ସୁରକ୍ଷା ପାଇଁ ଚାଇନାକୁ ଏହାର ହ୍ୟୁଷ୍ଟନ କନ୍‌ସୁଲେଟ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ଆମେରିକା ପରରାଷ୍ଟ୍ର ବିଭାଗ ମୁଖପାତ୍ର ମୋର୍ଗାନ ଓର୍ଟାଗସ୍ କହିଛନ୍ତି। ପରରାଷ୍ଟ୍ର ସଚିବ ମାଇକ ପମ୍ପିଓଙ୍କ କୋପେନହାଗେନ୍ ଗସ୍ତ ବେଳେ ଖବରଦାତାମାନଙ୍କୁ ସୂଚନା ଦେଇ ମୋର୍ଗାନ କହିଥିଲେ, ଭିଏନା ଚୁକ୍ତିନାମା ଅନୁଯାୟୀ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ବାହାର ରାଷ୍ଟ୍ର ହସ୍ତକ୍ଷେପ କରିପାରିବ ନାହିଁ।

ଚାଇନାର ୱୁହାନ ସହରରେ କରୋନା ଭୂତାଣୁ ସୃଷ୍ଟି ହୋଇଥିବାବେଳେ ବେଜିଂ ଏ ସମ୍ପର୍କିତ ସୂଚନାକୁ ଗୋପନ ରଖିବା ଯୋଗୁ ଏହି ମହାମାରୀ ସାରା ବିଶ୍ୱକୁ ବ୍ୟାପିଗଲା। ଏଥିରେ ଆମେରିକା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଥିପାଇଁ ବାରମ୍ବାର ଚାଇନାକୁ ଦାୟୀ କରିଆସୁଛି। ସେବେଠାରୁ ବେଜିଂ ଓ ୱାଶିଂଟନ ମଧ୍ୟରେ ସମ୍ପର୍କ ଗୁରୁତର ପ୍ରଭାବିତ ହୋଇଛି। ହ୍ୟୁଷ୍ଟନ ବାଣିଜ୍ୟିକ ଦୂତାବାସ ବନ୍ଦ ଲାଗି ଆମେରିକାର ଏକପାଖିଆ ନିଷ୍ପତ୍ତି ଅଭୂତପୂର୍ବ ପଦକ୍ଷେପ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନବିନ୍ କହିଛନ୍ତି। ଆମେରିକା ଏହାର ଏକତରଫା ନିଷ୍ପତ୍ତିକୁ ତୁରନ୍ତ ବାତିଲ କରିବା ପାଇଁ ବେଜିଂ ଅନୁରୋଧ କରିଛି। ଯଦି ଆମେରିକା ଭୁଲ୍ ମାର୍ଗରେ ଯିବା ପାଇଁ ଚାହୁଁଥାଏ ତେବେ ଚାଇନା ମଧ୍ୟ ଏହାର ଦୃଢ଼ ଜବାବ ଦେବ ବୋଲି ୱାଙ୍ଗ୍ ଚେତାବନୀ ଦେଇଛନ୍ତି।

# ପ୍ରଶାନ୍ତ ଭୂଷଣଙ୍କୁ ସୁପ୍ରିମକୋର୍ଟ ନୋଟିସ

ଅଦାଲତ ଅବମାନନା ମାମଲା



ନୂଆଦିଲ୍ଲୀ,୨୨।୭(ପି.ଟି.)

ନ୍ୟାୟପାଳିକା ବିରୋଧରେ ଅସମ୍ମାନଜନକ ଟୁଇଟ୍ କରିଥିବା ବରିଷ୍ଠ ଆଇନଜୀବୀ ତଥା ସାମାଜିକ କର୍ମୀ ପ୍ରଶାନ୍ତ ଭୂଷଣଙ୍କ ବିରୋଧରେ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି। ଏଥିସହିତ ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କୁ ମଧ୍ୟ ନୋଟିସ କରାଯାଇଛି। ଏହି ମାନହାନି ମାମଲାରେ ଟୁଇଟର ଇଣ୍ଡିଆ ପରିବର୍ତ୍ତେ ଟୁଇଟର ଆଇଏନ୍‌ସିକୁ ପକ୍ଷ କରିବା ଲାଗି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆମେରିକାର ଏହି କମ୍ପାନୀକୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦିଆଯାଇଛି। ସର୍ବୋଚ୍ଚ ଅଦାଲତ ନିଜ ଆଡୁ ଏହି ମାମଲା ବିଚାର ପାଇଁ ନେଇଥିଲେ। ଆଟର୍ନି ଜେନେରାଲଙ୍କୁ ଏହି ମାମଲାରେ ସହାୟତା କରିବା ଲାଗି ଖଣ୍ଡପୀଠ କହିବା ସହ ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୫କୁ ଧାର୍ଯ୍ୟ କରାଯାଇଛି। ଜୁନ୍ ୨୭ ଓ ୨୯ରେ ପ୍ରଶାନ୍ତ ଭୂଷଣ ସର୍ବୋଚ୍ଚ ଅଦାଲତଙ୍କୁ ସମାଲୋଚନା କରି ଟୁଇଟ୍ କରିଥିଲେ।

# ୧୧ ପୋଲିସଙ୍କୁ ଆଜୀବନ ଜେଲ

ରାଜା ମାନ୍ ସିଂ ହତ୍ୟା ମାମଲା

ନୂଆଦିଲ୍ଲୀ,୨୨।୭: ୩୫ ବର୍ଷ ତଳର ଏକ ଫେକ୍ ଏନ୍‌କାଉଣ୍ଟର ମାମଲାରେ ଉତ୍ତରପ୍ରଦେଶର ମଥୁରାସ୍ଥିତ କୋର୍ଟ ଡିଏସ୍‌ପିଙ୍କ ସମେତ ୧୧ ପୋଲିସ କର୍ମଚାରୀଙ୍କୁ ମଙ୍ଗଳବାର ଦୋଷୀସାବ୍ୟସ୍ତ କରିଥିଲେ। ଜିଲା ଜଜ୍ ସାଧନା ରାଣୀ ଠାକୁର ବୁଧବାର ସେମାନଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ୧୯୮୫ରେ ରାଜା ମାନ୍ ସିଂ ଓ ତାଙ୍କ ୨ ସହଯୋଗୀଙ୍କୁ ପୋଲିସ ଗୁଳିକରି ହତ୍ୟା କରିଥିଲା। ମୋଟ ୧୮ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ୩ ଜଣ ନିର୍ଦ୍ଦୋଷ ଥିବା ଦର୍ଶାଯାଇଛି।

## ଦୁବେ ଏନ୍‌କାଉଣ୍ଟର ମାମଲା

## ୨ ମାସରେ ତଦନ୍ତ ସାରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୨।୭(ପି.ଟି.): ଗ୍ୟାଙ୍ଗଷ୍ଟର ବିକାଶ ଦୁବେ ଓ ତାଙ୍କ ଲୋକମାନଙ୍କ ଆକ୍ରମଣରେ ୮ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଏବଂ ପରେ ପୋଲିସ ଏନ୍‌କାଉଣ୍ଟରରେ ଦୁବେ ଓ ତାଙ୍କର ୫ ସହଯୋଗୀ ନିହତ ହେବା ଘଟଣାର ତଦନ୍ତ ଲାଗି ବିଚାର ବିଭାଗୀୟ ତଦନ୍ତ କମିଶନ ଗଠନ ହୋଇଛି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ବି.ଏସ୍. ଚୌହାନଙ୍କ ନେତୃତ୍ୱରେ ୩ ଜଣିଆ ତଦନ୍ତ କମିଶନ ଗଠନ ନିମନ୍ତେ ଉତ୍ତରପ୍ରଦେଶ ସରକାରଙ୍କ ଚିଠା ବିଜ୍ଞପ୍ତିକୁ ସର୍ବୋଚ୍ଚ ଅଦାଲତ ବୁଧବାର ଅନୁମୋଦନ କରିଛନ୍ତି। ସପ୍ତାହେ ମଧ୍ୟରେ ତଦନ୍ତ ଆରମ୍ଭ କରି ଦୁଇ ମାସ ମଧ୍ୟରେ ଶେଷ କରିବା ଲାଗି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ପିଲାଙ୍କୁ ମନସ୍ତାତ୍ତ୍ୱିକ ସହାୟତା ପାଇଁ 'ମନୋଦର୍ପଣ'

ନୂଆଦିଲ୍ଲୀ,୨୨।୭: ଛାତ୍ରୀଛାତ୍ରଙ୍କୁ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ପରାମର୍ଶ ଓ ମନସ୍ତାତ୍ତ୍ୱିକ-ସାମାଜିକ ସହାୟତା ଯୋଗାଇଦେବା ଲାଗି ମାନବ ସମ୍ବଳ ମନ୍ତ୍ରଣାଳୟ ପକ୍ଷରୁ ମନୋଦର୍ପଣ ନାମରେ ୱେବ୍‌ସାଇଟ୍ ଆରମ୍ଭ ହୋଇଛି। ସ୍କୁଲ୍, କଲେଜ ଓ ବିଶ୍ୱବିଦ୍ୟାଳୟର ପିଲା ମନସ୍ତାତ୍ତ୍ୱିକ ସହାୟତା ପାଇଁ ନିଃଶୁଳ୍କ ହେଲ୍ପଲାଇନ ନମ୍ବର ୮୪୪୮୪୪୦୬୩୨ ଏବଂ ସରକାରୀ ୱେବ୍‌ସାଇଟ manodarpan.mhrd.gov.inରେ ଯୋଗାଯୋଗ କରିପାରିବେ।

# ଗେହଲଟ୍‌ଙ୍କ ଭାଇ ବିରୋଧରେ ମନି ଲଣ୍ଡରିଂ ମାମଲା

୪ ରାଜ୍ୟରେ ଚଢ଼ାଉ

ଜୟପୁର,୨୨।୭

ସାର ଦୁର୍ନୀତି ମାମଲାରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ବଡ଼ଭାଇ ଅଗ୍ରସେନ୍ ପାଇଲଟ୍‌ଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ବୁଧବାର ମନି ଲଣ୍ଡରିଂ ମାମଲା ରୁଜୁ କରାଯାଇଛି। ଏଥିସହ ଦିଲ୍ଲୀ, ଗୁଜରାଟ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ଥିବା ଅଗ୍ରସେନ୍‌ଙ୍କ ସମ୍ପତ୍ତି ଉପରେ କେନ୍ଦ୍ରୀୟ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଛି। ପୂର୍ବତନ ଏମ୍‌ପି ବଦ୍ରିରାମ ଜାଖରଙ୍କ ବାସଭବନ ଉପରେ ମଧ୍ୟ ଚଢ଼ାଉ କରାଯାଇଛି।

'ଅନୁପମ କୃଷି' ନାମରେ ଅଗ୍ରସେନ୍‌ଙ୍କ ଏକ କମ୍ପାନୀ ରହିଛି। ରପ୍ତାନି ଆଇନର ଉଲ୍ଲଂଘନ କରିବାରୁ ସୀମା ଶୁଳ୍କ ବିଭାଗ ପକ୍ଷରୁ ୭ କୋଟି ଟଙ୍କାର ଜରିମାନା ଲଗାଯାଇଛି। ପୂର୍ବରୁ ଭାଜପା ପକ୍ଷରୁ ଅଗ୍ରସେନ୍‌ଙ୍କ ବିରୋଧରେ ଅଭିଯୋଗ ଅଣାଯାଇଥିଲା। ଉପା ସରକାର ଅମଳରେ ତାଙ୍କ କମ୍ପାନୀ ରିହାତି ମୂଲ୍ୟର ସାର ରପ୍ତାନି କରୁଥିବା ଅଭିଯୋଗ ହୋଇଥିଲା। ଏବେ ରାଜସ୍ଥାନର ଗେହଲଟ୍ ସରକାର ସମସ୍ୟାରେ ପଡ଼ିଥିବାବେଳେ ଇଡି ପକ୍ଷରୁ ଧରପଗଡ଼ ଜୋର୍ ଧରିଛି।

## ସରକାର ଭାଙ୍ଗିବାକୁ ଉଦ୍ୟମ ହେଉଛି

ପ୍ରଧାନମନ୍ତ୍ରୀଙ୍କୁ ଅଭିଯୋଗ କଲେ ଗେହଲଟ



ନୂଆଦିଲ୍ଲୀ,୨୨।୭

ରାଜସ୍ଥାନ ରାଜନୀତିରେ ଅଚଳାବସ୍ଥା ଲାଗି ରହିଥିବାବେଳେ ତାଙ୍କ ସରକାରକୁ ଭାଙ୍ଗିଦେବା ପାଇଁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଭାଜପା ସହ ମିଶି ଉଦ୍ୟମ କରୁଥିବା ନେଇ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଅଭିଯୋଗ କରିଛନ୍ତି। କଂଗ୍ରେସ ବିଧାୟକମାନଙ୍କୁ ଦଳବଦଳ ଲାଗି ଟଙ୍କା ଯଚାଯାଉଥିବା ସେ କହିଛନ୍ତି। ଏହି କାର୍ଯ୍ୟରେ ବିଦ୍ରୋହୀ କଂଗ୍ରେସ ବିଧାୟକମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଓ ଅନ୍ୟ ଭାଜପା ନେତା ସାମିଲ ଥିବା ଗେହଲଟ ଅଭିଯୋଗ କରିଛନ୍ତି। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ସରକାରରେ ଅସ୍ଥିରତା ସୃଷ୍ଟି ଲାଗି କିଛିଦିନ ହେଲା ଉଦ୍ୟମ ହୋଇଆସୁଥିବା ସେ କହିଛନ୍ତି।

# ପୂର୍ବ ଲଦାଖରେ ୪୦ ହଜାର ପିଏଲ୍ଏ ସୈନ୍ୟ

ଏଲ୍ଏସିରେ ଉତ୍ତେଜନା କମାଇବାକୁ ଚାହୁଁନି ଚାଇନା



ନୂଆଦିଲ୍ଲୀ,୨୨।୭

ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ର ଉତ୍ତେଜନାପୂର୍ଣ୍ଣ ସ୍ଥିତିକୁ ପ୍ରଶମିତ କରିବା ମନୋବୃତ୍ତି ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)ର ନ ଥିବା ସ୍ପଷ୍ଟ ହୋଇଛି। ଏବେ ବି ପୂର୍ବ ଲଦାଖ ସେକ୍ଟରର ଆଗୁଆ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଚାଇନା ପାଖାପାଖି ୪୦ ହଜାର ସୈନ୍ୟ ମୁତୟନ କରି ରଖିଛି। ପୂର୍ବ ଲଦାଖର ସଂଘର୍ଷ ସ୍ଥଳରୁ ସୈନ୍ୟ ପ୍ରତ୍ୟାହାର କରିନେବା ଲାଗି କୂଟନୈତିକ ଓ ସାମରିକ ସ୍ତରୀୟ ଆଲୋଚନା ବେଳେ ଚାଇନା ବାରମ୍ବାର ପ୍ରତିଶ୍ରୁତି ଦେଉଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରୁନାହିଁ। ଏହାର ୪୦ ହଜାର ସୈନ୍ୟ ସମେତ ଓଜନଦାର ଯୁଦ୍ଧାସ୍ତ୍ର ପୂର୍ବ ଲଦାଖରେ ମୁତୟନ ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଗତ ସପ୍ତାହରେ କମାଣ୍ଡର ସ୍ତରୀୟ ବୈଠକରେ ସୈନ୍ୟ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ହୋଇଥିଲେ ହେଁ ଏହି ପ୍ରକ୍ରିୟାରେ କୌଣସି ଅଗ୍ରଗତି ଘଟିନାହିଁ ଓ ପୂର୍ବ ସ୍ଥିତିରେ ପରିବର୍ତ୍ତନ ହୋଇନାହିଁ। ଫିଙ୍ଗର ୫ ଅଞ୍ଚଳରୁ ଚାଇନା ହଟିବାକୁ ଚାହୁଁନାହିଁ। ସେହିପରି ସେମାନେ ହଟ୍‌ସ୍ପ୍ରିଙ୍ଗ୍ ଏବଂ ଗୋଗ୍ରା ପୋଷ୍ଟ ଅଞ୍ଚଳରେ ଅନେକ ଭିତ୍ତିଭୂମି ନିର୍ମାଣ କରିଛନ୍ତି।

ଅଧିକ ସୈନ୍ୟ ପ୍ରତ୍ୟାହାର କରିନେବା ସହ ଅଗ୍ରଗତିର ସମୀକ୍ଷା କରିବେ ବୋଲି ଜୁଲାଇ ୧୪-୧୫ରେ ହୋଇଥିବା କମାଣ୍ଡର ସ୍ତରୀୟ ବୈଠକରେ ଚାଇନା ରାଜି ହୋଇଥିଲା। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲଙ୍କ ସହ ଚାଇନ ପକ୍ଷଙ୍କ ଆଲୋଚନାବେଳେ ଉଭୟ ପକ୍ଷ ସେମାନଙ୍କ ସ୍ଥାୟୀ ଅଞ୍ଚଳକୁ ସେନା ଫେରାଇନେବାକୁ ରାଜି ହୋଇଥିଲେ। ଏହା ସତ୍ତ୍ୱେ ଚାଇନା ସୈନ୍ୟ ହଟୁ ନ ଥିବାରୁ ଏହାର ମୁକାବିଲା ପାଇଁ ଭାରତୀୟ ବାୟୁସେନା ପକ୍ଷରୁ ପୂର୍ବ ଲଦାଖରେ ଯୁଦ୍ଧବିମାନ ଓ ଅନ୍ୟ ସରଞ୍ଜାମର ତ୍ୱରିତ୍ ମୁତୟନ କରାଯାଇଛି। ବାୟୁସେନାର ପ୍ରସ୍ତୁତିକୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ପ୍ରଶଂସା କରିବା ସହ ଏହା ବିରୋଧୀଙ୍କୁ ଦୃଢ଼ ଜବାବ ବୋଲି କହିଛନ୍ତି। ତିନିଦିନିଆ ସମ୍ମିଳନୀର ଉଦ୍‌ଘାଟନୀ ଦିବସରେ ବାୟୁସେନାର ଶୀର୍ଷ କମାଣ୍ଡରମାନଙ୍କୁ ଉଦ୍‌ବୋଧନ ଦେଇ ରାଜନାଥ କହିଥିଲେ, ସାର୍ବଭୌମତ୍ୱ ବଜାୟ ରଖିବା ପାଇଁ ରାଷ୍ଟ୍ର ଦୃଢ଼ ସଂକଳ୍ପବଦ୍ଧ। ଭାରତର ସଶସ୍ତ୍ର ବଳ ଓ ଏହାର ସାମର୍ଥ୍ୟ ଉପରେ ଦେଶବାସୀଙ୍କର ପୂର୍ଣ୍ଣ ଆସ୍ଥା ରହିଛି ବୋଲି ରାଜନାଥ କହିଥିଲେ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୩/୨୦୨୦ | Bhubaneswar, Thursday, July 23/2020





## ବୋଲ୍ଡ ଫଟୋ ଶେୟାର କଲେ ବିପାଶା

ବଲିଉଡ୍ ଅଭିନେତ୍ରୀ ବିପାଶା ବସୁ ସୋସିଆଲ ମିଡିଆରେ ନିଜର ବୋଲ୍ଡ ଫଟୋ ପୋଷ୍ଟ କରି ଚର୍ଚ୍ଚାକୁ ଆସିଛନ୍ତି। ଏହାକୁ ଦେଖି ଲୋକେ ବିଭିନ୍ନ ପ୍ରକାର କମେଣ୍ଟ ଦେଉଛନ୍ତି।

୧୨

୧୪

## ଭେଲୋସିଟି ଫେଷ୍ଟରେ ଶ୍ରାବଣୀ ତୃତୀୟ

ଜାମାଇକାରେ ଅନୁଷ୍ଠିତ ଭେଲୋସିଟି ଫେଷ୍ଟରେ ଭାଗନେଇ ଓଡ଼ିଶାର ତାରକା ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ ତୃତୀୟ ସ୍ଥାନ ହାସଲ କରିଛନ୍ତି।



# କମିବ ସ୍କୁଲ ସିଲାବସ୍

## ସ୍କୁଲ ଖୋଲିବା ପରେ ସ୍ଥିର କରିବ ଏକ୍ସପର୍ଟ କମିଟି

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ଚଳିତବର୍ଷ ମହାମାରୀ କରୋନା ସଙ୍କଟ ଯୋଗୁ ସ୍କୁଲ ସିଲାବସ୍ କମିବ। ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସିଲାବସ୍ ହ୍ରାସ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମତି ମିଳିସାରିଛି। ତେବେ କେତେ ପ୍ରତିଶତ ସିଲାବସ୍ ହ୍ରାସ ପାଇବ ସେ ନେଇ ପିଲାଙ୍କୁ ଆଗୁଆ ଜଣାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରଥମରୁ ଦଶମ ଶ୍ରେଣୀ ନିମନ୍ତେ ଏସ୍‌ସିଇଆର୍‌ଟି ଏକ୍ସପର୍ଟ କମିଟି ନିଷ୍ପତ୍ତି ନେବ। ସେହିପରି ଯୁକ୍ତ୨ ସିଲାବାସ୍ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏକ୍ସପର୍ଟ କମିଟି ନିଷ୍ପତ୍ତି ନେବ। ଏହି ଅବସରରେ ମନ୍ତ୍ରୀ କହିଲେ, ସ୍କୁଲ ଓ କଲେଜ ଖୋଲିବା ନେଇ ଏ ପର୍ଯ୍ୟନ୍ତ ସ୍ଥିର ହୋଇ ନାହିଁ। ଅଗଷ୍ଟ ୩୧ ପର୍ଯ୍ୟନ୍ତ ସ୍କୁଲ, କଲେଜ ଛୁଟି ଥିବାବେଳେ ଅକ୍ଟୋବରରେ ପୂଜା ଛୁଟି ମଧ୍ୟ ରହିଛି। ପିଲାଙ୍କ ପାଠପଢ଼ା ପାଇଁ ଶିକ୍ଷାବର୍ଷର ଗୋଟିଏ କ୍ୱାର୍ଟର ପଳାଇଗଲାଣି। ☞ପୃଷ୍ଠା-୨




# ୧୧ ଜିଲ୍ଲାରେ ମରୁଡ଼ି ଆଶଙ୍କା

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

କରୋନା ମହାମାରୀରେ ସମଗ୍ର ରାଜ୍ୟ ତ୍ରାହି ତ୍ରାହି ଡାକୁଥିବା ବେଳେ ଆଉ ଏକ ବିପଦ ମାଡିଆସୁଛି। ଅନାବୃଷ୍ଟି ଯୋଗୁ ରାଜ୍ୟର ପ୍ରାୟ ଅଧା ଜିଲା ଏବେ ଘୋର ସଙ୍କଟ ଭିତରକୁ ଟାଣି ହୋଇଯାଉଛି। ଦକ୍ଷିଣ ପଶ୍ଚିମ ମୌସୁମୀ ଧୋକା ଦେଇଛି। ଯେତିକି ବର୍ଷା ହେବା କଥା ତାହା ହେଉ ନାହିଁ। ରୁଆ ବେଉଷଣ କରି ନ ପାରି ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚଳିତବର୍ଷ ସ୍ୱାଭାବିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ଜୁଲାଇ ଶେଷ ହେବାକୁ ବସିଲାଣି ରାଜ୍ୟରେ ବର୍ଷାର ନାଁ ଗନ୍ଧ ନାହିଁ। ରାଜ୍ୟର ୧୧ ଜିଲା ଏବେ ମରୁଡ଼ି କବଳକୁ ଯିବା ଆଶଙ୍କା ଦେଖାଦେଇଛି। ସେଗୁଡ଼ିକ ହେଲା ପୁରୀ, ବାଲେଶ୍ୱର,

### ଦାଉ ସାଧୁଛି ମୌସୁମୀ

ଢେଙ୍କାନାଳ, ସୁବର୍ଣ୍ଣପୁର, ଭଦ୍ରକ, ନୟାଗଡ଼, କଟକ, ଯାଜପୁର, ଖୋର୍ଦ୍ଧା, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା। ଏହି ଜିଲାଗୁଡ଼ିକରେ ବର୍ଷା ସ୍ଥିତି ସଙ୍ଗିନ ଥିବା ନେଇ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି। ପୁରୀ ଜିଲାରେ ସ୍ୱାଭାବିକଠାରୁ ୫୫ ପ୍ରତିଶତ କମ୍ ଅର୍ଥାତ୍ ଅନାବୃଷ୍ଟି ସ୍ଥିତି ସୃଷ୍ଟି ହୋଇଥିବାବେଳେ ଅନ୍ୟ ୧୦ ଜିଲାରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। ନୂଆପଡ଼ା, ଗଜପତି, ବୌଦ୍ଧ, ମାଲକାନଗିରି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ରାୟଗଡ଼ା, ସମ୍ବଲପୁର, ବଲାଙ୍ଗୀର, ବରଗଡ଼, ଅନୁଗୋଳ, ଦେବଗଡ଼, ନବରଙ୍ଗପୁର, ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି। କେବଳ ଝାରସୁଗୁଡ଼ାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି ବୋଲି ଏସ୍ଆର୍‌ସି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ରାଜ୍ୟରେ ଜୁନ୍ ପହିଲାରୁ ଜୁଲାଇ ୧୨ ପର୍ଯ୍ୟନ୍ତ ସ୍ୱାଭାବିକଠାରୁ ରାଜ୍ୟରେ ୯ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ସ୍ୱାଭାବିକ ଭାବେ ରାଜ୍ୟରେ ୪୫୮.୬ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୪୧୭.୪ ମିଲିମିଟର। ପୁରୀ ଜିଲାରେ ସ୍ୱାଭାବିକଠାରୁ ୫୦% କମ୍ ବର୍ଷା ହୋଇଥିବାବେଳେ ବାଲେଶ୍ୱରରେ ୩୨%, ଭଦ୍ରକରେ ୨୨%, ☞ପୃଷ୍ଠା-୨

# ଗାଁର ନାଁ ହେଲା 'ରଙ୍ଗବତୀ ବିଲୁଙ୍ଗ'


ମିତ୍ରଭାନୁ ଗୌନ୍ତିଆ

- ଦାବିକୁ ମିଳିଲା ସରକାରୀ ସ୍ୱୀକୃତି, ସ୍ୱାଗତ କଲେ ଗ୍ରାମବାସୀ
- ଖୁସିବ୍ୟକ୍ତ କଲେ ଲେଖକ ମିତ୍ରଭାନୁ ଗୌନ୍ତିଆ

ଭୁବନେଶ୍ୱର/ସମ୍ବଲପୁର, ୨୨।୭(ବ୍ୟୁରୋ)

ସମ୍ବଲପୁରୀ ଗୀତ 'ରଙ୍ଗବତୀ'ର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ରାଜସ୍ୱ ଗ୍ରାମର ନାମକୁ ପରିବର୍ତ୍ତନ କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟଠାରୁ ଆପତ୍ତିବିହୀନ ପ୍ରମାଣପତ୍ର(ଏନ୍‌ଓସି) ପାଇବା ପରେ ବିଲୁଙ୍ଗ ଗ୍ରାମର ନାମକୁ ପରିବର୍ତ୍ତନ କରାଯାଇ 'ରଙ୍ଗବତୀ ବିଲୁଙ୍ଗ' ନାମରେ ନାମିତ କରାଯାଇଛି। ସମ୍ବଲପୁର ଜିଲା ବାମରା ତହସିଲ ଅନ୍ତର୍ଗତ ବିଲୁଙ୍ଗ ଗ୍ରାମରେ 'ରଙ୍ଗବତୀ'ର ଲେଖକ ମିତ୍ରଭାନୁ ଗୌନ୍ତିଆଙ୍କ ଘର। ତେଣୁ ଉକ୍ତ ଗାଁର ନାମ ବଦଳାଇ 'ରଙ୍ଗବତୀ ବିଲୁଙ୍ଗ' ନାମରେ ନାମିତ କରିବାକୁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। ଏଥିପାଇଁ ସମ୍ବଲପୁର ଜିଲାପାଳ, ରାଜସ୍ୱ କମିଶନର ତଥା ରାଜସ୍ୱ ☞ପୃଷ୍ଠା-୨

# ବଜାରରୁ ଋଣ ଉଠାଇବେ ସରକାର

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

କୋଭିଡ୍-୧୯ ମହାମାରୀ ଚକ୍ରବ୍ୟୂହରେ ଫସି ଯାଇଛି ରାଜ୍ୟ ରାଜକୋଷ। ନୂତନ ଯୋଜନା କାର୍ଯ୍ୟକାରୀ କରିବା ଦୂରର କଥା ଚାଲୁ ରହିଥିବା ଯୋଜନା ପାଇଁ ମଧ୍ୟ ପାଣ୍ଠି ଅଭାବ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୨୦-୨୧ ଆର୍ଥିକ ବର୍ଷରେ କରିଥିବା ବଜେଟକୁ କାଣ୍ଟଛାଣ୍ଟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହିତ କୋଭିଡ୍ ମୁକାବିଲା ଓ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବା ପାଇଁ ଖୋଲା ବଜାରରୁ ଋଣ କରିବେ। ରାଜ୍ୟ ସରକାର ୩ ପ୍ରତିଶତ ସୁଧ ହାରରେ କାମ୍ପା ଫଣ୍ଡ, ଓଡ଼ିଶା ଖଣିଜ ସମ୍ପଦ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି)ରୁ ମଧ୍ୟ ଋଣ କରିବେ। ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଅବ୍ୟାହତ ରଖିବାକୁ ଆବଶ୍ୟକ ଅର୍ଥ ବରାଦ କରାଯିବ। ☞ପୃଷ୍ଠା-୨

### ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ

- ଘାରିଲା ଅର୍ଥ ଚିନ୍ତା
- ନୂଆ ଯୋଜନା ବନ୍ଦ
- କାମ୍ପା, ଓଏମ୍‌ବିଏଡିସିରୁ ଋଣ ନେବେ ସରକାର
- ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା ଚାଲୁ ରହିବ
- ଜରୁରୀ ନ ଥିବା ଯୋଜନାରୁ ଖର୍ଚ୍ଚ କାଟ
- ମୃତ କରୋନା ଯୋଦ୍ଧାଙ୍କ ପରିବାରକୁ ଅବସର ପର୍ଯ୍ୟନ୍ତ ମିଳିବ ଦରମା

## ନଭେମ୍ବର ସୁଦ୍ଧା ମିଳିପାରେ କୋଭିଡ୍ ଟିକା

### ପୁନାୱାଲଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ୍ ଟିକା ପ୍ରସ୍ତୁତ ଅଗ୍ରଗତି ସମ୍ପର୍କରେ ପୁଣେସ୍ଥିତ ପ୍ରତିଷେଧକ ଟିକା ପ୍ରସ୍ତୁତକାରୀ ସଂସ୍ଥା ସେରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସିଇଓ ଅଦର ପୁନାୱାଲଙ୍କ ସହ ବୁଧବାର ପୂର୍ବାହ୍ନରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିଛନ୍ତି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ସହ ମିଶି ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଏହି ଟିକାର ବିକାଶ କରୁଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। କୋଭିଡ୍ ଟିକା ପରୀକ୍ଷଣ ଫଳାଫଳ ନେଇ ମୁଖ୍ୟମନ୍ତ୍ରୀ ପୁନାୱାଲଙ୍କୁ ☞ପୃଷ୍ଠା-୨

# କରୋନାର ଲମ୍ଫଡ଼ିଆଁ

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି ମହାମାରୀ କରୋନା। ସାରା ରାଜ୍ୟକୁ ବ୍ୟାପିଯିବା ପରେ ଏବେ ଲମ୍ଫଡିଆଁ ମାରିଛି। ପ୍ରଥମଥର ଗୋଟିଏ ଦିନରେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ପାର କରିଛି। ୨୮ ଜିଲାରୁ ମୋଟ ୧,୦୭୮ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଓଡିଶାରେ ମାର୍ଚ୍ଚ ୧୫ରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଏହି ସଂଖ୍ୟାରେ ପହଞ୍ଚିବା ପାଇଁ ୬୫ଦିନ ଲାଗିଥିଲା। ଏବେ ଗୋଟିଏ ଦିନରେ ଏପରି ସଂକ୍ରମିତ ଚିନ୍ତା ବଢ଼ାଇ ଦେଇଛି। ଏହାକୁ ନେଇ ସରକାରୀ ତଥା ପ୍ରଶାସନିକ ସ୍ତରରେ ଆରମ୍ଭ ହୋଇଛି ତର୍ଜମା। କେତେଜଣ ସୁପର ସ୍ପ୍ରେଡରଙ୍କ ପାଇଁ ୩ ସ୍ଥାନରୁ ସର୍ବାଧିକ ସଂକ୍ରମିତ ହୋଇଛନ୍ତି। ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳରେ ଥିବା ଏକ ଅଟାକଳର ଜଣେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ୨୬ଜଣ ସଂକ୍ରମିତ ହୋଇଛନ୍ତି। ସେହିପରି ବ୍ରହ୍ମପୁର ମଣ୍ଡଳ କାରାଗାରରେ ☞ପୃଷ୍ଠା-୨

### ଓଡ଼ିଶାରେ ଦିନକରେ ୧୦୭୮ ସଂକ୍ରମିତ

- ସୁପର ସ୍ପ୍ରେଡରଙ୍କ ପାଇଁ ବିଗିଡ଼ିଲା ସ୍ଥିତି
- ଭୁବନେଶ୍ୱରରେ ଅଟାକଳ କର୍ମଚାରୀଙ୍କ ପାଇଁ ୨୬ ସଂକ୍ରମିତ
- ବ୍ରହ୍ମପୁର ଜେଲ୍‌ର ୩୩ କଏଦୀ, ୧୦ କର୍ମଚାରୀ ପଜିଟିଭ୍ ଚିହ୍ନଟ
- କଟକ ଖଟବିନ୍ ସାହିର ୩୨ ଆକ୍ରାନ୍ତଙ୍କ ମଧ୍ୟରେ ୧୦ ପିଲା

ଆଜିର ସମ୍ପାଦକୀୟ | ପାରାଙ୍କୁ ଘୃଣା କାହିଁକି




**ଆଜିର ମନ୍ତବ୍ୟ**
ମୁଁ ଡୋନାଲ୍ଡ ଟ୍ରମ୍ପ ନୁହେଁ, ମୋ ଲୋକମାନେ ମରୁଥିବା ଦେଖି ପାରିବି ନାହିଁ।
-ଉଦ୍ଧବ ଠାକରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ




**ଜନ୍ମଦିନର ଶୁଭେଚ୍ଛା**
ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ସୁଶାନ୍ତ
ପରିବାରବର୍ଗ
ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ଶୁଭେଚ୍ଛା ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଛପାଯିବ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଇଣ୍ଡଷ୍ଟ୍ରିଆଲ ଏଷ୍ଟେଟ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୫% ବଢ଼ିବ ବ୍ୟାଙ୍କ କର୍ମଚାରୀଙ୍କ ବେତନ

ନୂଆଦିଲ୍ଲୀ,୨୨।୭: ବ୍ୟାଙ୍କ କର୍ମଚାରୀଙ୍କ ଲାଗି ଖୁସି ଖବର। ସେମାନଙ୍କ ବେତନ ୧୫% ବଢ଼ିବ ବୋଲି ଜଣାପଡ଼ିଛି। ସେହିଭଳି ସେମାନେ ୨୦୧୭ ନଭେମ୍ବରରୁ ଏରିଅର ପାଇବେ। ଏହି ସମୟରେ ଇନ୍ସେଣ୍ଟିଭ ଫାଇଦା ମଧ୍ୟ କର୍ମଚାରୀଙ୍କୁ ମିଳିବ। ବ୍ୟାଙ୍କର୍ସ ପରଫରମାନ୍ସ ଲିଙ୍କ୍ଡ ଇନ୍ସେଣ୍ଟିଭ ଲାଭ କରିପାରିବେ ବୋଲି ସୂଚନା ମିଳିଛି। ବ୍ୟାଙ୍କର ପରିଚାଳନା ଲାଭ ଆଧାରରେ ଏହି ସୁବିଧା ଉପଲବ୍ଧ ହେବ। ବ୍ୟାଙ୍କ କର୍ମଚାରୀଙ୍କ ବେତନକୁ ନେଇ ବୁଧବାର ବ୍ୟାଙ୍କ ସଂଘ ଏବଂ ଇଣ୍ଡିଆନ ବ୍ୟାଙ୍କ ଆସୋସିଏସନ ମଧ୍ୟରେ ସହମତି ପ୍ରକାଶ ପାଇଛି। ବ୍ୟାଙ୍କ କର୍ମଚାରୀଙ୍କ ବେତନ ୧୫% ବଢ଼ିବା ନେଇ ନିଷ୍ପତ୍ତି ନିଆଯାଇଛି। ଏଥିରେ ପ୍ରାୟ ୭,୮୯୮ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। ବ୍ୟାଙ୍କ ସଂଘଗୁଡ଼ିକ ଏ ନେଇ ଲଗାତର ଦାବି କରିଆସୁଥିଲେ। ଏହା ଉପରେ ସହମତି ହୋଇପାରୁ ନ ଥିଲା। ହେଲେ ବୁଧବାର ଏ ନେଇ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

# ଓଡ଼ିଶାର ୪ ରାଜ୍ୟ ସଭା ସଦସ୍ୟ ଶପଥ ନେଲେ


ମୁନ୍ନା ଖାନ୍, ସୁଜିତ୍ କୁମାର, ମମତା ମହନ୍ତ, ସୁବାସ ସିଂ

**ନୂଆଦିଲ୍ଲୀ,୨୨।୭(ପି.ଟି.)**

ଓଡ଼ିଶାର ୪ ରାଜ୍ୟ ସଭା ସଦସ୍ୟଙ୍କ ସମେତ ୪୫ ନବନିର୍ବାଚିତ ଏମ୍‌ପି ବୁଧବାର ଶପଥ ଗ୍ରହଣ କରିଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ସେମାନଙ୍କୁ ଶପଥ ପାଠ କରାଇଥିଲେ। ଏଥିସହିତ ପାର୍ଲାମେଣ୍ଟ ସଦସ୍ୟ ଭାବେ କର୍ତ୍ତବ୍ୟ କଲାବେଳେ ନୀତି ନିୟମର ପାଳନ କରିବା ଓ ବିଶୃଙ୍ଖଳିତ କାର୍ଯ୍ୟରୁ ଦୂରେଇ ରହିବାକୁ ଏମ୍‌ପିମାନଙ୍କୁ ଭେଙ୍କାୟା ନାଇଡୁ ପରାମର୍ଶ ଦେଇଥିଲେ। କରୋନା ପାଇଁ ସାମାଜିକ ଦୂରତ୍ୱ ନିୟମ ପାଳନ ନିମନ୍ତେ ରାଜ୍ୟ ସଭା ଚାମ୍ବରରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୋଟ ୬୧ ଜଣ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବାବେଳେ ୪୫ ଜଣ ବୁଧବାର ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ୩୬ ନୂଆ ମୁହଁ।

୬୧ ସଦସ୍ୟଙ୍କ ମଧ୍ୟରୁ ୪୨ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲାବେଳେ ଅନ୍ୟ ୧୯ ଜଣଙ୍କ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ନ ଦେବାରୁ ବିଜେଡିରୁ ୪ ଜଣ ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ନବନିର୍ବାଚିତ ଏମ୍‌ପି ସୁବାସ ସିଂ, ମୁନ୍ନା ଖାନ୍, ସୁଜିତ୍ କୁମାର ଏବଂ ମମତା ମହନ୍ତ ଶପଥ ଗ୍ରହଣ କରିଛନ୍ତି। ଲକ୍‌ଡାଉନ ଯୋଗୁ ଶପଥ ଗ୍ରହଣ ଉତ୍ସବ ବିଳମ୍ବରେ ହୋଇଛି। ଯେଉଁ ୧୨ ଜଣ ପୁନଃ ନିର୍ବାଚିତ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ଶରଦ ପାୱାର, ହରିବଂଶ, ରାମଦାସ ଅଠାୱାଲେ, ଦିଗ୍‌ବିଜୟ ସିଂ, ଭୁବନେଶ୍ୱର କାଲିଟା, ପ୍ରେମଚନ୍ଦ ଗୁପ୍ତା ଏବଂ ବିଶ୍ୱଜିତ୍ ମାଇମାରୀ। ସେହିପରି ପ୍ରଥମ ଥର ରାଜ୍ୟ ସଭାକୁ ଆସିଥିବା ସଦସ୍ୟଙ୍କ ମଧ୍ୟରେ ଅଛନ୍ତି ଭାଜପା ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ଦଉଡ଼ି ଦଉଡ଼ି ଯେତେ
ମୁଁ ପଲାସି ପଲାସି ସେତେ।**
ଶକ୍ତିମାନ ବ୍ୟକ୍ତି କାମଟିକୁ ଅତି ସହଜରେ କରିପାରେ। ଗନ୍ତବ୍ୟ ସ୍ଥାନରେ ସହଜରେ ଓ ଶୀଘ୍ର ପହଞ୍ଚିପାରେ । ବେଶି ପରିଶ୍ରମ କରିବାକୁ ପଡ଼େନାହିଁ। ଅନ୍ୟ ତୁଳନାରେ ନିଜର ଦକ୍ଷତା ବା ଶ୍ରେଷ୍ଠ ପ୍ରତିପାଦନ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁଣ୍ଡ ଶୁଣେଇ ଯାଉଥାଅ
ଭାଇବୋହୂ ହେ ଆଡେଇ ଯାଅ।**
ସ୍ୱାମୀଙ୍କ ବଡ଼ ଭାଇ ମାନ୍ୟତାରେ ଦେଢ଼ଶୁର ହୋଇଥାନ୍ତି । ତାଙ୍କୁ ସମ୍ମାନ ଜଣାଇ ଭାଇବୋହୂ ମୁଣ୍ଡରେ ଓଢ଼ଣି ଦେଇଥାଏ। ଲଜ୍ଜାବଶତଃ ମୁହଁ ଉଠେଇ କଥା କହି ନ ଥାଏ, ସାମ୍ନାକୁ ଆସିବାରେ ସଂକୋଚ ମଧ କରିଥାଏ। ଭାଇବୋହୂ ସାମ୍ନାରେ ନିଜର ଉପସ୍ଥିତି ଜାହିର କରିବା ସହ ସଚେତନ କରେଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ- ଫ୍ରେଣ୍ଡ୍ସ ପବ୍ଲିଶର୍ସ**


## classifieds Everyday
0674-2580101, 2549302

real estate | business

**SALE**

Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex- 9439889903. D-69133

Bharatpur GA Freehold Plot 40 × 60 (2400 Sq.ft.) East facing near 200ft Road for sale. Genuine buyer please contract. Brokers will not be entertained. Price 1.3 Cr. Contact: 9937045105. D-68097

ଘରେବସି ୩,୦୦୦/- ବିନିଯୋଗରେ SMS send କରି ମାସିକ ୧୨,୦୦୦/- ରୋଜଗାର କରନ୍ତୁ। 7077448116. D-59954

Hotel Rooms for Self Quarantine with all facilities in Bhubaneswar. Contact: 9776048587. D-67559

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଜେଲ ଗଲେ ସମିତିସଭ୍ୟଙ୍କ ପୁଅ, କ୍ୱାକ୍

## ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା

**ଦାରିଙ୍ଗବାଡ଼ି,୨୨।୭(ଡି.ଏନ୍.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ଓ ପରେ ପ୍ରତାରଣା ଏବଂ ଗର୍ଭପାତ କରାଇବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି ପୋଲିସ। ସେମାନେ ହେଲେ ଗ୍ରୀନବାଡ଼ି ସମିତିସଭ୍ୟଙ୍କ ପୁଅ ଆକାଶ ପ୍ରଧାନ ଓ କ୍ୱାକ୍ ଅଶୋକ ସାହୁ। ଶ୍ରୀନିକେତା ପଞ୍ଚାୟତ ସୁଗାନକେତା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଆକାଶଙ୍କର ପରିଚୟ ହୋଇଥିଲା। ସେ ଭୁବନେଶ୍ୱରରେ ଏକ କମ୍ପାନୀରେ କାମ କରୁଥିବାବେଳେ ଲକ୍‌ଡାଉନ ଯୋଗୁ ମାର୍ଚ୍ଚରେ ଘରକୁ ଆସିଥିଲେ। ବିବାହର ପ୍ରଲୋଭନ ଦେଖାଇ ଆକାଶ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ସେ ଗର୍ଭବତୀ ହେବାପରେ ବାହାହେବାକୁ ଜିଦ୍ ଧରିଥିଲେ। ମାତ୍ର ଆକାଶ ବିବାହିତ ଓ ତାଙ୍କର ଏକ ସନ୍ତାନ ଥିବାରୁ ମନା କରିଥିଲେ। ପରେ ଯୁବତୀଙ୍କୁ ଜୋରଜବରଦସ୍ତ ଦାରିଙ୍ଗବାଡ଼ି ନେଇ କ୍ୱାକ୍ ଅଶୋକଙ୍କ ଦ୍ୱାରା ଗର୍ଭପାତ କରାଇଥିଲେ। ଯୁବତୀ ଜଣକ ରବିବାର ଦାରିଙ୍ଗବାଡ଼ି ଥାନାରେ ଏତଲା ଦେବାପରେ (ନଂ.୮୧/୨୦) ମାମଲା ରୁଜୁ କରି ଆକାଶ ଓ ଅଶୋକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ପ୍ରଥମ ପୃଷ୍ଠାରୁ...

### ବଜାରରୁ ଋଣ ଉଠାଇବେ ...

ସମସ୍ତ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଚାଲୁରହିବ। ଶିକ୍ଷା କ୍ଷେତ୍ରରେ ସମସ୍ତ ଯୋଜନା ଜାରିରହିବ। ଗ୍ରାମାଞ୍ଚଳରେ ଜୀବିକା ନିର୍ବାହ ଉପାୟ ବୃଦ୍ଧି ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଉପରେ ଗୁରତ୍ୱ ଦିଆଯିବ। ଚାଲୁ ରହିଥିବା କାର୍ଯ୍ୟ ଓ ପ୍ରକଳ୍ପ ବନ୍ଦ ହେବ ନାହିଁ। ଅଣ ଅଗ୍ରାଧିକାର କ୍ଷେତ୍ର ଖର୍ଚ୍ଚ ଉପରେ କଟକଣା ଜାରି ରହିବ। କମ୍ ସୁଧହାରରେ ମିଳୁଥିବା ପାଣ୍ଠିରୁ ଋଣ କରାଯିବ। ଅନ୍‌ଲାଇନ ସେବା ପ୍ରଦାନ ଓ ଡିଜିଟାଲ ମୋଡରେ କାର୍ଯ୍ୟ ସମ୍ପାଦନକୁ ତ୍ୱରାନ୍ୱିତ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, କରୋନା ମହାମାରୀ କେନ୍ଦ୍ର ସରକାରଙ୍କୁ ମଧ ପ୍ରଭାବିତ କରିଛି। ଯାହାଫଳରେ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାଗୁଡ଼ିକ ପାଇଁ ଆସୁଥିବା ଅନୁଦାନ ହ୍ରାସ ପାଇବ। ଏଥିପାଇଁ ରାଜ୍ୟ ସରକାର ଖୋଲା ବଜାରରୁ ଋଣ କରିବେ। ଗତ ଦୁଇ ଦଶନ୍ଧି ଧରି ରାଜ୍ୟ ସରକାର ଫାଇନାନ୍ସିଆଲ ରେସ୍‌ପନ୍‌ସିବିଲିଟି ଆଣ୍ଡ ବଜେଟ ମ୍ୟାନେଜମେଣ୍ଟ ଆକ୍ଟ(ଏଫ୍‌ଆର୍‌ବିଏମ୍) ଆଇନ ଧାର୍ଯ୍ୟ ଲକ୍ଷ୍ୟରେ କାର୍ଯ୍ୟକରି ଚାଲିଥିଲେ। ବାର୍ଷିକ ୩ପ୍ରତିଶତରୁ ଅଧିକ ଅର୍ଥ ଋଣ କରିବାକୁ ପଡୁ ନ ଥିଲା। ବର୍ତ୍ତମାନ ପରିସ୍ଥିତିକୁ ଦେଖି କେନ୍ଦ୍ର ସରକାର .୫ ପ୍ରତିଶତ ଅଧିକ ଋଣ କରିବାକୁ ଅନୁମତି ଦେଇଛନ୍ତି। ରାଜ୍ୟ ସରକାର ୩.୫ ପ୍ରତିଶତ ପର୍ଯ୍ୟନ୍ତ ଋଣ କରିପାରିବେ। ବର୍ତ୍ତମାନ ପରିସ୍ଥିତିରେ ଲୋକମାନଙ୍କ ଜୀବନ ବଞ୍ଚାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ମେଡିକାଲ ଉପକରଣ ଏବଂ ଆବଶ୍ୟକତା ପାଇଁ ଅର୍ଥ ବ୍ୟୟ କରାଯିବ। ରାଜ୍ୟର ବିଭିନ୍ନ ଜିଲାରେ ପ୍ରବାସୀ ଶ୍ରମିକମାନେ ଅଛନ୍ତି। ସେମାନଙ୍କୁ କାମଧନ୍ଦା ଯୋଗାଇ ଦେବା ପାଇଁ ଆବଶ୍ୟକ ଅର୍ଥ ବ୍ୟୟ କରାଯିବ। କୃଷି, ଉଦ୍ୟାନ କୃଷି, ମତ୍ସ୍ୟଚାଷ ଆଦି କ୍ଷେତ୍ରରେ କୌଣସି ସାଲିସ କରାଯିବ ନାହିଁ। ଜରୁରୀ ନ ଥିବା ଯୋଜନାଗୁଡ଼ିକ ପାଇଁ ହୋଇଥିବା ବ୍ୟୟ ବରାଦ ଉପରେ ଅଙ୍କୁଶ ଲାଗିବ। ନୂତନ ଯାନବାହନ କିଣିବା, ସରକାରୀ କାର୍ଯ୍ୟାଳୟ ନବୀକରଣ କରିବା କିମ୍ବା ଜରୁରୀ ନ ଥିବା ଖର୍ଚ୍ଚ ବନ୍ଦ କରିବାକୁ ପୂର୍ବରୁ ସର୍କୁଲାର ଜାରି କରାଯାଇଥିଲା। ତାହାକୁ କଡ଼ାକଡି ପାଳନ କରାଯିବ। ବର୍ତ୍ତମାନ ଏକ ସଙ୍କଟ ସମୟ ଆସିଛି। ଏହାକୁ ଏକ ସୁଯୋଗ ଭାବେ ନେବାକୁ ନିଷ୍ପତ୍ତି ହୋଇଛି। ନୂତନ ଢଙ୍ଗରେ କାର୍ଯ୍ୟଶୈଳୀ କରାଯିବ। ସମସ୍ତ ନାଗରିକ ସେବାକୁ ଆସନ୍ତା ଅକ୍ଟୋବର ୨ ତାରିଖ ସୁଦ୍ଧା ଅନ୍‌ଲାଇନ, କୋରିଅର କିମ୍ବା କମନ୍ ସର୍ଭିସ ସେଣ୍ଟର ମାଧ୍ୟମରେ ଜନସାଧାରଣଙ୍କୁ ଯୋଗାଇ ଦିଆଯିବ। ଏପର୍ଯ୍ୟନ୍ତ ୫୫ପ୍ରତିଶତ ଅନ୍‌ଲାଇନ କାର୍ଯ୍ୟ ଶେଷ ହୋଇଛି। ଅକ୍ଟୋବର ୨ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ ହେବ ବୋଲି ମନ୍ତ୍ରୀ ପରିଷଦ ବୈଠକକୁ ଅବଗତ କରାଯାଇଥିବା ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। କାମ୍ପା ଏବଂ ଓଏମ୍‌ବିଏଡିସିରୁ ରାଜ୍ୟ ସରକାର ୧ହଜାର କୋଟି ଟଙ୍କା ଋଣ କରିସାରିଛନ୍ତି। ଏହି ଦୁଇଟି ସଂସ୍ଥାର ମୁଖ୍ୟଙ୍କ ଠାରୁ ଏ ନେଇ ଅନୁମତି ମିଳିସାରିଛି। ଏଥିସହିତ ସିଏଜିଙ୍କ ନିକଟରୁ ମଧ ଅନୁମତି ନିଆଯାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ସେହିଭଳି ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି(ଆର୍‌ଆଇଡିଏଫ୍) ଏବଂ ଇଏପିରୁ କମ୍ ସୁଧରେ ମିଳିଥିବା ଋଣକୁ ମଧ ସରକାର ଜରୁରୀ ପରିସ୍ଥିତିର ମୁକାବିଲା କରିବାକୁ ଖର୍ଚ୍ଚ କରିବେ। ଏଥିସହିତ ବିଭିନ୍ନ ନୂଆ ଓ ପୁରୁଣା ଯୋଜନାରେ ବହୁ ଅର୍ଥ ଖର୍ଚ୍ଚ ନ ହୋଇ ବିଭିନ୍ନ ବ୍ୟାଙ୍କରେ ଅଛି ସେହି ଅର୍ଥକୁ ଖର୍ଚ୍ଚ କରିବାକୁ ମନ୍ତ୍ରୀ ପରିଷଦ ଅନୁମତି ଦେଇଛି। ବିଭିନ୍ନ ଟିକସ ବାବଦରେ ୧୬ରୁ ୧୭ ହଜାର କୋଟି ଟଙ୍କା ବିଭିନ୍ନ କୋର୍ଟ କଚେରିରେ ପଡ଼ି ରହିଛି। ସେ ସବୁକୁ ଆଣିବା ପାଇଁ ଉଦ୍ୟମ କରାଯିବ। ୱାନ ଟାଇମ ସେଟଲମେଣ୍ଟ (ଓଟିଏସ୍) ଜରିଆରେ ଉକ୍ତ ଟିକସ ଆଦାୟ କରିବାକୁ ଜଳ ସମ୍ପଦ, ଶକ୍ତି ବିଭାଗ, ବାଣିଜ୍ୟ କର ବିଭାଗକୁ ମନ୍ତ୍ରୀ ପରିଷଦ ନିର୍ଦ୍ଦେଶ ଦେଇଛି। ଏଥିସହିତ ସରକାରୀ କାର୍ଯ୍ୟକୁ ବୈଷୟିକ ଉପାୟରେ କମ୍ କର୍ମଚାରୀରେ କିପରି କରି ହେବ ସେ ନେଇ ମଧ ବୈଠକରେ ଆଲୋଚନା ହୋଇଛି। ଗତ ୪ ମାସ ମଧ୍ୟରେ ରାଜସ୍ୱ ବହୁ ପରିମାଣରେ ହ୍ରାସ ପାଇଛି। ଗତ ବର୍ଷ ତୁଳନାରେ ଏପ୍ରିଲ ଓ ମେ ମାସରେ ଟିକସ ଓ ଅଣଟିକସ ୭୦ ପ୍ରତିଶତ କମିଥିଲା। ତେବେ ଜୁନ ମାସରେ ଏଥିରେ ସୁଧାର ହୋଇ ୨୦ ପ୍ରତିଶତକୁ ଆସିଛି। ଏଭଳି ପରିସ୍ଥିତିରେ ଓଡ଼ିଶା ରାଜସ୍ୱ ଆଦାୟ କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ଭଲ ସ୍ଥିତିରେ ରହିଛି। ଚଳିତ ବର୍ଷ ଅନେକ ଖଣି ନିଲାମ ହୋଇଛି ସେଥିରୁ ମଧ ବହୁ ପରିମାଣର ରାଜସ୍ୱ ମିଳି ପାରିଛି। ସ୍ୱାସ୍ଥ୍ୟ, ଶିକ୍ଷାକୁ ଗୁରୁତ୍ୱ ଦିଆଯିବ। ଜରୁରୀ ସେବା ଓ ଯୋଜନାକୁ ବନ୍ଦ କରାଯିବ ନାହିଁ। ଗୁରୁତ୍ୱ ନ ଥିବା କ୍ଷେତ୍ରରେ ଖର୍ଚ୍ଚ ଉପରେ ନିୟନ୍ତ୍ରଣ କରିବାକୁ ମନ୍ତ୍ରୀ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ବୈଠକ ଆରମ୍ଭରେ କୋଭିଡ୍ ଯୁଦ୍ଧରେ ଶହୀଦ ହୋଇଥିବା ୮ଜଣ କରୋନା ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରଲୋକଗତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବୈଠକରେ ୧ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହିତ ଶହୀଦ କର୍ମଚାରୀମାନଙ୍କ ପରିବାରକୁ ଅବସର ପର୍ଯ୍ୟନ୍ତ ଦରମା ପ୍ରଦାନ କରିବାକୁ ମନ୍ତ୍ରୀ ପରିଷଦ ବୈଠକରେ ଘୋଷଣା କରାଯାଇଛି। ରାଜ୍ୟ ସରକାର କରୋନା ଆକ୍ରାନ୍ତଙ୍କ କ୍ୱାରାଣ୍ଟାଇନ, ଚିକିତ୍ସା ଖର୍ଚ୍ଚ, ଖାଦ୍ୟପେୟ, ଔଷଧ ଓ ପରିମଳ ବାବଦରେ ଖର୍ଚ୍ଚ ବହନ କରୁଛନ୍ତି। କରୋନାରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ଅନ୍ତିମ ସଂସ୍କାର ପାଇଁ ସରକାର ୭,୫୦୦ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦୪ କୋଟି, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୬୨୪ କୋଟି, ପଞ୍ଚାୟତିରାଜ ବିଭାଗରୁ ୮୭୫ କୋଟି, ବିଧାୟକ ଉନ୍ନୟନ ପାଣ୍ଠିରୁ ୭୩ କୋଟି ସହ ବିଭିନ୍ନ ବିଭାଗର ଅର୍ଥ ବିନିଯୋଗ କରିଛନ୍ତି। କୋଭିଡ୍ ଲଢେଇରେ ହେଉଥିବା ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

### ଗାଁର ନାଁ ହେଲା ...

ବୋର୍ଡର ସୁପାରିସ କ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅନୁମୋଦନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ନିକଟକୁ ସ୍ୱୀକୃତି ପାଇଁ ପଠାଇଥିଲେ। ଶେଷରେ କେନ୍ଦ୍ର ସରକାର ଏହି ପ୍ରସ୍ତାବକୁ ସ୍ୱୀକୃତି ଦେଇଥିବାରୁ ଏକ ଇତିହାସ ସୃଷ୍ଟି ହୋଇଛି। କୌଣସି ଏକ ଗାଁକୁ ଗୀତର ନାମରେ ନାମକରଣ କରାଯିବା ଓଡ଼ିଶାରେ ପ୍ରଥମ ବୋଲି କୁହାଯାଉଛି।

'ରଙ୍ଗବତୀ' କେବଳ ଓଡ଼ିଶାରେ ନୁହେଁ, ବାହାରେ ମଧ ବେଶ୍ ଲୋକପ୍ରିୟ ସଙ୍ଗୀତ ଭାବେ ଖ୍ୟାତି ଅର୍ଜନ କରିଛି। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଏହାର ମୂଳ ଗାୟକ। ସ୍ୱର୍ଗତ ପ୍ରଭୁଦତ୍ତ ପ୍ରଧାନ ସଙ୍ଗୀତ ସଂଯୋଜନା କରିଥିବାବେଳେ ଏଥିରେ ଜିତେନ୍ଦ୍ରଙ୍କ ସହ କ୍ରିଷ୍ଣା ପଟେଲ ମଧ କଣ୍ଠଦାନ କରିଛନ୍ତି। ରଙ୍ଗବତୀ ଗୀତ ପ୍ରଥମେ ୧୯୭୫-୭୬ ମସିହାରେ ସମ୍ବଲପୁରର ଅଲ୍ ଇଣ୍ଡିଆ ରେଡିଓରେ ରେକର୍ଡ କରାଯାଇଥିଲା। ଏହାର ବିପୁଳ ଲୋକପ୍ରିୟତା ପରେ ଇଣ୍ଡିଆନ ରେକର୍ଡ ମାନୁଫାକ୍‌ଚରିଂ କମ୍ପାନୀ ଲିମିଟେଡ ୧୯୭୬ରେ ଏହି ଗୀତକୁ ଡିସ୍କ ଫର୍ମାଟରେ ରେକର୍ଡ କରି ୧୯୭୮-୭୯ରେ ମୁକ୍ତିଲାଭ କରିଥିଲା। 'ରଙ୍ଗବତୀ' ଓଡ଼ିଶା ସହ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଏବଂ ଛତିଶଗଡ଼ରେ ମଧ ବହୁଳ ଲୋକପ୍ରିୟ। ୨୦୧୫ରେ ଦକ୍ଷିଣ କୋରିଆରେ ଆୟୋଜିତ ସପ୍ତମ ବିଶ୍ୱ ଜଳ ଫୋରମରେ କୋରିଆ ନୃତ୍ୟଶିଳ୍ପୀମାନେ ରଙ୍ଗବତୀ ଗୀତର ତାଳରେ ନୃତ୍ୟ ପରିବେଷଣ କରିଥିଲେ। ସେହିଭଳି ୨୦୦୭ରେ ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡରେ ଏହି ଗୀତକୁ ସରକାରୀ ଭାବେ ସ୍ୱୀକୃତି ପ୍ରଦାନ କରାଯିବା ସହ ଓଡ଼ିଶା ପକ୍ଷରୁ ପ୍ରଦର୍ଶିତ କରାଯାଇଥିଲା। ତେବେ ଗୀତର ଗୀତିକାର ମିତ୍ରଭାନୁ ଗୌନ୍ତିଆଙ୍କର ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ପ୍ରତି ଅତୁଳନୀୟ ଅବଦାନ ରହିଛି। ସେ ୧ ହଜାରରୁ ଊର୍ଦ୍ଧ୍ୱ ସମ୍ବଲପୁରୀ ଗୀତର ରଚୟିତା। ୨୦୨୦ରେ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ସହ ସଙ୍ଗୀତ ପାଇଁ ଆକାଶବାଣୀ ଜାତୀୟ ପୁରସ୍କାର ଏବଂ ସମ୍ମାନଜନକ ପଦ୍ମଶ୍ରୀରେ ଭୂଷିତ ହୋଇଥିଲେ। ତାଙ୍କ ଅବଦାନକୁ ସମ୍ମାନ ଜଣାଇ ତାଙ୍କ ଜନ୍ମିତ ଗ୍ରାମକୁ ରଙ୍ଗବତୀ ନାମରେ ନାମିତ କରିବାକୁ ୨୦୦୪ରୁ ଦାବି ହୋଇଆସୁଥିଲା। ଏ ସମ୍ପର୍କରେ ସୂଚନା ଦେଇ ଗୌନ୍ତିଆ କହିଛନ୍ତି, ବହୁ ଦିନର ଦାବି ପୂରଣ ହୋଇଥିବାରୁ ଖୁସି ଲାଗୁଛି। ଗ୍ରାମବାସୀ ମଧ ନାମକରଣକୁ ସ୍ୱାଗତ କରିଛନ୍ତି। ରଙ୍ଗବତୀ ଗୀତ ପାଇଁ ଏହା ଆଉଏକ ସଫଳତା ବୋଲି ସେ କହିଛନ୍ତି।

### କରୋନାର ...

୪୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୩୩ଜଣ ବିଚାରାଧୀନ କଏଦୀ ଥିବାବେଳେ ଜେଲରଙ୍କ ସମେତ ୧୦ କର୍ମଚାରୀ ରହିଛନ୍ତି। କଟକର ଖଟବିନ୍ ସାହି ମଧ ଚର୍ଚ୍ଚାକୁ ଆସିଛି। ଏହି ସାହିରୁ ଗୋଟିଏ ଦିନରେ ୩୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୦ଜଣ ପିଲା ରହିଥିବା ଜଣାପଡିଛି। ରାଜ୍ୟରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୩୫୭ ସ୍ଥାନୀୟ ସଂକ୍ରମିତ ଥିବାବେଳେ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୭୨୧ ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରେ ଗଞ୍ଜାମରେ ସର୍ବାଧିକ ୩୭୧ ଥିବାବେଳେ ଖୋର୍ଦ୍ଧାରୁ ୧୨୧, ରାୟଗଡ଼ାରୁ ୯୬, ମାଲକାନଗିରିରୁ ୬୬, କଟକରୁ ୫୭, ଜଗତ୍‌ସିଂହପୁରରୁ ୩୫, ଝାରସୁଗୁଡ଼ାରୁ ୩୪, ସୁନ୍ଦରଗଡ଼ରୁ ୨୯, ପୁରୀରୁ ୨୮, ବରଗଡ଼ରୁ ୨୬, ଗଜପତି ଓ କେନ୍ଦ୍ରାପଡ଼ାରୁ ୨୪ଜଣ ଲେଖାଏ, ଯାଜପୁର ଓ ସମ୍ବଲପୁରରୁ ୨୦ଜଣ ଲେଖାଏ, ନବରଙ୍ଗପୁରରୁ ୧୭, କେନ୍ଦୁଝରରୁ ୧୬, କୋରାପୁଟ ଓ କଳାହାଣ୍ଡିରୁ ୧୫ଜଣ ଲେଖାଏ, କନ୍ଧମାଳ ଓ ମୟୂରଭଞ୍ଜରୁ ୧୩ ଜଣ ଲେଖାଏ, ବାଲେଶ୍ୱର ଓ ସୋନପୁରରୁ ୧୦ଜଣ ଲେଖାଏ, ବଲାଙ୍ଗୀରରୁ ୬, ନୟାଗଡ଼ରୁ ୫, ବୌଦ୍ଧରୁ ୩, ଢେଙ୍କାନାଳରୁ ୨ ଏବଂ ଅନୁଗୋଳ ଓ ଭଦ୍ରକରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୯,୮୩୫ରେ ପହଞ୍ଚିଛି।

### ଆଉ ୫ ଜୀବନ ଗଲା, ୪୪୦ ଆରୋଗ୍ୟ

ରାଜ୍ୟରେ କରୋନାରେ ଆଉ ୫ଜଣଙ୍କର ମୃତ୍ୟୁ ହୋଇଛି। ଫଳରେ କରୋନାଜନିତ ମୃତ୍ୟୁସଂଖ୍ୟା ୧୦୮ରେ ପହଞ୍ଚିଛି। ନୂଆ ମୃତକଙ୍କ ମଧ୍ୟରେ ଗଞ୍ଜାମର ୩, ଗଜପତି ଓ କନ୍ଧମାଳର ଜଣେ ଲେଖାଏ ରହିଛନ୍ତି। ଗଞ୍ଜାମ ଜିଲାର ମୃତକଙ୍କ ମଧ୍ୟରେ ଜଣେ ୪୦ ବର୍ଷୀୟା ମହିଳା ଥିବାବେଳେ ଆଉ ଦୁଇଜଣ ୬୦ ଓ ୬୧ ବର୍ଷର ପୁରୁଷ। ସେହିଭଳି କନ୍ଧମାଳ ଜିଲାର ଜଣେ ୮୬ ବର୍ଷୀୟ ଓ ଗଜପତିର ୭୨ ବର୍ଷୀୟ ପୁରୁଷ କରୋନାରେ ପ୍ରାଣ ହରାଇଛନ୍ତି। ଅନ୍ୟପଟେ ପ୍ରତିଦିନ ଭଳି ରାଜ୍ୟରେ ଶତାଧିକ ଆକ୍ରାନ୍ତ ଆରୋଗ୍ୟ ହୋଇଛନ୍ତି। ଗୋଟିଏ ଦିନରେ ୪୪୦ଜଣ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୧୩,୭୪୯କୁ ବୃଦ୍ଧି ପାଇଛି।

### ନଭେମ୍ବର ସୁଦ୍ଧା ମିଳିପାରେ ...

ଅଭିନନ୍ଦନ ଜଣାଇଛନ୍ତି। ଟିକା ପ୍ରସ୍ତୁତି ଶେଷ ହେଲେ ତାହା ଯେଭଳି ପ୍ରଥମେ ଓଡ଼ିଶାକୁ ମିଳିବ ସେନେଇ ମୁଖ୍ୟମନ୍ତ୍ରୀ ପୁନାୱାଲଙ୍କ ସହାୟତା ଲୋଡିଛନ୍ତି। ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ସହ ଏ ନେଇ ରାଜ୍ୟ ସରକାର ବରାବର ସମ୍ପର୍କରେ ରହିଛନ୍ତି। ମୁଖ୍ୟମନ୍ତ୍ରୀ ପୁନାୱାଲଙ୍କ ଏହି ମାନବବାଦୀ କାର୍ଯ୍ୟକଳାପକୁ ପ୍ରଶଂସା କରିଛନ୍ତି। ବିଶ୍ୱର ବିଭିନ୍ନ ଇନ୍‌ଷ୍ଟିଚ୍ୟୁଟ୍ ସହ ଟିକାର ବିକାଶ ପାଇଁ ଉକ୍ତ ଇନ୍‌ଷ୍ଟିଚ୍ୟୁଟ୍ ସହବନ୍ଧିତ ରହିଛି। ଟିକାର ପ୍ରଗତି ବିଷୟରେ ଜାଣିବା ପାଇଁ ସେରମ ଇନ୍‌ଷ୍ଟିଚ୍ୟୁଟ୍ ସହ ନିୟମିତ ଯୋଗାଯୋଗରେ ରହିଥିବାରୁ ପୁନାୱାଲ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ପୁନୱାଲ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟ ପରୀକ୍ଷଣରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଟିକା ଫଳପ୍ରଦ ହୋଇଛି। ଭାରତରେ ଏହି ଟିକାର ପରବର୍ତ୍ତୀ ପର୍ଯ୍ୟାୟ ପରୀକ୍ଷଣ ଅଗଷ୍ଟରେ ଆରମ୍ଭ ହେବ। ଆସନ୍ତା ଅକ୍ଟୋବର କିମ୍ବା ନଭେମ୍ବର ସୁଦ୍ଧା କୋଭିଡ୍ ଟିକା ବଜାରକୁ ଆସିବ ବୋଲି ସେ କହିଛନ୍ତି। ଟିକା ବାହାରିବା ଯାଏ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଯୋଗାଯୋଗ ଜାରି ରହିବ ବୋଲି ସେ କହିଛନ୍ତି। ଏଥିସହିତ ପୁନାୱାଲ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି କହିଛନ୍ତି ଯେ, ଓଡ଼ିଶା ପାଇଁ ଆବଶ୍ୟକ ଟିକା ଯୋଗାଇବା କ୍ଷେତ୍ରରେ ସେରମ୍ ପୂର୍ଣ୍ଣ ସହଯୋଗ ଯୋଗାଇ ଦେବେ। ଆଲୋଚନା ବେଳେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଉପସ୍ଥିତ ଥିଲେ।

### କମିବ ସ୍କୁଲ ...

ଦ୍ୱିତୀୟ କ୍ୱାର୍ଟରରେ ମଧ ପୂରା ପାଠପଢ଼ା ହୋଇପାରିବ। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେଭଳି ସ୍ଥିତି ବା ସମ୍ଭାବନା ଦେଖାଯାଇ ନାହିଁ। ତେଣୁ ଶିକ୍ଷାନୁଷ୍ଠାନ ଖୋଲିବା ପରେ କେତେଦିନ ଶିକ୍ଷାବର୍ଷ ବାକି ରହିଥିବ, ସେହି ଆଧାରରେ ଏକ୍ସପର୍ଟ କମିଟି ସିଲାବସ୍ କମାଇବା ଉପରେ ନିଷ୍ପତ୍ତି ନେବେ। ତେଣୁ କେତେ ପ୍ରତିଶତ ସିଲାବସ୍ ହ୍ରାସ ପାଇବ ତାହା ଏବେଠାରୁ କହି ହେବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଇତିମଧ୍ୟରେ ସିବିଏସ୍‌ଇ ତା'ର ୩୦ପ୍ରତିଶତ ସିଲାବସ୍ କମାଇଛି।

### ୧୧ ଜିଲାରେ ...

କଟକରେ ୩୯%, ଜଗତ୍‌ସିଂହପୁରରେ ୨୦%, ଯାଜପୁର ୩୮%, କେନ୍ଦ୍ରାପଡ଼ାରେ ୩୮%, ଖୋର୍ଦ୍ଧାରେ ୪୩%, ସୁବର୍ଣ୍ଣପୁରରେ ୨୬%, ମୟୂରଭଞ୍ଜରେ ୧୮% ଏବଂ ନୟାଗଡ଼ରେ ୧୯% କମ୍ ବର୍ଷା ହୋଇଛି। ଝାରସୁଗୁଡା ଜିଲାରେ ସ୍ୱାଭାବିକଠାରୁ ୨୫ ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ ବାକି ଅନ୍ୟ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଶୁକ୍ରଙ୍କ ଧନଭାବାବରୋହଣରୁ ଆର୍ଥିକ ଅଭାବ, ଅନଟନ ନ ଥିଲେ ମଧ କାମଗୁଡ଼ିକ ସୁବିଧାରେ ହେବନାହିଁ। ଶତ୍ରୁତା କାରଣରୁ ବନ୍ଧୁଙ୍କ ସଦ୍‌ଭାବ ସହକର୍ମୀମାନଙ୍କ ସହଯୋଗ ମଧ ପାଇବେ ନାହିଁ। ଦୀର୍ଘଦିନରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିବ।

**ବୃଷ** କଥା ଦେଇଥିବା ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଆବଶ୍ୟକ ସାହାଯ୍ୟ, ସହଯୋଗ ଅବଶ୍ୟ ପ୍ରଦାନ କରିବେ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆଇନ, ଅଦାଲତ ସମ୍ବନ୍ଧୀୟ ଝମେଲାର ଅବସାନ ଘଟିବ। ସପ୍ତମାଧିପତି ଶନି ଦୃଷ୍ଟିରେ ଥିବାରୁ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** ଆଜି ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ। ପାରିବାରିକ,ପ୍ରଶାସନ,ଯାନବାହନ,ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପାରିବାରିକ ସମସ୍ୟା ବୃଦ୍ଧି ପାଇବା ହେତୁ ବ୍ୟସ୍ତତା ବଢ଼ିଯିବ। ରାଜନୀତି କ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ।

**କର୍କଟ** ପଡ଼ୋଶୀଙ୍କ ମଧୁରବଚନ ଓ ସରଳ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। କୌଣସି ବିବାଦୀୟ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ଚନ୍ଦ୍ର ଓ ଶନିଙ୍କ ଷଡ଼ାଷ୍ଟକସ୍ଥିତି ହେତୁ ଶିଳ୍ପ,ବାଣିଜ୍ୟ,ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ** ଉତ୍ତରାଫାଲଗୁନୀର ପରିବାରରେ ସାଧାରଣ କଥାରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବିଭିନ୍ନ ପ୍ରକାର ଆବଶ୍ୟକତାକୁ ନେଇ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବ। ହୋଟେଲ, ରେଷ୍ଟୁରାଣ୍ଟ ପ୍ରଭୃତିରୁ ଲାଭବାନ୍ ହେବେ।

**କନ୍ୟା** ଅଷ୍ଟମାଧିପତି ଦୃଷ୍ଟିରେ ରାଶିଥିବାରୁ ବାରମ୍ବାର ଅସଫଳତା ହେତୁ ମାନସିକ ଅବସାଦ ବୃଦ୍ଧି ପାଇବ। ପାଖ ପଡ଼ୋଶୀଙ୍କ ହସ୍ତକ୍ଷେପ ଫଳରେ ପରିବାରରେ ପୁନର୍ବାର ଶାନ୍ତି ଫେରିଆସିବ। ଇଚ୍ଛା ନ ଥାଇ ମଧ ନିମନ୍ତ୍ରଣ ପ୍ରାପ୍ତ ହୋଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାମାଜିକ ସ୍ତରରେ ମିଥ୍ୟା ଗୁଜବ ପ୍ରତି ମନ ଦିଅନ୍ତୁ ନାହିଁ।

**ତୁଳା** ପରିବାରରେ ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବା କାରଣରୁ ଆଜିର କାମଗୁଡ଼ିକ ସମ୍ପୂର୍ଣ୍ଣ ହେବନାହିଁ। ବିଶାଖା ନକ୍ଷତ୍ର ମାନସିକ ଅସ୍ଥିରତା ହେତୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**ବିଛା** ଗୁରୁକ୍ଷେତ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ପାରିବାରିକ ସ୍ତରରେ ବୃଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସମସ୍ୟାର କାରଣ ହୋଇପଡ଼ିବ। ସାହିତ୍ୟ, କଳା, ଗବେଷଣା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** ଆପଣଙ୍କ କାର୍ଯ୍ୟଦକ୍ଷତା ହେତୁ ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକ ମଧ୍ୟରେ କାମ ହାସଲ କରିବେ। ନିର୍ମାଣ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ବାଧାପ୍ରାପ୍ତ ହେବ। ଈର୍ଷାପରାୟଣ ହୋଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ମକର** ବିବାଦୀୟ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କଲେ ସଫଳତା ପାଇବାର ଆଶା ରହିଛି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସ୍ୱଭାବରେ ପରିବର୍ତ୍ତନ ଯୋଗୁ ବିଚଳିତ ହେବେ। ବନ୍ଧୁମାନଙ୍କ ପରାମର୍ଶରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କୁମ୍ଭ** ସମସ୍ୟା ଲାଗିରହିଥିଲେ ମଧ ଆପଣଙ୍କ କୌଣସି କାମ ଅଟକି ରହିବ ନାହିଁ। ଯାନବାହନ, ଲୋକସମ୍ପର୍କ,ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଫାଇଲ ସମ୍ବନ୍ଧୀୟ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିପାରନ୍ତି।

**ମୀନ** ଯେକୌଣସି ପରିସ୍ଥିତି ହେଉନା କାହିଁକି, ଆପଣ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ସବୁକିଛି ଠିକ୍ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଦେହ ଭଲ ରହିଲେ ମଧ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି। ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

ଆଜି ଶ୍ରାବଣ ଶୁକ୍ଳ ତୃତୀୟା ଗୁରୁବାର, ଜୁଲାଇ ୨୩ ତାରିଖ,ଚାତୁର୍ମାସ୍ୟା ଗୁରୁବାର ବ୍ରତ,ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକ ଜୟନ୍ତୀ, ରାଶି ନକ୍ଷତ୍ର-ମଘା/ସିଂହ,ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଦିବା ଘ.୦୫।୨୩ ଗତେ ଘ.୦୭।୦୭ ମଧ୍ୟେ, ଘ.୧୦।୩୫ ଗତେ ଘ.୦୧।୧୧ ମଧ୍ୟେ ମାହେନ୍ଦ୍ରବେଳା। ରାତ୍ରି ଘ.୦୨।୨୭ ଗତେ ଘ.୦୩।୧୧ ମଧ୍ୟେ ଅମୃତବେଳା। ଅପରାହ୍ଣ ଘ.୦୧।୩୦ ଗତେ ଘ.୦୩।୦୮ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୩ ଜୁଲାଇ, ୨୦୨୦

## ପୋଲିସ କର୍ମଚାରୀଙ୍କୁ ହୋମିଓପାଥି

**କଟକ ଅଫିସ,୨୨।୭:** ନୂଆପଡ଼ାସ୍ଥିତ ଆଦର୍ଶ ଜନସେବା ଟ୍ରଷ୍ଟ ପକ୍ଷରୁ ପୋଲିସ କର୍ମଚାରୀଙ୍କୁ ବୁଧବାର ହୋମିଓପାଥି ଔଷଧ ବଣ୍ଟାଯାଇଛି। ଟ୍ରଷ୍ଟ ଅଧକ୍ଷ ଅରବିନ୍ଦ ପାତ୍ରଙ୍କ ନେତୃତ୍ୱରେ ଡିସିପି କାର୍ଯ୍ୟାଳୟ, ମଧୁପାଟଣା ଥାନା, ଚାଉଳିଆଗଞ୍ଜ ଥାନା ଓ ମାଲଗୋଦାମ ଥାନାର କର୍ମଚାରୀଙ୍କୁ ଏହି ଔଷଧ ଦିଆଯାଇଛି। ବିଶ୍ୱଜିତ ଚକ୍ର, ଦୀଲିପ କର, ରମ୍ୟ ରଞ୍ଜନ ଚୌଧୁରୀ, ସନ୍ଦୀପ ସ୍ୱାଇଁ, ସନ୍ତୋଷ ସାହୁ, ସଞ୍ଜୀବ ରଥ କାର୍ଯ୍ୟକ୍ରମରେ ସାମିଲ ଥିଲେ।



## ପୂର୍ବତନ ବିଧାୟକ ନେଲସନ ସୋରେଙ୍ଗଙ୍କ ପରଲୋକ



**ସୁନ୍ଦରଗଡ଼, ୨୨।୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ରଘୁନାଥପାଲି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ଓକିଲ ନେଲସନ ସୋରେଙ୍ଗଙ୍କ ବୁଧବାର ଅପରାହ୍ଣରେ ତାଙ୍କ ସୁନ୍ଦରଗଡ଼ ମହେଶଡ଼ିହିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ବହୁଦିନ ଧରି ଅସୁସ୍ଥ ଥିଲେ। ୧୯୪୬ରେ ଜନ୍ମଗ୍ରହଣ କରିଥିବା ସୋରେଙ୍ଗ ୧୯୭୪ରେ ପବ୍ଲିକ ସର୍ଭିସ କମିଶନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପୋଲିସ ବିଭାଗରେ ୬ ବର୍ଷ ଧରି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭାବେ କାର୍ଯ୍ୟ କରିଥିଲେ। ଏହାସହ ରାଜ୍ୟପାଳଙ୍କ ସୁରକ୍ଷା ଅଧିକାରୀ ଭାବେ ମଧ କିଛି ଦିନ ନିୟୋଜିତ ଥିଲେ। ପରେ ଚାକିରିରୁ ଇସ୍ତଫା ଦେଇ ରାଜନୀତିରେ ଯୋଗ ଦେଇଥିଲେ। ୧୯୮୦ ସାଧାରଣ ନିର୍ବାଚନରେ ସେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଭାବେ ରଘୁନାଥପାଲି ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ଜଣେ ବରିଷ୍ଠ ଓକିଲ ଭାବେ ମଧ ସୁନ୍ଦରଗଡ଼ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ପାଇ ଜିଲା ଓକିଲ ସଂଘର ବହୁ ଆଇନଜୀବୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଭଙ୍ଗାଯିବନି ଚଳିତବର୍ଷର ତିନିରଥ

- ଐତିହାସିକ ରଥଯାତ୍ରା ଯୋଗୁ ସଂରକ୍ଷିତ ରହିବ
- ଜଗନ୍ନାଥ ବଲ୍ଲଭ ମଠରେ ଶ୍ରଦ୍ଧାଳୁଙ୍କ ପାଇ ପ୍ରଦର୍ଶନ ହେବ
- ପୁଣି ଫିଟିଂ ପାଇଁ ଗଠନ ହେବ ବୈଷୟିକ ଟିମ୍

**ପୁରୀ ଅଫିସ, ୨୨।୭**

ଶ୍ରୀମନ୍ଦିର ଇତିହାସରେ ୨୦୨୦ ରଥଯାତ୍ରା ସବୁଠୁ ସ୍ୱତନ୍ତ୍ର ଏବଂ ଐତିହାସିକ। ମହାମାରୀ କରୋନାର ବିଭୀଷିକା ମଧ୍ୟରେ ଶେଷ ମୁହୂର୍ତ୍ତରେ ସୁପ୍ରିମ୍‌କୋର୍ଟ ସର୍ତ୍ତମୂଳକ ଅନୁମତି ଦେବାରୁ ବଡ଼ଦାଣ୍ଡରେ ତିନିରଥ ଗଡ଼ିଥିଲା, ତାହା ପୁଣି ବିନା ଭକ୍ତରେ। ଦେଖିବାକୁ ଗଲେ ରଥ ନିର୍ମାଣ ଅନୁକୂଳଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଏଥର ରଥଯାତ୍ରାର ସମସ୍ତ ବିଧି ଥିଲା ସବୁଠୁ ନିଆରା। ରଥଯାତ୍ରା ପରେ ଏଥର ତିନିରଥକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ମଧ ସ୍ୱତନ୍ତ୍ର ନିଷ୍ପତ୍ତି ନେଇଛି। ଐତିହାସିକ-୨୦୨୦ ରଥଯାତ୍ରାର ତିନିରଥ ଭଙ୍ଗାଯିବ ନାହିଁ। ଏହାକୁ ଖୋଲାଯାଇ ପୁଣି ପୂର୍ଣ୍ଣାଙ୍ଗ ରୂପ ଦିଆଯିବ। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଭକ୍ତଙ୍କ ଦର୍ଶନ ପାଇଁ ଏହି ତିନିରଥ ପ୍ରଦର୍ଶନ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି।

ବୁଧବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବଲୱନ୍ତ ସିଂ, ପରିଚାଳନା କମିଟିର ସେବାୟତ ସଦସ୍ୟ, ରଥ ନିର୍ମାଣ ସମ୍ପୃକ୍ତ ସେବକ, ଶ୍ରୀମନ୍ଦିର ପ୍ରଶାସନ ଏବଂ ଓବିସିସିର ଅଧିକାରୀ ଯୋଗଦେଇଥିଲେ। ଯେହେତୁ ଚଳିତବର୍ଷର ରଥଯାତ୍ରା ଥିଲା ସବୁଠୁ ସ୍ୱତନ୍ତ୍ର ଏବଂ ଐତିହାସିକ ତେଣୁ ୩ ରଥକୁ ନ ଭାଙ୍ଗି ସଂରକ୍ଷିତ କରି ରଖିବା ଲାଗି ଗତ ପରିଚାଳନା କମିଟି ଓ ଛତିଶା ନିଯୋଗର ମିଳିତ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା। ଏଥର ବିନା ଭକ୍ତରେ ରଥଯାତ୍ରା ହୋଇଥିଲା। ତେଣୁ ଭକ୍ତମାନେ ତିନିରଥ କିମ୍ବା ରଥାରୂଢ଼ ଠାକୁରଙ୍କୁ ବଡ଼ଦାଣ୍ଡରେ ଦେଖିପାରି ନ ଥିଲେ। ତିନିରଥକୁ ସଂରକ୍ଷଣ କରି ରଖାଗଲେ ଭକ୍ତମାନେ ଦର୍ଶନ କରିପାରିବେ ବୋଲି ପ୍ରସ୍ତାବ ରଖାଯାଇଥିଲା। ସେଥିପାଇଁ ବୁଧବାର ବୈଠକ ବସି ଏ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ମଧ ହୃଦୟ ଯୋଜନାରେ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଇଣ୍ଟରପ୍ରିଟେଶନ ସେଣ୍ଟର (ବ୍ୟାଖ୍ୟାନ କେନ୍ଦ୍ର) ନିର୍ମାଣ ଚାଲିଛି। ଏହି କେନ୍ଦ୍ରରେ ଶ୍ରୀମନ୍ଦିର ଐତିହ୍ୟ ଓ ପରମ୍ପରା ସ୍ଥାନ ପାଇବ। ଏଥିରେ ତିନିରଥ ପ୍ରଦର୍ଶନ ହେବା ଲାଗି ମଧ ଆଲୋଚନା କରାଯାଇଥିଲା। ତେଣୁ ଏହାକୁ ଏବେ ବାସ୍ତବତାର ରୂପ ଦେବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି।

ବୈଠକ ପରେ ମୁଖ୍ୟ ପ୍ରଶାସକ କହିଛନ୍ତି, ଚଳିତବର୍ଷର ରଥ ନ ଭାଙ୍ଗିବା ଲାଗି ପରିଚାଳନା କମିଟି ଏବଂ ଛତିଶା ନିଯୋଗର ମିଳିତ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା। ବୁଧବାର ବୈଠକରେ ଏ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। କିଭଳି ରଥକୁ ଖୋଲାଯାଇ ପୁଣି ଫିଟିଂ କରାଯିବ ସେଥିପାଇଁ ଏକ ବୈଷୟିକ କମିଟି ଗଠନ ହେବ। ଏଥିଲାଗି ଆଉଥରେ ବୈଠକ ବସି ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯିବ। ଖୋଲାଯିବାବେଳେ ଯଦି କିଛି ଅଂଶ ନଷ୍ଟ ହୁଏ ତେବେ ପୁଣିଥରେ ସେହି ଅଂଶ ତିଆରି କରାଯାଇ ଲଗାଯିବ। ବିଶେଷକରି ରଥତ୍ରୟକୁ କିପରି ଅଧିକ ବର୍ଷ ସଂରକ୍ଷଣ କରି ରଖାଯାଇପାରିବ ସେ ନେଇ ନୂତନ ଭାବେ ତିଆରି ହେବାକୁ ଥିବା ଅଂଶ ପାଇଁ ଶାଗୁଆନ, ଶାଳ କାଠ ବ୍ୟବହାର କରାଯିବ।

ସୂଚନାଥାଉ କି, କରୋନା ସଂକ୍ରମଣକୁ ନଜରରେ ରଖି ଏ ବର୍ଷ ରଥଯାତ୍ରା ହେବ କି ନାହିଁ ତାକୁ ନେଇ ଶେଷ ପର୍ଯ୍ୟନ୍ତ ଦ୍ୱନ୍ଦ୍ୱ ଲାଗି ରହିଥିଲା। ୧୨ ଦିନ ବିଳମ୍ବରେ ଅର୍ଥାତ୍ ମେ ୫ରେ ରଥ ନିର୍ମାଣ ଆରମ୍ଭ ହୋଇଥିଲା। ଦିନ ପାଖେଇ ଆସୁଥିବା ବେଳେ ହାଇକୋର୍ଟରେ ରଥଯାତ୍ରା ସପକ୍ଷ ଏବଂ ବିପକ୍ଷରେ ମାମଲା ରୁଜୁ ହେଲା। ହାଇକୋର୍ଟ ରଥଯାତ୍ରା ନିଷ୍ପତ୍ତି ରାଜ୍ୟ ସରକାରଙ୍କ ଉପରେ ଛାଡ଼ିଲେ। କରୋନାର ଭୟାବହତା ଦୃଷ୍ଟିରୁ ଏଥର ରଥଯାତ୍ରା ବନ୍ଦ ହେଉ ବୋଲି ଜଣେ ପିଟିଶନର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେଲେ। ଜୁନ୍ ୨୩ରେ ରଥଯାତ୍ରା ଥିଲା। ୧୮ରେ ସର୍ବୋଚ୍ଚ ନ୍ୟାୟାଳୟ ରଥଯାତ୍ରା ହୋଇପାରିବ ନାହିଁ ବୋଲି ରାୟ ଶୁଣାଇଲେ। ପୁନଶ୍ଚ କେବଳ ପୁରୀ ରଥଯାତ୍ରାକୁ ବିନା ଭକ୍ତରେ କରିବା ଲାଗି ଅନୁମତି ଦେବା ପାଇଁ ସୁପ୍ରିମ୍‌କୋର୍ଟରେ ଏକାଧିକ ଆବେଦନ ହେଲା। ଶେଷରେ ଜୁନ୍ ୨୨ରେ ସୁପ୍ରିମ୍‌କୋର୍ଟ କେବଳ ପୁରୀ ରଥଯାତ୍ରାକୁ ସର୍ତ୍ତମୂଳକ ଅନୁମତି ଦେଇଥିଲେ।



ରଥଯାତ୍ରା ପରେ ବଡ଼ଦାଣ୍ଡରେ ରହିଥିବା ତିନି ରଥ।

## ସୁନ୍ଦରଗଡ଼, ଯାଜପୁର ଜିଲାକୁ ୫ କୋଟି

**କୋଭିଡ୍ ମୁକାବିଲା ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

- ଆଇଜିଏଚ୍‌ରେ ହେବ ପ୍ଲାଜ୍‌ମା ବ୍ୟାଙ୍କ

**ଭୁବନେଶ୍ୱର,୨୨।୭(ବ୍ୟୁରୋ)**

କୋଭିଡ୍-୧୯ ମୁକାବିଲା ପାଇଁ ସୁନ୍ଦରଗଡ଼ ଓ ଯାଜପୁର ଜିଲାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସରେ ସୁନ୍ଦରଗଡ଼ ଓ ଯାଜପୁର ଜିଲାର କୋଭିଡ୍ ପରିଚାଳନା ସ୍ଥିତି ସମୀକ୍ଷା କରି ଏହି ଘୋଷଣା କରିଛନ୍ତି। ଏଥିସହ କଟକ ଏସ୍‌ସିବି ପରେ ଏବେ ପଶ୍ଚିମ ଓଡ଼ିଶା ପାଇଁ ରାଉରକେଲାର ଆଇଜିଏଚ୍‌ରେ ପ୍ଲାଜ୍‌ମା ବ୍ୟାଙ୍କ ଖୋଲାଯିବ। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ଗୁରୁତର ରୋଗୀଙ୍କୁ ରାଉରକେଲାର ଆଇଜିଏଚ୍ ହସ୍ପିଟାଲରୁ ପ୍ଲାଜ୍‌ମା ଥେରାପି ଯୋଗାଇ ଦିଆଯିବ। ସେହିପରି ରାଉରକେଲା କୋଭିଡ୍ କେୟାର ସେଣ୍ଟରଗୁଡ଼ିକର ଶଯ୍ୟା ସଂଖ୍ୟା ୭୦୦ରୁ ୧୭୦୦କୁ ବୃଦ୍ଧି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କରୋନା ସ୍ଥିତି ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କରିବା ଲାଗି ପଦକ୍ଷେପ ନେଇଛନ୍ତି। ସୁନ୍ଦରଗଡ଼ ଜିଲାରେ ଆରୋଗ୍ୟ ହାର ୮୫ ପ୍ରତିଶତରେ ପହଞ୍ଚିଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି। କୋଭିଡ୍ ପରିଚାଳନା ପାଇଁ ଡିଏମ୍‌ଏଫ୍‌ରୁ ସୁନ୍ଦରଗଡ଼ରେ ୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ରାଉରକେଲାର ବସ୍ତି ଓ ଜନଗହଳିପୂର୍ଣ୍ଣ ଅଞ୍ଚଳ ଉପରେ ଅଧିକ ଫୋକସ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଜିଲା ପ୍ରଶାସନକୁ ସହଯୋଗ କରିଥିବାରୁ ମୁଖ୍ୟମନ୍ତ୍ରୀ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ଏନ୍‌ଟିପିସି, ଏମ୍‌ସିଏଲ୍, ଓସିଏଲ୍‌କୁ ଧନ୍ୟବାଦ ଦେଇଛନ୍ତି।

ଯାଜପୁର ଜିଲାକୁ ଗତ କିଛିଦିନ ମଧ୍ୟରେ ୨୬ ହଜାରରୁ ଅଧିକ ପ୍ରବାସୀ ଆସିଥିଲେ ମଧ ସଂକ୍ରମଣକୁ ନିୟନ୍ତ୍ରଣରେ ରଖିଥିବାରୁ ଏବଂ ଆରୋଗ୍ୟ ହାର ୮୬.୫ ପତିଶତରେ ପହଞ୍ଚାଇ ପାରିଥିବାରୁ ମୁଖ୍ୟମନ୍ତ୍ରୀ ଜିଲା ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି। ଏପର୍ଯ୍ୟନ୍ତ ଯାଜପୁର ଜିଲା ପ୍ରଶାସନ ଡିଏମ୍‌ଏଫ୍‌ରୁ କୋଭିଡ୍ ପରିଚାଳନା ଲାଗି ୧୩.୫ କୋଟି ଟଙ୍କା ଖର୍ଚ୍ଚ କରିଛି। ଏଥିସହିତ ଜିଲାରେ କୋଭିଡ୍ ଚିକିତ୍ସା ପାଇଁ ଅଧିକ ୨୫୦ ଶଯ୍ୟା ବୃଦ୍ଧି କରିବା ବିଷୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଯାଜପୁର ଜିଲା ଯୋଜନା କମିଟି ଅଧକ୍ଷ ତଥା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ସୁନ୍ଦରଗଡ଼ ଜିଲା ଯୋଜନା କମିଟି ଅଧକ୍ଷ ସାରଦା ନାୟକ, ଉଭୟ ଜିଲାର ଜିଲାପାଳ ଏବଂ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ କମିଶନର କୋଭିଡ୍ ପରିଚାଳନା ତଥ୍ୟ ରଖିଥିଲେ।

ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ମୁଖ୍ୟ ଉପଦେଷ୍ଟା, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

## ସଜେଇ ହେଉଛି ରାନୀ ବଖରୀ

- ଖର୍ଚ୍ଚ ହେଲା ୧ କୋଟି, ପ୍ରବେଶ ପଥ ନାହିଁ

**ସମ୍ବଲପୁର, ୨୨।୭ (ବ୍ୟୁରୋ)**

ନବବଧୂ ଭଳି ସଜେଇ ହୋଇଛି ରାନୀ ବଖରୀ। ୩ ମହଲା ବିଶିଷ୍ଟ ଐତିହାସିକ ରାଜପ୍ରାସାଦରେ ମୋଟ ୧୫ଟି କୋଠରି ରହିଛି। ତଳେ ୭, ମଝିରେ ୬ ଓ ସବା ଉପରେ ୨ଟି ସୁସଜ୍ଜିତ କୋଠରି ଓ ଗୋଟିଏ ବାରଣ୍ଡା ରହିଛି। ପ୍ରାସାଦ ସମ୍ମୁଖ ଛୋଟ ସ୍ଥାନରେ ମୁକ୍ତ ରଙ୍ଗମଞ୍ଚ ରହିଛି। ଦର୍ଶକମାନଙ୍କ ସକାଶେ ଗ୍ୟାଲେରି ଉପଲବ୍ଧ ଅଛି। ଅତ୍ୟାଧୁନିକ ଆଲୋକରେ ଝଲସୁଛି ଏହି ପ୍ରାସାଦ। ପ୍ରାସାଦ ଭିତର କୋଠରିଗୁଡ଼ିକରେ ଝୁମର୍ ଖଞ୍ଜା ଯାଇଛି। ସଂପୂର୍ଣ୍ଣ ପ୍ରାସାଦକୁ ଶ୍ୱେତ ରଙ୍ଗରେ ରଙ୍ଗାୟିତ କରାଯାଇଥିବା ବେଳେ ସୂକ୍ଷ୍ମ କାରୁକାର୍ଯ୍ୟଗୁଡ଼ିକରେ ଗେରୁଆ ରଙ୍ଗ ଦିଆଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ରାନୀ ବଖରୀକୁ ସଜେଇଛି। କିନ୍ତୁ ୫ ଡିସିମିଲ ପରିମିତ ଜମିରେ ଥିବା ରାନୀ ବଖରୀ ମୁଖ୍ୟ ରାସ୍ତା ସମ୍ମୁଖକୁ ପ୍ରବେଶ ପଥ ନାହିଁ, ଯଦ୍ୱାରା ସଜେଇ ହୋଇଥିବା ରାନୀ ବଖରୀକୁ ପର୍ଯ୍ୟଟକ ଓ ସ୍ଥାନୀୟ ଜନସାଧାରଣ ଦେଖିବାକୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି।

ଅନେକ ଐତିହାସିକ କୀର୍ତ୍ତିରାଜିର ଭଗ୍ନାବଶେଷ ସମ୍ବଲପୁର ସହରରେ ରହିଛି। ହେଲେ ଏ ସବୁର ପୁନରୁଦ୍ଧାର ହୋଇପାରୁ ନ ଥିବାରୁ ବହୁ ପୁରୁଣା କୀର୍ତ୍ତିରାଜି ମାଟିରେ ମିଶିଛି। ୨୦୧୯ ନିର୍ବାଚନ ପୂର୍ବରୁ ତତ୍କାଳୀନ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ କୁମାର ପଣ୍ଡା ରାନୀ ବଖରୀ ସମ୍ମୁଖରେ ଖାଲିଥିବା ଜମିକୁ ଅଧିଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ୭୦ ଲକ୍ଷ ଟଙ୍କା ମଧ ମଞ୍ଜୁର ହୋଇଥିଲା। ସେହି ଟଙ୍କାରେ ରାନୀ ବଖରୀର ସୁସଜ୍ଜିତ ପ୍ରବେଶ ପଥରେ ଘାସ ବିଛାଇବା, ପାଚେରି ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହୋଇଥାନ୍ତା। ଏବେ କୁଆଡ଼େ ମଞ୍ଜୁର ହୋଇଥିବା ସେହି ୭୦ ଲକ୍ଷ ଟଙ୍କାର ଫାଇଲ୍ ମିଳୁନାହିଁ। ତେଣୁ ୧ କୋଟି ଟଙ୍କା ବ୍ୟୟରେ ରାନୀ ବଖରୀର ପୁନରୁଦ୍ଧାର କାମ ଚାଲିଛି। ଅନ୍ୟପକ୍ଷେ ଜିଲା ପର୍ଯ୍ୟଟନ ଅଧିକାରୀ ହେମନ୍ତ କୁମାର ପ୍ରଧାନ କହିଛନ୍ତି, ରାନୀ ବଖରୀ ଚତୁଃପାର୍ଶ୍ୱରେ ରୟତି ଜମି ରହିଛି। କେହି ଛାଡ଼ିବାକୁ ରାଜି ହେଉନାହାନ୍ତି। ତେଣୁ ପାଟଣେଶ୍ୱରୀ ମନ୍ଦିର ନିକଟସ୍ଥ ଗଳିରେ ରାନୀ ବଖରୀକୁ ରାସ୍ତା ରହିଛି। ଇନଟାକ୍ ସମ୍ବଲପୁର ଚାପ୍ଟର ସଭ୍ୟ ତଥା ଐତିହାସିକ ଦୀପକ ପଣ୍ଡା କହିଛନ୍ତି, ୨୦୦୧ରେ ପ୍ରତ୍ନତତ୍ତ୍ୱ ବିଭାଗ ଉଦ୍ୟମରେ ରାନୀ ବଖରୀର ଆଂଶିକ ମରାମତି କାର୍ଯ୍ୟ ହୋଇଥିଲା। ପୁଣି ତାହା ବନ୍ଦ ହୋଇଥିଲା। ୨୦୦୯ ନଭେମ୍ବରରେ ଇନଟାକ୍ ସମ୍ବଲପୁର ଚାପ୍ଟର ଆରମ୍ଭ ହୋଇଥିଲା। ଏହାପରେ କୀର୍ତ୍ତିରାଜିଗୁଡ଼ିକର ରକ୍ଷଣାବେକ୍ଷଣ ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟତଃ ଇନଟାକ୍ ଓଡିଶା ଚାପ୍ଟର ନିର୍ଦ୍ଦେଶିକା ମଲିକା ମିତ୍ରଙ୍କ ତତ୍ତ୍ୱାବଧାନରେ ରାନୀ ବଖରୀ ପୁନରୁଦ୍ଧାର ହୋଇପାରିଛି। ଓସାରିଆ ପ୍ରବେଶ ପଥ ହେଲେ ଏହି ପ୍ରାସାଦର ଆକର୍ଷଣ ଓ ଗୁରୁତ୍ୱ ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି ହୋଇଛି।

ସୂଚନାଯୋଗ୍ୟ, ସମ୍ବଲପୁର ପାଟଣେଶ୍ୱରୀ ମନ୍ଦିର ନିକଟରେ ରାଜସ୍ଥାନୀ ଶୈଳୀରେ ତିନି ମହଲା ବିଶିଷ୍ଟ ଏହି ରାନୀ ବଖରୀ ପ୍ରାସାଦ ରହିଛି। ସମ୍ବଲପୁରର ପଞ୍ଚମ ରାଜା ବଳିୟାର ସିଂହ ୧୬୬୦ରୁ ୧୬୭୦ ମସିହା ମଧ୍ୟରେ ଏହି ପ୍ରାସାଦ ନିର୍ମାଣ କରିଥିଲେ। ଦୀର୍ଘଦିନ ଅବହେଳିତ ଅବସ୍ଥାରେ ପଡ଼ି ରହିବା ଫଳରେ ପ୍ରାସାଦରେ ଗଛ ଉଠିଯାଇଥିଲା। ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟିହେବା ସହିତ ବର୍ଷାପାଣି ଝରି କାନ୍ଥରେ ଥିବା ପେଣ୍ଟିଂ ନଷ୍ଟ ହୋଇଥିଲା। ରାନୀ ବଖରୀର ପୁନରୁଦ୍ଧାର କାର୍ଯ୍ୟ ଇନ୍‌ଟାକ୍‌ର ଅନୁଭବୀ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ କରାଯିବା ସହ ନକ୍ସା ଓ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହୋଇଥିଲା। ପ୍ରାସାଦର ବାହ୍ୟ ଓ ଆଭ୍ୟନ୍ତରୀଣ ପ୍ଲାଷ୍ଟର ବାହାର କରି ଦିଆଯାଇଥିଲା। ସିମେଣ୍ଟ ପରିବର୍ତ୍ତେ ଚୂନ, ବେଲଅଠା, ମେଥି, ଗୁଡ, ବିରିର ମିଶ୍ରଣରେ ପ୍ରଲେପ ପ୍ରସ୍ତୁତ କରି କାନ୍ଥ ଓ ଛାତରେ ଦିଆଯାଇଥିଲା। ୨୦୧୬ ଏପ୍ରିଲ ୧୮ ତାରିଖ ବିଶ୍ୱ ଐତିହ୍ୟ ଦିବସରେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ପଣ୍ଡା ଏହି ଐତିହାସିକ ରାନୀ ବଖରୀ ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ କରିଥିଲେ।



ସୁସଜ୍ଜିତ ଉପର ମହଲା



ଚମକୁଛି ରାନୀ ବଖରୀ।

## ଇଣ୍ଟରନେଟ୍ ରେଡିଓ



**ଜାତୀୟ ପ୍ରସାରଣ ଦିବସ**

**ସସ୍ମିତା ପାଇକରାୟ**

**ଭୁବନେଶ୍ୱର,୨୨।୭(ବ୍ୟୁରୋ)**

୧୯୨୭ ଜୁଲାଇ ୨୩ରେ ଭାରତରେ ପ୍ରଥମଥର ପାଇଁ ରେଡିଓ ପ୍ରସାରଣ ଆରମ୍ଭ ହୋଇଥିଲା। ଇଣ୍ଡିଆନ୍ ବ୍ରଡ୍‌କାଷ୍ଟିଂ କମ୍ପାନୀ ନାମକ ଏକ ବେସରକାରୀ ସଂସ୍ଥା ଦ୍ୱାରା ବମ୍ବେ ଷ୍ଟେଶନରୁ ଏହି ପ୍ରସାରଣ କରାଯାଇଥିଲା। ଏହା ପରଠାରୁ ଜୁଲାଇ ୨୩କୁ ପ୍ରତିବର୍ଷ ଦେଶରେ ଜାତୀୟ ପ୍ରସାରଣ ଦିବସଭାବେ ପାଳନ କରାଯାଉଛି। ଦିନଥିଲା ରେଡିଓ ଗଣଯୋଗାଯୋଗର ପ୍ରମୁଖ ଓ ଏକମାତ୍ର ମାଧ୍ୟମ ଥିଲା। ଟେଲିଭିଜନ ଉଦ୍ଭାବନ ପରେ ଏହାର ଚାହିଦା ହ୍ରାସ ପାଇବାକୁ ଲାଗିଲା। ମାତ୍ର ଧୀରେ ଧୀରେ ପୁଣିଥରେ ରେଡିଓର ଲୋକପ୍ରିୟତା ଫେରିଛି। ବ୍ୟସ୍ତବହୁଳ ଜୀବନରେ ଟିଭି ଦେଖିବାକୁ ସମୟ କାଢ଼ିପାରୁ ନ ଥିବା ଯୁବପିଢ଼ି ଇଣ୍ଟରନେଟ୍ ରେଡିଓ ଶୁଣିବାକୁ ପସନ୍ଦ କରୁଛନ୍ତି। ୱେବ୍ ରେଡିଓ, ଇ-ରେଡିଓ ତଥା ଅନ୍‌ଲାଇନ୍ ରେଡିଓଭାବେ ପରିଚିତ ଏହି ମାଧ୍ୟମ ମନୋରଞ୍ଜନରୁ ଆରମ୍ଭକରି ଦେଶ ବିଦେଶର ଟିକିନିଖି ଖବର ମଧ ଦେଉଛି। ଏପରି କି ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ମଧ ଏହା ମାଧ୍ୟମରେ ପ୍ରସାରଣ କରାଯାଇପାରୁଛି।

ଏକ ଅନୁଧ୍ୟାନରୁ ଜଣାପଡିଛି, ବର୍ତ୍ତମାନ ୨୬ ପ୍ରତିଶତରୁ ଊର୍ଦ୍ଧ୍ୱ ଯୁବପିଢ଼ି କୌଣସି ରେଡିଓ ସିଷ୍ଟମ ଅପେକ୍ଷା ଇଣ୍ଟରନେଟ୍ ମାଧ୍ୟମରେ ଅନ୍‌ଲାଇନରେ ରେଡିଓ ଶୁଣିବାକୁ ଆଗ୍ରହ ଦେଖାଉଛନ୍ତି। ସେହିପରି ଏପର୍ଯ୍ୟନ୍ତ ବିଶ୍ୱରେ ସମୁଦାୟ ୫୧,୦୦୦ଟି ରେଡିଓ ଷ୍ଟେଶନ ରହିଥିବାବେଳେ କ୍ରମାଗତ ଭାବେ ଏଥିରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରୁଛି। ତେଣୁ ଏହା ଉପରେ ନିର୍ଭର କରି ବହୁ ଯୁବତୀଯୁବକ ନିଜ ଭବିଷ୍ୟତ ଗଢ଼ୁଥିବା ଦେଖାଯାଉଛି। ବିଶେଷକରି ରେଡିଓ ସାମ୍ବାଦିକତା ଏବଂ ରେଡିଓ ଜକି କ୍ଷେତ୍ରରେ କ୍ୟାରିୟର କରିବାକୁ ଯୁବପିଢି ଆଗ୍ରହ ଦେଖାଉଛନ୍ତି। ଯଦିଓ ବର୍ତ୍ତମାନ କୋଭିଡ୍-୧୯ ପରିସ୍ଥିତି ପାଇଁ ଓଡ଼ିଶାରେ ରେଡିଓ ଶିଳ୍ପ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି, ଆଗାମୀ ଦିନରେ ପୁଣିଥରେ ଏହି ଶିଳ୍ପ ମୁଣ୍ଡଟେକି ଛିଡ଼ାହେବ ବୋଲି ଆଶା କରାଯାଉଛି। ଶିକ୍ଷିତ ହାର କମ୍ ରହୁଥିବା ଅଞ୍ଚଳରେ ରେଡିଓ ଏବେ ବି ଯୋଗାଯୋଗର ପ୍ରମୁଖ ମାଧ୍ୟମ ହୋଇ ରହିଛି। ଓଡ଼ିଶାରେ 'ରେଡିଓ ଭୁବନେଶ୍ୱର', 'ଓଡ଼ିଆ ରେଡିଓ' ଓ 'କ୍ୟୁଟ୍ ଏଫ୍‌ଏମ୍' ଭଳି ଇଣ୍ଟରନେଟ୍ ରେଡିଓ ବର୍ତ୍ତମାନ ସମୟରେ ବିଶେଷ ଲୋକପ୍ରିୟତା ହାସଲ କରିଛି।

### କୋଭିଡ୍-୧୯ରେ 'କମ୍ୟୁନିଟି ରେଡିଓ'

ଓଡ଼ିଶାରେ ବର୍ତ୍ତମାନର କୋଭିଡ୍-୧୯ ସମୟରେ ଲୋକଙ୍କୁ ସଚେତନ କରିବାରେ କମ୍ୟୁନିଟି ରେଡିଓ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଶେଷକରି ଆଭ୍ୟନ୍ତରୀଣ ଓ ଅପହଞ୍ଚ ଅଞ୍ଚଳରେ ଲକ୍‌ଡାଉନ୍ ପାଇଁ ଖବରକାଗଜ ପହଞ୍ଚି ପାରୁ ନ ଥିବା ବେଳେ କମ୍ୟୁନିଟି ରେଡିଓ ଲୋକଙ୍କୁ ଏହି ଭୂତାଣୁ ସମ୍ପର୍କରେ ସଚେତନ କରିପାରିଛି। ପୂର୍ବରୁ ମଧ କମ୍ୟୁନିଟି ରେଡିଓକୁ ଓଡ଼ିଶାର ଏକ ସଫଳ ପ୍ରକଳ୍ପଭାବେ ବିବେଚନା କରାଯାଉଥିଲା। ଏହି ରେଡିଓ ମାଧ୍ୟମରେ ଗ୍ରାମାଞ୍ଚଳର ମହିଳାମାନେ ଆତ୍ମନିର୍ଭରଶୀଳ ହେବାସହ ଶିକ୍ଷା ଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଛାତ୍ରୀଛାତ୍ରମାନେ ଉପକୃତ ହେଉଥିଲେ। ଓଡ଼ିଶାରେ ବର୍ତ୍ତମାନ ୧୭ରୁ ଅଧିକ କମ୍ୟୁନିଟି ରେଡିଓ ଷ୍ଟେଶନ ଥିବାବେଳେ ଏବେ ଏହି ଷ୍ଟେଶନଗୁଡ଼ିକ ଲୋକଙ୍କୁ କରୋନାକୁ ନେଇ ମିଥ୍ୟା ଓ ଗୁଜବ ଖବର ବିଷୟରେ ଅବଗତ କରାଇବା ସହ ସାମାଜିକ ଦୂରତା, ସ୍ୱଚ୍ଛତା ସମ୍ପର୍କରେ ସଚେତନ କରିପାରିଛନ୍ତି। ପୁରୀ ଜିଲା ଗୋପ ବ୍ଲକ୍ ଅନ୍ତର୍ଗତ ଜୁଣେଇ ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଟିକିନା ରାଉତ ନିଜ ଅଞ୍ଚଳବାସୀଙ୍କୁ କମ୍ୟୁନିଟି ରେଡିଓ ମାଧ୍ୟମରେ ସଚେତନ କରି ଚର୍ଚ୍ଚାକୁ ଆସିଥିଲେ। ସେହିଭଳି କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ଭଦ୍ରକ ଆଦି ଜିଲାର ସରକାରୀ ଅଧିକାରୀମାନେ ମଧ ଏହି ମହାମାରୀ ସମୟରେ ରେଡିଓକୁ ପ୍ରମୁଖ ଗଣ ଯୋଗାଯୋଗର ମାଧ୍ୟମଭାବେ ବ୍ୟବହାର କରିଛନ୍ତି।

### ରାଜ୍ୟସ୍ତରୀୟ ପ୍ରତିଯୋଗିତା

ଜାତୀୟ ପ୍ରସାରଣ ଦିବସ ଅବସରରେ 'ଆଉଟ୍‌ରିଚ୍' ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯିବ। ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଏଥିରେ ଭାଗ ନେଇ ପାରିବେ। ତେବେ କୋରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ପ୍ରତିଯୋଗିତାକୁ ଚଳିତବର୍ଷ ଅନ୍‌ଲାଇନରେ କରାଯିବ। ଆର୍ଜେଇଙ୍ଗ୍, ଚିତ୍ରାଙ୍କନ, ଗୀତ, ନୃତ୍ୟ, ତର୍କ, ଏକକ ଓ ଅଭିନୟ ଆଦିକୁ ଏଥିରେ ସାମିଲ କରାଯାଇଛି। କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସିନିୟର ଓ ସ୍କୁଲ ଛାତ୍ରୀଛାତ୍ରମାନେ ଜୁନିୟର ବର୍ଗରେ ପ୍ରତିଯୋଗିତାରେ ଭାଗ ନେଇପାରିବେ।

## ଟ୍ୟାଙ୍କ ନିରୋଧୀ କ୍ଷେପଣାସ୍ତ୍ର 'ଧ୍ରୁବାସ୍ତ୍ର'ର ସଫଳ ପରୀକ୍ଷଣ



**ବାଲେଶ୍ୱର ଅଫିସ,୨୨।୭**

ବାଲେଶ୍ୱର ଜିଲା ଚାନ୍ଦିପୁର ସ୍ଥିତ ଆଇଟିଆର୍ ପରିସରରେ ଟ୍ୟାଙ୍କ ନିରୋଧୀ କ୍ଷେପଣାସ୍ତ୍ର 'ଧ୍ରୁବାସ୍ତ୍ର'ର ସଫଳ ପରୀକ୍ଷଣ ହୋଇଛି। ଭାରତୀୟ ସେନାର ଧ୍ରୁବ ହେଲିକପ୍ଟର ସହିତ ଏହି କ୍ଷେପଣାସ୍ତ୍ର ବ୍ୟବହାର କରାଯିବ। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଏହି କ୍ଷେପଣାସ୍ତ୍ରକୁ ଭାରତରେ ପ୍ରସ୍ତୁତ କରାଯାଇଛି। ଏହା ୪ କି.ମି. ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ଶତ୍ରୁ ପକ୍ଷର ଯେକୌଣସି ଟ୍ୟାଙ୍କକୁ ଏହା ନିମିଷକ ମଧ୍ୟରେ ଧ୍ୱଂସ କରିବାର କ୍ଷମତା ରଖିଛି। ସୂଚନାଯୋଗ୍ୟ ଯେ, ହେଲିକପ୍ଟରରୁ ଲଞ୍ଚ କରାଯାଇପାରୁଥିବା 'ନାଗ'କ୍ଷେପଣାସ୍ତ୍ର (ହେଲିନା)କୁ ଏବେ 'ଧ୍ରୁବାସ୍ତ୍ର' ଆଣ୍ଟି ଟ୍ୟାଙ୍କ କ୍ଷେପଣାସ୍ତ୍ର ନାମରେ ନାମିତ କରାଯାଇଛି। ବିନା ହେଲିକପ୍ଟରରେ ଆଇଟିଆର୍ ପରିସରରେ ଥିବା ଲଞ୍ଚ ପ୍ୟାଡ୍‌ରୁ ସମୁଦ୍ର ଗର୍ଭକୁ ଗତ ୧୫ ଓ ୧୬ ତାରିଖରେ ଏହାର ପରୀକ୍ଷଣ ହୋଇଥିଲା। ଏହାର ଭିଡ଼ିଓ ବୁଧବାର ଶେୟାର ହୋଇଥିବା ସୂଚନା ମିଳିଛି।

# ପାରାଙ୍କୁ ଘୃଣା କାହିଁକି

ମାନେକା ଗାନ୍ଧୀ

ମାସକ ପୂର୍ବେ ମୁଁ ମୁମ୍ବାଇର ଲୋକଙ୍କଠାରୁ ଏକ ଦୁଃଖଦ କଲ୍ ପାଇଥିଲି ଯେ, ପୌର କମିଶନର ହଠାତ୍ ଖରଠାରେ ରାସ୍ତାକଡ଼ରେ ପାରାମାନଙ୍କୁ ଖାଇବାକୁ ଦେବା ପାଇଁ ନିର୍ମିତ ୨୦ ବର୍ଷର ପୁରୁଣା ଫିଡିଂ ପ୍ଲାଟ୍‌ଫର୍ମ (କବୁତରଖାନା)କୁ ବନ୍ଦ କରିଦେଇଛନ୍ତି। କବୁତରଖାନା ଉପରେ ପ୍ଲାଷ୍ଟିକ୍ ଚଦର ଘୋଡ଼ାଇଦେବା ସହ ପକ୍ଷୀମାନଙ୍କୁ ଯେପରି କେହି ଖାଇବାକୁ ଦେଇ ନ ପାରିବେ ସେଥିପାଇଁ ପୋଲିସ ଜଗୁଆଳି ମୁତୟନ କରିଛନ୍ତି। ଭିତରେ ରହିଯାଇଥିବା ପାରାମାନେ ଅନାହାରରେ ମୃତ୍ୟୁବରଣ କରିଛନ୍ତି, କାରଣ ସେମାନଙ୍କୁ ବାହାରକୁ ଯିବାକୁ ଦିଆଯାଇ ନ ଥିଲା କି ଭିତରେ ଖାଇବାକୁ ଦିଆଯାଇ ନ ଥିଲା। ବାହାରେ ଥିବା ପାରାମାନେ, ଯେଉଁମାନଙ୍କୁ ବର୍ଷ ବର୍ଷ ଧରି ଏଇଠି ଖାଇବାକୁ ମିଳୁଥିଲା, ସେମାନେ ଖାଦ୍ୟ ସନ୍ଧାନରେ ଆଉ କେଉଁଆଡ଼େ ନ ଯାଇ କିଏ କାଳେ ଖାଇବାକୁ ଦେବ ବୋଲି ଆଶାକରି ରାସ୍ତାରେ ବସିରହିଲେ। ଫଳରେ ଶହ ଶହ ପାରା ଉପରେ ଗାଡ଼ି ଚଢ଼ିଯିବା ଯୋଗୁ ମଲେ। ସେମାନଙ୍କୁ ଖାଇବାକୁ ଦେବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କୁ ପୋଲିସ ଧରିନେଇ ଥାନାରେ ବସାଇଦେଲା। ଏହି ସମୟ ମଧ୍ୟରେ ପୌର କମିଶନରଙ୍କର ସ୍ଥାନୀୟ ଖବରକାଗଜଗୁଡ଼ିକରେ ଅନେକ ମିଥ୍ୟା ପ୍ରବନ୍ଧ ପ୍ରକାଶ ପାଇଲା, ଯେଉଁଥିରେ ମାନବ ସ୍ୱାସ୍ଥ୍ୟ ପାଇଁ ପାରା ବିପଦପୂର୍ଣ୍ଣ ବୋଲି ଲେଖା ଥିଲା।

ମୁଁ କମିଶନରଙ୍କ ସହ କଥା ହେଲି ଏବଂ ପାରାମାନଙ୍କ ଗଣହତ୍ୟା ପାଇଁ ମୋତେ ସେ ଯେଉଁ କାରଣ ଦର୍ଶାଇଲେ ତାହା ଥିଲା ନିମ୍ନ ପ୍ରକାର: ପାରାମାନେ ଅଣ୍ଡା ଦିଅନ୍ତି। ସେ ଅଣ୍ଡାକୁ କାଉମାନେ ଖାଆନ୍ତି। ଆମେ କାଉମାନଙ୍କୁ ଚାହୁଁନାହୁଁ। ତେଣୁ ଯଦି ଆମେ ପାରାମାନଙ୍କୁ ମାରିଦେବୁ, ତେବେ କାଉମାନେ ବି ଆପେ ଆପେ ଚାଲିଯିବେ।

ଏପରି ମୂର୍ଖତାପୂର୍ଣ୍ଣ କଥା ମୁଁ ଜୀବନରେ କାହାଠାରୁ ଶୁଣିନାହିଁ। ପାରା ଅଣ୍ଡା ସହ କାଉମାନଙ୍କ ବଂଶବୃଦ୍ଧିର କିଛି ସମ୍ପର୍କ ଥିବା ନେଇ କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। କାଉ ଏକ ମେହେନ୍ତର ବା ସଫେଇବାଲା ପକ୍ଷୀ। ଯେପର୍ଯ୍ୟନ୍ତ ମଣିଷମାନେ ଅଳିଆ କରିବେ ତାକୁ ସଫା କରିବା ପାଇଁ ସେ ପର୍ଯ୍ୟନ୍ତ ସେମାନେ ବଂଶବୃଦ୍ଧି ଜାରି ରଖିବେ।

ଆମେ ଜାଣିବା ଦରକାର ଯେ ସହରରେ ଏତେ ପାରା କାହିଁକି? ହଜାର ହଜାର ଲୋକ ସେମାନଙ୍କୁ ଖାଇବାକୁ ଦିଅନ୍ତି- ଦିଲ୍ଲୀରେ କିଛି ନିର୍ଦ୍ଦିଷ୍ଟ ଫିଡିଂ ଏରିଆ ଅଛି ଏବଂ ଲୋକମାନେ ପାରାଙ୍କୁ ଖାଇବାକୁ ଦେବା ପାଇଁ ସ୍କୁଟର ଓ କାରରେ ସେଠାକୁ ଆସନ୍ତି। ମୋ ହସ୍ପିଟାଲରେ ଏକ ହଜାରରୁ ଅଧିକ ପାରା ଅଛନ୍ତି, ଯେଉଁମାନେ ବିଲେଇ, କୁକୁର ଏବଂ କାର ଦ୍ୱାରା ଆଘାତ ପାଇ ଆସିଛନ୍ତି।

ଜଙ୍ଗଲରେ ଆଉ ପାରା ନାହାନ୍ତି। ସେମାନେ କିପରି କୁକୁର ଏବଂ ବିଲେଇ ପରି ସହରୀ ଜୀବ ହୋଇଗଲେ?

ଆଜି ଆମେ ଜାଣିଥିବା ପାରା ହେଉଛି ରକ୍ ଡୋଭ୍ (କଲମ୍ବିଆ ଲିଭିୟା)ର ବଂଶଧର ଯେଉଁମାନେ ସହର ଅପେକ୍ଷା ଉପକୂଳର ପାହାଡ଼ିଆ ପାର୍ଶ୍ୱ (କ୍ଲିଫ୍)କୁ ପସନ୍ଦ କରୁଥିଲେ। ମିଳୁଥିବା ରେକର୍ଡଗୁଡିକ ଅନୁସାରେ ପ୍ରାୟ ୧୦,୦୦୦ ବର୍ଷ ପୂର୍ବେ ମେସୋପଟାମିଆ (ବର୍ତ୍ତମାନ ଇରାକ) ଏବଂ ଇଜିପ୍ଟର ଲୋକମାନେ ସେମାନଙ୍କୁ ନିଜ ଖାଦ୍ୟରେ ସାମିଲ କରିବା ପାଇଁ ଚିନ୍ତାକଲେ। ଏହି ଲୋକମାନେ ସେମାନଙ୍କୁ ଖାଇବାକୁ ଦେବା ସହ ମାନବ ବସତି ନିକଟରେ ପ୍ରଜନନ କରିବାକୁ ଉତ୍ସାହିତ କଲେ। ପରେ ଏହି ପକ୍ଷୀମାନଙ୍କୁ ମାରି ମାଂସ ଖାଇଲେ। ଲୋକମାନେ ଖାଇବା ପାଇଁ କୁକୁଡ଼ା ପରି ପାରାମାନଙ୍କ ପ୍ରଜନନ ଆରମ୍ଭ କଲେ। ଏହିପରି ପ୍ରଜନନ କରିବା ଓ ଘରେ ପାଳିବା ଯୋଗୁ ଆଜି ଆମ ସହରଗୁଡ଼ିକରେ ଦେଖାଯାଉଥିବା ସେହି ରକ୍ ଡୋଭ୍‌ଙ୍କ ଉପଜାତିମାନେ ସୃଷ୍ଟି ହୋଇଛନ୍ତି।

ସମୟ କ୍ରମେ ଲୋକମାନେ ସେମାନଙ୍କୁ ଖାଇବା ବନ୍ଦ କରି ଏକ ହବି ଭାବରେ ପାଳିବା ଆରମ୍ଭ କଲେ। ଏକ ହବି ଭାବେ ପାଳିବା ପାଇଁ ପାରାମାନଙ୍କୁ ଜାହାଜ ଦ୍ୱାରା ବିଶ୍ୱର ସମସ୍ତ ଅଞ୍ଚଳକୁ ନିଆଯାଇଥିଲା। ପରେ ଅନେକେ ପଳାଇ ସହରଗୁଡିକରେ ମୁକ୍ତ ଭାବରେ ବଂଶବୃଦ୍ଧି କରିବାକୁ ଲାଗିଲେ। ସମୟକ୍ରମେ ସେମାନେ ମଣିଷମାନଙ୍କ ସହ ସ୍ୱଚ୍ଛନ୍ଦରେ ଚଳିବାକୁ ଲାଗିଲେ ଏବଂ କୋଠାଘରର ଖୋପ, ଝରକା କାନ୍ଥ ପ୍ରଭୃତିରେ ବସା ବାନ୍ଧିଲେ।

ଲୋକମାନେ ହୃଦୟଙ୍ଗମ କଲେ ଯେ ପାରାମାନଙ୍କର ନେଭିଗେଶନ୍ (ଦିଗନିର୍ଣ୍ଣୟ)ର ଏକ ଭଲ ପ୍ରତିଭା ଅଛି। ତେଣୁ ସମୁଦ୍ରରେ ଦିଗହରା ନାବିକମାନେ ଜାହାଜଗୁଡ଼ିକୁ ସ୍ଥଳ ଆଡକୁ ବାଟ କଢ଼େଇ ନେବା ପାଇଁ ପାରାମାନଙ୍କୁ ବ୍ୟବହାର କରିବା ଆରମ୍ଭ କଲେ। ଆକାଶମାର୍ଗରେ ବାର୍ତ୍ତା ବହନ କରି ନେବା ପାଇଁ ପାରାମାନଙ୍କୁ ବ୍ୟବହାର କରାଗଲା। ଏପରି କି ସୈନ୍ୟବାହିନୀଗୁଡ଼ିକ ସେମାନଙ୍କୁ ବ୍ୟବହାର କରିବା ଆରମ୍ଭ କଲେ। ପାରା ପୋଷ୍ଟଗୁଡିକ ସମଗ୍ର ବିଶ୍ୱରେ ସ୍ୱୀକୃତିପ୍ରାପ୍ତ। ଚେଙ୍ଗିଜ୍ ଖାନ୍ ଉଭୟ ଶତ୍ରୁ ଓ ମିତ୍ରଙ୍କ ପାଇଁ ଦୈନିକ ଦୂତ ଭାବରେ ପାରାମାନଙ୍କୁ ବ୍ୟବହାର କରୁଥିଲେ। ଉଭୟ ବିଶ୍ୱଯୁଦ୍ଧରେ ପାରାମାନଙ୍କୁ ବହୁଳ ଭାବରେ ବ୍ୟବହାର କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧରେ କେବଳ ଆମେରିକା ୨,୦୦,୦୦୦ ପାରାଙ୍କୁ ବ୍ୟବହାର କରିଥିଲା। ସାହସିକତା ପାଇଁ ପାରାମାନଙ୍କୁ ପଦକ ବି ଦିଆଯାଇଥିଲା।

କ୍ରମେ ପାରାମାନେ କୋଳି, କୀଟପତଙ୍ଗ ଓ ମଞ୍ଜିଠାରୁ ଆରମ୍ଭ କରି ଯେକୌଣସି ଖାଦ୍ୟପଦାର୍ଥ ଦ୍ୱାରା ନିଜର କ୍ଷୁଧା ନିବାରଣ କରିବାରେ ଅଭ୍ୟସ୍ତ ହୋଇଯାଇଥିଲେ, ଯାହା ମଣିଷ ସେମାନଙ୍କୁ ଖାଇବାକୁ ଦେଉଥିଲା। ଏପରିକି ଆଇସ୍କ୍ରିମ୍ ଓ ବିସ୍କୁଟ ପର୍ଯ୍ୟନ୍ତ ବି ସେମାନେ ଖାଉଥିଲେ।

ଉଭୟ ମାଆ ଓ ବାପା ଛୁଆମାନଙ୍କୁ ପାଳନ କରିଥାନ୍ତି। ସେମାନେ ଛୁଆଙ୍କୁ କୀଟ, ପୋକ ଓ ମଞ୍ଜି ବଦଳରେ ବେକରେ ଥିବା କ୍ରପ୍ ନାମକ ଥଳିରେ ଉତ୍ପାଦିତ ପ୍ରୋଟିନ୍ ଓ ଚର୍ବିଯୁକ୍ତ କ୍ଷୀର ଖାଇବାକୁ ଦିଅନ୍ତି। ଯେପର୍ଯ୍ୟନ୍ତ ସେମାନେ ଖାଇପାରିବେ, ସେମାନଙ୍କର ଛୁଆମାନେ ବଞ୍ଚିପାରିବେ। ତେଣୁ ଯେତେବେଳେ ଅନ୍ୟ ପକ୍ଷୀମାନେ କଠିନ ସହରୀ ପରିବେଶରେ ବଞ୍ଚିବାର କ୍ଷମତା ଛାଡି ମରିଗଲେ ପାରାଟି ବଞ୍ଚିରହିଲା। କାଉ ସହିତ ଏହା ହେଉଛି ଏକମାତ୍ର ପକ୍ଷୀ ଯାହାକୁ ଅଧିକାଂଶ ସହରର ପିଲାମାନେ ଦେଖିଥିବେ। ଯେଉଁ ପିଲାଙ୍କୁ ପାରାମାନଙ୍କୁ ଖାଇବାକୁ ଦେବା ପାଇଁ ଅନୁମତି ଦିଆଯାଇଥାଏ, ସେମାନଙ୍କ ବ୍ୟକ୍ତିତ୍ୱର ମାନବୀୟ ଦିଗର ବିକାଶ ଘଟେ।

ପାରାମାନଙ୍କୁ ଘୃଣା କରିବାର କ'ଣ କାରଣ ଅଛି? ସେମାନେ ଇନ୍ଦ୍ରଧନୁ ପରି ରଙ୍ଗବେରଙ୍ଗର ବେକ ଏବଂ ବିଭିନ୍ନ ରଙ୍ଗରେ ସୁନ୍ଦର ଦେଖାଯାନ୍ତି। ଯେଉଁମାନେ ଆହତ ପାରାଙ୍କୁ ପାଳିଛନ୍ତି, ସେମାନେ ସେହି ପାରାକୁ ଘରର ପ୍ରିୟ ସଦସ୍ୟ ବୋଲି କୁହନ୍ତି। ପାରାମାନେ ଚିତ୍ତାକର୍ଷକ, ସ୍ନେହଶୀଳ ଓ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ଅଧିକାରୀ। ଯେତେବେଳେ ସେମାନେ ଘର ଭିତରେ ରୁହନ୍ତି, ନିଜକୁ ବହୁତ ପରିଷ୍କାର ରଖନ୍ତି ଏବଂ ଗାଧୋଇବାକୁ ଭଲ ପାଆନ୍ତି! ସେମାନଙ୍କୁ ପଟୀରେ ପାଇଖାନା ଯିବାକୁ ଅଭ୍ୟସ୍ତ କରାଇବା ସହଜ। ସହରର ପରିଷ୍କାର ପରିଚ୍ଛନ୍ନତା ପାଇଁ ପାରାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କାଉମାନେ ଲୋକଙ୍କ ପାଖକୁ ଆସିବାକୁ ସଂକୋଚ କରନ୍ତି। କିନ୍ତୁ ପାରାମାନେ ରାସ୍ତା କଡ଼ରେ ଆମେ ପକାଉଥିବା ସମସ୍ତ ଆବର୍ଜନା ଖାଆନ୍ତି।

ସେମାନଙ୍କର ମହତ୍ତ୍ୱ କ'ଣ? ଆମକୁ ହକ୍, ଇଗଲ, ଫାଲକନ୍ ଏବଂ କାଇଟ (ବିଭିନ୍ନ ପ୍ରଜାତିର ବାଜପକ୍ଷୀ) ଦରକାର ଏବଂ ପାରାମାନେ ସେମାନଙ୍କ ଖାଦ୍ୟ। ପାରା ମଳର କମ୍ପୋଷ୍ଟ ଖତ ଭିତରେ ସର୍ବୋତ୍ତମ। ଚାଷରେ ଏହାକୁ ବ୍ୟବହାର କରି ଭଲ ଫସଲ ଅମଳ କରାଯାଉଥିଲା। ମଧ୍ୟପ୍ରାଚ୍ୟରେ, ଯେଉଁଠାରେ ପାରା ମାଂସ ଖାଇବା ନିଷିଦ୍ଧ ଥିଲା, ସେଠାରେ କେବଳ ଫଳଗଛକୁ ଖତ ଯୋଗାଇବା ପାଇଁ ପାରାମାନଙ୍କ ପାଇଁ ଖୋପଯୁକ୍ତ ଘର ନିର୍ମାଣ କରାଯାଉଥିଲା ଏବଂ ଏହି ଅଭ୍ୟାସ ଶତାବ୍ଦୀ ଶତାବ୍ଦୀ ଧରି ଚାଲିଥିଲା। ପାରା ମଳର ଖତ ଅତ୍ୟଧିକ ନାଇଟ୍ରୋଜେନ୍ ସମୃଦ୍ଧ। ଏହି ଖତ ବିକ୍ରି ପାଇଁ ନେଟ୍‌ରେ ବିଜ୍ଞାପନ ଦିଆଯାଉଛି ଏବଂ ଏହା ଅନ୍ୟ ଖତଠାରୁ ଦୁଇଗୁଣ ମୂଲ୍ୟରେ ବିକ୍ରି ହୁଏ। ଟମାଟୋ, ତରଭୁଜ, ବାଇଗଣ, ଗୋଲାପ ଓ ଅନ୍ୟାନ୍ୟ ଫସଲକୁ ସାର ଦେବା ପାଇଁ ପାରା ମଳର କମ୍ପୋଷ୍ଟ ଅତୁଳନୀୟ। ମରକ୍କୋରେ ପାରା ମଳ ସଂଗ୍ରହ କରାଯାଇ ଚମଡ଼ା ଟ୍ୟାନେରୀରେ ବିକ୍ରି କରାଯାଏ। କାରଣ ଚମଡ଼ାକୁ ପାରା ମଳରେ ଭିଜାଇଲେ ତାହା ଅଧିକ ନରମ ହୋଇଯାଏ। ମରକ୍କୋ ଚମଡ଼ା ପୃଥିବୀରେ ସର୍ବୋତ୍ତମ ବୋଲି ବିବେଚନା କରାଯାଏ।

ସେହିମାନେ ପାରାଙ୍କୁ ଘୃଣା କରନ୍ତି, ଯେଉଁମାନେ ପରିଷ୍କାର ପରିଚ୍ଛନ୍ନତା ଓ ବିକାଶ ନାଁରେ ବନ୍ଧ୍ୟା ଆନନ୍ଦହୀନ ରାସ୍ତାଗୁଡ଼ିକୁ ବାଛନ୍ତି। ପକ୍ଷୀମାନଙ୍କ ଦ୍ୱାରା ରୋଗ ବ୍ୟାପୁଛି ବୋଲି ସେମାନେ ମନଗଢ଼ା କାହାଣୀ ତିଆରି କରନ୍ତି। ପାରାମାନେ ରୋଗ ବିସ୍ତାର କରନ୍ତି କି? ନା। ଯଦି ସେମାନେ ତାହା କରିଥାନ୍ତେ ତେବେ ଶତାବ୍ଦୀ ଶତାବ୍ଦୀ ଧରି ମଣିଷ ପାରାମାଂସ ଖାଉଥିଲେ ମଧ୍ୟ ଏବଂ ପାଳି ଆସିଥିଲେ ମଧ୍ୟ ସେମାନଙ୍କ ଯୋଗୁ କୌଣସି ରୋଗ ବ୍ୟାପିଥିବାର ରିପୋର୍ଟ କାହିଁକି ନାହିଁ? ପ୍ରତ୍ୟେକ ଦେଶରେ ଅମଲାତନ୍ତ୍ରୀମାନେ (ବୈଜ୍ଞାନିକମାନେ ନୁହନ୍ତି) ପାରାମାନଙ୍କ ଦ୍ୱାରା ରୋଗ ବ୍ୟାପୁଥିବା ଅଭିଯୋଗ କରନ୍ତି। ମୁମ୍ବାଇ କମିଶନର ସେମାନଙ୍କ ଯୋଗୁ ଯକ୍ଷ୍ମା ହେଉଥିବାର ଅଭିଯୋଗ କରିଛନ୍ତି। ମୋର ଅନେକ କର୍ମଚାରୀ ଅଛନ୍ତି ଯେଉଁମାନେ ରୋଗଗ୍ରସ୍ତ ଓ ଅସୁସ୍ଥ ପାରାମାନଙ୍କର ଯତ୍ନ ନିଅନ୍ତି। ସେମାନେ ଗ୍ଲୋଭସ୍ ଏବଂ ଫେସ୍ ପ୍ରୋଟେକ୍ଟର୍ ବିନା କାମ କରନ୍ତି। କିନ୍ତୁ ଗତ ୪୦ ବର୍ଷ ମଧ୍ୟରେ କେହି କେବେ ଅସୁସ୍ଥ ହୋଇନାହାନ୍ତି।

ପାରା କିମ୍ବା ସେମାନଙ୍କର ମଳ ମଣିଷକୁ ରୋଗ ସଂକ୍ରମଣ କରେ କି? ଉତ୍ତର ନା, କରେ ନାହିଁ। ପକ୍ଷୀଠାରୁ ମନୁଷ୍ୟକୁ ରୋଗ ହେବାର ସମ୍ଭାବନା ଏତେ କମ୍ ଯେ ତାହା ବିଚାରକୁ ନେବା ଯୋଗ୍ୟ ନୁହେଁ। ଏ ସମ୍ପର୍କରେ ଅନେକ ବିଶେଷଜ୍ଞଙ୍କ ରିପୋର୍ଟ ପ୍ରକାଶ ପାଇଛି, ଯାହା ନେଟ୍‌ରେ ଉପଲବ୍ଧ।

gandhim@nic.in

## ଏଇ ଭାରତରେ

ଯଦି ଭାବୁଛନ୍ତି ମୁକ୍ତା କେବଳ ସାମୁଦ୍ରିକ ଶାମୁକାରୁ ମିଳେ ତେବେ ତାହା ଭୁଲ ବୋଲି ପ୍ରମାଣ କରିପାରିଛନ୍ତି କେରଳର କେ.ଜେ. ମାଥାଚାନ। ସେ ତାଙ୍କ ଅଗଣାରେ କୁଣ୍ଡଗୁଡ଼ିକରେ ମଧୁର ଜଳ ଶାମୁକାରୁ ମୁକ୍ତା ପାଇପାରୁଛନ୍ତି ଓ ଏଥିରୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ମାଥାଚାନଙ୍କୁ ବର୍ତ୍ତମାନ ବୟସ ୬୫। ପଶ୍ଚିମଘାଟ ପର୍ବତମାଳାରୁ ବାହାରି ମହାରାଷ୍ଟ୍ରରେ ପ୍ରବାହିତ ନଦୀଗୁଡ଼ିକରୁ ସେ ଶାମୁକାଗୁଡିକୁ ସଂଗ୍ରହ କରୁଛନ୍ତି। ମୁକ୍ତାକୁ ଅଷ୍ଟ୍ରେଲିଆ, ସୌଦିଆରବ, କୁଏତ ଏବଂ ସ୍ୱିଜରଲାଣ୍ଡକୁ ରପ୍ତାନି କରୁଛନ୍ତି। ମାଥାଚାନ ସୌଦିଆରବର କିଙ୍ଗ ଫାଦ୍ ୟୁନିଭର୍ସିଟି ଅଫ୍ ପେଟ୍ରୋଲିୟମ୍ ଆଣ୍ଡ ମିନେରାଲ୍‌ସରେ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ପରେ ଚାକିରି ଛାଡି ଚାଇନା ଯାଇ ସେଠାରୁ ମୁକ୍ତା ଚାଷ ଉପରେ ୬ ମାସିଆ ଡିପ୍ଲୋମା କରିବା ପରେ ୧୯୯୯ରେ ଏହି ଚାଷ ଆରମ୍ଭ କରିଥିଲେ। ପ୍ରଥମେ ସେ ଏହି ଚାଷରେ ଦେଢ ଲକ୍ଷ ଟଙ୍କା ଖଟାଇ ବର୍ଷକ ମଧ୍ୟରେ ୪.୫ଲକ୍ଷ ଟଙ୍କା ମୂଲ୍ୟର ମୁକ୍ତା ପାଇଥିଲେ ଓ ଖର୍ଚ୍ଚ ବାଦ୍ ଲାଭ ପାଇଥିଲେ ୩ ଲକ୍ଷ ଟଙ୍କା। ଦୀର୍ଘ ୨୧ ବର୍ଷ ହେବ ମୁକ୍ତା ଚାଷ କରିବା ସହ ସ୍ଥାନୀୟ ଲୋକମାନଙ୍କୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। କେରଳର ବହୁ ଛାତ୍ର ତଥା କର୍ନାଟକ ମତ୍ସ୍ୟ ବିଭାଗର କର୍ମଚାରୀମାନେ ତାଙ୍କ ଫାର୍ମ ପରିଦର୍ଶନରେ ଆସୁଛନ୍ତି ଓ ତାଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ବେଙ୍ଗାଲୁରସ୍ଥିତ କୃଷିବିଜ୍ଞାନ ମହାବିଦ୍ୟାଳୟରେ ବି ସେ ଏ ବିଷୟରେ ଛାତ୍ରମାନଙ୍କୁ ଶିକ୍ଷା ଦେଉଛନ୍ତି। ଏବେ ଲକ୍‌ଡାଉନ ଯୋଗୁ ଅନ୍‌ଲାଇନ କ୍ଲାସ ଆରମ୍ଭ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଜୁଲାଇ ୧୯୯୫

- କଶ୍ମୀରର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟି ୧୯ ଉଗ୍ରପନ୍ଥୀଙ୍କ ସମେତ ୨୩ ବ୍ୟକ୍ତି ନିହତ ହୋଇଛନ୍ତି।
- ମହାରାଷ୍ଟ୍ର ଅର୍ଥମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଲାଗୁ ଆଡ୍‌ଭାନୀଙ୍କର ପରଲୋକ।
- ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ହିନ୍ଦୁ କଲେଜରେ ପଢୁଥିବା ଓଡ଼ିଆ ଛାତ୍ର ଜ୍ୟୋତିପ୍ରକାଶ ମିଶ୍ର ବିଏ ରାଜନୀତି ବିଜ୍ଞାନ (ଅନର୍ସ) ପରୀକ୍ଷାରେ ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | A | | B | | | 3 | | | 5 | | C | | |
| | 7 | | 3 | | | 5 | 8 | 4 | B | 2 | | | 0 | 1 |
| | | | | 1 | C | 9 | | 0 | | E | | | | 8 |
| 4 | D | | 5 | | | 7 | | B | | | C | | | |
| | 8 | | | 4 | | 1 | | | | | | | 7 | |
| 5 | | | 8 | | | D | A | | | | | | | 7 |
| | | | B | E | 7 | | | | | | D | 3 | 6 | |
| 9 | | | | | 5 | | | 2 | | | | | | |
| | | | 4 | C | | | 6 | | E | 1 | | | | |
| | 0 | E | | A | | | | 7 | | | | | | |
| C | 2 | | 9 | | 0 | 3 | | 6 | | | 5 | | 8 | |
| 0 | | | | | 8 | | | | | | B | 1 | | 2 |
| A | | | | 2 | | | | 9 | | C | | | | |
| | | 4 | | 6 | D | | B | | 7 | | | | | 5 |
| 6 | | 7 | | | | | | | | | | E | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 0 | 7 | 9 | 8 | B | C | D | 5 | E | 1 | 6 | 2 | 4 | 3 |
| 2 | D | B | 3 | 1 | 4 | 7 | 8 | 6 | A | C | 0 | 9 | 5 | E |
| 1 | 3 | E | D | 6 | 7 | 9 | A | B | 4 | 2 | 5 | 8 | C | 0 |
| 9 | 5 | 6 | C | 0 | E | 2 | 1 | 4 | 7 | 3 | 8 | B | A | D |
| 4 | 8 | C | A | 2 | 5 | 3 | 0 | E | D | 9 | B | 1 | 7 | 6 |
| 3 | E | 1 | 5 | 9 | 8 | B | 4 | D | 0 | A | 7 | 6 | 2 | C |
| 0 | 7 | D | B | A | 6 | E | 9 | 2 | C | 8 | 1 | 4 | 3 | 5 |
| B | 9 | 2 | 4 | C | D | 8 | 5 | 1 | 3 | 6 | E | A | 0 | 7 |
| C | 6 | 5 | 1 | E | 0 | A | 7 | 3 | 2 | B | 4 | D | 9 | 8 |
| 8 | 4 | A | 2 | 7 | 3 | 0 | 6 | C | 5 | D | 9 | E | 1 | B |
| 7 | C | 9 | E | D | A | 5 | 3 | 8 | B | 4 | 2 | 0 | 6 | 1 |
| 5 | A | 0 | 6 | 3 | C | 4 | B | 9 | 1 | E | D | 7 | 8 | 2 |
| 6 | 2 | 3 | 8 | 4 | 1 | D | E | 7 | 9 | 0 | C | 5 | B | A |
| D | 1 | 4 | 7 | B | 2 | 6 | C | 0 | 8 | 5 | A | 3 | E | 9 |
| E | B | 8 | 0 | 5 | 9 | 1 | 2 | A | 6 | 7 | 3 | C | D | 4 |

ଗତକାଲିର ଉତ୍ତର

# ଖୁସି ହେବା ନା ଦୁଃଖ କରିବା

ଡ. ସନ୍ତୋଷ କୁମାର ମହାପାତ୍ର

କରୋନାଜନିତ ଦୁର୍ଦ୍ଦିନରେ କେତୋଟି ଘଟଣା ଘଟିଯାଇଛି। ସେ ସବୁକୁ ନେଇ ଖୁସି ହେବା ନା ଦୁଃଖ କରିବା? ସମ୍ପ୍ରତି ରାଜସ୍ଥାନରେ ଘଟିଥିବା ରାଜନୈତିକ ଘଟଣା ତଥା ବିଭିନ୍ନ ରାଜ୍ୟରେ ଏକ ନିର୍ଦ୍ଦିଷ୍ଟ ଦଳ ପକ୍ଷରୁ ବିଭିନ୍ନ ପ୍ରକାର ଜନସମ୍ବାଦ ରାଲି କରି ଆମେ ଏତେ ଯୋଜନା କଲୁ, ଏତେ ରାଜ୍ୟକୁ ଦେଲୁ ବୋଲି ବାରମ୍ବାର କହିବା ସାମ୍ନାକୁ ଆସିଛି। କେନ୍ଦ୍ର ବିଭିନ୍ନ ରାଜ୍ୟର ଲୋକଙ୍କଠାରୁ ଟିକସ ଆଦାୟ କରୁଛି। ଏଣୁ ରାଜ୍ୟକୁ ଦେବା ଏହାର ନୈତିକ କର୍ତ୍ତବ୍ୟ। ଏଣୁ ଏତେ ଦେଲୁ, ସେତେ ଯୋଜନା କଲୁ କହି ପ୍ରଚାର କରିବା କେତେ ଯଥାର୍ଥ?

କରୋନା ସଂକ୍ରମଣ ଯୋଗୁ ଯୋଗାଣ, ଚାହିଦା ପ୍ରଭାବିତ ହେବା ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ହ୍ରାସ ଯୋଗୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତାଙ୍କର ଧାର୍ଯ୍ୟ ରାଜସ୍ୱ ଆଦାୟ କରିବାରେ ବିଫଳ ହୋଇଛନ୍ତି। ବରଂ ଏହା ପୂର୍ବବର୍ଷ ତୁଳନାରେ ଅଧିକ ହ୍ରାସ ପାଇଛି। ଓଡ଼ିଶା ମଧ୍ୟ ଏଥିରୁ ବ୍ୟତିକ୍ରମ ନୁହେଁ। କେନ୍ଦ୍ର ସରକାର ୨୦୧୯-୨୦ର ସଂଶୋଧିତ ବଜେଟ ଜୁଲାଇରେ ଉପସ୍ଥାପନ କରିଥିବାବେଳେ ମୂଳ ବଜେଟ ତୁଳନାରେ ଧାର୍ଯ୍ୟ ରାଜସ୍ୱ ଆଦାୟ ୧.୪୫ ଲକ୍ଷ କୋଟି ଟଙ୍କା ହ୍ରାସ କରିଥିଲେ। ବର୍ତ୍ତମାନ ଆହୁରି ୧.୫ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଟିକସ ଓ ଜିଡିପି ଅନୁପାତ ୨୦୧୯-୨୦ରେ ୯.୮୮ ପ୍ରତିଶତକୁ ହ୍ରାସ ପାଇଛି। ଏହାର ଅର୍ଥ ଲକ୍‌ଡାଉନ୍ ପୂର୍ବରୁ ସରକାର ରାଜସ୍ୱ ଆଦାୟ କରିବାରେ ସମ୍ପୂର୍ଣ୍ଣ ବିଫଳ। ୨୦୨୦-୨୧ରେ ସମ୍ବଳ ସଂଗ୍ରହ ଆହୁରି ଅଧିକା ବାଧାପ୍ରାପ୍ତ ହେବ। ଯଦି ବ୍ୟୟ ସଂକୋଚନ କରାଯାଏ ତେବେ ଅର୍ଥନୀତି ଆହୁରି ଧୂଳିସାତ୍ ହେବ। ପ୍ରତ୍ୟେକ ଯୋଗାଣ ତାହାର ଚାହିଦା ସୃଷ୍ଟି କରେ। ଏହି ତତ୍ତ୍ୱ ତା'ର ପ୍ରାସଙ୍ଗିକତା ହରାଇଛି। ସରକାର ମେକାନିକାଲ ଭାବେ ପଦକ୍ଷେପ ନେଉଛନ୍ତି, ଯାହା ଭୁଲ୍। ସୁଧହାର ହ୍ରାସ କରିବା, ଅଧିକ ନଗଦମୁଦ୍ରାର ଯୋଗାଣ ବୃଦ୍ଧି କରିବା ଆଦି ପଦକ୍ଷେପ ନେଉଛନ୍ତି, ଯାହାର କୌଣସି ସକାରାତ୍ମକ ପ୍ରଭାବ ପଡୁନାହିଁ। କାରଣ ଲୋକଙ୍କ ଜୀବିକାର ଉତ୍ସ ହ୍ରାସ ସାଙ୍ଗକୁ କ୍ରୟ ଶକ୍ତି ଓ ଚାହିଦା ହ୍ରାସ ଘଟିଛି। ଏଣୁ ଏପରି ସମୟରେ ବ୍ୟୟ ଅଧିକ ଆବଶ୍ୟକ। ପୁନଶ୍ଚ ଘରୋଇ ବ୍ୟୟ, ନିବେଶ ହ୍ରାସ ପାଉଥିବାରୁ ସରକାରୀ ବ୍ୟୟ ଓ ନିବେଶ ବୃଦ୍ଧି ପାଇବା ଆବଶ୍ୟକ। ପ୍ରତ୍ୟେକ ବ୍ୟୟ ମଧ୍ୟ ନିଯୁକ୍ତି ସୃଷ୍ଟି କରିଥାଏ। ଘରୋଇ ବ୍ୟୟ କ୍ଷେତ୍ରରେ ଏହା ସମାନୁପାତିକ ନ ହେଲା ବେଳେ ସରକାରୀ ବ୍ୟୟ କ୍ଷେତ୍ରରେ ହୋଇଥାଏ। କିନ୍ତୁ ଏସବୁ ହ୍ରାସ ଯୋଗୁ କୋଟି କୋଟି ଲୋକ ଆଜି ପ୍ରଭାବିତ ହୋଇଛନ୍ତି। ଅପରପକ୍ଷରେ ସରକାର ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କଲେ ମଧ୍ୟ ସେଥିରେ ସରକାରଙ୍କ ବ୍ୟୟ ପରିମାଣ ମାତ୍ର ୨ରୁ ୩ ଲକ୍ଷ କୋଟି ଟଙ୍କା ରହିଛି; ଯାହା ଅନ୍ୟ ଦେଶ ତୁଳନାରେ ବହୁତ କମ୍।

ସରକାର ବ୍ୟୟ ବୃଦ୍ଧି କରିବା ପରିବର୍ତ୍ତେ ବର୍ତ୍ତମାନ ବିତ୍ତୀୟ କଠୋରତା ଅବଲମ୍ବନ କରୁଛନ୍ତି, ଯାହା ଅର୍ଥନୀତିକୁ ଆହୁରି ବିପର୍ଯ୍ୟସ୍ତ କରିବ। କେନ୍ଦ୍ର ସରକାର ନୂତନ ନିଯୁକ୍ତି ଏବଂ ନୂତନ ଯୋଜନା ବନ୍ଦ କରିବା, ଖାଲିସ୍ଥାନ ପୂରଣ ନ କରିବା, ବିଭିନ୍ନ ବ୍ୟୟ ହ୍ରାସ କରିବା ଆଦି ପଦକ୍ଷେପ ନେଇଛନ୍ତି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ସରକାର ଅନୁରୂପ ପଦକ୍ଷେପ ନେଉଛନ୍ତି। କାରଣ ରାଜ୍ୟଗୁଡ଼ିକୁ ବିତ୍ତୀୟ ନିଅଣ୍ଟ ରାଜ୍ୟ ଜିଡିପିର ୩%ରୁ ୫%କୁ ବୃଦ୍ଧି କରି ଅଧିକ ଋଣ କରିବାର ଅନୁମତି କେନ୍ଦ୍ର ଦେଇଥିଲେ ମଧ୍ୟ ୨% ବୃଦ୍ଧିରୁ ୦.୫% ମାତ୍ର ବିନା ସର୍ତ୍ତରେ ଏବଂ ଅବଶିଷ୍ଟ ୧.୫% ପାଇଁ କିଛି ସର୍ତ୍ତାବଳୀ ମାନିବାକୁ ପଡ଼ିବ। ଏପରି ଦୁର୍ଦ୍ଦିନରେ କେନ୍ଦ୍ର ରାଜ୍ୟ ଉପରେ ଅଙ୍କୁଶ ଲଗାଇବା ଉଚିତ ନୁହେଁ। ସରକାରଙ୍କ ଯୁକ୍ତି ହେଉଛି ଧାର୍ଯ୍ୟ ସୀମାଠାରୁ ଅଧିକ ଋଣ କଲେ ଦେଶ ବା ରାଜ୍ୟ ଋଣଯନ୍ତାରେ ପଡ଼ିଯିବ। ବିତ୍ତୀୟ ନିଅଣ୍ଟ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ, ନିବେଶକ ଆସ୍ଥା ହରାଇବେ। ଆହୁରି ମଧ୍ୟ କେତେକେ ଯୁକ୍ତି କରୁଛନ୍ତି ଯେ, ବର୍ତ୍ତମାନ ଅଧିକ ଋଣ କରିବା ଅର୍ଥ ଭବିଷ୍ୟତ ପିଢ଼ି ଉପରେ ଅଧିକ ବୋଝ ପକାଇବା। କିନ୍ତୁ ବାସ୍ତବରେ ଏସବୁ ଯୁକ୍ତି ଭୁଲ୍। ଋଣ ନ କଲେ ବି ଯଦି ଅଭିବୃଦ୍ଧି ବା ଜିଡିପି ହ୍ରାସ ପାଏ ତେବେ ବିତ୍ତୀୟ ନିଅଣ୍ଟ ଓ ଋଣ ଜିଡିପି ଅନୁପାତ ମଧ୍ୟ ଅନୁରୂପ ଭାବେ ବୃଦ୍ଧି ପାଇବ। କିନ୍ତୁ ଯଦି ଋଣ ଜିଡିପି ବୃଦ୍ଧିରେ ସହାୟକ ହେଲା ସେହି ଅନୁପାତ ହ୍ରାସ ପାଇ ଆର୍ଥିକ ସ୍ଥିତି ଭଲ ରହିବ। ପୁନଶ୍ଚ ବର୍ତ୍ତମାନ ଯେତେବେଳେ ଜୀବନ-ମରଣ ସମସ୍ୟା, ମାନବ ସଭ୍ୟତାର ଅସ୍ତିତ୍ୱ ପ୍ରତି ବିପଦ ରହିଛି ସେତେବେଳେ ସରକାର ଆବଶ୍ୟକଠାରୁ ଅଧିକ ଋଣ କରିବା ଉଚିତ। ଏହି ସଂକ୍ରମଣ ପୂର୍ବରୁ ମଧ୍ୟ ବିଶ୍ୱ ଋଣଯନ୍ତାରେ ପଡ଼ିଛି। କିନ୍ତୁ ଋଣଜନିତ ଅଭିବୃଦ୍ଧିର ସୁଫଳ କେବଳ ନିର୍ଦ୍ଦିଷ୍ଟ ଧନୀ ଶ୍ରେଣୀଙ୍କ ପାଖକୁ ଯାଇଛି। ଏଣୁ ବର୍ତ୍ତମାନ ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ଅଧିକ ଋଣ କରିବା କିଛି ଭୁଲ ନୁହେଁ। ପୁନଶ୍ଚ ଆମ ଦେଶର କ'ଣ ନୀତି ହେବ ତାହା ନିବେଶକଙ୍କ ଦ୍ୱାରା ପ୍ରଭାବିତ ହେବା ଅନୁଚିତ। ଆଉ ଏକ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେତେବେଳେ ସରକାର ରାଜସ୍ୱ ଆଦାୟ କରିବାରେ ବିଫଳ ହୋଇଛନ୍ତି ଜନସାଧାରଣଙ୍କ ଆର୍ଥିକ କ୍ଷମତା ଧ୍ୱସ୍ତବିଧ୍ୱସ୍ତ, ସେତେବେଳେ ମୁକେଶ ଅମ୍ବାନୀଙ୍କ ସମ୍ପଦ ଦ୍ରୁତଗତିରେ ବୃଦ୍ଧି ପାଇଛି। ଜୁନ୍ ୧୩ ତାରିଖ ସୁଦ୍ଧା ବିଗତ ୨୨ ଦିନରେ ଅମ୍ବାନୀଙ୍କ ସମ୍ପଦ ୭୯୦ କୋଟି ଡଲାର ବୃଦ୍ଧି ପାଇଛି। ଗତ ସପ୍ତାହରେ ଅମ୍ବାନୀ ୱାରେନ୍ ବଫେଙ୍କୁ ଅତିକ୍ରମ କରି ୮ମ ସ୍ଥାନରେ ଥିଲେ। ବର୍ତ୍ତମାନ ତାଙ୍କ ସମ୍ପଦର ମୂଲ୍ୟ ୫.୪୪ ଲକ୍ଷ କୋଟି ଟଙ୍କା। ଏତେ ସମ୍ପଦ ଥାଇ ମଧ୍ୟ ସେ କୋଭିଡ୍ ମହାମାରୀକୁ କିଛି ନ ଦେଲା ବେଳେ ୱାରେନ୍ ବଫେ ୨.୯ ବିଲିୟନ ଡଲାର ଦେବା ଯୋଗୁ ଅମ୍ବାନୀ ତାଙ୍କୁ ଅତିକ୍ରମ କଲେ। ଆମେ ଭାବୁଛେ ଭାରତୀୟ ଗରିବମାନେ ଅମ୍ବାନୀଙ୍କ ସମ୍ପଦ ବୃଦ୍ଧି ନେଇ ଖୁସି ହେବା ଉଚିତ।

ପୁନଶ୍ଚ ସରକାର ଯେତେବେଳେ ଧନୀ ଶ୍ରେଣୀଙ୍କଠାରୁ ଟିକସ ଆଦାୟ କରିବାରେ ବିଫଳ ହେଉଛନ୍ତି, ରାଷ୍ଟ୍ରାୟତ୍ତ ଶିଳ୍ପର ଘରୋଇକରଣ ବା ସେଥିରୁ ପୁଞ୍ଜି ପ୍ରତ୍ୟାହାର କରି ସମ୍ବଳ ସଂଗ୍ରହ କରୁଛନ୍ତି। ପ୍ରତିବାଦକୁ ରୋକିବା ପାଇଁ ଶ୍ରମିକ ବିରୋଧରେ ଯିବା ପରି ଶ୍ରମ ଆଇନରେ ପରିବର୍ତ୍ତନ କରୁଛନ୍ତି। ସାଧାରଣ ଜନତାଙ୍କୁ ବାଧିବା ପରି ଏବଂ ସବୁପ୍ରକାର ଦରଦାମ ବୃଦ୍ଧି କରୁଥିବା ପେଟ୍ରୋଲିୟମ ସାମଗ୍ରୀ ଉପରେ ଅନ୍ଧାଧୁନ୍ଧିଆ ଭାବେ ଟିକସ ଧାର୍ଯ୍ୟ କରୁଛନ୍ତି। ବାସ୍ତବରେ ଏସବୁ ବିକଳ୍ପ ନୁହେଁ। ବିତ୍ତୀୟ କଠୋରତା ବିକଳ୍ପ ନୁହେଁ। କାରଣ ବିଦେଶରେ ବିଭିନ୍ନ ସମୟରେ ଏହା ବିଫଳ ହେବା ସହିତ ମାନ୍ଦାବସ୍ଥାକୁ ଆହୁରି ସଙ୍କଟମୟ କରିଛି। ଏଣୁ ସରକାର ବିଭିନ୍ନ ଜନହିତକର କାର୍ଯ୍ୟ, ନିଯୁକ୍ତି, ସ୍ୱାସ୍ଥ୍ୟ, ଶିକ୍ଷା, କୋଭିଡ୍ ନିୟନ୍ତ୍ରଣରେ ଅଧିକ ବ୍ୟୟ କରିବା ଉଚିତ।

ମୋ: ୯୪୩୭୨୦୮୭୬୨

# ଜନସେବାରେ ରେଡିଓ

ଡ. କିଶୋର ମହାନ୍ତି

ଭାରତରେ ରେଡିଓ ପ୍ରସାରଣ ସେବା ସ୍ୱାଧୀନତା ପ୍ରାପ୍ତିର ବହୁ ପୂର୍ବରୁ। କିନ୍ତୁ ବିଧିବଦ୍ଧ ଭାବରେ ୧୯୩୪ ମସିହାରୁ ଏହାର ପ୍ରସାରଣ ସମ୍ଭବପର ହୋଇଛି। ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡ୍‌କାଷ୍ଟିଂ ନାମରେ ଏହି ସଂସ୍ଥା ଦେଶର ପ୍ରସାରଣକୁ ନିୟମିତ ତଥା ବିଧିବଦ୍ଧ ଭାବରେ ଆରମ୍ଭ କଲା। ୧୯୩୨ ମସିହାରେ ବିବିସି ତରଫରୁ ଭାରତରେ ରହିଥିବା ଇଂରେଜମାନଙ୍କ ପାଇଁ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ ହେଲା। ୧୯୩୬ ମସିହାରେ ଦିଲ୍ଲୀଠାରେ ଜାନୁୟାରୀ ପହିଲାରେ ପ୍ରତିଷ୍ଠା ହେଲା ବେତାର କେନ୍ଦ୍ର। ୧୯୪୦ ମସିହା ମଧ୍ୟରେ ବ୍ରିଟିଶ ଶାସନାଧୀନ ଭାରତରେ ବେତାର ପ୍ରସାରଣ ପାଇଁ ଅଲ୍‌ଇଣ୍ଡିଆ ରେଡିଓର ନାମକରଣ ସହିତ ତା'ର ପ୍ରଶାସନିକ ସ୍ୱରୂପ ପ୍ରକାଶ ପାଇଲା। ଓଡ଼ିଶାରେ ମଧ୍ୟ ପ୍ରସାରଣ ପାଇଁ ତଦନୁରୂପ ପ୍ରଶାସନିକ ବିଧି ବ୍ୟବସ୍ଥା କରାଗଲା।

ଭାରତରେ ବାସ୍ତବିକ ବେତାର ପ୍ରସାରଣ ପାଇଁ ଫଲ୍‌ଡେନଙ୍କ ଭୂମିକା ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ। ସେତେବେଳେ ଭାରତରେ ବେତାର ପ୍ରସାରଣ ପାଇଁ ଅନୁକୂଳ ପାଣିପାଗ ଥିଲା। ସ୍ୱାଧୀନତା ପୂର୍ବରୁ ରେଡିଓ ଥିଲା ସାଂସ୍କୃତିକ ଜାଗରଣର ମୁଖ୍ୟ ଆୟୁଧ। ସମସ୍ତଙ୍କୁ ଏକାଠି କରିବାର ମୋହକ ମନ୍ତ୍ରରେ ବାନ୍ଧି ରଖିପାରୁଥିଲା। ସେହି ସମୟରେ ବୁଦ୍ଧିଜୀବୀ ସଂସ୍କୃତି ପୁରୋଧା ଯଶସ୍ୱୀ ସାହିତ୍ୟିକ ଏବଂ ନାଟ୍ୟକାର ସଦାତ୍ ହାସନ ମଣ୍ଟୋ, ରାଜେନ୍ଦ୍ର ସିଂ ବେଦୀ, ଇବ୍ରାହିମ ଆର୍‌କାଜୀ, ହମିଦ ସାୟାନୀ ଏପରିକି ଅନେକ ସଂସ୍କୃତିପ୍ରେମୀ ସେମାନଙ୍କର ନିଜସ୍ୱ କଳାନୈପୁଣ୍ୟ ପ୍ରଦର୍ଶନ କରି ପ୍ରତ୍ୟେକଙ୍କ ହୃଦୟରେ ପ୍ରାଣସଞ୍ଚାର କରାଇ ପାରିଥିଲେ ଏଇ ରେଡିଓ ମାଧ୍ୟମରେ।

ପ୍ରତିବର୍ଷ ଜୁଲାଇ ୨୩ ତାରିଖକୁ ଆମେ ଜାତୀୟ ବେତାର ପ୍ରସାରଣ ଦିବସ ଭାବରେ ପାଳନ କରିଆସୁଛୁ, ଯାହା ୧୯୨୭ ମସିହାରେ ଇଣ୍ଡିଆନ୍ ବ୍ରଡ୍‌କାଷ୍ଟିଂ କମ୍ପାନୀ ଦ୍ୱାରା ପରିଚାଳିତ ହୋଇ ଆସୁଥିଲା। ୧୯୨୭ ମସିହାରୁ ଯେଉଁ ଆଇବିସି ସଂସ୍ଥା ତା'ର କାର୍ଯ୍ୟକ୍ରମ ବିଧିବଦ୍ଧ ଭାବରେ ଆରମ୍ଭ କଲା, ତାହା ପ୍ରାଇଭେଟ ସଂସ୍ଥା ଭାବରେ ସୂଚିତ କରାଯାଇଥିଲା। ବ୍ରିଟିଶ ଶାସନାଧୀନ ଦୁଇଟି ରେଡିଓ ଷ୍ଟେଶନ ପ୍ରଥମଟି ମୁମ୍ବାଇରେ ଓ ଅନ୍ୟଟି କଲିକତାରେ

## ଜାତୀୟ ପ୍ରସାରଣ ଦିବସ ଉପଲକ୍ଷେ

ପ୍ରତିଷ୍ଠା କରାଯାଇଥିଲା। ସେହିଦିନଠାରୁ ବେତାର ଲୋକପ୍ରିୟତା ଅର୍ଜନ କରିବା ସହ ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଥିଲା। ଏହା ୧୯୫୭ ମସିହାରେ ଆକାଶବାଣୀ ନାମରେ ସ୍ୱୀକୃତି ପ୍ରାପ୍ତ ହୋଇଥିଲା। କହିବାକୁ ଗଲେ ସାମ୍ପ୍ରତିକ କାଳରେ ଆକାଶବାଣୀ ପୃଥିବୀର ଅନ୍ୟାନ୍ୟ ବେତାର ପ୍ରସାରଣ କ୍ଷେତ୍ରରେ ଏକ ଅଗ୍ରଣୀ ବେତାର ଅନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ବେତାର ସେବାର ଭିତ୍ତିଭୂମି କ୍ଷେତ୍ରରେ ସାରା ଦେଶରେ ପ୍ରାୟତଃ ୪୧୪ଟି ବେତାର କେନ୍ଦ୍ର କାର୍ଯ୍ୟକ୍ଷମ। ଏହା ପ୍ରାୟତଃ ଶତକଡ଼ା ୯୯.୧୯ ଭାଗ ଲୋକଙ୍କ ପାଖରେ ପହଞ୍ଚି ପାରୁଛି ଓ ପ୍ରାୟତଃ ୯୨ ଶତାଂଶ ସ୍ଥାନ ଗ୍ରହଣ କରିନେଇଛି। ଏହା ସାଧାରଣତଃ ୨୩ଟି ମୁଖ୍ୟ ଭାଷା ଓ ୧୪୬ଟି ଉପଭାଷାରେ ତା'ର ପ୍ରଚାର କାର୍ଯ୍ୟକ୍ରମ ଅବ୍ୟାହତ ରଖିଛି।

ଓଡ଼ିଶା ମାଟିରେ ସାଂସ୍କୃତିକ ପୀଠ କଟକ ସହରର ମଧୁପୁର କୋଠିରୁ ଆକାଶବାଣୀ କାର୍ଯ୍ୟକ୍ରମ ଆରମ୍ଭ ହେଲା ୧୯୪୮ ମସିହା ଜାନୁୟାରୀ ୨୮ ତାରିଖରେ। ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ ଓ ତତ୍କାଳୀନ ରାଜ୍ୟପାଳ କୈଳାସନାଥ କାଟଜୁ ଉଦ୍‌ଘାଟନ କଲେ ନୂଆ ବେତାର କେନ୍ଦ୍ରକୁ। ଭାସି ଆସିଲା ଉଦ୍‌ଘୋଷିକାଙ୍କ ଅମୃତମୟୀ ବାଣୀ 'ଆକାଶବାଣୀ କଟକ'। ଶ୍ରୋତା ମହଲରେ ଅନେକ ଆଲୋଡନ, ରୋମାଞ୍ଚ ଭରିଦେଲା ସେଦିନର କାର୍ଯ୍ୟକ୍ରମ।

ସେଦିନରୁ ଆଜି ଭିତରେ ଅନେକ ବ୍ୟବଧାନ। ନାଟକ, ସଙ୍ଗୀତ ବ୍ୟତୀତ କୃଷକମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଯୁବପିଢ଼ିଙ୍କ ପାଇଁ ଯୁବବାଣୀ, ଛୋଟ ଛୋଟ ଶିଶୁଙ୍କ ପାଇଁ ଶିଶୁ ସଂସାର, କ୍ରୀଡ଼ାଜଗତ, ବିଜ୍ଞାନ କାର୍ଯ୍ୟକ୍ରମ, ନାରୀମାନଙ୍କ ପାଇଁ ନାରୀ ମହଲ, ଏପରିକି ସମ୍ମାନନୀୟ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପାଇଁ ମାନନୀୟେଷୁ, କଥିକା, ସାହିତ୍ୟ ସଂସଦ ଇତ୍ୟାଦି ନାନା କାର୍ଯ୍ୟକ୍ରମ ଯୋଡି ହୋଇଯାଇଛି ବେତାର ପ୍ରସାରଣର ବହୁବିଧ କାର୍ଯ୍ୟକ୍ରମରେ। ସବୁଜକ୍ରାନ୍ତି ଓ ଶ୍ୱେତକ୍ରାନ୍ତି କ୍ଷେତ୍ରରେ ରେଡିଓର ଅବଦାନକୁ ଅସ୍ୱୀକାର କରି ହେବ ନାହିଁ। ପ୍ରାଚୀନ କଳା ସଙ୍ଗୀତ ଲୋକଗୀତର ଗନ୍ତାଘର ହେଉଛି ଏଇ ରେଡିଓ। ରେଡିଓ ବୁଦ୍ଧିଜୀବୀଙ୍କ ପାଇଁ ଯେତିକି ପରିମାଣରେ ଆବଶ୍ୟକ ସେତିକି ଭାବରେ ମଜୁରିଆ, ଶ୍ରମିକ, ବସ୍ତିବାସିନ୍ଦା, ସାଧାରଣଙ୍କ ପାଇଁ ମନୋରଞ୍ଜନ ଦେବା କ୍ଷେତ୍ରରେ ଏକ ବଳିଷ୍ଠ ମାଧ୍ୟମ। କରୋନାର ଭୟାବହତା ଓ ସଂକ୍ରମଣ କାଳରେ ପ୍ରତି ମିନିଟ୍‌ରେ ଲୋକଙ୍କୁ ସତର୍କ ସୂଚନା ଓ ସାବଧାନ ହେବା ପାଇଁ ଯେଉଁ ବିଶେଷ ସୂଚନା ପ୍ରଦାନ କରିଆସୁଛି। ପ୍ରାକୃତିକ ଦୁର୍ବିପାକ ବନ୍ୟା, ବାତ୍ୟା, ଭୂମିକମ୍ପ ଇତ୍ୟାଦି ବିଷୟରେ ଆଗୁଆ ସୂଚନା ଦେବାରେ ରେଡିଓର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ।

ସବୁରାଜ୍ୟରେ ବେତାରକେନ୍ଦ୍ର ପ୍ରତିଷ୍ଠା ହୋଇଛି। ଏତଦ୍‌ବ୍ୟତୀତ ବମ୍ବେଠାରେ ପ୍ରତିଷ୍ଠିତ 'ବିବିଧଭାରତୀ' କେନ୍ଦ୍ରରୁ ୨୪ ଘଣ୍ଟିଆ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରସାରିତ ହୋଇ ଶ୍ରୋତାମାନଙ୍କର ପ୍ରିୟଭାଜନ ହୋଇଛି। ସେଇ ମୁଖ୍ୟ କେନ୍ଦ୍ରର ଶାଖା କେନ୍ଦ୍ରମାନ ମଧ୍ୟ ବିଭିନ୍ନ ରାଜ୍ୟରେ ପ୍ରତିଷ୍ଠା ହୋଇ ବହୁ କାର୍ଯ୍ୟକ୍ରମ ସହ କିଛି ଆଞ୍ଚଳିକ କାର୍ଯ୍ୟକ୍ରମ ପ୍ରସ୍ତୁତି କରାଯାଇ ପରିବେଷଣ ହେଉଛି, ଯାହା ସେହି ଅଞ୍ଚଳର ମାତୃଭାଷା ଉପରେ ଆଧାରିତ। ଏତଦ୍‌ଭିନ୍ନ ଏଫ୍‌ଏମ୍ ପ୍ରସାରଣ ସେବା ଦେଶରେ ପ୍ରତିଷ୍ଠା ହେବାରେ ସବୁ ଶ୍ରେଣୀର ଶ୍ରୋତାଙ୍କୁ ମନୋରଞ୍ଜନ ଦେବାରେ ସହାୟକ ହୋଇଛି। ବେତାର ପ୍ରସାରଣ କ୍ଷେତ୍ରରେ କମ୍ୟୁନିଟି ରେଡିଓ ମଧ୍ୟ ସକ୍ରିୟ ହୋଇଛି। ରେଡିଓ ଏବେ ଏକ ଆନ୍ଦୋଳନରେ ପରିଣତ ହୋଇ ବେଦର ସେହି ଅମୃତମୟ ବାଣୀ 'ବହୁଜନ ହିତାୟ, ବହୁଜନ ସୁଖାୟ'କୁ ଆଧାର କରି ଅନେକ ସମସ୍ୟାର ସମ୍ମୁଖୀନ ହୋଇ ବି ନିଜର ଯାତ୍ରା ଅବ୍ୟାହତ ରଖିପାରଛି ଓ ଜନସେବାରେ ନିଜକୁ ନିୟୋଜିତ କରିପାରିଛି।

ଇ/୫୦, ସେକ୍ଟର-୭, ସିଡିଏ, କଟକ,
ମୋ: ୯୪୩୭୭୨୮୪୭୫

## ପାଠକ ଶ୍ରେଷ୍ଠ ବିଚାରକ

### ପାର୍ବଣ ବଦଳରେ ବିଶୋଧନ ସେବା ହେଉ

ମହାଶୟ,

କଟକ ସହରରେ ଚଳିତବର୍ଷ ଗଣେଶ ପୂଜା ହେବନାହିଁ। ସହରରେ କରୋନା ରୋଗୀଙ୍କ ସଂଖ୍ୟା ୩୦୦ ଟପି ଥିବାବେଳେ ଆଗାମୀ ଦିନରେ ସ୍ଥିତି ଅଣାୟତ୍ତ ହେବାନେଇ ଆଶଙ୍କା କରାଯାଉଛି। ସହରର ସାହି କମିଟି ବ୍ୟତୀତ ସମସ୍ତ କ୍ଲବ, ସ୍କୁଲ, କଲେଜ ଓ ଅନୁଷ୍ଠାନରେ ପୂଜା ବନ୍ଦ ରହିବ। କଟକରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପାର୍ବଣ ମହୋତ୍ସବ, ଭୋଜିଭାତ କରିବା ବଦଳରେ ଚଳିତବର୍ଷ କରୋନାକୁ ଦୃଷ୍ଟିରେ ରଖି ସାହି କମିଟିମାନ ନିଜସ୍ୱ ପାଣ୍ଠିର ଅର୍ଥରେ ସାହିର ବିଶୋଧନ କାର୍ଯ୍ୟ ଜାରି ରଖିବା ସହ ସଫାସୁତୁରାକୁ ଗୁରୁତ୍ୱ ଦେଲେ ଏହା ଶ୍ରେଷ୍ଠ ସେବା ହୋଇପାରିବ। ସବୁକାର୍ଯ୍ୟ ସରକାର ଓ ପ୍ରଶାସନ ଉପରେ ଛାଡି ନ ଦେଇ ଆମ୍ଭେମାନେ ଏ ଦାୟିତ୍ୱ ନିର୍ବାହ ପାଇଁ ଆଗେଇ ଆସିବା ଦରକାର।

ଶ୍ୟାମସୁନ୍ଦର ସାମଲ, ବନ୍ଧଛକ, ବିଡ଼ାନାସୀ, କଟକ

## ଚିରନ୍ତନୀ

ଏ ଗାଥା ବୟାନ ନ କରିବି ତୁମ ପାଶେ
ବିଷାଦର ବାଣୀ ଲୁଚାଇ ଦେବି ମୋ ହାସେ
ତୁମେ ଆସ ଯାଅ ଫେରି ଚାହଁ ଯେବେ ଖୁସି
ଆଲୋକି ନିମେଷେ ଅନ୍ଧ ତମସା ବାସେ। (ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୨୧ ଦିନରେ ୬ ଲକ୍ଷ ଆକ୍ରାନ୍ତ

■ ୨୮,୮୦୦ ଲୋକଙ୍କ ଜୀବନ ଗଲାଣି
■ ଦେଶରେ ୧୨ ଲକ୍ଷରୁ ଅଧିକ ସଂକ୍ରମିତ
■ ୨୪ ଘଣ୍ଟା ମଧ୍ୟରେ ୨୮,୪୭୨ ବ୍ୟକ୍ତି ସୁସ୍ଥ

ନୂଆଦିଲ୍ଲୀ,୨୨।୭



ପରିସ୍ଥିତି ଅସମ୍ଭାଳ ଆଡ଼କୁ ଗତି କରୁଛି। ମହାମାରୀ କରୋନା ଭୂତାଣୁର ଉଗ୍ର ସଂକ୍ରମଣ ଯୋଗୁ ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଚଳିତ ଜୁଲାଇ ମାସ(୨୧ ଦିନ)ରେ ୬ ଲକ୍ଷ ଲୋକ ସଂକ୍ରମିତ ହେବା ପରିସ୍ଥିତିକୁ ବିଗାଡ଼ି ଦେଇଛି। ମେ'ରେ ୧.୫ ଲକ୍ଷ, ଜୁନ୍‌ରେ ୪ ଲକ୍ଷ ଲୋକ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିଲେ। ଆଗକୁ ସ୍ଥିତି ଉଦ୍‌ବେଗଜନକ ହେବାର ଆଶଙ୍କା କରାଯାଉଛି। ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୧୨ ଲକ୍ଷ ପାର୍ କରିଥିବାବେଳେ ୨୮,୮୦୦ ଜଣ ପ୍ରାଣ ହରାଇଲେଣି। ଗତ ୨୧ ଦିନ ମଧ୍ୟରେ ୧୧ ହଜାର (୪୦%) ଲୋକ ପ୍ରାଣ ହରାଇସାରିଲେଣି। ମଙ୍ଗଳବାର ୩୮,୪୪୪ ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ୬୭୦ ଜୀବନ ଯାଇଛି। ଏବେ ମୋଟ ଆକ୍ଟିଭ୍ ମାମଲା ୪.୧୩ ଲକ୍ଷ ରହିଥିବାବେଳେ ୭.୫୨ ଲକ୍ଷ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ରେକର୍ଡ ୨୮,୪୭୨ ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଆଇସିଏମ୍‌ଆର୍ ରିପୋର୍ଟ ମୁତାବକ ଅଦ୍ୟାବଧି ୧.୪୮ କୋଟି ଲୋକଙ୍କ ପରୀକ୍ଷା କରାଯାଇଛି। ଅଧିକରୁ ଅଧିକ ଲୋକଙ୍କ କରୋନା ପରୀକ୍ଷା ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି।

ମହାରାଷ୍ଟ୍ର, ତାମିଲନାଡ୍ର, ରାଜଧାନୀ ଦିଲ୍ଲୀର ପରିସ୍ଥିତି ଭୟଙ୍କର ହେବାରେ ଲାଗିଛି। ମହାରାଷ୍ଟ୍ରରେ ୩.୨୭ ଲକ୍ଷ ସଂକ୍ରମିତ ଥିବାବେଳେ ୧୨,୨୭୬ ଲୋକଙ୍କ ଜୀବନ ଗଲାଣି। ତାମିଲନାଡ୍ରୁରେ ସଂକ୍ରମିତଙ୍କ ସଂଖ୍ୟା ୧.୮୦କୁ ବୃଦ୍ଧି ପାଇଥିବାବେଳେ ମୃତ୍ୟୁସଂଖ୍ୟା ୨,୬୨୬ ରହିଛି। ଦିଲ୍ଲୀରେ ୧.୨୫ ଲକ୍ଷରୁ ଅଧିକ ଲୋକ ଆକ୍ରାନ୍ତ ରହିଥିବାବେଳେ ୩,୬୯୦ ଲୋକ ପ୍ରାଣ ହରାଇଲେଣି। କର୍ନାଟକ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ଗୁଜରାଟ ଭଳି ରାଜ୍ୟଗୁଡ଼ିକର ସ୍ଥିତି ମଧ୍ୟ ସମାନ। ଦିନକୁ ଦିନ ଭୟଙ୍କର ଭାବେ କରୋନା ରୋଗୀଙ୍କ ସଂଖ୍ୟା ବଢୁଛି। କେତେକ ସ୍ଥାନରେ ଉଗ୍ର ସଂକ୍ରମଣ ସ୍ଥିତି ଦେଖାଦେଇଛି। ସଫଳ ଔଷଧ ନ ଆସିବା ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବାର ଆଶଙ୍କା କରାଯାଉଛି। ସୁସ୍ଥ ହାର ୬୩%ରୁ ଅଧିକ ରହିଥିଲେ ହେଁ ଗତ କିଛିଦିନର ଉଗ୍ର ସଂକ୍ରମଣ ସ୍ଥିତି ସବୁ ସରକାରୀ ପ୍ରୟାସକୁ ବାଟବଣା କରିପକାଇଛି। ଆମେରିକା, ବ୍ରାଜିଲ ପରେ ଭାରତରେ ବିଶ୍ୱର ସର୍ବାଧିକ କରୋନା ରୋଗୀ ଅଛନ୍ତି। ବିଶ୍ୱରେ ଏବେ ୧୫.୧୨ ନିୟୁତ ଆକ୍ରାନ୍ତ ରହିଥିବାବେଳେ ୬.୨୦ ଲକ୍ଷ ଲୋକଙ୍କ ଜୀବନ ଗଲାଣି।

# ମନି ଲଣ୍ଡରିଂ ଏତଲା ଦାଏର କଲା ଇଡି

ନୂଆଦିଲ୍ଲୀ,୨୨।୭(ପି.ଟି.)

**କେରଳ ସୁନା ଚାଲାଣ ମାମଲା**

କେରଳ ସୁନା ଚାଲାଣ ମାମଲା ସହ ମନିଲଣ୍ଡରିଂ ଜଡ଼ିତ ଥିବାନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଏତଲା ରୁଜୁ କରିଛି। ପୂର୍ବରୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦାଏର କରିଥିବା ଏତଲାକୁ ଅନୁଧ୍ୟାନ କରିବା ପରେ ଇଡି ଦାଏର କରିଥିବା ଏତଲା ଆଧାରରେ ମନି ଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ରେ ମାମଲା ରୁଜୁ କରାଯାଇଛି। ଖୁବ୍‌ଶୀଘ୍ର ଇଡି ଅଭିଯୁକ୍ତମାନଙ୍କ ବୟାନ ରେକର୍ଡ କରିବ। ବେଆଇନ ସୁନା ଚାଲାଣ ର୍‍ୟାକେଟ ଜରିଆରେ ଆୟ ହେଉଥିବା କଳାଧନକୁ ଧଳା କରିବାକୁ ଅଭିଯୁକ୍ତମାନେ ଉଦ୍ୟମ କରୁଥିଲେ କି ନାହିଁ ତାହା ଉପରେ ଇଡି ତଦନ୍ତ କରିବ। ଗତ ୧୧ରେ ଏନ୍‌ଆଇଏ ସୁନା ଚାଲାଣ ମାମଲାର ମୁଖ୍ୟ ଅଭିଯୁକ୍ତ ସ୍ୱପ୍ନା ସୁରେଶ ଏବଂ ସନ୍ଦିପ୍ ନାୟାରଙ୍କୁ ବେଙ୍ଗାଲୁରୁରୁ ଗିରଫ କରିଥିଲା। ଏମାନେ ବିଦେଶରୁ ପ୍ରଚୁର ପରିମାଣର ସୁନା ଚୋରାଚାଲାଣ କରି ଦେଶର ମୁଦ୍ରା ସ୍ଥିରତାକୁ ନଷ୍ଟ କରିଦେବା ପାଇଁ ଷଡଯନ୍ତ୍ର ଚଳାଇଥିଲେ ବୋଲି ଏନ୍‌ଆଇଏ ମଙ୍ଗଳବାର କୋଚିର ସ୍ୱତନ୍ତ୍ର କୋର୍ଟକୁ କହିଥିଲା। ୟୁଏଇରୁ ବେଆଇନ ଭାବେ ଆସିଥିବା ୧୫ କୋଟି ଟଙ୍କାର ସୁନାକୁ ଜୁଲାଇ ୫ରେ ଥିରୁଭାନନ୍ତପୁରମ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୀମାଶୁଳ୍କ ଅଧିକାରୀମାନେ ଜବତ କରିବା ପରେ ସୁନା ଚାଲାଣ ର୍‍ୟାକେଟ୍‌ର ପର୍ଦ୍ଦାଫାସ୍ ହୋଇଥିଲା।

## ସଂକ୍ଷେପରେ

### ପ୍ରବାସୀଙ୍କୁ କାମ ଦେବାକୁ ସୋନୁଙ୍କ ରୋଜଗାର ଆପ୍

**ମୁମ୍ବାଇ,୨୨।୭:** କରୋନା ଯୋଗୁ ନିଯୁକ୍ତି ହରାଇଥିବା ପ୍ରବାସୀଙ୍କୁ ବଲିଉଡ ଅଭିନେତା ସୋନୁ ସୁଦ୍ ନିଯୁକ୍ତି ପ୍ରଦାନରେ ସହଯୋଗ କରିବେ। ଏହି ଆପର ନାମ ରହିଛି 'ପ୍ରବାସୀ ରୋଜଗାର'। ଏହି ଆପ୍‌ର ବ୍ୟବହାର ଦ୍ୱାରା ପ୍ରବାସୀଙ୍କ ଦକ୍ଷତା ଅନୁସାରେ ନିଯୁକ୍ତି ଖୋଜିବାରେ ସହାୟକ ହେବ ବୋଲି ସୂଚନା ମିଳିଛି। ଗୁରୁବାର ଲଞ୍ଚ ହେବାକୁ ଥିବା ଏହି ଆପ୍‌ରେ ପ୍ରବାସୀମାନେ ପ୍ରାୟ ୫୦୦ ପ୍ରମୁଖ କମ୍ପାନୀଗୁଡିକରେ ନିଯୁକ୍ତି ସମ୍ପର୍କରେ ଜାଣି ପାରିବେ। ଦେଶର ବିଭିନ୍ନ ଘରୋଇ ସଂସ୍ଥା ଓ ଏନ୍‌ଜିଓ ଏବଂ ସରକାରୀ ସଂସ୍ଥା ସହ ମିଳିତ ସହଯୋଗରେ ଏହି ଆପର ବିକାଶ କରାଯାଇଛି। ବିପିଓ, ଅଟୋମୋବାଇଲ, ଇ-କର୍ମସ ଭଳି ବିଭିନ୍ନ ସଂସ୍ଥାଗୁଡିକରେ ଏହି ନିଯୁକ୍ତି ଯୋଗାଇ ଦିଆଯିବ। ଲୋକଙ୍କୁ ସହାୟତା କରିବା ଲାଗି ୭ ସହରରେ ସପୋର୍ଟ ସେଣ୍ଟର ଏବଂ ହେଲ୍ପ ଲାଇନ ବ୍ୟବସ୍ଥା କରାଯାଇଛି।

### ଶହୀଦ ଯବାନଙ୍କ ସ୍ତ୍ରୀ ଡେପୁଟି କଲେକ୍ଟର



**ହାଇଦ୍ରାବାଦ,୨୨।୭:** ଦେଶପାଇଁ ନିଜ ଜୀବନକୁ ବଳିଦାନ ଦେଇଥିବା କଲୋନେଲ ସନ୍ତୋଷ ବାବୁଙ୍କ ସ୍ତ୍ରୀ ସନ୍ତୋଷୀଙ୍କୁ ବୁଧବାର ତେଲଙ୍ଗାନା ସରକାର ଉପଜିଲାପାଳ ଭାବେ ନିଯୁକ୍ତି କରିଛନ୍ତି। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ପ୍ରଗତି ଭବନରେ ସନ୍ତୋଷୀଙ୍କୁ ଏନେଇ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ହାଇଦ୍ରାବାଦ କିମ୍ବା ଏହାର ଆଖପାଖ ଅଞ୍ଚଳରେ ତାଙ୍କୁ ନିଯୁକ୍ତି ଦେବା ଲାଗି ମୁଖ୍ୟମନ୍ତ୍ରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସନ୍ତୋଷୀଙ୍କୁ ସହଯୋଗ କରିବା ଲାଗି ସଚିବ ସ୍ମିତା ସଭରୱାଲଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଉପଯୁକ୍ତ ପ୍ରଶିକ୍ଷଣ ପରେ ସେ କାମରେ ଯୋଗଦେବେ ବୋଲି ଜଣାପଡ଼ିଛି। ପ୍ରକାଶଥାଉ କି, ପ୍ରଥମେ ସନ୍ତୋଷୀ କମର୍ସିଆଲ ଟ୍ୟାକ୍ସ ଅଫିସର ଓ ପରେ ଡେପୁଟି କଲେକ୍ଟର ଲାଗି ମନ ବଳାଇଥିଲେ। ରାଜ୍ୟ ସରକାର ତାଙ୍କ ଅଭିଳାଷ ପୂରଣ କରିଛନ୍ତି।

# ଓଆଇଏଲ୍ ତୈଳକୂପରେ ବିସ୍ଫୋରଣ

ନୂଆଦିଲ୍ଲୀ,୨୨।୭

**୩ ବିଦେଶୀ ବିଶେଷଜ୍ଞ ଆହତ**

ଆସାମର ତିନ୍‌ସୁକିଆ ଜିଲା ଅନ୍ତର୍ଗତ ବାଗଜାନ୍‌ରେ ଥିବା ଅଏଲ୍ ଇଣ୍ଡିଆ ଲିମିଟେଡ୍ (ଓଆଇଏଲ୍)ର ୫ ନମ୍ବର ତୈଳକୂପ ନିକଟରେ ବୁଧବାର ବିସ୍ଫୋରଣ ଘଟି ୩ ବିଦେଶୀ ବିଶେଷଜ୍ଞ ଆହତ ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ ତୈଳକୂପରୁ ଗ୍ୟାସ୍ ଲିକ୍ ହୋଇ ମାସେରୁ ଅଧିକ ଦିନ ହେବ ଜଳୁଛି। ତାହାକୁ ଲିଭାଇବା ପାଇଁ କର୍ତ୍ତୃପକ୍ଷ ଉଦ୍ୟମ କରୁଥିବାବେଳେ ବିସ୍ଫୋରଣ ଘଟିଥିଲା। ମେ' ୨୭ରୁ ଏହି କ୍ଷତିଗ୍ରସ୍ତ ତୈଳକୂପରୁ ନିର୍ଗତ ହେଉଥିବା ଗ୍ୟାସ୍ ଓ ତୈଳକୁ ରୋକାଯାଇପାରି ନାହିଁ। ଜୁନ୍ ୯ରେ ସେଠାରେ ନିଆଁ ଲାଗି ଘଟଣାସ୍ଥଳରେ ଓଆଇଏଲ୍‌ର ୨ ଜଣ ଅଗ୍ନି ନିର୍ବାପକ କର୍ମଚାରୀ ପ୍ରାଣ ହରାଇଥିଲେ। ୯ ହଜାରରୁ ଅଧିକ ଲୋକଙ୍କୁ ରିଲିଫ୍ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଥିଲା। ନିଆଁ ଲିଭାଇବା ପାଇଁ ବିଦେଶୀ ବିଶେଷଜ୍ଞଙ୍କ ସହାୟତା ନିଆଯାଇଥିଲା।

# ଭିମ୍‌ସାର ଡାକ୍ତରଙ୍କ ପଦୋନ୍ନତିକୁ ନେଇ ବିବାଦ

ସମ୍ବଲପୁର,୨୨।୭(ବ୍ୟୁରୋ)

**ଗୋଟିଏ ଦିନ ପରେ ବାତିଲ**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ରେ ପ୍ରଫେସର ଓ ଆସୋସିଏଟ ପ୍ରଫେସର ପଦୋନ୍ନତିରେ ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଛି। ଏଥିପାଇଁ ପଦୋନ୍ନତିର ମାତ୍ର ଦିନକ ପରେ ସେହି ନିର୍ଦ୍ଦେଶ ବାତିଲ କରାଯାଇଛି। ଭିମ୍‌ସାର ନିର୍ଦ୍ଦେଶକ ଲଳିତ ମେହେରଙ୍କୁ କେତେଜଣ ଡାକ୍ତର ଏ ସମ୍ପର୍କରେ ଅଭିଯୋଗ କରିବା ପରେ ସେ ପଦୋନ୍ନତି ଆଦେଶକୁ ବାତିଲ କରିଛନ୍ତି।

୨୦୧୮ ଅକ୍ଟୋବରରେ କେତେଜଣ ଡାକ୍ତରଙ୍କ ପଦୋନ୍ନତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରିଚାଳନା କମିଟି ଓ ପଦୋନ୍ନତି ଚୟନ କମିଟି ଏଥିପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ। ହେଲେ ବିଭିନ୍ନ କାରଣରୁ ପଦୋନ୍ନତି ତାଲିକା ସମ୍ପୂର୍ଣ୍ଣ ହୋଇ ନ ଥିଲା। କିନ୍ତୁ ଗତ ମଙ୍ଗଳବାର ତରବରିଆ ଭାବେ ତାଲିକାଭୁକ୍ତ ଡାକ୍ତରମାନଙ୍କୁ ପଦୋନ୍ନତି ଦିଆଯାଇଥିଲା। ଡାକ୍ତର ସୁନିଲ କୁମାର ବେହେରା, ଡାକ୍ତର ବୁଦ୍ଧେଶ୍ୱର ପ୍ରଧାନ, ଡାକ୍ତର ପ୍ରକାଶ ଚନ୍ଦ୍ର ପଣ୍ଡା, ଡାକ୍ତର ଦୁଲାଲ କିଶୁନ ସୋରେନ, ଡାକ୍ତର ବ୍ରଜବିହାରୀ ପଣ୍ଡା, ଡାକ୍ତର କବିତାମଞ୍ଜରୀ ମାଝି, ଡାକ୍ତର ସୁନିଲ କୁମାର ଶର୍ମା, ଡାକ୍ତର ସଚ୍ଚିଦାନନ୍ଦ ପାଣ୍ଡେ, ଡାକ୍ତର ଲଗେନ୍ଦ୍ର କୁମାର ସିଂ, ଡାକ୍ତର ବିପିନ କିଶୋର କୁଲୁ, ଡାକ୍ତର ସଞ୍ଜୟ କୁଜୁର, ଡାକ୍ତର ସୀତାଂଶୁ କୁମାର ମେହେର ଓ ଡାକ୍ତର ମହେନ୍ଦ୍ର ଏକ୍କାଙ୍କ ନାମ ପଦୋନ୍ନତି ତାଲିକାରେ ରହିଥିଲା। ଏଥିରୁ ଡାକ୍ତର ଏକ୍କାଙ୍କ ଅଭିଜ୍ଞତା ଓ ପଦୋନ୍ନତି ସମୟ ହୋଇ ନ ଥିବା ଅଭିଯୋଗ ହେବା ପରେ ନିର୍ଦ୍ଦେଶକ ଏକ ନିର୍ଦ୍ଦେଶନାମା ଜାରି କରି ତାଙ୍କ ପଦୋନ୍ନତିକୁ ବାତିଲ କରିଛନ୍ତି। ତେବେ ଏ ସମ୍ପର୍କରେ ନିର୍ଦ୍ଦେଶକ ମେହେର କହିଛନ୍ତି, ଏହା ପୁରୁଣା ପଦୋନ୍ନତି ପ୍ରକ୍ରିୟା ଥିଲା। ତେଣୁ ସେ ଅନୁମୋଦନ କରିଦେଇଥିଲେ। ହେଲେ ପଦୋନ୍ନତି ହୋଇଥିବା ଡାକ୍ତର ଏକ୍କା ଏଥିପାଇଁ ଯୋଗ୍ୟ ନୁହନ୍ତି। ଭୁଲବଶତଃ ତାଙ୍କ ପଦୋନ୍ନତି କରାଯାଇଥିଲା। ତେଣୁ ତାଙ୍କ ପଦୋନ୍ନତିକୁ ବାତିଲ କରାଗଲା। ସୂଚନାଯୋଗ୍ୟ, ବର୍ଷକ ପରେ ପଦୋନ୍ନତି ତାଲିକା ଓ ସ୍ୱୀକୃତି ବାତିଲ ହୋଇଯିବାର ନିୟମ ରହିଛି। ହେଲେ କାହା ସ୍ୱାର୍ଥରେ ପଦୋନ୍ନତି ଦିଆଗଲା, ଚୟନ କମିଟି, ପରିଚାଳନା କମିଟି, ପଦୋନ୍ନତି କମିଟିର ସ୍ୱୀକୃତି ନ ନେଇ କିଭଳି ଏହି ତାଲିକା ବାତିଲ କରାଗଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



**ବର୍ଷାରେ ଦିଲ୍ଲୀ ବେହାଲ:** ରାଜ୍ୟ ସଭାର ନବ ନିର୍ବାଚିତ ସଦସ୍ୟମାନେ ବୁଧବାର ଶପଥ ନେଉଥିବାବେଳେ ପାର୍ଲାମେଣ୍ଟ ହାଉସ୍ ପରିସରରେ ପାଣି ଜମିରହିଛି।

# ନିଷିଦ୍ଧାଞ୍ଚଳରେ କୋର୍ଟ ବନ୍ଦ ରଖିବା ନିଷ୍ପତ୍ତି ନେବେ ଜିଲାଜଜ୍

**କଟକ ଅଫିସ,୨୨।୭:** ଯାଜପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ ଜିଲା ଓ ରାଉରକେଲା ପୌରାଞ୍ଚଳରେ ଜୁଲାଇ ୩୧ ଯାଏ ଲକ୍‌ଡାଉନ ଘୋଷଣା ହୋଇଛି। ପରେ ଅନ୍ୟ କିଛି ଜିଲାରେ ମଧ୍ୟ କରୋନା ସ୍ଥିତି ଦୃଷ୍ଟିରୁ କଟକଣା ଜାରି କରାଯାଇଛି। ବିଚାର ବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡ଼ିଛି। ରାଜ୍ୟର ସମସ୍ତ ଜିଲା ଅଦାଲତ, ନିମ୍ନ ଅଦାଲତ ଓ ଟ୍ରିବ୍ୟୁନାଲର କାର୍ଯ୍ୟକୁ ସୀମିତ କରିଦିଆଯାଇଛି। ବୁଧବାର ହାଇକୋର୍ଟର ଫୁଲ୍‌କୋର୍ଟରେ ଏ ନିଷ୍ପତ୍ତି ନିଆଯାଇଛି। ଯେଉଁ ଅଞ୍ଚଳକୁ ସ୍ଥାନୀୟ ପ୍ରଶାସନ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରୁଛି, ସେଠାକାର କୋର୍ଟ ବନ୍ଦ ରଖିବା ନିଷ୍ପତ୍ତି ଜିଲା ଜଜ୍‌ଙ୍କୁ ଦିଆଯାଇଛି। ପୂର୍ବରୁ ଏଥିପାଇଁ ହାଇକୋର୍ଟ ଅନୁମତି ଦେଉଥିଲେ। କରୋନା ପାଇଁ ଜିଲା ଜଜ୍‌ଙ୍କୁ ଏହି କ୍ଷମତା ଦିଆଯାଇଛି। ତେବେ କୋର୍ଟ ବନ୍ଦ ନେଇ ହାଇକୋର୍ଟଙ୍କୁ ଅବଗତ କରିବାକୁ ପଡ଼ିବ।

# ମହଙ୍ଗା ହେଉଛି ଭିଟାମିନ୍-ସି ଟାବ୍‌ଲେଟ୍

କଟକ ଅଫିସ,୨୨।୭

■ ଚାହିଦା ବଢ଼ିବା ବେଳେ ଷ୍ଟକ ଅଭାବ
■ ଦର ବଢ଼ାଉଛନ୍ତି ଔଷଧ କମ୍ପାନୀ

କରୋନା ସମୟରେ ଭିଟାମିନ-ସି ଟାବଲେଟ ଖାଇବା ଲାଭଦାୟକ ହେବ ବୋଲି ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ପକ୍ଷରୁ କୁହାଯାଇଥିଲା। ଆଇଏଲ୍‌ଆଇ (ଇନ୍‌ଫ୍ଲୁଏଞ୍ଜା ଲାଇକ ଇଲ୍‌ନେସ) ବା ସର୍ଦ୍ଦି, କାଶ ପରି ଲକ୍ଷଣ ଥିବା ବ୍ୟକ୍ତି ଏହି ଟାବଲେଟ୍‌ରୁ ରୋଗ ପ୍ରତିରୋଧକ ଶକ୍ତି ପାଇବେ ବୋଲି ଆଇସିଏମ୍‌ଆର୍ କହିଥିଲା। ଏହାପରେ ଲୋକେ ଏତେ ପରିମାଣରେ ଏହି ଟାବ୍‌ଲେଟ୍ କିଣିଲେ ଯେ, ବର୍ତ୍ତମାନ ବଜାରରେ ଏହାର ଅଭାବ ଦେଖା ଦେଲାଣି। ଏସ୍‌ସିବିରେ ତିନି ଦିନ ହେବ ଏହାର ଷ୍ଟକ ସରିଯାଇଥିବା ଏଠାକାର ଜଣେ ଷ୍ଟୋର ଫାର୍ମାସିଷ୍ଟ କହିଛନ୍ତି। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଜନୌଷଧି ଯୋଜନାରେ ଔଷଧ ବିକ୍ରି କରୁଥିବା କେତେଜଣ କହିଛନ୍ତି ଯେ, ସେମାନେ ୧୦ ବକ୍ସ ଅର୍ଡର କଲେ ଏବେ ଗୋଟିଏ ବକ୍ସ ମିଳୁଛି।

ଏକ ବହୁରାଷ୍ଟ୍ରୀୟ କମ୍ପାନୀର ଅଗ୍ରଣୀ ବ୍ରାଣ୍ଡ ଅଳ୍ପ ଦିନ ମଧ୍ୟରେ ୨୭ କୋଟି ଟାବ୍‌ଲେଟ ବିକ୍ରି କରିବା ପରେ କମ୍ପାନୀ ଡିପୋରୁ ଷ୍ଟକ ଖାଲି ହୋଇଯାଇଥିବା ଜଣାପଡ଼ିଛି। ଗତ ମେ'ରେ କଟକର ଜଣେ ଔଷଧ ବ୍ୟବସାୟୀ ୫ ହଜାର ଭିଟାମିନ-ସି ଟାବଲେଟ୍ ଓଡ଼ିଶା ପୋଲିସକୁ ଦେଇଥିଲେ। ଅନ୍ୟ ଏକ ଅଗ୍ରଣୀ ଫାର୍ମା କମ୍ପାନୀ ଓଡ଼ିଶା ପୋଲିସକୁ ଆଉ ୧୦ ହଜାର ଟାବଲେଟ୍ ଯୋଗାଇଥିଲା। ଏହାପରେ ମଧ୍ୟ ଓଡ଼ିଶା ପୋଲିସକୁ ଭିଟାମିନ-ସି ଟାବଲେଟ୍‌ର ଅଭାବ ପଡ଼ିଥିଲା। ତେଣୁ ଆହୁରି ଅଧିକ ଟାବଲେଟ୍ କିଣାଯିବା ସହ ୧୫ ଦିନ ପର୍ଯ୍ୟନ୍ତ ଏହାକୁ ଖାଇବା ପାଇଁ ସମସ୍ତ କର୍ମଚାରୀଙ୍କୁ କୁହାଯାଇଥିଲା। ତେବେ ବଜାରରେ ଭିଟାମିନ-ସି ଟାବଲେଟ୍‌ର ଅଭାବକୁ ଦେଖି କେତେକ ଔଷଧ କମ୍ପାନୀ ଏହାର ଫାଇଦା ନେଇ ଦର ବଢ଼ାଇ ଚାଲିଛନ୍ତି। ପୂର୍ବରୁ ଭିଟାମିନ-ସି ଟାବଲେଟ୍‌ର ମୂଲ୍ୟ ଦେଢ଼ ଟଙ୍କାରୁ ୨ ଟଙ୍କା ଥିବାବେଳେ ତାହା ଏବେ ୬ ଟଙ୍କା ଉପରେ ରହିଛି। ଭାରତୀୟ ନିୟାମକ ସଂସ୍ଥା ଭାବେ ନ୍ୟାଶନାଲ ଫାର୍ମାସ୍ୟୁଟିକାଲ ପ୍ରାଇସିଂ ଅଥରିଟି ଦେଶରେ ସମସ୍ତ ଔଷଧର ମୂଲ୍ୟ ନିର୍ଦ୍ଧାରଣ କରିଥାଏ। କରୋନା ମହାମାରୀ ଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଅଥରିଟି ଏଭଳି ଅତ୍ୟାବଶ୍ୟକ ଔଷଧର ଦର ବୃଦ୍ଧି କରିଛି କି ନା, ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ କେତେକ ଫାର୍ମା କମ୍ପାନୀ ଏହାର କୃତ୍ରିମ ଅଭାବ ସୃଷ୍ଟି କରିବା ସହ ଦର ବଢ଼ାଇ ଲାଭବାନ ହେଉଛନ୍ତି। ସରକାର ଏହା ଉପରେ ରୋକ୍ ଲଗାଇବା ପାଇଁ ସାଧାରଣରେ ଦାବି ହୋଇଛି।

PARADIP PORT TRUST
e-TENDER CALL NOTICE
E-tenders are invited on behalf of Paradip Port Trust for the work **"Establishment of 400 Bedded Super Specialty Hospital at Paradip Port with an option to develop Medical College and further expansion of hospital on PPP basis."** The last date & time of submission of tender **18.08.2020 on 14.00 Hrs.** For details, please refer website: **http://eprocure.gov.in/eprocure/app.**
Chief Medical Officer
PPT/PR/137/2020-21 Dt.22/07/2020

OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, KANDHAMAL
E-mail: cdmophulbani@gmail.com, Phone/Fax: 06842-253249
Advt. No. Date: 07/2020
CORRIGENDUM
COVID - 19 (Daily Wages)
No. E-131: In continuation to this office Adv. No. 9099, Dt.16.07.2020 and applications are invited for eligible unemployed trained candidates for selection & engagement on contractual (daily wages) basis of ANM/MPW (F) under the administrative control of the CDM&PHO, Kandhamal. The applications will be received by hand and received by e-mail in **cdmphophulbani20@gmail.com** on 23.07.2020 and 24.07.2020 at Zilla Parishad Conference Hall, Panchayat Bhawan instead of ANM (TC), Phulbani.
Sd./- R. Pattnaik
CDM & PHO, Kandhamal
OIPR-10015/11/0002/2021

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA
DIST.: KALAHANDI - 766026, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD.
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
NOTICE INVITING TENDER No. UIHEP-19/2020-21 Date: 21.07.2020
No. CAD-288: Tenders are invited in sealed envelopes from the registered travel agencies/vehicle owners for providing services as mentioned below.

| Description of Materials/ Services | Cost of Tender Paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Hiring of Two Nos. petrol run light vehicle i.e. (Tiago/Bolt/Celerio) for the Technical Wing Head and HR Wing Head of UIHEP, Mukhiguda for (03) three years | 7,080/- (inclusive of GST) | 1% (One percent) of the quoted value for total engagement of period | From 27.07.2020 to 10.08.2020 upto 13.00 Hrs. | 10.08.2020 (upto 13.00 Hrs.) | 10.08.2020 at 16.00 P.M. |

For details of the tender documents, terms and conditions please visit our website www.ohpcltd.com.
Sd./- Unit Head, UIHEP, Mukhiguda
OIPR-32136/11/0018/2021

DIRECTORATE OF EXTENSION EDUCATION
ODISHA UNIVERSITY OF AGRICULTURE AND TECHNOLOGY
Bhubaneswar, Pin - 751003
WALK-IN-INTERVIEW
Walk-in-Interview will be conducted on 12th August, 2020 at 10:00 AM in the Conference Hall-I, Directorate of Extension Education, OUAT, Bhubaneswar for the posts of Asst. Press Overseer (one No.) and Binder (one No.) under Post retirement engagement scheme of OUAT in the Directorate of Extension Education, OUAT, Bhubaneswar. The interested candidates should bring their bio-data (two sets) with two recent passport size photographs, self attested copies of all certificates/mark sheet/ experience certificates. **No TA/DA** will be paid for attending the interview.
The qualification, experience, monthly remuneration for these posts along with application form and terms of engagement will be available in the OUAT website i.e. **www.ouat.nic.in**
Sd/-
DEAN EXTENSION EDUCATION

GOVERNMENT OF ODISHA
ELECTRICAL LICENSING BOARD
OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECRICAL INSPECTOR, ODISHA
3rd Floor, Heads of Department Building, Bhubaneswar - 751001
E-mail: secyelbo@nic.in, Fax/Phone: 0674-2394572, 2394873
NOTICE
(Indicative Advertisement)
No. 810 Dated: 20.07.2020
No. AA-04: Department of Energy in Government of Odisha have notified for authorization of "Chartered Electrical Safety Engineer" (CESE) vide No. 6393 dated 17.07.2020 in accordance with clause 5(A) of Central Electricity Authority (Measures Relating to Safety and Electic Supply) Regulation, 2010. As the testing and safety inspection of electrical installation prior to commencement of electricity supply is a mandatory requirement, owner/supplier/consumer of the installation can now self certify their installation upto 440 volts by taking the assistance of CESE. The authorized CESE shall test the installation as per rules/ standards and assist the owner in self certification. Detailed notification is available in website: www.eicelectricityodisha.nic.in.
Sd./- EIC(Electricity)-cum-PCEI
Odisha, Bhubaneswar
OIPR-04025/11/0002/2021

VACANCY NOTIFICATION
No. D-35: Applications are invited from amongst Retired Officers of Defence (Ex-Serviceman) in the Rank of Colonel/Lt. Col or equivalent rank in Navy and Air Force within one month from the date of publication of the advertisement for engagement in the Post of Secretary (One) in the Rajya Sainik Board, Odisha, Bhubaneswar under the Administrative Control of Home Department.
Eligibility Criteria:
1. The candidate should be a retired officer from Defence Services.
2. The candidates should have had a clean record of service and good character.
3. The age of the Ex-serviceman shall not be more than 60 years.
4. Service tenure of Secretary of Rajya Sainik Board will be for a period of 5 years or upto 65 years of age, whichever is earlier.
5. The re-employment shall be made initially for a period of two years which can be extended for subsequent period with spells of one year each subject to satisfactory performance.
6. Remuneration will be fixed as per the FDOM No. 7022 dated 17.03.2018 for the Post of Secretary, Rajya Sainik Board, Odisha @ Rs.42,000/- per month.
7. The re-employment can be terminated at any point of time by the appointing authority subject to unsatisfactory performance of the re-employed officer by giving one month notice. Moreover, if the re-employed officer desires to resign, he shall do so by giving one month's written notice to the appointing authority.
Sd./- Additional Secretary to Government
Home Department
OIPR-12001/11/0001/2021

WESCO WESCO UTILITY
Headquarters Office: At/Po- Burla, Dist.-Sambalpur-768017, Odisha
Ph.-(0663)2430524, Fax-(0663)2432115 Website: www.wescoodisha.com
CORRIGENDUM NO-I TO TENDER CALL NOTICE
No. WESCO/WORKS/20-21/ 05 Date: 07.07.2020
The time period is hereby extended for Submission and Opening of Tender Documents up to Date.12.08.2020, 13.00 Hour of above mentioned Tender Call Notice. A **Corrigendum** to the said notice has been uploaded in our website **www.wescoodisha.com**. Prospective bidders are requested to visit the website for details of the corrigendum.
Sd/- **General Manager (Works)**

The Odisha Small Industries Corporation Ltd.
( A Government of Odisha Undertaking) )
(An ISO:9001:2008 certified Govt.Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicmd@gmail.com, website: osicltd.in
TENDER CALL NOTICE
Tender Notice No.2905 Date : 22.07.2020
Tender Call Notice is invited under two bid system from the eligible, reputed and established transporters having network in Odisha for transportation of Industrial Raw Materials. The approximate transportation quantity of materials will be 1,00,000 MTS per year. The detail information and tender document shall be uploaded in the website www.osicltd.in which can be downloaded and submitted along with tender paper cost of Rs 10,000/- (non–refundable). Any revisions, corrigendum, time extension etc. to the tender will be hoisted on OSIC website only. The last date and time for submission of Tender in the Tender Box of M.D., OSIC Ltd., Cuttack is dt. 24.08.2020 by 4.00 PM. The Technical Bid will be opened on dt. 25.08.2020 at 11.00 AM. OSIC reserves the right to accept or reject any or all the tender or cancel the entire tender without assigning any reason thereof.
E.M.D. as described in the DTCN should be submitted along with the tender paper.
MANAGING DIRECTOR

## କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ହଟିଲା ପ୍ରତାପନଗରୀ

**କଟକ ଅଫିସ:** ପ୍ରତାପନଗରୀରୁ ୯ ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ଉକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଥିଲା। ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯିବା ସହ କେଉଁମାନେ ସେମାନଙ୍କ ସଂସ୍ପର୍ଶରେ ଆସିଥିଲେ, ତାହା ଯାଞ୍ଚ ହୋଇଥିଲା। ବୁଧବାର ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଥିବା ସିଏମ୍‌ସି ସୂଚନା ଦେଇଛି। ଫଳରେ ପ୍ରତାପନଗରୀ ଅଞ୍ଚଳରୁ କଣ୍ଟେନମେଣ୍ଟ ଜୋନ୍ କଟକଣା ବୁଧବାର ହଟାଇ ଦିଆଯାଇଛି। ସିଏମ୍‌ସି କମିଶନର ଅନନ୍ୟା ଦାସ ଖୋର୍ଦ୍ଦିନ ସାହି କଣ୍ଟେନମେଣ୍ଟ ଜୋନ ପରିଦର୍ଶନ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ବିଶୋଧନ ଓ ଏନଫୋର୍ସମେଣ୍ଟ ପ୍ରକ୍ରିୟା ଉପରେ ସମୀକ୍ଷା ସହ ଲାଲବାଗ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

**ସଂକ୍ଷେପରେ**

## ଏସ୍‌ସିବି ବ୍ଲଡ୍‌ବ୍ୟାଙ୍କ: ୪ କରୋନା ଯୋଦ୍ଧା ପଜିଟିଭ

**କଟକ ଅଫିସ,୨୨।୭:** ଏସ୍‌ସିବି ବ୍ଲଡ୍‌ବ୍ୟାଙ୍କରୁ ଗତ ୬ ଦିନରେ ୪ କରୋନା ଯୋଦ୍ଧା ପଜିଟିଭ ଚିହ୍ନଟ ହୋଇଛନ୍ତି। ପ୍ରଥମେ ଗତ ୧୭ ତାରିଖରେ ଜଣେ ପିଜି ଛାତ୍ରୀ ଓ ୨୧ ତାରିଖରେ ଆଉ ଜଣେ ଡାକ୍ତରଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ସେହିପରି ବୁଧବାର ଜଣେ ପୁରୁଷ ନର୍ସ ଓ ଟେକ୍ନିସିଆନଙ୍କୁ ମିଶାଇ ୪ଜଣ ଆକ୍ରାନ୍ତ ଚିହ୍ନଟ ହେଲେଣି। ଏହା ଏବେ ଉକ୍ତ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି। କାରଣ ଗତ ୧୫ ତାରିଖରୁ ଉକ୍ତ ବିଭାଗ ଅଧୀନରେ ସାରା ରାଜ୍ୟର କୋଭିଡ ହସ୍ପିଟାଲଗୁଡ଼ିକ ପାଇଁ ପ୍ଲାଜ୍‌ମା ଥେରାପି ପରିଚାଳନା କରାଯାଉଛି। ଏହା ବ୍ୟତୀତ ଏସ୍‌ସିବି ଆଇସୋଲେଶନ ୱାର୍ଡରୁ ଆଉ ୧୦ ଜଣଙ୍କ ରିପୋର୍ଟ ମଧ୍ୟ ପଜିଟିଭ ଆସିଛି। ସେମାନଙ୍କ ମଧ୍ୟରୁ ୬ ପୁରୁଷ ଓ ୪ ଜଣ ମହିଳା ରହିଛନ୍ତି।

## ଖବରକାଗଜ ବିତରକଙ୍କୁ ଔଷଧ ବଣ୍ଟନ

**ପୁରୀ ଅଫିସ,୨୨।୭:** ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ, ପୁରୀ ଶାଖା ପକ୍ଷରୁ ବୁଧବାର ସକାଳେ ମାଉସୀ ମା' ମନ୍ଦିର ନିକଟରେ ଖବରକାଗଜ ବିତରକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ, ମାସ୍କ ବ୍ୟବହାର ଏବଂ କରୋନା ସଂକ୍ରମଣ ସମ୍ପର୍କରେ ସଚେତନ କରାଯାଇଥିଲା। ସମସ୍ତଙ୍କ ଥର୍ମାଲ ସ୍କ୍ରିନି କରାଯିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଡାକ୍ତର ନବ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହୋମିଓପାଥି ଔଷଧ ବଣ୍ଟନ କରାଯାଇଥିଲା। ପରିଷଦର ପ୍ରାନ୍ତୀୟ ସଙ୍ଗଠନ ସଚିବ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଶାଖା ଅର୍ଥ ସଚିବ ଗୌରାଙ୍ଗ ମିଶ୍ର, ସଙ୍ଗଠନ ସଚିବ ରାମଚନ୍ଦ୍ର ଦଳାଇ, ଜଗଦୀଶ ଆଚାର୍ଯ୍ୟ, ସୂର୍ଯ୍ୟମଣି ନାୟକ, ଆଇନଜୀବୀ ଲାଲା ଅନନ୍ତ କୁମାର ସିଂ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଏହାକୁ ପରିଚାଳନା କରିଥିବା ସଚିବ ସୁପ୍ରୀତ ରଥ ଜଣାଇଛନ୍ତି।

## ଧୂଳିମୁକ୍ତ ହେବ କଟକ ସହର
### କୋଟିଏ ଟଙ୍କାର ବ୍ୟୟ ଅଟକଳ କଲା ସିଏମ୍‌ସି

**କଟକ ଅଫିସ,୨୨।୭:** କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସହରରେ ବାୟୁ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ନିଆଯାଉଛି। ଏଥିପାଇଁ ରାଷ୍ଟ୍ରୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନ୍‌ସିଏପି) ଆରମ୍ଭ କରାଯିବ। ପ୍ରାୟ କୋଟିଏ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରିଛି ସିଏମ୍‌ସି। ଉକ୍ତ ଟଙ୍କାରେ ସହରର ମୁଖ୍ୟରାସ୍ତା ପାର୍ଶ୍ୱରେ ଚାରାରୋପଣକୁ ବ୍ୟାପକ କରାଯିବା ସହ ଧୂଳି ସଫେଇ ପାଇଁ ସ୍ଥାୟୀ ବ୍ୟବସ୍ଥା ହେବ। ରାସ୍ତା ସଫା କରିବାକୁ ସିଏମ୍‌ସି ମେକାନିକାଲ ସୁଇପିଂ ମେଶିନ କିଣିବ। ଏଥିପାଇଁ ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବାଦାମବାଡ଼ି-ମଧୁପାଟଣା, ମର୍କତନଗର, ମହାନଦୀ ବିହାର ଓ କ୍ୟାଣ୍ଟନମେଣ୍ଟ ରୋଡ୍‌ରେ ମେଶିନ ଦ୍ୱାରା ସଫେଇ କାର୍ଯ୍ୟ କରାଯିବ। ଅନ୍ୟପକ୍ଷରେ ବାକି ୪୦ ଲକ୍ଷ ଟଙ୍କାରେ ଚାରା ରୋପଣ ହେବ। ଖୁବ୍‌ଶୀଘ୍ର ଏହି ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଦୁଃଖ ଭୋଗୁଛନ୍ତି ରଙ୍ଗମାଟିଆବାସୀ


ରଙ୍ଗମାଟିଆ ମୁଖ୍ୟ ରାସ୍ତାର ପ୍ରବେଶ ପଥରେ ରହିଥିବା ବଡ଼ବଡ଼ ଖାଲ।


ପାଣି କାଦୁଅରେ ଭର୍ତ୍ତି ଅନ୍ୟ ଏକ ରାସ୍ତା।

**ଭୁବନେଶ୍ୱର, ୨୨।୭ (ବ୍ୟୁରୋ)**

କରୋନା ଆଳରେ ବିଭିନ୍ନ ବିକାଶମୂଳକ କାମ କଥା ଭୁଲିଗଲାଣି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ବିଶେଷକରି ସହରର ରାସ୍ତାଘାଟ ଅବସ୍ଥା ବିଗିଡ଼ିବାରେ ଲାଗିଥିଲେ ମଧ୍ୟ ବିଏମ୍‌ସି, ପୂର୍ତ୍ତ ଓ ଆର୍‌ଆଣ୍ଡବି ଅଧିକାରୀଙ୍କ ନଜର ପଡୁନି। ମୁଖ୍ୟ ରାସ୍ତାଠାରୁ କଲୋନୀ ଓ ଗଳିକନ୍ଦି ସବୁଠି ଖଣ୍ଡିଆଖାବରା ହୋଇପଡି ରହିଛି। ସହରରେ ଉପାନ୍ତ ଅଞ୍ଚଳର ଚିତ୍ର ନଜରକୁ ଆସୁଛି। ମଞ୍ଚେଶ୍ୱର ରେଳ ଷ୍ଟେଶନ ନିକଟ ରଙ୍ଗମାଟିଆକୁ ଯାଉଥିବା ରାସ୍ତାକୁ ଦେଖିଲେ ୧ ନଂ. ସ୍ମାର୍ଟସିଟି ଭୁବନେଶ୍ୱରର ଅସଲ ଅବସ୍ଥା ବାରିହୋଇପଡୁଛି। ଏହି ଅଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ସହ ଅନ୍ୟ ପ୍ରବେଶପଥଗୁଡିକର ଦୟନୀୟ ସ୍ଥିତି ଲୋକଙ୍କୁ ଅଣନିଃଶ୍ୱାସୀ କରିଦେଉଛି। ରାସ୍ତାରେ ବଡ଼ ବଡ଼ ଖାଲ ମୃତ୍ୟୁର ଆଁ ମେଲିଛି। ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଥିବାବେଳେ ଏବେ ସେସବୁ ଖାଲରେ ବର୍ଷା ପାଣି ଜମି ରହୁଛି। ରାତିରେ ଲୋକେ ଜାଣି ନ ପାରି ଖାଲରେ ପଡ଼ି ଆହତ ହେଉଛନ୍ତି। ମାସେ କି ବର୍ଷେ ନୁହେଁ, ୩ବର୍ଷ ହେବ ଏପରି ଦୁର୍ଦ୍ଦଶା ଭୋଗୁଛନ୍ତି ରଙ୍ଗମାଟିଆବାସୀ। ସେମାନେ ଏନେଇ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଛନ୍ତି। ବହୁବାର ରାସ୍ତାକୁ ଓହ୍ଲାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ କିଛି ସୁଫଳ ମିଳିନି।

**ସ୍ମାର୍ଟସିଟି ରାସ୍ତା ଅବସ୍ଥା ଏମିତି**

- ରାସ୍ତାରେ ବଡ଼ ବଡ଼ ଖାଲ, ଜମି ରହୁଛି କାଦୁଅ ପାଣି
- ଦୁର୍ଘଟଣା ଘଟୁଛି, ଖାଲରେ ପଡି ଆହତ ହେଉଛନ୍ତି ଲୋକେ

ଫଳରେ ନିକଟରେ ମଧ୍ୟ ରଙ୍ଗମାଟିଆର ମହିଳାମାନେ ଧାରଣା ଦେଇ ତୁରନ୍ତ ରାସ୍ତାକାମ ପାଇଁ ଦାବି କରିଛନ୍ତି। ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀରେ ରହିଛି ରଙ୍ଗମାଟିଆ ଗ୍ରାମ। ମଞ୍ଚେଶ୍ୱର ରେଳଡ଼ବା କାରଖାନା ପାର୍ଶ୍ୱରେ ରହିଥିବା ଏହି ଗ୍ରାମକୁ ଏକାଧିକ ପ୍ରବେଶପଥ ରହିଥିଲେ ମଧ୍ୟ ଏହାର ମୁଖ୍ୟ ରାସ୍ତା ମଞ୍ଚେଶ୍ୱର ରେଳ ଷ୍ଟେଶନକୁ ସଂଯୋଗ କରୁଛି। ଚନ୍ଦ୍ରଶେଖରପୁର ଓ ଭିଏସ୍‌ଏସ୍‌ନଗର ଆଡୁ ଆସୁଥିବାଲୋକେ ରେଳଡବା କାରଖାନା ପାର୍ଶ୍ୱ ଦେଇ ଯାଇଥାନ୍ତି। ସେହିଭଳି କେନାଲ ବନ୍ଧ ଓ ଗାଡ଼କଣ ଆଡକୁ ମଧ୍ୟ ଯିବାଆସିବା ବାଟ ରହିଛି। ଏସବୁ ରାସ୍ତାରେ ପ୍ରତିଦିନ ହଜାର ହଜାର ଲୋକ ଓ ଛାତ୍ରୀଛାତ୍ର ଯିବାଆସିବା କରନ୍ତି। ବିଭିନ୍ନ କାମ ପାଇଁ ବଡ଼ ବଡ଼ ଟ୍ରକ୍ ମଧ୍ୟ ଚଳାଚଳ କରୁଛି। ଫଳରେ ଦିନକୁ ଦିନ ରାସ୍ତା ଅବସ୍ଥା ଆହୁରି ଖରାପ ହୋଇଯାଉଛି। ଲୋକେ ବଡ଼ ବଡ଼ ଖାଲ, କାଦୁଅ ପାଣିରେ ପଶି ଯିବାଆସିବା କରୁଛନ୍ତି। ସହରରେ ରହି ଦୁର୍ଗମ ଅଞ୍ଚଳର କଷ୍ଟ ପାଉଛନ୍ତି।

ଏନେଇ ବିଧାୟକ ସୁଶାନ୍ତ ରାଉତ କହିଛନ୍ତି, ଉକ୍ତ ରାସ୍ତା ମରାମତି ପାଇଁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଓ ମୁଖ୍ୟଯନ୍ତ୍ରୀ ଦେବସୁନ୍ଦର ମହାପାତ୍ରଙ୍କ ସହ ଅଲୋଚନା ହୋଇ କାମ ପାଇଁ ସବୁ ପ୍ରକ୍ରିୟା ସରିଛି। ମୁଖ୍ୟଯନ୍ତ୍ରୀ ମହାପାତ୍ର କହିଛନ୍ତି, ଉକ୍ତ ରାସ୍ତାର କିଛି ଅଂଶ ବିଏମ୍‌ସି ଅଞ୍ଚଳ ମଧ୍ୟରେ ଯାଉଛି ଓ କିଛି ଅଂଶ ପଞ୍ଚାୟତ ଅଧୀନରେ ଯାଉଛି। ଅଳ୍ପ କିଛି ଦିନ ମଧ୍ୟରେ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

### ମୁଖ୍ୟମନ୍ତ୍ରୀ, ଭୁବନେଶ୍ୱର ଏମ୍‌ପିଙ୍କୁ ଅଭିଯୋଗ

ରଙ୍ଗମାଟିଆର ଜଣେ ଯୁବକ ସୁପ୍ରଭାତ ମହାପାତ୍ର କିଛିଦିନ ତଳେ ରାସ୍ତାର ଏକ ଖାଲରେ ପଡି ଗୁରୁତର ଆହତ ହୋଇଥିଲେ। ଏହାପରେ ସେ ରାସ୍ତାର ଫଟୋ ସହ ଟୁଇଟରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ରାସ୍ତା ମରାମତି ପାଇଁ ନିବେଦନ କରିଥିଲେ।

### ୨୦୧୮ରୁ କାମ ସାରିବାକୁ ନିର୍ଦ୍ଦେଶ ଥିଲା

୨୦୧୮ ସୁଦ୍ଧା ରଙ୍ଗମାଟିଆରୁ ମଞ୍ଚେଶ୍ୱର ରେଳ ଷ୍ଟେଶନକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ମରାମତି କାର୍ଯ୍ୟ ସାରିବାକୁ ତତ୍କାଳୀନ ମେୟର ଅନନ୍ତ ନାରାୟଣ ଜେନା କହିଥିଲେ। ସରିବା ତ ଦୂରର କଥା ଆରମ୍ଭ ମଧ୍ୟ ହେଲା ନାହିଁ। ୨୦୧୯ ଜାନୁୟାରୀ ୧୪ରୁ କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ପୌର ନିର୍ବାଚନ ହୋଇପାରିନି। ଫଳରେ ଜନପ୍ରତିନିଧି ନ ଥିବାରୁ ଜନତଙ୍କ ସମସ୍ୟା ସମାଧାନ ପାଇଁ ଅଧିକାରୀ ଗୁରୁତ୍ୱ ଦେଉ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

### ଧାରଣା ଦେଲେ ମହିଳା ସମିତି ସଦସ୍ୟ

ରାସ୍ତା ଦୁରବସ୍ଥା ଦୂର ପାଇଁ ରଙ୍ଗମାଟିଆ ଅଞ୍ଚଳର ମହିଳା ସମିତି ସଦସ୍ୟ କିଛିଦିନ ତଳେ ରାସ୍ତାକୁ ଓହ୍ଲାଇ ଧାରଣା ଦେଇଥିଲେ। ମରାମତି ପାଇଁ ଅଞ୍ଚଳବାସୀ ବାରମ୍ବାର ବିଏମ୍‌ସି ସମେତ ରେଳ କର୍ତ୍ତୃପକ୍ଷ, ନଗର ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ କାର୍ଯ୍ୟ ହେଉ ନ ଥିବା ସେମାନେ ଅଭିଯୋଗ କରି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।



## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ପିପିଲି,୨୨।୭(ସ୍ୱ.ପ୍ର.)**

ପିପିଲି ଥାନା ଅଧୀନ କୌଶଲ୍ୟାଗଙ୍ଗ ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ମୃତକ ହେଲେ ସାଗର ସ୍ୱାଇଁ। ଏ ନେଇ ବୁଧବାର ମୃତ ଯୁବକଙ୍କ ସମ୍ପର୍କୀୟ ଭଉଣୀ ପୂର୍ବ ଶତ୍ରୁତାକୁ ନେଇ କେହି ମାନସିକ ନିର୍ଯାତନା ଦେଇଥିବାରୁ ଭାଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଅଭିଯୋଗ କରିଛନ୍ତି। ଏନେଇ ତଦନ୍ତ ଚାଲିଥିବା ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି। ଯୁବକ ଜଣକ ସୋମବାର ଘରେ ଅଚେତ ଅବସ୍ଥାରେ ତଳେ ପଡ଼ିଥିଲେ। ତାଙ୍କୁ ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଚିନ୍ତା ବଢ଼ାଉଛି ପେଣ୍ଠକଟା

**ପୁରୀ ଅଫିସ,୨୨।୭**

**ଶଟ୍‌ଡାଉନ ଘୋଷଣା ହେବ: ଜିଲାପାଳ**

ପୁରୀ ସହରରେ ଦ୍ରୁତଗତିରେ ମାଡୁଛି କରୋନା। ବିଶେଷକରି ପୁରୀ ପୌରାଞ୍ଚଳରେ ଦିନକୁଦିନ ସ୍ଥିତି ବିଗିଡୁଥିବା ବେଳେ ଏବେ ଚିନ୍ତା ବଢାଇଛି ପେଣ୍ଠକଟା। ତେଣୁ ପେଣ୍ଠକଟାରେ ଗୋଷ୍ଠୀ ସଂକ୍ରମଣ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଶଟ୍‌ଡାଉନ ଘୋଷଣା କରାଯିବ। ପେଣ୍ଠକଟାରୁ ଆଇଟିଆଇ ଛକ ଓ ବ୍ଲକ ଅଫିସ ପର୍ଯ୍ୟନ୍ତ ୮ରୁ ୧୦ ଦିନ ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା ହେବ ବୋଲି ଜିଲାପାଳ ବଲୱନ୍ତ ସିଂ ସୂଚନା ଦେଇଛନ୍ତି।

ପେଣ୍ଠକଟା ଅଞ୍ଚଳରେ ୫ହଜାରରୁ ଊର୍ଦ୍ଧ୍ୱ ବସ୍ତି ରହିଛି। ଏଠାରୁ ଗୋଟିଏ ଦିନରେ ଅଧିକ ପଜିଟିଭ ଚିହ୍ନଟ ହେବା ପରେ ପ୍ରଶାସନ ଚିନ୍ତାରେ ପଡ଼ିଛି। ଏହି ଅଞ୍ଚଳରେ କିପରି ଗୋଷ୍ଠୀ ସଂକ୍ରମଣ ନ ହେବ ସେଥିପାଇଁ ଏକାଧିକ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ୱତନ୍ତ୍ର ଭାବେ ଘରକୁ ଘର ବୁଲି ଥଣ୍ଡା, କାଶ, ଜ୍ୱର ଆଦି ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଓ କରୋନା ସଂକ୍ରମଣଠାରୁ ଦୂରେଇ ରହିବା ଲାଗି ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ଲକ୍ଷଣଯୁକ୍ତ ପ୍ରାୟ ୪୦୦ ଲୋକଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରୁ କେତେଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଅନ୍ୟମାନଙ୍କ ଟେଷ୍ଟ ରିପୋର୍ଟ ଆସିବା ପର୍ଯ୍ୟନ୍ତ ସେମାନଙ୍କୁ ସଙ୍ଗରୋଧରେ ରଖାଯାଇଛି। ବସ୍ତି ଅଞ୍ଚଳରେ ଏବେଠାରୁ ସ୍ଥିତି ନିୟନ୍ତ୍ରଣ କରା ନ ଗଲେ ଆଗକୁ ପରିସ୍ଥିତି ଅଧିକ ଗମ୍ଭୀର ହୋଇପଡ଼ିବ ବୋଲି କୁହାଯାଉଛି।

## ୮ ବର୍ଷ ପରେ ନିଖୋଜ ଦିବ୍ୟାଙ୍ଗ ଘରକୁ ଫେରିଲେ

**କଣାସ, ୨୨।୭(ସ୍ୱ.ପ୍ର)**

ଆନ୍ଧ୍ରପ୍ରଦେଶ ଚିତ୍ତୋର ଜିଲା ଅଧୀନ ବଡଗୁଟୁଲିପାଲ୍ଲି ଗ୍ରାମର ପରମେଶ୍ୱରମ୍‌ଙ୍କ ଦିବ୍ୟାଙ୍ଗ ନାବାଳିକା ଝିଅ ମାର୍‌ମା ୮ବର୍ଷ ତଳେ ନିଖୋଜ ହୋଇଯାଇଥିଲେ। ତାଙ୍କୁ ପୁରୀ ରେଳ ଷ୍ଟେଶନରୁ ଉଦ୍ଧାର କରାଯାଇ କଣାସ ବାଳାଶ୍ରମରେ ରଖାଯାଇଥିଲା। ତେବେ କେତେଜଣ ସାମାଜିକ କର୍ମୀଙ୍କ ଉଦ୍ୟମ ଯୋଗୁ ମଙ୍ଗଳବାର ସେ ଘରକୁ ଫେରିଯାଇଛନ୍ତି।

ସୂଚନା ଅନୁଯାୟୀ, ୮ବର୍ଷ ତଳେ ମାର୍ମା କୌଣସି କାରଣରୁ ଟ୍ରେନ୍ ଯୋଗେ ପୁରୀ ଚାଲିଆସିଥିଲେ। ସେ ରେଳଷ୍ଟେଶନରେ ଭିକ୍ଷା ମାଗୁଥିବା ଦେଖି ଜିଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତ୍ତାମାନେ ତାଙ୍କୁ ଉଦ୍ଧାର କରି କଣାସ ବ୍ଲକ ଦୟାବିହାରସ୍ଥିତ ମୂକ, ବଧିର ଆବାସିକ ବିଦ୍ୟାଳୟରେ ୨୦୧୨ ଜୁଲାଇ ୨୦ରେ ଥଇଥାନ କରାଇଥିଲେ। କର୍ମକର୍ତ୍ତାମାନଙ୍କ ଉତ୍ତମ ସେବା ଓ ଚିକିତ୍ସା ଯୋଗୁ ସେ ନିଜର ବାକ୍ ଓ ଶ୍ରବଣ ଶକ୍ତି ଫେରିପାଇଥିଲେ। ପରେ ତାଙ୍କୁ ଉକ୍ତ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ବିଭାଗ (ବାଳାଶ୍ରମ)କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ଘର ଆନ୍ଧ୍ରପ୍ରଦେଶରେ ବୋଲି ଜଣାପଡ଼ିଥିଲା। ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ଏବଂ ପିଓ ଏନ୍‌ଆଇସି ସ୍ନିଧାରାଣୀ ସାହୁ ଚିତ୍ତୋର ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ସେମାନେ ମାର୍ମାଙ୍କ ପରିବାର ସମ୍ପର୍କରେ ଅନୁସନ୍ଧାନ କରି ସମସ୍ତ ବିଷୟ ଅବଗତ କରାଇଥିଲେ। ମାର୍ମାଙ୍କ ଭାଇ ଆର୍. ରାଜେନ୍ଦ୍ର ଏବଂ ଏମ୍. ମାନି ଗତ ୨୦ତାରିଖରେ ଉକ୍ତ ଅନୁଷ୍ଠାନରେ ପହଞ୍ଚି ଭଉଣୀକୁ ଦେଖି ଖୁସିରେ କାନ୍ଦି ପକାଇଥିଲେ। ପ୍ରତିଷ୍ଠାନ ଓ ଜିଲା ଶିଶୁ କଲ୍ୟାଣ କମିଟି ସହଯୋଗରେ ସେ ମାର୍ମାଙ୍କୁ ସାଥିରେ ଧରି ଘରକୁ ବାହୁଡ଼ିଥିଲେ।




## ମୋବାଇଲ ଝାମ୍ପି ନେଲେ ଦୁର୍ବୃତ୍ତ

**ପୁରୀ ଅଫିସ,୨୨।୭**

ପୁରୀ ସହରରେ ବୁଧବାର ୩ ଦୁର୍ବୃତ୍ତ ଜଣେ ସାଇକେଲ ଆରୋହୀଙ୍କ ପକେଟରୁ ମୋବାଇଲ ଫୋନ ଝାମ୍ପି ନେଇଛନ୍ତି। ସମୁଦ୍ରକୂଳ ଥାନାଠାରୁ ଅଳ୍ପ କିଛି ହାତ ଦୂରରେ ଏହି ଘଟଣା ଘଟିଛି। ପୁରୀ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ରଞ୍ଜନ କୁମାର ସାହୁ ରାତି ପ୍ରାୟ ୯ଟାରେ ସମୁଦ୍ରକୂଳ ଥାନା ପଟୁ ଦିଗବାରିଣୀ ଖୁଣ୍ଟି ଆଡ଼କୁ ସାଇକେଲରେ ଯାଉଥିଲେ। କିଛି ବାଟ ପରେ ପଛରୁ ୩ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ସହ ପିଟି ହୋଇଯାଇଥିଲେ। ରଞ୍ଜନ ପଡ଼ିଯିବା ପରେ ୩ଯୁବକଙ୍କ ମଧ୍ୟରୁ ଜଣେ ତାଙ୍କ ଫୋନ ଝାମ୍ପି ନେଇଥିଲେ। ପରେ ସେମାନେ ବାଇକ୍‌ରେ ପଳାଇଥିଲେ। ଏ ନେଇ ରଞ୍ଜନ ଥାନାରେ ଅଭିଯୋଗ କରିଛନ୍ତି। ନୂତନ ଏସ୍‌ପିଙ୍କ ଯୋଗଦାନର ଦିନକ ପରେ ଏଭଳି ଘଟଣା ପୋଲିସକୁ ଚ୍ୟାଲେଞ୍ଜ ସଦୃଶ ହୋଇଛି। ଅସାମାଜିକମାନେ ପୁଣି ସକ୍ରିୟ ହୋଇଉଠିଥିବା ସ୍ପଷ୍ଟ ହେଉଛି।

## ଖାଦ୍ୟର ମାନ ଉପରେ ଗୁରୁତ୍ୱ

**ପୁରୀ ଅଫିସ,୨୨।୭**

**ଆର୍‌ଡିସିଙ୍କ କୋଭିଡ୍ ସମୀକ୍ଷା**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଅନିଲ କୁମାର ସାମଲ ବୁଧବାର ପୁରୀ ଜିଲା କୋଭିଡ୍ ସ୍ଥିତିର ସମୀକ୍ଷା କରିଛନ୍ତି। ସର୍କିଟ ହାଉସରେ ଆୟୋଜିତ ସମୀକ୍ଷା ବୈଠକରେ ଆର୍‌ଡିସି ସାମଲ ଜିଲାରେ କରୋନା ମୁକାବିଲା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ ହେବା ସହ କୋଭିଡ୍ ଚିକିତ୍ସା କେନ୍ଦ୍ରରେ ଉପଲବ୍ଧ ସୁବିଧା ଓ ଖାଦ୍ୟର ମାନ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଜିଲାପାଳ ବଲୱନ୍ତ ସିଂ ଜିଲାରେ କୋଭିଡ୍ ସ୍ଥିତି, କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର, କୋଭିଡ୍ କେୟାର ସେଣ୍ଟର, କୋଭିଡ୍ କେୟାର ହୋମ୍, ଗ୍ରାମ୍ୟସ୍ତରୀୟ କରୋନା ପରିଚାଳନା କମିଟି ଗଠନ ସମ୍ପର୍କରେ ଜଣାଇଥିଲେ। ସେହିପରି ଜିଲାର ସହରାଞ୍ଚଳ ବସ୍ତିରେ କରୋନା ନିୟନ୍ତ୍ରଣ ପାଇଁ ଟେଷ୍ଟିଂ ଏବଂ କରୋନା କେୟାର ମନିଟର ଭାବେ ସ୍ୱେଚ୍ଛାସେବୀ ମୁତୟନ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ବିନୟ କୁମାର ଦାଶ ଓ ସୁବାସ ଚନ୍ଦ୍ର ନାଥଶର୍ମା, ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ଆର୍‌ଡିସି ଅନିଲ କୁମାର ସାମଲ, ଜିଲାପାଳ ବଲୱନ୍ତ ସିଂ ଏବଂ ଅନ୍ୟ ଅଧିକାରୀ।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଜାତୀୟ ପୁରସ୍କାର ବିଜେତା
Sri Ram Finance
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ -
ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଓ ସରଳ କିସ୍ତିରେ
2% ସୁଧ ଏବଂ 50% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
DELHI CHANDNI CHOWK
8295835122

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ | ବାଇକ୍
ଭଡ଼ା- 65,000 | ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଆଅନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN
୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | + ମାସିକ 20 ହଜାରର
ଭଡ଼ା: 45 ହଜାର | ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପୁରୀ: ୨୮ ପଜିଟିଭ ଚିହ୍ନଟ

ପୁରୀ ଅଫିସ: ପୁରୀ ଜିଲାରେ କରୋନା ସ୍ଥିତି ଅଧିକ ବିଗିଡ଼ିବାରେ ଲାଗିଛି। ବୁଧବାର ଜିଲାରୁ ୨୮ ପଜିଟିଭ ଚିହ୍ନଟ ହୋଇଥିବାବେଳେ ୧୭ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୪୪୪ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ବୁଧବାରର ୧୭ ଜଣଙ୍କୁ ମିଶାଇ ମୋଟ ୩୪୧ ଜଣ ସୁସ୍ଥ ହୋଇଥିବାବେଳେ ୯୯ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କରୋନା ଯୋଗୁ ଜିଲାର ୨ ଜଣଙ୍କୁ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ରୋଗ ପାଇଁ ଆଉ ୨ ଜଣଙ୍କ ଜୀବନ ଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଓଡ଼ିଶା ସାହିତ୍ୟ ଏକାଡେମୀର ଗଜପତି ଜିଲା ସାଧାରଣ ପରିଷଦ ସଦସ୍ୟ ବଦଳିଲେ

ବିଚିତ୍ରାନନ୍ଦ ବେବର୍ତ୍ତା ସଦସ୍ୟ ମନୋନୀତ

**ଭୁବନେଶ୍ୱର,୨୨।୭(ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ପୁନର୍ଗଠନ ନେଇ ଗତ ୨୧ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆସନ୍ତା ୨୪ ତାରିଖଠାରୁ ଏହି ନବଗଠିତ ପରିଷଦ କାର୍ଯ୍ୟକାରୀ ହୋଇଥାନ୍ତା। ହେଲେ ଜିଲାୱାରି ମନୋନୀତ ହୋଇଥିବା ସଦସ୍ୟଙ୍କ ମଧ୍ୟରୁ ଜଣେ ସଦସ୍ୟଙ୍କର ଇତିମଧ୍ୟରେ ମୃତ୍ୟୁ ଘଟିଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗଜପତି ଜିଲାରୁ ସାଧାରଣ ପରିଷଦକୁ ମନୋନୀତ ହୋଇଥିବା ସଦସ୍ୟା ମୀନାକ୍ଷୀ ସାହୁଙ୍କର ଦେହାନ୍ତ ଘଟିଥିବାରୁ ବିଭାଗ ପକ୍ଷରୁ ବିଜ୍ଞପ୍ତିରେ ସଂଶୋଧନ କରାଯାଇଛି। ତାଙ୍କ ସ୍ଥାନରେ ବିଚିତ୍ରାନନ୍ଦ ବେବର୍ତ୍ତାଙ୍କୁ ଗଜପତି ଜିଲା ସଦସ୍ୟଭାବେ ୩ବର୍ଷ ନିମନ୍ତେ ମନୋନୀତ କରାଯାଇଛି। ବେବର୍ତ୍ତାଙ୍କର କାର୍ଯ୍ୟକାଳ ୨୦୨୦ ଜୁଲାଇ ୨୪ରୁ ୨୦୨୩ ଜୁଲାଇ ୨୩ ତାରିଖ ପର୍ଯ୍ୟନ୍ତ ବୈଧ ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ସେବାୟତଙ୍କ ପାଇଁ କୋଭିଡ୍ କେୟାର ହୋମ୍

ହୋଟେଲ ଖୋଜୁଛି ପ୍ରଶାସନ

**ପୁରୀ ଅଫିସ,୨୨।୭:** ଶ୍ରୀମନ୍ଦିର ସେବାୟତମାନେ କିପରି କରୋନା ସଂକ୍ରମଣ ଠାରୁ ଦୂରେଇ ରହିପାରିବେ ସେଥିଲାଗି ମନ୍ଦିର ପ୍ରଶାସନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଯଦି ସେବାୟତ କିମ୍ବା ଶ୍ରୀମନ୍ଦିର କର୍ମଚାରୀ ପଜିଟିଭ ଚିହ୍ନଟ ହୁଅନ୍ତି ତେବେ ସେମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯିବା ନେଇ ଉଦ୍ୟମ ଆରମ୍ଭ ହୋଇଛି। ଏଥିଲାଗି ସ୍ୱତନ୍ତ୍ର ଭାବେ କୋଭିଡ୍ କେୟାର ହୋମ୍ ଏବଂ କୋଭିଡ୍ କେୟାର ସେଣ୍ଟର କରାଯିବ ବୋଲି ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି। ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ପ୍ରଶାସକ କହିଛନ୍ତି, ଏକ ହୋଟେଲରେ ଶ୍ରୀମନ୍ଦିର ସେବାୟତ ଓ କର୍ମଚାରୀଙ୍କ ପାଇଁ ୩୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର କୋଭିଡ୍ କେୟାର ହୋମ୍ ଏବଂ ୧୫ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର କରାଯିବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଉଦ୍ୟମ ଚାଲିଛି। ଏଥିପାଇଁ ଏକ ହୋଟେଲ ଖୋଜାଯାଉଛି। ଯଦି କୌଣସି ସେବାୟତ କିମ୍ବା କର୍ମଚାରୀ ପଜିଟିଭ ଚିହ୍ନଟ ହୁଅନ୍ତି ତେବେ ସେମାନଙ୍କୁ ସେଠାରେ ରଖାଯାଇ ଚିକିତ୍ସା କରାଯିବ।

### କଟକ ସହରାଞ୍ଚଳରେ ୨ ନୂଆ କୋଭିଡ୍ କେୟାର ସେଣ୍ଟର

**କଟକ ଅଫିସ,୨୨।୭:** କଟକ ସହରାଞ୍ଚଳରେ ୨ ନୂଆ କୋଭିଡ କେୟାର ସେଣ୍ଟର ଖୋଲାଯାଇଛି। ବାରବାଟୀ ଷ୍ଟାଡିୟମର ଓସିଏ ପରିସର ଓ ଇନଡୋର ଷ୍ଟାଡିୟମ ପରିସରକୁ ଏଥିରେ ସାମିଲ କରାଯାଇଛି। ମୋଟ୍ ୫ଟି କୋଭିଡ କେୟାର ସେଣ୍ଟର ଖୋଲିଛି। ବାରବାଟୀ ଷ୍ଟାଡିୟମରେ ୭୫ଟି ଶଯ୍ୟା ରହିଛି। ସିଏମ୍‌ସି କମିଶନର ଅନନ୍ୟା ଦାସ ବୁଧବାର କେୟାର ସେଣ୍ଟର ଶଯ୍ୟା ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିଥିଲେ। ସହରରେ ଉକ୍ତ ୨ଟି ସେଣ୍ଟରକୁ ବାଦ୍‌ଦେଲେ ଗୋପାଳପୁରସ୍ଥିତ ଏଲ୍ ଆଣ୍ଡ ଟିରେ ୧୦୭, ବିଦ୍ୟାଧରପୁରରେ ୯୮, ଓଡ଼ିଶା ପ୍ରାଶାସନିକ ଟ୍ରିବ୍ୟୁନାଲ ପରିସରରେ ୨୨୦ଟି ଶଯ୍ୟା ବ୍ୟବସ୍ଥା କରାଯାଇଛି।

### ଟ୍ରକ୍ ଧକ୍କାରେ ଯୁବତୀ ମୃତ

**ଚୌଦ୍ୱାର,୨୨।୭ (ଡି.ଏନ.ଏ.) :** ଚୌଦ୍ୱାର ଥାନା ଅନ୍ତର୍ଗତ ନୁନ୍‌ଟିକିରି ଛକ ନିକଟରେ ଟ୍ରକ ଧକ୍କାରେ ଜଣେ ଯୁବତୀଙ୍କ ବୁଧବାର ମୃତ୍ୟୁ ହୋଇଛି। ମୃତକ ହେଲେ ୧୮ନମ୍ବର ୱାର୍ଡ ନୂଆସାହିର ମଧୁସ୍ମିତା ଦଲାଇ(୨୨)। ଏ ନେଇ ପୋଲିସ ନଂ. ୩୨୭/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମଧୁସ୍ମିତା ମଙ୍ଗୁଳି ଅଞ୍ଚଳର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। କାର୍ଯ୍ୟ ସାରି ସେ ଏକ ସ୍କୁଟି ଯୋଗେ ୫୫ନମ୍ବର ଜାତୀୟ ରାଜପଥରେ ଚୌଦ୍ୱାର ଆଡ଼କୁ ଆସୁଥିଲେ। ପଛପଟୁ ଏକ ମାଲ ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେବାରୁ ଛିଟିକି ପଡିଥିଲେ। ଟ୍ରକଟି ତାଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଛି। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରି ଡ୍ରାଇଭରକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

## ପୁରୀ ଉପକୂଳ: ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ କମୁଛି

**ପୁରୀ ଅଫିସ,୨୨।୭**

ଜଳବାୟୁ ପରିବର୍ତ୍ତନ ଏବଂ ପାଣିପାଗ ଅନିୟମିତତା ଦ୍ୱାରା ବହୁ ଜଳଜୀବ ପ୍ରଭାବିତ ହେଉଛନ୍ତି। ବିଶେଷକରି ଏହାଦ୍ୱାରା ପୁରୀ ଉପକୂଳରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ବ୍ୟାପକ ଭାବେ ହ୍ରାସ ପାଇବାରେ ଲାଗିଛି। ଅନିୟମିତ ପାଣିପାଗ ଯୋଗୁ ଅଧିକାଂଶ ଅଣ୍ଡା କାଞ୍ଜିଆ ହୋଇଯାଉଥିବାରୁ ଛୁଆ ଫୁଟିବା ସଂଖ୍ୟା ବି କମିବାରେ ଲାଗିଛି। ଏଥିସହିତ ବେଆଇନ ଟ୍ରଲର ଚଳାଚଳ ଯୋଗୁ ମଧ୍ୟ ପ୍ରତିବର୍ଷ ବହୁ ସଂଖ୍ୟକ ଅଲିଭ୍ ରିଡ୍‌ଲେଙ୍କ ମୃତ୍ୟୁ ଘଟୁଛି। ଗତ ୪ ବର୍ଷର ତଥ୍ୟକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ବାରି ହୋଇଯାଉଛି।

ସାଧାରଣଭାବେ ପ୍ରତିବର୍ଷ ନଭେମ୍ବର ମାସରେ ବହୁ ସଂଖ୍ୟାରେ ଅଲିଭ ରିଡ୍‌ଲେ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରିଥାନ୍ତି। କୂଳରୁ ୫ରୁ ୧୦କିମି ମଧ୍ୟରେ ଏମାନେ ସମବେତ ହୁଅନ୍ତି ଓ ସେଠାରେ ତାଙ୍କର ମିଳନ ହୁଏ। ଓଡ଼ିଶାର ଗହୀରମଥା ପରେ ପୁରୀ ଜିଲା ଉପକୂଳକୁ ସେମାନେ ସାଧାରଣଭାବେ ଆସିଥାନ୍ତି। ଡିସେମ୍ବରରେ ହଜାର ହଜାର ସଂଖ୍ୟାରେ ଅଲିଭରିଡ୍‌ଲେ ପୁରୀ ଜିଲାର ବାଲି ହରଚଣ୍ଡୀଠାରୁ ଦେବୀ ମୁହାଣ ଇଲାକାକୁ ଆସିଥାନ୍ତି। କିନ୍ତୁ କୋଣାର୍କଠାରୁ ଦେବିନାସୀ ବେଳାଭୂମିରେ ଏମାନେ ଅଣ୍ଡା ଦେଇଥାନ୍ତି। ଗହୀରମଥା ଓ ଋଷିକୁଲ୍ୟା ମୁହାଣ ସଂଲଗ୍ନ ବେଳାଭୂମିରେ ଅଲିଭରିଡ୍‌ଲେ ସାମୂହିକ ଭାବେ ଅଣ୍ଡା ଦେଉଥିବାବେଳେ ପୁରୀ ଜିଲା ଉପକୂଳ ବେଳାଭୂମିରେ ଏମାନେ ସ୍ଥାନେ ସ୍ଥାନେ ଅଣ୍ଡା ଦେଇଥାନ୍ତି। ଜାନୁୟାରୀ ଶେଷ ଆଡ଼କୁ ମାଈ କଇଁଛ କୂଳମୁହାଁ ହୋଇଥାନ୍ତି। ଅଣ୍ଡିରା କଇଁଛ ବେଳାଭୂମିକୁ ଆସି ନ ଥାନ୍ତି। ପ୍ରାୟ ଅନ୍ଧାର ରାତିରେ ମାଈ ଅଲିଭ୍‌ରିଡ୍‌ଲେ ବେଳାଭୂମିକୁ ଉଠି ଅଣ୍ଡା ଦିଅନ୍ତି। ପଛ ଦୁଇ ପାଦରେ ସେମାନେ ଦେଢ଼ଫୁଟର ଗାତଖୋଳି ୮୦ରୁ ୧୨୦ ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି। ଅଣ୍ଡା ଦେଲା ପରେ ସେହି ଗାତକୁ ଘୋଡ଼ାଇ ଦେଇ ସମୁଦ୍ରକୁ ଫେରିଯାଆନ୍ତି। କଇଁଛର ଅଣ୍ଡାଗୁଡ଼ିକ ୪୫ରୁ ୬୦ଦିନରେ ଛୁଆ ଫୁଟିଥାଏ। ପୁରୀ ଜିଲା ଉପକୂଳରେ ଅଲିଭରିଡ୍‌ଲେ ବେଳାଭୂମିର ସ୍ଥାନେ ସ୍ଥାନେ ଅଣ୍ଡା ଦେଉଥିବାରୁ ଜଙ୍ଗଲ ବିଭାଗ ପକ୍ଷରୁ କୃତ୍ରିମ ହାଚେରି କରାଯାଏ। କାରଣ ମାଈ କଇଁଛ ଅଣ୍ଡା ଦେଇ ସମୁଦ୍ରକୁ ପଳାଇବା ପରେ କୁକୁର, ବିଲୁଆ, ବାର୍‌ହା, ହେଟା ପ୍ରଭୃତି ଜୀବମାନେ ବାଲି ଖୋଳି କଇଁଛ ଅଣ୍ଡା ଖାଇ ଦେଇଥାନ୍ତି। ତେଣୁ ଅଣ୍ଡାର ସୁରକ୍ଷା ପାଇଁ ହାଚେରି କରାଯାଇଥାଏ।

**୪ ବର୍ଷରେ ଏଥର ସବୁଠୁ କମ୍ ଅଣ୍ଡା ଓ ଛୁଆ**



ପ୍ରତ୍ୟହ ଅଣ୍ଡାଗୁଡିକୁ ବସା(କଇଁଛ ଅଣ୍ଡା ଦେଉଥିବା ସ୍ଥାନ)ରୁ ସଂଗ୍ରହ କରି ଜଙ୍ଗଲ ବିଭାଗ କର୍ମଚାରୀମାନେ ସେଗୁଡ଼ିକ ଆଣି ହାଚେରିରେ ରଖିଥାନ୍ତି। ଛୁଆ ଫୁଟିବା ପରେ ସେଗୁଡ଼ିକୁ ସମୁଦ୍ରକୁ ଛଡ଼ାଯାଇଥାଏ। ପ୍ରତିବର୍ଷ କୋଣାର୍କର ଚନ୍ଦ୍ରଭାଗା, କଅଁରପୁର, ଅସ୍ତରଙ୍ଗର ଜାହାନିଆ, ଡାଲୁଅକଣି ଏବଂ ନୂଆନଇଠାରେ ଜଙ୍ଗଲ ବିଭାଗ ପକ୍ଷରୁ କୃତ୍ରିମ ହାଚେରି ନିର୍ମାଣ କରାଯାଏ।

ଜିଲା ବନଖଣ୍ଡ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ, ୨୦୧୯-୨୦ରେ ୪୪୪ଟି ବସାରୁ ୪୮,୬୪୬ ଅଣ୍ଡା ସଂଗ୍ରହ କରାଯାଇ ହାଚେରିରେ ରଖାଯାଇଥିଲା। ସେଥିମଧ୍ୟରୁ ୧୮,୯୫୩ଟି ଛୁଆ ଫୁଟିଥିଲେ। ତେବେ ଗତ ୪ବର୍ଷର ତଥ୍ୟ ଦେଖିଲେ ଚଳିତ ଥର ସବୁଠୁ କମ୍ ଅଣ୍ଡା ସଂଗ୍ରହ ହୋଇଥିବାବେଳେ ଛୁଆ ଫୁଟିବା ସଂଖ୍ୟା ବି କମ୍ ରହିଛି। କାରଣ ୨୦୧୬-୧୭ରେ ୩୦୪୩ଟି ବସାରୁ ୧,୨୧,୮୭୪ ଅଣ୍ଡା ସଂଗ୍ରହ କରାଯାଇଥିବାବେଳେ ୧.୦୫,୧୪୨ ଛୁଆ ଫୁଟିଥିଲେ। ସେହିପରି ୨୦୧୭-୧୮ରେ ୧,୬୧୬ ବସାରୁ ୮୪,୧୩୨ ଅଣ୍ଡା ସଂଗ୍ରହ ହୋଇଥିବାବେଳେ ଛୁଆ ଫୁଟିଥିଲେ ୭୨,୩୧୪ । ୨୦୧୮-୧୯ରେ ୮୦୪ ବସାରୁ ୭୫,୨୩୬ ଅଣ୍ଡା ସଂଗ୍ରହ ହୋଇଥିବା ବେଳେ ମାତ୍ର ୩୦,୯୨୨ ଛୁଆ ଫୁଟିଥିଲେ। ତେଣୁ କ୍ରମାଗତ ଭାବେ ଅଣ୍ଡା ଏବଂ ଛୁଆ ଫୁଟିବା ସଂଖ୍ୟା ହ୍ରାସ ପାଉଥିବା ଏଥିରୁ ସ୍ପଷ୍ଟ ହେଉଛି। ତେବେ ଏଥିପାଇଁ ବେଆଇନ ଟ୍ରଲର ଚଳାଚଳକୁ ପରିବେଶବିତ୍‌ମାନେ ଦାୟୀ କରିଛନ୍ତି। ଉପକୂଳ ଅଞ୍ଚଳରେ ଅଲିଭରିଡ୍‌ଲେଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ନଭେମ୍ବର ପହିଲାରୁ ମେ' ୩୧ ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା ଜାରି କରାଯାଉଛି। ହେଲେ କଟକଣାକୁ ନ ମାନି କେତେଜଣ ଅସାଧୁ ଟ୍ରଲର ବ୍ୟବସାୟୀ ଅବାଧରେ ଉପକୂଳ ଅଞ୍ଚଳରେ ମାଛ ମାରୁଥିବା ବେଳେ ଅଧିକାଂଶ ମତ୍ସ୍ୟଜୀବୀ ବେଆଇନ ଭାବେ ଗୋଲେଇ(ରିଂ) ଜାଲରେ ମାଛ ଧରୁଛନ୍ତି। ଫଳରେ ଟ୍ରଲରେ ମାଡ଼ ହୋଇ ଏବଂ ରିଂ ଜାଲରେ ପଡ଼ି ଶହ ଶହ କଇଁଛଙ୍କ ଅକାଳ ମୃତ୍ୟୁ ହେଉଥିବାରୁ ଅଣ୍ଡାଦାନ ସଂଖ୍ୟା କମୁଛି। ଏସମ୍ପର୍କରେ ପୁରୀ ବନଖଣ୍ଡର ସହକାରୀ ବନ ସଂରକ୍ଷକ ପ୍ରଶାନ୍ତ କୁମାର ସ୍ୱାଇଁ କହିଛନ୍ତି, ପ୍ରତିକୂଳ ପାଗ ଅର୍ଥାତ୍ ଖରାଦିନେ ବର୍ଷା ଯୋଗୁ ଅଧିକ ଅଣ୍ଡା କାଞ୍ଜିଆ ହୋଇଯାଉଛି। ତେଣୁ ଛୁଆ ଫୁଟିବା ସଂଖ୍ୟା କମୁଛି ବୋଲି ସେ କହିଛନ୍ତି।

## ଓଡ଼ିଆ ଭାଷା, ସାହିତ୍ୟକୁ ନେଇ ୱେବିନାର୍

**ଭୁବନେଶ୍ୱର,୨୨।୭(ବ୍ୟୁରୋ)**

ନୂଆଦିଲ୍ଲୀସ୍ଥିତ ଓଡ଼ିଆ ସମାଜ ପକ୍ଷରୁ 'ଓଡ଼ିଆ ଭାଷା ଓ ସାହିତ୍ୟ: କିଛି ଦୃଷ୍ଟି, କିଛି ଚିନ୍ତା' ପ୍ରସଙ୍ଗକୁ ନେଇ ଅନ୍‌ଲାଇନ୍‌ରେ ଏକ ଆଲୋଚନାଚକ୍ର ଆୟୋଜିତ ହେବ। ଆସନ୍ତା ୨୫ ତାରିଖ ଅପରାହ୍ନ ୫ଟାରେ ହେବାକୁ ଥିବା ଏହି ୱେବିନାର୍ ଓଡ଼ିଆ ସାହିତ୍ୟରେ ରୁଚି ରଖୁଥିବା ବ୍ୟକ୍ତିବିଶେଷ ଏବଂ ବୁଦ୍ଧିଜୀବୀଙ୍କ ଉଦ୍ଦେଶ୍ୟରେ କରାଯିବ। ଓଡ଼ିଆ ଭାଷା ଏବଂ ସାହିତ୍ୟକୁ ବିଶ୍ୱଦରବାରର ପହଞ୍ଚାଇବା ସହ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର କରିବା ଏବଂ ସାହିତ୍ୟ ଚର୍ଚ୍ଚା ମାଧ୍ୟମରେ ଜ୍ଞାନର ଆଦାନପ୍ରଦାନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ହେବ। ଓଡ଼ିଆ ସାହିତ୍ୟର ଖ୍ୟାତନାମା ଲେଖିକା ଡ. ପ୍ରତିଭା ରାୟ, ବିଶିଷ୍ଟ ଲେଖକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ତଥା ଲେଖକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେବେ। ମୁଖ୍ୟ ଆୟକର କମିଶନର୍ ତଥା ଲେଖିକା ପାରମିତା ଶତପଥୀ ୱେବିନାର ସଞ୍ଚାଳନ କରିବେ। ଏହି ଆଲୋଚନାଚକ୍ରରେ ଭାଗନେବା ଲାଗି ଜୁଲାଇ ୨୩ ସୁଦ୍ଧା ନାମ ପଞ୍ଜିକରଣ କରିବାକୁ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଯାଞ୍ଚବେଳେ ଜାମ୍



ଭୁବନେଶ୍ୱରରେ ୧୪ଦିନିଆ ଲକ୍‌ଡାଉନ୍ ଯାଞ୍ଚବେଳେ ବୁଧବାର ଏଜି ଛକରେ ଗାଡ଼ିମୋଟର ଭିଡ଼ ଲାଗିଛି।

## ହାତୀ ମୃତ୍ୟୁର ତଦନ୍ତ କରିବ କ୍ରାଇମବ୍ରାଞ୍ଚ

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

ରାଜ୍ୟରେ ହାତୀ ମୃତ୍ୟୁ ଦିନକୁ ଦିନ ବଢ଼ିବାରେ ଲାଗିଛି। କେଉଁଠି ବିଦ୍ୟୁତ୍ ତାର ବିଛା ଯାଇ ଶିକାର କରାଉଛି ତ ଆଉ କେଉଁ ଗୁଳି କରି ହାତୀକୁ ମାରି ଦାନ୍ତ ଲୁଟି ନେଉଛନ୍ତି ଶିକାରୀ। ତେବେ ନିକଟ ଅତୀତରେ ବୌଦ୍ଧ ଓ କେନ୍ଦୁଝର ଜିଲାରେ ଘଟିଥିବା ୩ ହାତୀ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବ ବୋଲି ବନ ବିଭାଗ ନିଷ୍ପତ୍ତି ନେଇଛି।

ସୂଚନାଯୋଗ୍ୟ, ବୌଦ୍ଧ ଜିଲାର ମାଧପୁର ରେଞ୍ଜ ଅନ୍ତର୍ଗତ ମୁଣ୍ଡେଶ୍ୱର ସଂରକ୍ଷିତ ଜଙ୍ଗଲରେ ଗତ ଜୁନ୍ ୧୭ରେ ଏକ ଦନ୍ତା ହାତୀର ମୃତଦେହ ଠାବ ହୋଇଥିଲା। ହାତୀର ଶରୀରରେ ୯ଟି ଗୁଳି ବାଜିଥିଲା। ତେବେ ବନ ବିଭାଗ କ୍ଷେତ୍ର କର୍ମଚାରୀ ଓ ସ୍ଥାନୀୟ ବନ ସୁରକ୍ଷା ସମିତିର ସଦସ୍ୟଙ୍କ ସମୟୋଚିତ ପଦକ୍ଷେପ ଯୋଗୁ ହାତୀର ଦାନ୍ତଗୁଡ଼ିକ ଦୁର୍ବୃତ୍ତମାନେ ନେଇ ପାରି ନ ଥିଲେ। ଏହି ଘଟଣାରେ ଜୁନ୍ ୨୨ରେ ୪ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ସେହିଭଳି କେନ୍ଦୁଝର ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବୈତରଣୀ 'କ' ସଂରକ୍ଷିତ ଜଙ୍ଗଲରେ ଗତ ଜୁନ୍ ୧୪ରେ ଦୁଇଟି ହାତୀର ମୃତଦେହ ମିଳିଥିଲା। ବିଦ୍ୟୁତ ଆଘାତରେ ଦୁଇ ହାତୀର ମୃତ୍ୟୁ ହୋଇଥିଲା। ତେବେ ଅଣ୍ଡିରା ହାତୀର ଅର୍ଦ୍ଧେକ ଦାନ୍ତ ମିଳି ନ ଥିଲା। ଏହି ଘଟଣାରେ ସେହି ମାସ ୧୯ ତାରିଖରେ ୩ଜଣ ଅଭିଯୁକ୍ତଙ୍କୁ ବିଦ୍ୟୁତ୍ ତାର ବିଛାଇବା ଅଭିଯୋଗରେ ଗିରଫ କରାଯାଇ ବଡ଼ବିଲ କୋର୍ଟକୁ ଚାଲାଣ କରାଯାଇଥିଲା। ବୌଦ୍ଧ ଓ କେନ୍ଦୁଝରର ଏହି ଦୁଇଟି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ହାତୀ ଶିକାରୀଙ୍କୁ କଠୋର ଦଣ୍ଡବିଧାନ କରିବା ନିମିତ୍ତ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦିଆଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରି ହାତୀ ଶିକାରୀଙ୍କୁ କଡ଼ା ଦଣ୍ଡ ମିଳିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

## କୋଭିଡ୍ କେୟାର ସେଣ୍ଟର କଲେ ୭ ଶିଳ୍ପସଂସ୍ଥା

**ଭୁବନେଶ୍ୱର,୨୨।୭(ବ୍ୟୁରୋ)**

- ଖୁବ୍‌ଶୀଘ୍ର ଆଉ ୮ ସଂସ୍ଥା ସିସିସି ପ୍ରତିଷ୍ଠା କରିବେ
- ଇଡ୍‌କୋ ମଧ୍ୟ ନିଜ ଏମ୍‌ଏସ୍‌ଏମ୍‌ଇ ପାଇଁ ପଦକ୍ଷେପ ନେବ


ରାଜ୍ୟରେ ଥିବା ଶିଳ୍ପାନୁଷ୍ଠାନ ତଥା କର୍ପୋରେଟ୍ ସଂସ୍ଥାଗୁଡ଼ିକ ନିଜସ୍ୱ କୋଭିଡ୍ କେୟାର ସେଣ୍ଟର(ସିସିସି) ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ଆହ୍ୱାନ ଦେବାପରେ କେତେକ ଶିଳ୍ପସଂସ୍ଥା ଏ ଦିଗରେ ପଦକ୍ଷେପ ନେଇଛନ୍ତି। ସ୍ୱଳ୍ପ ସମୟ ମଧ୍ୟରେ ରାଜ୍ୟର ୭ ଶିଳ୍ପସଂସ୍ଥା ନିଜ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟକ୍ଷମ କରିଥିବା ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ସୂଚନା ଦେଇଛନ୍ତି। ଯାଜପୁରରେ ଟାଟା ପାୱାର ପକ୍ଷରୁ ୪୦୦ ଶଯ୍ୟା ବିଶିଷ୍ଟ ଓ ଢୁବୁରୀରେ ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ପ୍ରତିଷ୍ଠା କରାଯାଇଛି। ଗଞ୍ଜାମରେ ଗ୍ରାସିମ ଇଣ୍ଡଷ୍ଟ୍ରିଜ୍ ଦ୍ୱାରା ୨୦ ଶଯ୍ୟା ବିଶିଷ୍ଟ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଦ୍ୱାରା ୨୫ ଶଯ୍ୟା, ପାରାଦୀପ ଆଇଓସିଏଲ୍ ଦ୍ୱାରା ୧୦୦ ଶଯ୍ୟା, ଝାରସୁଗୁଡ଼ା ମହାନଦୀ କୋଲ୍ ଫିଲ୍ଡ ଦ୍ୱାରା ୧୭୦ ଶଯ୍ୟା, ଯାଜପୁର ରୋଡ୍‌ରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ ପକ୍ଷରୁ ୩୦ଟି ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର କରାଯାଇଛି। ମାତ୍ର ୫ଦିନ ମଧ୍ୟରେ ଏହି ଶିଳ୍ପ ସଂସ୍ଥାଗୁଡ଼ିକ ନିଜସ୍ୱ ସେଣ୍ଟରକୁ କାର୍ଯ୍ୟକ୍ଷମ କରିପାରିଛନ୍ତି ବୋଲି ତ୍ରିପାଠୀ କହିଛନ୍ତି।

ଏମାନଙ୍କ ବ୍ୟତୀତ ରାଜ୍ୟର ଆଉ ୮ ଶିଳ୍ପସଂସ୍ଥା ଏବଂ ପବ୍ଲିକ୍ ସେକ୍ଟର ୟୁନିଟ୍ (ପିଏସ୍‌ୟୁ) ଖୁବ୍‌ଶୀଘ୍ର ନିଜର ସିସିସି ପ୍ରତିଷ୍ଠା କରିବେ। ଏଥିମଧ୍ୟରେ ଝାରସୁଗୁଡ଼ାରେ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍, ପାରାଦୀପରେ ପିପିଏଲ୍, ଇଫ୍‌କୋ ଏବଂ ଆଇଓସିଏଲ୍, ଝାରସୁଗୁଡ଼ା ଓ ଲାଞ୍ଜିଗଡ଼ରେ ବେଦାନ୍ତ, ଥେରୁବାଲି, ଚୌଦ୍ୱାର ଓ ସୁକିନ୍ଦାରେ ଇମ୍ଫା ପକ୍ଷରୁ କୋଭିଡ୍ କେୟାର ସେଣ୍ଟର କରାଯିବ। ସେହିଭଳି ବୁର୍ଲାରେ ଏମ୍‌ସିଏଲ୍, କଳିଙ୍ଗନଗରରେ ଜିନ୍ଦଲ ଓ ଟାଟା ଷ୍ଟିଲ୍, ବରଗଡ଼ରେ ଏସିସି, ପୁରୀରେ ଏସ୍‌ବିଆଇର ନିଜସ୍ୱ ସିସିସି ରହିବ। ଏଥିସହିତ ଇଡ୍‌କୋ ପକ୍ଷରୁ ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକ ପାଇଁ କୋଭିଡ୍ ସେଣ୍ଟର କରାଯିବ। ଏହି ସମୀକ୍ଷା ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମାଙ୍କ ସମେତ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନା, ଇଡ୍‌କୋ ସିଏମ୍‌ଡି ସଞ୍ଜୟ କୁମାର ସିଂ, ଆଇଟି ସଚିବ ମନୋଜ ମିଶ୍ର ଉପସ୍ଥିତ ଥିଲେ।

## ଜିଲାଠୁ ସହରରେ ସଂକ୍ରମଣ ସ୍ଥିତି ଜଟିଳ

**କଟକ ଅଫିସ,୨୨।୭**

ଜିଲା ଅପେକ୍ଷା କଟକ ସହରରେ କରୋନା ସଂକ୍ରମଣ କ୍ଷୀପ୍ରଗତିରେ ବ୍ୟାପିବାରେ ଲାଗିଛି। ମଙ୍ଗଳବାର ସହରରେ ୫୪ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସେଥିରୁ ଖଟବିନ ସାହି ଓ ଶଙ୍କରପୁର ପରିଡ଼ା ସାହିରୁ ସର୍ବାଧିକ ଆକ୍ରାନ୍ତ ବାହାରିଥିବା କଟକ ମହାନଗର ନିଗମ ସୂଚନା ଦେଇଛି। ଉଭୟ ସାହିକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଖଟବିନ ସାହିରୁ ୩୨ ଓ ଶଙ୍କରପୁରରୁ ୯ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ଖଟବିନ ସାହିରେ ଜଣେ କରୋନା ଆକ୍ରାନ୍ତଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟରେ ଯୋଗଦେଇ ୩୨ ଜଣ ସଂକ୍ରମିତ ହୋଇଥିବା ବେଳେ ଶଙ୍କରପୁରରେ ବିବାହ ଉତ୍ସବରୁ ୯ ଜଣ କରୋନାର ଶିକାର ହୋଇଥିବା ଜଣାପଡ଼ିଛି। ପରିଡ଼ା ସାହିରେ ଜଣଙ୍କର ପଜିଟିଭ ବାହାରିବା ପରେ ବାହାଘରରେ ସମସ୍ତଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯିବା ସହ ସ୍ୱାବ୍ ଟେଷ୍ଟ ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ସେମାନଙ୍କୁ କୋଭିଡ୍ ହସ୍ପିଟାଲ ପଠାଯାଇଛି। ଏହି ନିଷିଦ୍ଧାଞ୍ଚଳର ପରିସୀମା ଦକ୍ଷିଣରୁ ଦୀପୁ ସାମଲଙ୍କ ଘର ପାଖରୁ ମୈତ୍ରୀ ବିହାର ଅଞ୍ଚଳରୁ ବସନ୍ତ ଦାସଙ୍କ ଘର ପର୍ଯ୍ୟନ୍ତ ରହିଛି। ଉତ୍ତରରୁ ଶିବ ମନ୍ଦିର ପାଖରୁ ସରସ୍ୱତୀ ବାରିକଙ୍କ ଘର ପର୍ଯ୍ୟନ୍ତ, ପଶ୍ଚିମରୁ ମୈତ୍ରୀ ବିହାରର ବସନ୍ତ ଦାସଙ୍କ ଘରଠାରୁ ଶିବ ମନ୍ଦିର ପର୍ଯ୍ୟନ୍ତ, ପୂର୍ବରୁ ସରସ୍ୱତୀ ବାରିକଙ୍କ ଘରଠାରୁ ଦୀପୁ ସାମଲଙ୍କ ଘର ଯାଏ ସୀମା ନିର୍ଦ୍ଧାରଣ କରାଯାଇଛି।



ସିଏମ୍‌ସି କମିଶନର ବୁଧବାର ନିଷିଦ୍ଧାଞ୍ଚଳ ଥିବା ଖଟବିନ୍ ସାହି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

- ଗୋଟିଏ ଦିନରେ ୫୪ ପଜିଟିଭ ଚିହ୍ନଟ
- ଶଙ୍କରପୁର, ଖଟବିନ୍ ସାହି ନିଷିଦ୍ଧାଞ୍ଚଳ

## ଜାଲରେ ପଡ଼ିଲା ବ୍ୟାଗ ଭର୍ତ୍ତି ଅଚଳ ଟଙ୍କା



**ବାରଙ୍ଗ,୨୨।୭(ଡି.ଏନ.ଏ.)**

ପୁରୀ ମେନ କେନାଲରୁ ବୁଧବାର ବ୍ୟାଗ ଭର୍ତ୍ତି ଥିବା ଅଚଳ ଟଙ୍କା ମିଳିଛି। ଅପରାହ୍ନ ସମୟରେ ସ୍ଥାନୀୟ ଗ୍ରାମର ଜଣେ ମାଛଧରାଳି କେନାଲରେ ଜାଲ ପକାଉଥିଲେ। କିଛି ସମୟ ପରେ ଜାଲକୁ ଟାଣିବାବେଳେ ବହୁତ ଭାରି ଜଣାପଡିବାରୁ ବଡ଼ ମାଛ ପଡ଼ିଥିବାର ସନ୍ଦେହ କରି ଜାଲକୁ ଉପରକୁ ଆଣିଥିଲେ। ଜାଲକୁ ଖୋଲିବାପରେ ଦୁଇଟି ବ୍ୟାଗରେ କିଛି ଥିବାର ଦେଖିଥିଲେ। ବ୍ୟାଗକୁ ଖୋଲିବାପରେ ସେଥିରୁ ପୁରୁଣା ୫ ଶହ ଓ ୧ ହଜାର ଟଙ୍କାର ନୋଟ ବିଡ଼ା ମିଳିଥିଲା। ସମ୍ପୂର୍ଣ୍ଣ ଟଙ୍କା ଦେଖିବାବେଳେ ସବୁ ଅଚଳ ଥିବା ଜାଣିଥିଲେ।

## କୋଦଣ୍ଡଙ୍କ ହତ୍ୟାକାରୀଙ୍କୁ ପାଉନି ପୋଲିସ

**କଟକ ଅଫିସ,୨୨।୭**

**କଟକ ଟ୍ରିପଲ ମର୍ଡରକୁ ବର୍ଷେ ପୂରିଲା**

ବହୁଚର୍ଚ୍ଚିତ କଟକ ଟ୍ରିପଲ ମର୍ଡର ଘଟଣାକୁ ଇତି ମଧ୍ୟରେ ଗୋଟିଏ ବର୍ଷ ପୂରିଛି। ୨୦୧୯ ଜୁଲାଇ ୨୩ରେ ଜଣେ ଓ ୨୪ ତାରିଖ ୨ଜଣଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ସମାନ ଢଙ୍ଗରେ ୩ ଜଣ ହତ୍ୟାର ଶିକାର ହୋଇଥିଲେ। ୨ଟି ହତ୍ୟା ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କିନ୍ତୁ ଏବେ ବି ଗୋଟିଏ ହତ୍ୟା ଘଟଣା ଉପରୁ ପରଦା ଉଠିନି। ପ୍ରଥମ ଦିନରେ ହତ୍ୟାର ଶିକାର ହୋଇଥିବା କୋଦଣ୍ଡ ରାଉତଙ୍କ ହତ୍ୟାକାରୀଙ୍କୁ ଧରିବାରେ ପୋଲିସ ଏଯାଏ ସଫଳ ହୋଇପାରି ନାହିଁ।

୨୪ ଘଣ୍ଟା ଭିତରେ ୩ଟି ସ୍ଥାନରେ ୩ଟି ହତ୍ୟା। ଗରିବ ଶ୍ରେଣୀର ବ୍ୟକ୍ତିଙ୍କ ଗଳାକାଟି ହତ୍ୟା କରାଯାଉଥିବା ଚର୍ଚ୍ଚା ଯୋଗୁ ଦୁଇ ସପ୍ତାହ ଧରି ସହରରେ କୋକୁଆ ଭୟ ଖେଳିଯାଇଥିଲା। ରାତି ୧୦ ବାଜିବା ମାତ୍ରେ ରାସ୍ତାଘାଟ ଫାଙ୍କା, ଦୋକାନ ବଜାର ବନ୍ଦ। ରାସ୍ତାକଡ଼ରେ ଶୋଉଥିବା ନିରାଶ୍ରୟ ଲୋକଙ୍କୁ ଉଠାଇନେଇ ପୋଲିସ ଆଶ୍ରୟସ୍ଥଳରେ ରଖିଥିଲା। ତନାଘନା ପରେ ହତ୍ୟା ଘଟଣାର ଅଭିଯୁକ୍ତ ନାରାୟଣ ସାହୁଙ୍କୁ ପୋଲିସ ଗିରଫ କରିଥିଲା। ନାରାୟଣ ଏବେ ଚୌଦ୍ୱାର ସର୍କଲ ଜେଲ୍‌ରେ। ଯେଉଁ ଦୁଇଟି ହତ୍ୟା ଘଟଣାରେ ପୋଲିସ ନାରାୟଣଙ୍କୁ ଗିରଫ କରିଛି, ସେଥିରେ ଦୁଇ ମୃତକଙ୍କ ପରିଚୟ ମିଳିପାରିନାହିଁ। କିନ୍ତୁ ଯାହାଙ୍କ ପରିଚୟ ମିଳିଥିଲା, ତାଙ୍କୁ କିଏ ଓ କାହିଁକି ହତ୍ୟା କରିଥିଲା, ତାହା ଏବେ ବି ଅନ୍ଧାରରେ। ମୃତକ ହେଲେ ଢେଙ୍କାନାଳ ଜିଲା ସଦରଥାନା ବଉଳପୁର ଅଞ୍ଚଳର କୋଦଣ୍ଡ ରାଉତ।

ମଙ୍ଗଳାବାଗ ଥାନା ରାଣୀହାଟ ଦୁର୍ଗାମଣ୍ଡପ ନିକଟସ୍ଥ ଗଳିରୁ ଜୁଲାଇ ୨୩ ଭୋରରୁ କୋଦଣ୍ଡଙ୍କ ମୃତଦେହ ମିଳିଥିଲା। ଦିନ ମଜୁରିଆ ଥିବା କୋଦଣ୍ଡଙ୍କ ଗଳାକୁ ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରାଯାଇଥିଲା। ଏହାର ପରଦିନ ସକାଳେ ଅନ୍ୟ ଦୁଇଟି ସ୍ଥାନରେ ସମାନ ଢଙ୍ଗରେ ଦୁଇଜଣ ବ୍ୟକ୍ତି ହତ୍ୟାର ଶିକାର ହୋଇଥିଲେ। ଭୋର ୫ଟାରେ ଏସ୍‌ସିବି ମେଡିକାଲ ହୃଦ୍‌ରୋଗ ବିଭାଗ ସମ୍ମୁଖରେ ଜଣେ ଓ ସକାଳ ୭ଟାରେ ଚାଉଳିଆଗଞ୍ଜ ଥାନା ଓଏମ୍‌ପି ଶିଶୁ ଉଦ୍ୟାନ ସମ୍ମୁଖରେ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଥିଲା। ସେମାନଙ୍କର ମଧ୍ୟ ଗଳାରେ କଟା ଦାଗ ଥିଲା। ପୋଲିସ ୧୦୦ରୁ ଅଧିକ ଦୋକାନର ସିସିଟିଭି ଯାଞ୍ଚ କରିବା ପରେ ନାରାୟଣଙ୍କୁ ଚିହ୍ନଟ କରିଥିଲା। ନୟାଗଡ଼ ଜିଲା ଓଡ଼ଗାଁ ନିକଟସ୍ଥ ସୁନାମୁହିଁ ଗ୍ରାମରୁ ତାଙ୍କୁ ପୋଲିସ ଗିରଫ କରିଥିଲା। ପୂର୍ବ ଶତ୍ରୁତାରୁ ନାରାୟଣ ଏହି ହତ୍ୟା କରିଥିଲେ ବୋଲି ପୂର୍ବତନ ଡିସିପି ଅଖିଳେଶ୍ୱର ସିଂ କହିଥିଲେ। ତେବେ ନାରାୟଣଙ୍କ ନିକଟରୁ ପୋଲିସ ହତ୍ୟାରେ ବ୍ୟବହୃତ ଯେଉଁ ଟାଙ୍ଗିଆ ଜବତ କରିଥିଲା, ସେଥିରେ କୋଦଣ୍ଡଙ୍କ ହତ୍ୟା କରାଯାଇନାହିଁ ବୋଲି କୁହାଯାଇଥିଲା। ଗିରଫ ନାରାୟଣ ମାନସିକ ବିକାରଗ୍ରସ୍ତ ବୋଲି ପ୍ରାରମ୍ଭରୁ ସନ୍ଦେହ କରାଯାଉଥିଲା। ହେଲେ ସେ ଜେଲରେ ସମ୍ପୂର୍ଣ୍ଣ ସ୍ୱାଭାବିକ ବ୍ୟବହାର କରୁଛନ୍ତି ବୋଲି ସର୍କଲ ଜେଲର ଡାକ୍ତର କହିଛନ୍ତି। ତାଙ୍କୁ କୌଣସି ମାନସିକ ରୋଗ ମେଡିସିନ ଦିଆଯାଉ ନ ଥିବା ସେ କହିଛନ୍ତି।

## ଭଗ୍ଛ ଯାଗାରେ ଚାରାରୋପଣ

**ପୁରୀ ଅଫିସ:** ଆମେ ଶ୍ରୀକ୍ଷେତ୍ରବାସୀ ଓ ଭଙ୍ଗ ଜାଗା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ବୁଧବାର ଭଙ୍ଗ ଯାଗା ପରିସରରେ ଚାରାରୋପଣ କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର ମୁଖ୍ୟ ଅତିଥି ଓ ଭଙ୍ଗ ଯାଗା ସଭାପତି ବିଶ୍ୱନାଥ ଭଙ୍ଗ, ସମ୍ପାଦକ ମାଧବ ପଣ୍ଡା, ସେବାୟତ ରବିନାରାୟଣ ଦାଶ, ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟ ପୁରୀର ନିର୍ଦ୍ଦେଶକ ଦୁର୍ଗାମାଧବ କର, ସୁକାନ୍ତ ପଣ୍ଡା, ରଙ୍ଗଶାଳା ନିର୍ଦ୍ଦେଶକ ବିକ୍ରମ ସାହୁ ଉପସ୍ଥିତ ଥିଲେ। ଆମେ ଶ୍ରୀକ୍ଷେତ୍ରବାସୀ ଅନୁଷ୍ଠାନର ଲୋଗୋ ଉନ୍ମୋଚିତ ହେବା ସହ ଭଙ୍ଗ ଯାଗା ସଦସ୍ୟ ସଞ୍ଜିତ ଭଙ୍ଗଙ୍କୁ ବୃକ୍ଷ ରକ୍ଷକ ସମ୍ମାନ ଦିଆଯାଇଥିଲା।

# ଅସହଯୋଗରୁ ବ୍ୟାପୁଛି ସଂକ୍ରମଣ

- ବସ୍ତିରୁ ଚିହ୍ନଟ ପରେ ବି ସ୍ଥାନାନ୍ତର ହେଉନାହାନ୍ତି ଆକ୍ରାନ୍ତ
- ଅଭିଯୋଗ ସତ୍ତ୍ୱେ ଅଧିକାରୀଙ୍କ ମିଳୁନି ଦର୍ଶନ
- ଚିକିତ୍ସା ପାଇଁ ହଇରାଣ ହେଉଛନ୍ତି ଆକ୍ରାନ୍ତ

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ଭୁବନେଶ୍ୱରରେ ଏବେ ନମୁନା ସଂଗ୍ରହ ଓ ପରୀକ୍ଷଣ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ପଜିଟିଭ୍‌ଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ହେଲେ ଅନେକ କ୍ଷେତ୍ରରେ କରୋନା ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲ କିମ୍ବା କୋଭିଡ୍ କେୟାର ସେଣ୍ଟର ନେବାରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପଛଘୁଞ୍ଚା ଦେଉଛି। ବିଶେଷ କରି ବସ୍ତି ଅଞ୍ଚଳରେ ଏବେ ପଜିଟିଭ୍‌ଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ଶଯ୍ୟା ନ ଥିବା କହି ଦିନେ ଦୁଇ ଦିନ ଘରେ ରହିବାକୁ ପରାମର୍ଶ ଦେଉଛନ୍ତି। ପଜିଟିଭ୍ ଚିହ୍ନଟ ହେବା ପରେ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ପରିବାରକୁ ବିଏମ୍‌ସି ଅଧିକାରୀ କିମ୍ବା ତାଙ୍କ ଆଖପାଖ ପଡ଼ୋଶୀ କେହି ମଧ୍ୟ ସହଯୋଗ କରୁନାହାନ୍ତି। ଫଳରେ ସେମାନେ ଚିକିତ୍ସା ପାଇଁ ନାହିଁ ନ ଥିବା ହଇରାଣ ହେଉଥିବା ଅଭିଯୋଗ ହେଉଛି।

ମିଳିଥିବା ସୂଚନା ମୁତାବକ, ଗତ ୧୭ତାରିଖରେ ୟୁନିଟ୍-୪ ମାଛ ମାର୍କେଟ୍‌ରୁ ଏକସଙ୍ଗେ ୭ରୁ ଊର୍ଦ୍ଧ୍ୱ ପଜିଟିଭ୍ ଚିହ୍ନଟ ହେବାପରେ ବିଏମ୍‌ସି ଉକ୍ତ ମାର୍କେଟକୁ ସିଲ୍ କରିବା ସହ ମାର୍କେଟକୁ ଲାଗିକି ଥିବା ମାଛ ପିଣ୍ଡିକୁ ମଧ୍ୟ ସିଲ୍ କରିଥିଲା। ଉକ୍ତ ପିଣ୍ଡିରେ ରହୁଥିବା ଜନୈକ ବ୍ୟବସାୟୀଙ୍କ ଠାରେ କୋଭିଡ୍ ଲକ୍ଷଣ ମିଳିବାପରେ ସେ ଏକ ଘରୋଇ ହସ୍ପିଟାଲରେ ନିଜର କୋଭିଡ୍ ପରୀକ୍ଷଣ କରାଇଥିଲେ। ମଙ୍ଗଳବାର ତାଙ୍କ ପଜିଟିଭ୍ ରିପୋର୍ଟ ଆସିଥିଲା। ହେଲେ ୨୪ଘଣ୍ଟା ପରେ ମଧ୍ୟ ତାଙ୍କୁ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇ ନ ଥିବା ସେ କହିଛନ୍ତି। ଗୋଟିଏ ଘରେ ସେ ବିନା କୌଣସି ସହଯୋଗରେ ବସବାସ କରୁଥିବାବେଳେ ତାଙ୍କୁ ବିଏମ୍‌ସି ଅଧିକାରୀ ସ୍ଥାନାନ୍ତର କରିନାହାନ୍ତି। ସମ୍ପୃକ୍ତ ୱାର୍ଡର ୱାର୍ଡ ଅଫିସର ଭୟରେ ସେଠାକୁ ଯାଉ ନ ଥିବାବେଳେ ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ ଏହି କାର୍ଯ୍ୟ ବିଏମ୍‌ସି କୋଭିଡ୍ କଣ୍ଟ୍ରୋଲ୍ ରୁମ୍‌ର ବୋଲି କହୁଛନ୍ତି। ବୁଧବାର ସନ୍ଧ୍ୟା ଯାଏ ତାଙ୍କୁ ସ୍ଥାନାନ୍ତର କରାଯାଇ ନ ଥିବା ସେ କହିଛନ୍ତି। ଏନେଇ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ଅବଗତ କରିବା ପରେ ସେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆପାତକାଳୀନ ସ୍ଥିତିରେ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସତ ହେଲେ ୱାର୍ଡସ୍ତରରେ ବିଏମ୍‌ସିର କରୋନା ମୁକାବିଲା କିପରି ହେଉଛି ତାହା ଏହି ଘଟଣାରୁ ସ୍ପଷ୍ଟ ଅନୁମେୟ ହେଉଛି।

ଉଲ୍ଲେଖଯୋଗ୍ୟ, ସାମାନ୍ୟ ଲକ୍ଷଣ ଥିବା ଓ ଘରେ ସଙ୍ଗରୋଧର ସୁବିଧା ଥିବା ଆକ୍ରାନ୍ତଙ୍କୁ ନିଜ ଘରେ ଚିକିତ୍ସା ଯୋଗାଇବା ପାଇଁ ବିଏମ୍‌ସି ନିର୍ଦ୍ଦେଶନାମା ପ୍ରକାଶ କରିଛି। କିନ୍ତୁ ବସ୍ତି ଅଞ୍ଚଳରେ ଏହି ସେବା ଉପଲବ୍ଧ ନୁହେଁ ବୋଲି ବିଏମ୍‌ସି କମିଶନର ଚୌଧାରୀ କହିଛନ୍ତି। ହେଲେ ଅନେକ କ୍ଷେତ୍ରରେ ଏକାନ୍ତବାସ ପାଇଁ ଆକ୍ରାନ୍ତଙ୍କ ସ୍ୱତନ୍ତ୍ର ଘର ନ ଥିବାବେଳେ ପରିବାର ଲୋକ ଚିନ୍ତାରେ ରହୁଛନ୍ତି। ଏହାସହ କରୋନା ଭୂତାଣୁ ସଂକ୍ରମଣ ପରେ କୋଭିଡ୍ ହସ୍ପିଟାଲ ନ ଗଲେ ସାହି ପଡ଼ିଶାଙ୍କ ହଟ୍ଟଗୋଳ ହେତୁ ଉଭୟ ମାନସିକ ଏବଂ ସାମାଜିକସ୍ତରରେ ରୋଗୀ ଭାଙ୍ଗିପଡୁଥିବା ଅଭିଯୋଗ ହୋଇଛି। ଗୋଟିଏପଟେ କରୋନା ଆକ୍ରାନ୍ତ କୋଭିଡ୍ ନିୟମ ମାନୁ ନ ଥିବା ଜାଣିବା ମାତ୍ରେ ଖବର କରିବାକୁ ବିଏମ୍‌ସି ପକ୍ଷରୁ ବାସିନ୍ଦାଙ୍କୁ ଅନୁରୋଧ କରାଯାଉଥିବାବେଳେ ଅନ୍ୟପଟେ ପଜିଟିଭ୍ ରିପୋର୍ଟ ଆସିବା ମାତ୍ରେ ଆକ୍ରାନ୍ତ ବିଏମ୍‌ସି ଅଧିକାରୀଙ୍କୁ ଏକାଧିକ ବାର ଯୋଗାଯୋଗ କରୁଥିଲେ ମଧ୍ୟ ସେମାନଙ୍କ ନିକଟରେ କେହି ପହଞ୍ଚୁ ନ ଥିବା ଅଭିଯୋଗ ହେଉଛି। ବିଏମ୍‌ସି ଅଧିକାରୀଙ୍କ ଏଭଳି ଅବହେଳା ସଂକ୍ରମିତଙ୍କୁ ସମସ୍ୟାରେ ପକାଉଥିବା ସମ୍ପୃକ୍ତ ଆକ୍ରାନ୍ତମାନେ ଅଭିଯୋଗ କରିବା ସହ ବିଏମ୍‌ସି କିଭଳି କରୋନା ମୁକାବିଲା କରୁଥିବ ତାହା ଏଥିରୁ ସ୍ପଷ୍ଟ ବୋଲି କହିଛନ୍ତି। ସବୁଠୁ ବଡ଼ କଥା ହେଲା ଏହି ଘଟଣା କେବଳ ୟୁନିଟ୍-୪ରେ ନୁହେଁ ବରଂ ବିଗତ ଦିନରେ ଅନେକ ସ୍ଥାନରେ ଦେଖିବାକୁ ମିଳିଛି। ଗତକିଛି ଦିନ ତଳେ ଆଗଧାଡ଼ିର କରୋନା ଯୋଦ୍ଧା କୁହାଯାଉଥିବା ଜଣେ ଡାକ୍ତରଙ୍କ ମା' କରୋନା ସଂକ୍ରମିତ ହେବାର ଦୁଇଦିନ ପରେ ବି ବିଏମ୍‌ସି କର୍ତ୍ତୃପକ୍ଷ ତାଙ୍କ ନିକଟରେ ପହଞ୍ଚି ପାରି ନ ଥିଲେ। ସେହିପରି ବିଜେବି ନଗର ମଇଁଷାଖାଲ ବସ୍ତିରେ ଏକ ପରିବାର ମଧ୍ୟ ସମାନ ସମସ୍ୟାର ସମ୍ମୁଖୀନ ହୋଇଥିବା ଅଭିଯୋଗ ମିଳିଥିଲା। କରୋନା ମୁକାବିଲା ପାଇଁ ବିଏମ୍‌ସି କର୍ମଚାରୀ ରାତିଦିନ ଏକାଠି କରି କାମରେ ଲାଗୁଥିବା କୁହାଯାଉଥିବାବେଳେ କରୋନା ରୋଗୀଙ୍କ ପ୍ରତି ବିଏମ୍‌ସି କେତେ ସମ୍ବେଦନଶୀଳ ଏଭଳି କିଛି ଘଟଣାରୁ ସହଜରେ ପ୍ରତୀୟମାନ ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ଜିଲାରେ ୪୦, ସିଏମ୍‌ସିରେ ୩୧ ପଜିଟିଭ୍

କଟକ ଅଫିସ, ୨୨।୭

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ବୁଧବାର ଆଉ ୩୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦିୱାନ ବଜାର ଅଞ୍ଚଳରୁ ସର୍ବାଧିକ ୮ ଆକ୍ରାନ୍ତ ଥିବାବେଳେ ପୁରୁଣା ରାଉସପାଟଣା କଣ୍ଟେନମେଣ୍ଟ ଅଞ୍ଚଳରୁ ୬, ଡଗରପଡ଼ାରୁ ୫, ତୁଳସୀପୁର ଓ ବକ୍ସିବଜାର ରୋଡରୁ ୩ ଲେଖାଏ, ଗୋପାଳପୁରରୁ ୨, ମଙ୍ଗଳାବାଗ ଓ ତେଲେଙ୍ଗା ବଜାରରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଛନ୍ତି। ଦିୱାନ ବଜାର ଅଞ୍ଚଳରୁ ଚିହ୍ନଟ ହେଇଥିବା ୮ ଜଣଙ୍କ ମଧ୍ୟରୁ ୬ ଜଣ ଖଟବିନ ସାହି ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଛନ୍ତି। ଅନ୍ୟ ୨ ଜଣ ସ୍ଥାନୀୟ ଆକ୍ରାନ୍ତ ଓ ସେମାନେ ବାପ-ପୁଅ। ଅସୁସ୍ଥ ବାପାଙ୍କ ମେଡିକାଲରେ ଆଣ୍ଟିଜେନ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଥିଲା। ତାଙ୍କଠାରୁ ପୁଅ ସଂକ୍ରମିତ ହୋଇଛନ୍ତି। ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ପୁଅଙ୍କୁ ଚିକିତ୍ସା ପାଇଁ ପଠାଯାଇଛି। ଅନ୍ୟପକ୍ଷରେ କଟକ ଜିଲା ବାରଙ୍ଗରୁ ୮ ଓ ନିଶ୍ଚିନ୍ତକୋଇଲିରୁ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ଅରିଲୋରୁ ଚିହ୍ନଟ ୬ ଜଣ ସ୍ଥାନୀୟ ଆକ୍ରାନ୍ତ।

## ସଂକ୍ଷେପରେ

### ସର୍ବଭାରତୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଓଡ଼ିଆ ଝିଅ ଲଭ୍‌ଲୀ ପ୍ରଥମ



ଭୁବନେଶ୍ୱର, ୨୨।୭(ବ୍ୟୁରୋ): କମ୍ପିଟିଶନ୍ ସକ୍‌ସେସ୍ ରିଭ୍ୟୁ ପକ୍ଷରୁ ଅନୁଷ୍ଠିତ ସର୍ବଭାରତୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଓଡ଼ିଶାର ଝିଅ ଲଭ୍‌ଲୀ ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଦ୍ୱାଦଶ ଶ୍ରେଣୀର ଛାତ୍ରୀ। 'ସୁଇଟ୍ ଆର୍ ଦ ୟୁଜେସ୍ ଅଫ୍ ଆଡ଼ଭର୍‌ସିଟି' ବିଷୟବସ୍ତୁ ଉପରେ ଲଭ୍‌ଲୀ ପ୍ରବନ୍ଧ ଲେଖିଥିଲେ। ପ୍ରତିକୂଳତାର ତଥାକଥିତ କ୍ଷତିକାରକ ପ୍ରଭାବ କିପରି ମାନସିକ ପୁନର୍ବିଚାର ମାଧ୍ୟମରେ ଏକ ସକାରାତ୍ମକ ଆଭିମୁଖ୍ୟ ବିକାଶ କରି ମଧୁର ଫଳାଫଳରେ ପରିଣତ କରାଯାଇପାରିବ, ତାହାକୁ ନିଜ ପ୍ରବନ୍ଧରେ ଉପସ୍ଥାପିତ କରିଛନ୍ତି ଲଭ୍‌ଲୀ। ସେ ପୂର୍ବରୁ ମଧ୍ୟ ବିଭିନ୍ନ ତର୍କ ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇ ରାଜ୍ୟ ତଥା ସର୍ବଭାରତୀୟ ସ୍ତରରେ ଅନେକ ସଫଳତା ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ ଲଭ୍‌ଲୀଙ୍କୁ ସ୍କୁଲର ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁ ଧନ୍ୟବାଦ ଜଣାଇବା ସହିତ ତାଙ୍କର ଏହି ଚିନ୍ତାଧାରା ସମାଜ ପାଇଁ ଲାଭଦାୟକ ହୋଇପାରିବ ବୋଲି ପ୍ରକାଶ କରିଛନ୍ତି।

### ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ପରଲୋକ



ଭୁବନେଶ୍ୱର, ୨୨।୭(ବ୍ୟୁରୋ): ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅମର ବିଜୟ ମହାନ୍ତିଙ୍କ ୮୯ବର୍ଷ ବୟସରେ ପରଲୋକ ଘଟିଛି। ମୃତ୍ୟୁ ଖବରପାଇବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଭୁବନେଶ୍ୱର ଆଚାର୍ଯ୍ୟ ବିହାରସ୍ଥିତ ବାସଭବନରେ ଅମରଙ୍କ ଶେଷଦର୍ଶନ କରିଥିଲେ। ପୁତ୍ର କିର୍ତ୍ତୀ ଭୂଷଣ ମହାନ୍ତି ମୁଖାଗ୍ନି ଦେଇଥିଲେ। ଅମର ଜଣେ ଦକ୍ଷ ପୋଲିସ ଅଫିସର ଭାବେ ନିଜକୁ ପ୍ରତିପାଦିତ କରିପାରିଥିଲେ। ତାଙ୍କୁ ସାହସିକତା ପୁରସ୍କାର ମଧ୍ୟ ମିଳିଥିଲା। ସେ ଦୌଡ଼ ଓ ସନ୍ତରଣରେ ରାଜ୍ୟ ତରଫରୁ ପ୍ରତିନିଧିତ୍ୱ ମଧ୍ୟ କରିଥିଲେ। ଚାକିରିରୁ ଅବସର ନେବାପରେ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ।

### କାର୍ଯ୍ୟରେ ଯୋଗଦେଲେ ଏସ୍‌ଡିପିଓ, ଆଇଆଇସି

ବଡ଼ମ୍ବା, ୨୨।୭(ଡି.ଏନ୍.ଏ.): କରୋନାରୁ ସୁସ୍ଥ ହୋଇ ଆଠଗଡ଼ ଏସ୍‌ଡିପିଓ ଆଲୋକ ରଞ୍ଜନ ରାୟ ଏବଂ ବଡ଼ମ୍ବା ଥାନା ଆଇଆଇସି ପ୍ରଭାତ କୁମାର ମଲ୍ଲିକ ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। କଟକ ଗ୍ରାମାଞ୍ଚଳ ଅଧୀକ୍ଷକ ବି.ଯୁଗଳକିଶୋର ବଡ଼ମ୍ବା ଥାନାରେ ପହଞ୍ଚି ଉଭୟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଜୁନ୍ ୨୬ରେ ରାୟ ଓ ମଲ୍ଲିକ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ର ମନ୍ତ୍ରୀଙ୍କ ଚିଠି

**ଆଦିତ୍ୟ ମୃତ୍ୟୁ ଘଟଣା**
- କମିଶନରେଟ୍ ପୋଲିସ ତଦନ୍ତ ଆବଶ୍ୟକ

ଭୁବନେଶ୍ୱର, ୨୨।୭ (ବ୍ୟୁରୋ)

ମାନବପ୍ରେମୀ ଆଦିତ୍ୟ ଦାଶଙ୍କ ମୃତ୍ୟୁର ନିରପେକ୍ଷ ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ। ଚିଠିରେ ମନ୍ତ୍ରୀ ଷଡଙ୍ଗୀ ଉଲ୍ଲେଖ କରିଛନ୍ତି, ଯୁବ ସାମାଜିକ କର୍ମୀ ଆଦିତ୍ୟ ଦାଶଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ଅନେକ ରହସ୍ୟ ରହିଛି। ଏ ନେଇ ଜନସାଧାରଣଙ୍କ ମନରେ ଅନେକ ସନ୍ଦେହ ଉପୁଜିଛି। ଆତ୍ମହତ୍ୟା ଅପେକ୍ଷା ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ ସୃଷ୍ଟି ହୋଇଛି। ଜିଆର୍‌ପି ଏହି ଘଟଣାର ତଦନ୍ତ କରୁଥିଲେ ବି ଏହା ଜନସାଧାରଣଙ୍କୁ ସନ୍ତୁଷ୍ଟ କରିପାରୁ ନାହିଁ। ତଦନ୍ତ ବିଳମ୍ବ ହେଲେ ପ୍ରମାଣ ନଷ୍ଟ ହେବା ସମ୍ଭାବନା ରହିଛି। ତେଣୁ କମିଶନରେଟ ପୋଲିସ ଏବଂ ଜିଆରପି ମିଳିତ ଭାବେ ତଦନ୍ତ କରିବାକୁ ତୁରନ୍ତ ନିର୍ଦ୍ଦେଶ ଦେବାକୁ ଷଡ଼ଙ୍ଗୀ ଚିଠି ଲେଖିଛନ୍ତି। ଏଥିସହ ନିରପେକ୍ଷ ତଦନ୍ତ ହେଲେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବା ସହ ଅଭିଯୁକ୍ତମାନେ ଦଣ୍ଡ ପାଇପାରିବେ। ପୋଲିସ ଜନସାଧାରଣଙ୍କ ଅଧିକ ଆସ୍ଥାଭାଜନ ହୋଇପାରିବ ବୋଲି ସେ କହିଛନ୍ତି। ପ୍ରକାଶ ଥାଉକି, ଗତ ୭ ତାରିଖରେ ଆଦିତ୍ୟଙ୍କ ମୃତଦେହ ଭୁବନେଶ୍ୱର ଲିଙ୍ଗରାଜ ଷ୍ଟେଶନ ରେଳ ଧାରଣାରୁ ମିଳିଥିଲା। ଜିଆର୍‌ପି ଥାନା ପୋଲିସ ତଦନ୍ତ କରୁଥିଲେ ମଧ୍ୟ ଏଯାଏ ରହସ୍ୟ ଉନ୍ମୋଚନ କରିପାରିନି।

## ୫୫ ଖବରଦାତାଙ୍କ ନମୁନା ନେଗେଟିଭ୍

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା ବୁଧବାର ୫୫ ଜଣ ଖବରଦାତାଙ୍କ ନମୁନା ପରୀକ୍ଷା ହୋଇଛି। ସେମାନଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବା ବିଏମ୍‌ସି ସୂଚନା ଦେଇଛି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ଭୁବନେଶ୍ୱରରେ ବର୍ତ୍ତମାନ କାର୍ଯ୍ୟରତ ଖବରଦାତାମାନେ କେତେ ପରିମାଣରେ ସୁରକ୍ଷିତ ଅଛନ୍ତି, ସେନେଇ ବିଏମ୍‌ସି ଦ୍ୱାରା ଏହି ଆଣ୍ଟିଜେନ୍ ଟେଷ୍ଟ ହୋଇଥିଲା। ଏଥିସହ କୋଭିଡ୍ ପ୍ରତି ଅଧିକ ସତର୍କ ରହି ଜନସାଧାରଣଙ୍କୁ ମଧ୍ୟ ସଚେତନ କରିବାକୁ କମିଶନର ଚୌଧାରୀ ଖବରଦାତାଙ୍କୁ ଅପିଲ୍ କରିଛନ୍ତି।

## ୮ ୱାର୍ଡ ୭ ଦିନ ଶଟ୍‌ଡାଉନ୍

କଣ୍ଟାପଡା, ୨୨।୭(ଡି.ଏନ.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ନାହାଳପୁର ପଞ୍ଚାୟତର ନାହାଳପୁର ଗ୍ରାମର ଜଣେ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାପରେ ସଂକ୍ରମଣ ରୋକିବା ପାଇଁ ଗ୍ରାମରେ ଥିବା ୮ଟି ୱାର୍ଡକୁ ସରପଞ୍ଚ ସୁଧୀର କୁମାର ଦାସ ବୁଧବାର ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହା ବୁଧବାର ସନ୍ଧ୍ୟା ୭ଟାରୁ ୨୮ ତାରିଖ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଚିହ୍ନଟ ବ୍ୟକ୍ତି ଜଣଙ୍କ କିଛିଦିନ ତଳେ ପୁଅକୁ ଏସ୍‌ସିବି ନେଇଥିଲେ। ଉଭୟଙ୍କର କରୋନା ଟେଷ୍ଟ କରାଯାଇଥିଲା। ପୁଅର ନେଗେଟିଭ ଥିବାବେଳେ ବାପାଙ୍କ ରିପୋର୍ଟ ବୁଧବାର ପଜିଟିଭ ବାହାରିଥିଲା।

## ଦେହରେ ପିପିଇ କିଟ୍, ହାତ ପାଦ ଖୋଲା

କଟକ ଅଫିସ, ୨୨।୭



କଟକ ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ସଂକ୍ରମଣକୁ ରୋକିବା ଓ ଆକ୍ରାନ୍ତଙ୍କ ଚିହ୍ନଟ ପାଇଁ ବର୍ତ୍ତମାନ ସହରର ପୁରୁଣା ରାଉସପାଟଣା, ପ୍ରତାପନଗରୀ, ପରିଡ଼ାସାହି ଶଙ୍କରପୁର ଓ ଖଟ୍‌ବିନ୍ ସାହିକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସହ ପରିମଳ ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) କର୍ମଚାରୀ ନିଯୁକ୍ତି ଦେଇଛି। ସେମାନଙ୍କୁ ବ୍ୟକ୍ତିଗତ ସୁରକ୍ଷା ସରଞ୍ଜାମ (ପିପିଇ) କିଟ୍ ଦିଆଯାଇଛି ସତ, କିନ୍ତୁ ସେମାନଙ୍କ ସୁରକ୍ଷାକୁ ଅଣଦେଖା କରାଯାଉଛି। ଖଟ୍‌ବିନ୍ ସାହିର କେତେଜଣ ବାସିନ୍ଦା ଏହି ଆପତ୍ତି ଉଠାଇ ସିଏମ୍‌ସିକୁ ଜଣାଇଛନ୍ତି।

ସକାଳେ ପରିମଳ କର୍ମଚାରୀ ସାହି ସଫା କରିବାକୁ ଆସିଥିଲେ। ସେମାନେ ପିପିଇ କିଟ୍ ପିନ୍ଧିଥିଲେ; କିନ୍ତୁ ପ୍ରାୟ କେହି ଜୋତା ପିନ୍ଧି ନ ଥିଲେ। ଅନେକ କର୍ମଚାରୀ ହାତରେ ଗ୍ଲୋଭ୍‌ସ ମଧ୍ୟ ପିନ୍ଧି ନ ଥିଲେ। ଫଳରେ ସେମାନେ ଭୂତାଣୁ ସଂକ୍ରମିତ ହେବା ସହ ଏହି ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି। କର୍ମଚାରୀଙ୍କୁ ପିପିଇ କିଟ୍ ସହ ଜୋତା ଓ ଗ୍ଲୋବସ ଯୋଗାଇଦେବା ପାଇଁ ସାହିବାସୀ ଦାବି କରିଛନ୍ତି। ଏନେଇ ପରିମଳ ଅଧିକାରୀ ପ୍ରତାପ ମହାନ୍ତିଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିବା ସହ ସଫେଇ କର୍ମଚାରୀଙ୍କୁ ଜୋତା ଦିଆଯାଇଥିବା କହିଛନ୍ତି।

## ୬ ଦୋକାନ, ଘର ତାଲା କାଟି ଚୋରି

ଭୁବନେଶ୍ୱର, ୨୨।୭ (ବ୍ୟୁରୋ)

ରାଜଧାନୀରେ କଡ଼ାକଡ଼ି ପାଟ୍ରୋଲିଂ ଚାଲିଥିବା ସତ୍ତ୍ୱେ ଚୋରମାନଙ୍କ ଭୟ କମୁନି। ପୋଲିସର ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେଇ ଶହୀଦନଗର ଥାନା ଅଞ୍ଚଳରେ ୪ ଦୋକାନ ସମେତ ୨ଟି ଅଫିସ ଘର ଶଟର ତାଡ଼ି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଚୋରି ହୋଇଛି। ସେହିପରି ଖଣ୍ଡଗିରି ଥାନା ଅଞ୍ଚଳରେ ଘରେ ଗ୍ରୀଲ କବାଟ ଭାଙ୍ଗି ଲୁଟେରାମାନେ କଳାକନା ବୁଲାଇଛନ୍ତି। ଏ ନେଇ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଛି। ଶହୀଦନଗର ଥାନା ଅନ୍ତର୍ଗତ ବାଙ୍କୁଆଳ ଅଞ୍ଚଳରେ ୬ଟି ଦୋକାନ ସମେତ ଏକ ଅଫିସ ଘରୁ ମଙ୍ଗଳବାର ରାତିରେ ଚୋରି ହୋଇଛି।

## ଫତେସିଂହ ପଞ୍ଚାୟତ ଶଟ୍‌ଡାଉନ

ବୋଲଗଡ, ୨୨।୭(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ବାଙ୍କୋଇ ଦେଶ ପଞ୍ଚାୟତ ଅଞ୍ଚଳରେ ୪ ପଜିଟିଭ ଚିହ୍ନଟ ହେବାପରେ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ଫତେସିଂହ ପଞ୍ଚାୟତକୁ ୭୨ ଘଣ୍ଟା ଶଟ୍‌ଡାଉନ ଘୋଷଣା କରିଛନ୍ତି। କଟକଣା ଶୁକ୍ରବାର ମଧ୍ୟାହ୍ନ ୧୨ଟା ଯାଏ ରହିବ। ଫାସିଓଦା ପଞ୍ଚାୟତ ଦିଘିରୀରୁ ଜଣେ ଆକ୍ରାନ୍ତ ବାହାରିଛନ୍ତି। ପୂର୍ବରୁ ଏ ଅଞ୍ଚଳକୁ ଶଟ୍‌ଡାଉନ ଘୋଷଣା କରାଯାଇଛି।

## ଗ୍ରାମୀଣ ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ପୁରୀ ଅଫିସ, ୨୨।୭

ଗ୍ରାମାଞ୍ଚଳ ଲୋକଙ୍କୁ ମାଗଣା ଆଇନ ସେବା ଯୋଗାଇଦେବା ପାଇଁ ସଦର ବ୍ଲକ ଅନ୍ତର୍ଗତ ବାଲିଗୁଆଳି ପଞ୍ଚାୟତ ଅଫିସ ଓ ବ୍ରହ୍ମଗିରି ବ୍ଲକ ଅଫିସରେ ବୁଧବାର ଦୁଇଟି ଗ୍ରାମୀଣ ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି କେନ୍ଦ୍ରରେ ଜିଲା ଆଇନ ସେବା ପ୍ରାଧିକରଣର ପ୍ୟାନେଲ ଲୟର ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଲୋକଙ୍କୁ ବିଭିନ୍ନ ପ୍ରକାର ଆଇନ ସେବା ଯୋଗାଇଦେବେ। ଏଥିସହ ଗାଁରେ ପଡ଼ିରହିଥିବା ବହୁ ଦିନର ଜମିଜମା, ମଜୁରି ଏବଂ ପାରିବାରିକ ବିବାଦ ଇତ୍ୟାଦିର ପ୍ରାକ୍ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ ହେବା ସହିତ ବିଭିନ୍ନ ଆଇନଗତ ସମସ୍ୟାର ସମାଧାନ ଏବଂ ଆଇନଗତ ପରାମର୍ଶ ମାଗଣାରେ ଦିଆଯିବ। ଏହି ସହାୟତା କେନ୍ଦ୍ରଦ୍ୱୟକୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ମିନାକ୍ଷୀ ଦାସ ଉଦ୍‌ଘାଟନ କରିଥିଲେ। ପୁରୀ ଜିଲା ଓ ଦୌରାଜଜ୍ ବିଦ୍ୟୁତ୍ କୁମାର ମିଶ୍ର, ପୂର୍ବତନ ସଦସ୍ୟ ସଚିବ ଦେବାଶିଷ ନାୟକ, ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର, ସିଭିଲ କୋର୍ଟ ରେଜିଷ୍ଟ୍ରାର ଅରୁଣ ପଟ୍ଟନାୟକ, ଉପସଚିବ ରୁଦ୍ରପ୍ରକାଶ ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁବାସ ନାଥଶର୍ମା, ସଦର ବିଡିଓ ରାମଚନ୍ଦ୍ର ପଟ୍ଟନାୟକ, ବ୍ରହ୍ମଗିରି ବିଡିଓ ଜ୍ୟୋତିରଞ୍ଜନ ସେଠୀ, ବ୍ରହ୍ମଗିରି ତହସିଲଦାର କିଶୋର ଚନ୍ଦ୍ର ପଣ୍ଡା, ଆଇନଜୀବୀ ବିଭୂତି ଭୂଷଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧିକରଣ କର୍ମକର୍ତ୍ତା ମନୋରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ଚଇନି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟକର୍ମୀ ପଜିଟିଭ ଚିହ୍ନଟ

ବାଲିଅନ୍ତା, ୨୨।୭(ଡି.ଏନ.ଏ)

ବାଲିଅନ୍ତା ବ୍ଲକ ଅଧୀନ ସରକଣା ପଞ୍ଚାୟତ ଅଞ୍ଚଳରେ ଜଣେ ଯୁବକ ସ୍ୱାସ୍ଥ୍ୟକର୍ମୀ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ସ୍ୱାସ୍ଥ୍ୟକର୍ମୀ ଜଣକ କିଛିଦିନ ତଳେ କୋଭିଡ ମୁକାବିଲା ପାଇଁ ଭୁବନେଶ୍ୱରସ୍ଥିତ ଏକ ସରକାରୀ ହସ୍ପିଟାଲକୁ ଡେପୁଟେଶନରେ ଯାଉଥିବା ଜଣାପଡ଼ିଛି। ସେ ପ୍ରତିଦିନ ଗ୍ରାମରୁ ଭୁବନେଶ୍ୱରକୁ ଯିବାଆସିବା କରୁଥିବାରୁ ତାଙ୍କର ସେହି ହସ୍ପିଟାଲରେ ସ୍ୱାବ ଟେଷ୍ଟ କରାଯାଇଥିଲା। ତେବେ ବୁଧବାର ରିପୋର୍ଟ ପଜିଟିଭ ଆସିଥିଲା।



ଲକ୍‌ଡାଉନ ଯୋଗୁ କାମ ନ ପାଇ ଭୁବନେଶ୍ୱରସ୍ଥ ନୟାପଲ୍ଲୀ ଦୁର୍ଗାମଣ୍ଡପ ନିକଟରେ ଶ୍ରମିକମାନେ ନିରାଶ ହୋଇ ବସିଛନ୍ତି।

# ନୟାପଲ୍ଲୀ ଗଣପତି ବସ୍ତି କଣ୍ଟେନ୍‌ମେଣ୍ଟ ଜୋନ୍

**ଭୁବନେଶ୍ୱରରୁ ପୁଣି ୯୧ ଚିହ୍ନଟ, ୯୯ ସୁସ୍ଥ**
- ସପ୍ତାହରେ ନୟାପଲ୍ଲୀରୁ ୧୦୬ରୁ ଊର୍ଦ୍ଧ୍ୱ ଚିହ୍ନଟ
- ଗଣପତି ବସ୍ତିରୁ ୧୪ ଚିହ୍ନଟ, ବାହାରିବେ ଅନେକ

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ଭୁବନେଶ୍ୱରର ନୟାପଲ୍ଲୀ ଅଞ୍ଚଳ ରାଜଧାନୀର ନୂଆ ହଟ୍‌ସ୍ପଟ ପାଲଟିଛି। ସପ୍ତାହକ ମଧ୍ୟରେ ସହରରୁ ୪୮୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୦୬ଜଣ ହେଉଛନ୍ତି କେବଳ ନୟାପଲ୍ଲୀ ଅଞ୍ଚଳର। ପୁଣି ଶେଷ ୨୪ ଘଣ୍ଟାରେ ସହରରୁ ଚିହ୍ନଟ ହୋଇଥିବା ୯୧ଜଣଙ୍କ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ଆକ୍ରାନ୍ତ ନୟାପଲ୍ଲୀରୁ ବାହାରିଛନ୍ତି। ତେବେ ଗଣପତି ବସ୍ତିରୁ ୧୪ଜଣ (୬ ପୁରୁଷ ଓ ୮ ମହିଳା) ପଜିଟିଭ୍ ଥିବା ଜଣାପଡିବା ପରେ ଏହି ଅଞ୍ଚଳକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବୁଧବାର କଣ୍ଟେନମେଣ୍ଟ ଜୋନ୍ ବା ଆବଦ୍ଧାଞ୍ଚଳ ଘୋଷଣା କରାଯାଇଛି। ବସ୍ତିର ବୈରାଗୀ ଚରଣ ମିଶନଠାରୁ ତାରିଣୀ ମନ୍ଦିର, ଏଠାରୁ ଅନ୍ନପୂର୍ଣ୍ଣା ମଣ୍ଡପ (ଭାୟା-ହାଟ) ଦେଇ ବୈରାଗୀ ଚରଣ ମିଶନ (ଭାୟା- ପ୍ଲଟ୍ ଏନ୍୬/୨) ଯାଏ ଅଞ୍ଚଳକୁ ସିଲ୍ କରାଯିବା ସହ ସାଧାରଣ ଲୋକଙ୍କ ପ୍ରବେଶ ପ୍ରସ୍ଥାନରେ ରୋକ୍ ଲଗାଯାଇଛି। ଏହି ଅଞ୍ଚଳରେ କଣ୍ଟେନ୍‌ମେଣ୍ଟ ଅବଧି ମଧ୍ୟରେ ବିଏମ୍‌ସି ପକ୍ଷରୁ ସମସ୍ତ ସେବା ଯୋଗାଇ ଦିଆଯିବ ବୋଲି କୁହାଯାଇଛି।

ବିଏମ୍‌ସିର ତଥ୍ୟ ମୁତାବକ, ସହରରେ ଦିନକୁ ଦିନ କରୋନା ସଂକ୍ରମଣ ଅଣାୟତ୍ତ ହେବାରେ ଲାଗିଛି। ହଟ୍‌ସ୍ପଟ ପାଲଟିଥିବା ନୟାପଲ୍ଲୀ ଅଞ୍ଚଳରେ ଥିବା ବଡ଼ ବଡ଼ ବସ୍ତି ଯଥା ସାଲିଆସାହି, ବେହେରା ସାହି, ସୀତାପୁର, ତ୍ରିନାଥ ବସ୍ତିରେ ଏବେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏପରି ସ୍ଥିତି ଲାଗି ରହିଲେ ଆଗାମୀ ଦିନରେ ପୂରା ନୟାପଲ୍ଲୀକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିବାକୁ ବିଚାରବିମର୍ଶ ଚାଲିଥିବା ଜଣାପଡ଼ିଛି।

### ଅଟାକଳରୁ ୨୬ ସଂକ୍ରମିତ, ନିର୍ମାଣ କମ୍ପାନୀର ୯ କର୍ମଚାରୀ ଚିହ୍ନଟ

ମଞ୍ଚେଶ୍ୱର ଶିଳ୍ପାଞ୍ଚଳରୁ ଆଉ ୨୬ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଠାରେ ଥିବା ଏକ ଅଟାକଳର ଜଣେ କର୍ମଚାରୀ କରୋନା ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବାରୁ ଏମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା। ଏବେ ରିପୋର୍ଟ ପଜିଟିଭ୍ ଆସିଛି। ଏମାନଙ୍କ ମଧ୍ୟରୁ ୨ଜଣ ଅନ୍ୟ ରାଜ୍ୟ ଫେରନ୍ତା। ଏହି ସଂକ୍ରମିତମାନେ ସମସ୍ତେ ପୁରୁଷ ଓ ବୟସ ଯଥାକ୍ରମେ ୫୦, ୨୫, ୪୫, ୩୮, ୩୧, ୩୦, ୫୫, ୨୫, ୪୧, ୨୦, ୩୯, ୨୨, ୩୯, ୪୪, ୪୫, ୪୫, ୫୧, ୭୦, ୪୩, ୫୦, ୩୩, ୩୫, ୪୮, ୫୩, ୬୨ ଓ ୪୨ବର୍ଷ ବୋଲି ବିଏମ୍‌ସି ସୂଚନା ଦେଇଛି। ସେହିପରି ଗତ ୨୦ ତାରିଖରେ ରାଜମହଲ ଛକରେ କାର୍ଯ୍ୟ କରୁଥିବା ଏକ କନ୍‌ଷ୍ଟ୍ରକ୍ସନ କମ୍ପାନୀରୁ ଚିହ୍ନଟ ଜଣେ ଆକ୍ରାନ୍ତ ସଂସ୍ପର୍ଶରେ ଆସି ୯ଜଣ ପୁରୁଷ କର୍ମଚାରୀ ଆକ୍ରାନ୍ତ ହୋଇଛନ୍ତି।

ନୂଆ ଚିହ୍ନଟ ୯୧ ଜଣଙ୍କ ମଧ୍ୟରୁ ୭୨ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୧୯ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ନୂଆ ପଜିଟିଭ୍ ଚିହ୍ନଟଙ୍କୁ ମିଶାଇ ସହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩୪୩ରେ ପହଞ୍ଚିଛି। ସେହିଭଳି ପୁଣି ୯୯ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୭୨୪ ଛୁଇଁଛି। ସୁସ୍ଥ ହୋଇଥିବା କରୋନା ରୋଗୀ ହେଲେ ପାହାଳ ପୋଲିସ୍ ଆଉଟ୍ ପୋଷ୍ଟ ନିକଟରୁ ୧୧ ଜଣ, ତ୍ରିନାଥବସ୍ତି ଓ ନୂଆ ଗାଁ ଜେନା ସାହିରୁ ୮ ଲେଖାଏ, ବ୍ରହ୍ମେଶ୍ୱର ପାଟଣାରୁ ୬ଜଣ ଏବଂ ଅନ୍ୟ ସ୍ଥାନରୁ ୬୬ ଜଣ ରହିଛନ୍ତି। ଏବେ ୬୦୬ ସକ୍ରିୟ ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ନୂଆଗାଁରୁ ହଟିଲା କଣ୍ଟେନ୍‌ମେଣ୍ଟ କଟକଣା

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

୨୦ ଦିନ ପରେ ନୂଆଗାଁ ଅଞ୍ଚଳରୁ କଣ୍ଟେନ୍‌ମେଣ୍ଟ କଟକଣା (ଆବଦ୍ଧାଞ୍ଚଳ) ହଟାଇ ଦିଆଯାଇଛି। ଗତ ୩ ତାରିଖରେ ବିଏମ୍‌ସି ଏହି ଅଞ୍ଚଳକୁ ଆବଦ୍ଧାଞ୍ଚଳ ଘୋଷଣା କରିଥିଲା। ସାଧାରଣତଃ ୧୪ଦିନ ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଲେ କଟକଣା ହଟାଯାଇଥାଏ। କିନ୍ତୁ ନୂଆଗାଁରେ ଲଗାତାର ଭାବେ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରୁ ଏଠାରୁ କଟକଣାକୁ ବଳବତ୍ତର ରଖାଯାଇଥିଲା। ଗତ କିଛିଦିନ ହେଲା ଏଠାରୁ ଆଉ କରୋନା ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ସେହିଭଳି ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକାଂଶ ସୁସ୍ଥ ହୋଇଛନ୍ତି। ଫଳରେ ବିଏମ୍‌ସି କଟକଣା ହଟାଇ ପ୍ରବେଶ ପଥରୁ ବାଉଁଶ ବାଡକୁ ଖୋଲି ଦେଇଛି।

## ଏଚ୍‌ସିଏଲ୍ ଦେବ ୧୫ ହଜାର ନିଯୁକ୍ତି

ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ଏଚ୍‌ସିଏଲ୍ ଚଳିତ ବର୍ଷ ୧୫ ହଜାର ନିଯୁକ୍ତି ଦେବ। ଗତ ବର୍ଷ କମ୍ପାନୀ ୯ ହଜାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିଥିଲା। ଚଳିତ ବର୍ଷ ଏହା ତୁଳନାରେ ଅଧିକ ୬ ହଜାର ଲୋକଙ୍କୁ ନିଯୁକ୍ତି ଯୋଗାଣ ଲାଗି କମ୍ପାନୀ ନିଷ୍ପତ୍ତି ଗ୍ରହଣ କରିଥିବା ଜଣାପଡିଛି।

### ସଂକ୍ଷେପରେ

## ଲିଙ୍କଡ୍‌ଇନରୁ ୯୬୦ ଛଟେଇ

ୱାସିଂଟନ,୨୨।୭: ପ୍ରଫେଶନାଲ ସୋସିଆଲ ନେଟୱାର୍କ କମ୍ପାନୀ ଲିଙ୍କଡ଼ଇନ ମଙ୍ଗଳବାର ପ୍ରାୟ ୯୬୦ କର୍ମଚାରୀଙ୍କୁ ଛଟେଇ କରିଛି। କୋଭିଡ୍-୧୯ ଜନିତ ସମସ୍ୟା କାରଣରୁ ଏଭଳି ନିଷ୍ପତ୍ତି ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ବର୍ତ୍ତମାନ କମ୍ପାନୀ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହୋଇଛି । ଏ ସମ୍ପର୍କରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ରାୟନ ରୋସଲାସ୍କି କହିଛନ୍ତି ଯେ, ମହାମାରୀ ସମୟରେ କମ୍ପାନୀ ଆର୍ଥିକ ମାନ୍ଦାବସ୍ଥା ସହ କାରବାରରେ ମଧ ଆଶାନୁରୁପ ଅଗ୍ରଗତି କରିପାରୁନାହିଁ। ଏଭଳି ପରିସ୍ଥିତିରେ ଆଗକୁ ବଢିବା କଷ୍ଟକର ହୋଇପଡିଛି ବୋଲି ସେ ମତ ଦେଇଛନ୍ତି।

## ୪୦% ବେତନ ହ୍ରାସ କଲା ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୨୨।୭: ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆ ପକ୍ଷରୁ ଏହାର କ୍ୟାବିନ କ୍ରିଓ ଏବଂ କକ୍‌ପିଟ୍‌ରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବେତନ ଏପ୍ରିଲ ପହିଲାଠାରୁ ହ୍ରାସ କରିଛି। ଏହି ବର୍ଗରେ ୪୦% ବେତନ ହ୍ରାସ କରାଯାଇଥିବା ବିମାନ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏଭଳି ଭାବେ କେତେ ଦିନ ଯାଏ ହ୍ରାସ ହୋଇଥିବା ବେତନ କର୍ମଚାରୀ ଲାଭ କରିବେ ସେ ନେଇ କମ୍ପାନୀ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ମାତ୍ର ବେତନ ହ୍ରାସ ପ୍ରାୟ ୮୫% ରହିଥିବା ପାଇଲଟ କହିଥିବା ବେଳେ ୪୦%ରୁ ଅଧିକ ବେତନ ହ୍ରାସ ହେଉଥିବା ନେଇ କ୍ରିଓ କହିଛନ୍ତି। କର୍ମଚାରୀଙ୍କୁ ବେତନ ଦେବା ଲାଗି ଏୟାର ଇଣ୍ଡିଆକୁ ମାସକୁ ୨୩୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ବେତନ ହ୍ରାସ ଦ୍ୱାରା କେତେ ଟଙ୍କା ସଞ୍ଚୟ ହେବ ବୋଲି ମଧ କମ୍ପାନୀ କିଛି କହିନାହିଁ।

# ୬ ପ୍ରତିଶତ ଖସିଯିବ ଜିଡିପି

ମୁମ୍ବାଇ,୨୨।୭

ଦେଶ ମଧ୍ୟରେ କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସିପାରୁନାହିଁ। ଏଥି ଲାଗି ରାଜ୍ୟଗୁଡିକ ସ୍ତରରେ ପୁଣି ଥରେ ଲକଡାଉନ କରିବାକୁ ପଡୁଛି। ଏଥି ଯୋଗୁ ବିଗିଡିଥିବା ବଜାର ସ୍ଥିତି ଠିକ୍ ହେବା ଲାଗି ଅଧିକ ସମୟ ଲାଗୁଛି।

### ଡିବିଏସର ପୂର୍ବାନୁମାନ

ଏଭଳି ସ୍ଥିତିରେ ମହାମାରୀର ପ୍ରଭାବ ଅତି ଗଭୀର ରହିବ ବୋଲି ସିଙ୍ଗାପୁର ଭିତ୍ତିକ ବ୍ରୋକରେଜ କମ୍ପାନୀ ଡିବିଏସ୍ ଏହାର ଆକଳନରେ ପ୍ରକାଶ କରିଛି। ଏହା କହିଛି ଯେ, ବଜାର ସ୍ଥିତି ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ଭାରତର ଅଭିବୃଦ୍ଧି ଉପରେ ଏହାର ନକରାତ୍ମକ ପ୍ରଭାବ ପଡିବ। ଆର୍ଥିକ ବର୍ଷ ୨୦୨୦-୨୧ରେ ଭାରତର ଅଭିବୃଦ୍ଧି ୬% ହ୍ରାସ ଘଟିବା ନେଇ ଏହା ପୂର୍ବାନୁମାନ କରିଛି।




ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ୪.୮% ଖସିଯିବ ବୋଲି ଏହି ଏଜେନ୍ସି ପୂର୍ବାନୁମାନରେ କହିଥିଲା। ଭଲ ଅର୍ଥନୈତିକ କାର୍ଯ୍ୟକଳାପ ରହିଥିବା ମହାରାଷ୍ଟ୍ର, ତାମିଲନାଡୁ ଏବଂ ଗୁଜରାଟ ଭଳି ରାଜ୍ୟଗୁଡିକର ୭% ଜିଲା ଦେଶର ମୋଟ ଆର୍ଥିକ ଉତ୍ପାଦନରେ ପ୍ରାୟ ୩୦% ଯୋଗଦାନ ରଖିଥାନ୍ତି। ଏହି ସ୍ଥାନଗୁଡିକରେ ପ୍ରାୟ ୭୦% କରୋନା ମାମଲା ସାମ୍ନାକୁ ଆସିଛି। ଫଳରେ ବଜାର ସ୍ଥିତିକୁ ସୁଧାରିବା ଏବଂ ଅର୍ଥନୈତିକ ଅଭିବୃଦ୍ଧି ଫେରାଇ ଆଣିବା ବର୍ତ୍ତମାନ କଷ୍ଟକର ବ୍ୟାପାର ବୋଲି କୁହାଯାଇଛି।

ବର୍ତ୍ତମାନ ଭାରତରେ ପ୍ରାୟ ୧.୧୫ ନିୟୁତ ଲୋକ କରୋନା ଦ୍ୱାରା ସଂକ୍ରମିତ ହୋଇଛନ୍ତି। ୨୯ ହଜାର ଲୋକ ଏହା ଦ୍ୱାରା ମୃତ୍ୟୁ ମୁଖରେ ପଡିଛନ୍ତି। କରୋନା ସଂକ୍ରମଣରେ ଭାରତର ସ୍ଥାନ ତୃତୀୟ ରହିଛି। ଆମେରିକାରେ ୩.୯ ନିୟୁତ ଏବଂ ବ୍ରାଜିଲରେ ୨.୨ ନିୟୁତ ଲୋକ ସଂକ୍ରମଣର ଶିକାର ହୋଇଛନ୍ତି। ଏଭଳି ସ୍ଥିତିରେ ଘରୋଇ ବଜାର ଗଭୀର କ୍ଷତି ସାମ୍ନା କରିବ ବୋଲି ଡିବିଏସ୍‌ର ଅର୍ଥନୀତିଜ୍ଞ ରାଧିକା ରାଓ କହିଛନ୍ତି।

## ମୁକେଶ ବିଶ୍ୱର ୫ମ ଧନୀ

ନୂଆଦିଲ୍ଲୀ,୨୨।୭: ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ବିଶ୍ୱର ୫ମ ଧନୀ ବ୍ୟକ୍ତି ଭାବେ ବିବେଚିତ ହୋଇଛନ୍ତି। ଜୁଲାଇ ଦ୍ୱିତୀୟ ସପ୍ତାହରେ ସେ ବିଶ୍ୱ ଧନୀ ତାଲିକାରେ ୬ ନମ୍ବର ସ୍ଥାନରେ ରହିଥିଲେ। ସେହି ସମୟରେ ତାଙ୍କ ସମ୍ପତ୍ତି ୭୨.୪ ବିଲିୟନ ରହିଥିଲା। ବୁଧବାର ସେ ଏହି ତାଲିକାରେ ପଞ୍ଚମ ସ୍ଥାନକୁ ଯାଇଛନ୍ତି। ୮ ଦିନ ମଧ୍ୟରେ ତାଙ୍କ ସମ୍ପତ୍ତିରେ ୨.୬ ବିଲିୟନ ଡଲାରର ବୃଦ୍ଧି ପରିଲକ୍ଷିତ ହୋଇଛି। ତାଲିକାରେ ପ୍ରଥମ ସ୍ଥାନରେ ଆମାଜନ ସିଇଓ ଜେଫ୍ ବେଜୋସ ରହିଛନ୍ତି। ତାଙ୍କର ମୋଟ ସମ୍ପତ୍ତି ପରିମାଣ ୧୮୫.୮ ବିଲିୟନ ଡଲାର ରହିଛି। ଦ୍ୱିତୀୟ ସ୍ଥାନରେ ମାଇକ୍ରୋସଫ୍ଟର ସହପ୍ରତିଷ୍ଠାତା ବିଲ୍ ଗେଟ୍‌ସ ରହିଛନ୍ତି। ତାଙ୍କ ପାଖରେ ୧୧୩.୧ବିଲିୟନ ଡଲାରର ସମ୍ପତ୍ତି ରହିଛି। ୧୧୨ ବିଲିୟନ ଡଲାର ସମ୍ପତ୍ତି ସହ ତୃତୀୟରେ ବର୍ନାଡ ଆର୍‌ନଲ୍ଟ ଏବଂ ପରିବାର, ୮୯ ବିଲିୟନ ଡଲାର ସମ୍ପତ୍ତି ସହ ୪ର୍ଥ ସ୍ଥାନରେ ଫେସ୍‌ବୁକ୍‌ର ମାର୍କ



ଜୁକରବର୍ଗ ରହିଛନ୍ତି। ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ଜୁକରବର୍ଗଙ୍କ ସମ୍ପତ୍ତିଠାରୁ ୧୪.୪ ବିଲିୟନ ଡଲାର କମ୍ ରହିଛି। ମୁକେଶଙ୍କ ପରେ ୭୨.୭ ବିଲିୟନ ଡଲାର ସମ୍ପତ୍ତି ସହ ୬ ନମ୍ବର ସ୍ଥାନରେ ୱାରେନ ବଫେଟ, ସପ୍ତମରେ ଲେରୀ ଏଲିସନ, ଅଷ୍ଟମରେ ଏଲନ ମସ୍କ, ନବମରେ ଷ୍ଟିଭ ବାଲମର ଏବଂ ଲେରୀ ପେଜ୍ ୧୦ ସ୍ଥାନରେ ରହିଛନ୍ତି। ବର୍ତ୍ତମାନ ଲଗାତର ଭାବେ ରିଲାଏନ୍ସର ଶେୟାରରେ ଉନ୍ନତି ଦେଖାଯାଉଛି। ଏହାର ଶେୟାର ୫୨ ସପ୍ତାହର ଉଚ୍ଚତମ ସ୍ତରରେ ରହିଛି।

## ଟୟୋଟା ୟାରିସ୍‌ରେ ପରିବର୍ଦ୍ଧିତ ଫିଚର

ଭୁବନେଶ୍ୱର,୨୨।୭: ଭାରତୀୟ ଗ୍ରାହକଙ୍କ ଆଗ୍ରହ ଓ ପ୍ରାଥମିକତା ଟୟୋଟାକୁ ଭର୍ସାଟାଇଲ ସେଡାନ ୟାରିସ୍ ଭଳି ଉନ୍ନତମାନର ମଡେଲ ନିର୍ମାଣ କରିବାକୁ ପ୍ରେରିତ କରିଛି। ୟାରିସ୍‌ରେ ଅତ୍ୟାଧୁନିକ ଓ ଭାବପୂର୍ଣ୍ଣ ଡିଜାଇନ ସହ ଆରାମଦାୟକ ସୁବିଧା ପ୍ରଦାନ କରାଯାଇଛି। ସେହିଭଳି ସୁପେରିୟର ଚାଳନା ସହ ଗୁଣବତ୍ତା, ଶାନ୍ତ ଓ ଗତିଶୀଳ ଦକ୍ଷତା ଭଳି ଅଗ୍ରଣୀ ସୁରକ୍ଷା ଏବଂ ଟେକ୍ନୋଲୋଜିକୁ ମଧ୍ୟ ସାମିଲ କରାଯାଇଛି। ସ୍ୱତନ୍ତ୍ର ଫିଚର ଓ ଷ୍ଟେଟ୍ ଅଫ୍ ଦି ଆର୍ଟ ଟେକ୍ନୋଲୋଜିରେ ସୁସଜ୍ଜିତ ହୋଇଥିବା ଏହି ମେଡଲ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ସ୍ୱତନ୍ତ୍ର ଭାବେ ନିର୍ମିତ ଏହି ୟାରିସ୍ କାର ଗ୍ରାହକଙ୍କୁ ଉଚ୍ଚସ୍ତରର ସୁରକ୍ଷା ଓ ଆରାମ ପ୍ରଦାନ କରିବା ନେଇ ଟୟୋଟାର ପ୍ରତିଶ୍ରୁତିକୁ ଅନୁସରଣ କରାଯାଇଛି। ଡୁଆଲ ଭିଭିଟି-ଆଇ ୧.୫, ବିଏସ୍ ୬ ଇଞ୍ଜିନ ଦ୍ୱାରା ପରିଚାଳିତ ଏହି କାର ରାସ୍ତାରେ ଏକ ଚମତ୍କାର



ଅନୁଭୂତି ସୃଷ୍ଟି କରିବ। ଏହା ସମ୍ପର୍କରେ କମ୍ପାନୀର ବରିଷ୍ଠ ଉପାଧ୍ୟକ୍ଷ ନବୀନ ସୋନି କହିଛନ୍ତି ଯେ, ୟାରିସ୍ ଟୟୋଟାର ଗୁଣବତ୍ତା, ସ୍ଥାୟିତ ଓ ନିର୍ଭର ଯୋଗ୍ୟତା ଦର୍ଶନ ଉପରେ ନିର୍ମିତ ହୋଇଛି।

## ୬୬୨ ଜିଲାରେ କରୋନା ସାମଗ୍ରୀ ବାଣ୍ଟିବ ପିଏନ୍‌ବି

ଭୁବନେଶ୍ୱର,୨୨।୭: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବ୍ୟାଙ୍କ ସାରା ଦେଶରେ କୋଭିଡ୍-୧୯ ସଂକ୍ରମଣ ସମ୍ପର୍କରେ ସଚେତନତା ସହ ୬୬୨ ଜିଲାରେ କରୋନା ସାମଗ୍ରୀ ବଣ୍ଟନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଅଧିନରେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଆନୁକୁଲ୍ୟରେ ଆଞ୍ଚଳିକ ପ୍ରବନ୍ଧକ ଅଶ୍ୱିନୀ କୁମାର ପୁରୀ ଜିଲା ପ୍ରଶାସନକୁ କୋଭିଡ୍ ସାମଗ୍ରୀ ହସ୍ତାନ୍ତର କରିଛନ୍ତି। ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ବ୍ୟାଙ୍କ ପକ୍ଷରୁ ଲୋକଙ୍କୁ କରୋନା ପ୍ରତିହତ ସାମଗ୍ରୀ ଯଥା ମାସ୍କ,ସାନିଟାଇଜର ଭଳି ଅତି ଜରୁରୀ ସାମଗ୍ରୀ ବଣ୍ଟନ କରାଯିବ।

## ୫୦,୯୨୦ ଟଙ୍କା ଛୁଇଁଲା ସୁନା

ନୂଆଦିଲ୍ଲୀ,୨୨।୭: ଗତ ୨ ଦିନ ଧରି ଅନ୍ତର୍ଜାତୀୟ ବଜାରରେ ସୁନା ଦରରେ ବୃଦ୍ଧି ପରିଲକ୍ଷିତ ହେବା ସହ ୧୦ ଗ୍ରାମ ପିଛା ଦର ୫୦ ହଜାର ଟଙ୍କା ଟପିଛି। ବୁଧବାର ନୂଆଦିଲ୍ଲୀରେ ସୁନା ଦର ୫୦,୯୨୦ ଟଙ୍କା ଛୁଇଁଥିବା ଜଣାପଡିଛି। ଅନ୍ତର୍ଜାତୀୟ ବଜାରରେ ଏହି ମୂଲ୍ୟବାନ୍ ଧାତୁର ମୂଲ୍ୟରେ ପରିବର୍ତ୍ତନ ଦେଖାଯିବା ଫଳରେ ଏଭଳି ସ୍ଥିତି ଉପୁଜିଛି। ବୁଧବାର ନୂଆଦିଲ୍ଲୀରେ ସୁନା ଦର ୧୦ ଗ୍ରାମ ପିଛା ୪୩୦ ଟଙ୍କା ବଢ଼ିବା ଫଳରେ ଏହା ରେକର୍ଡ ଉଚ୍ଚ ସ୍ତରରେ ରହିଛି। ଏହାର ପୂର୍ବ କାରବାରରେ ସୁନା ୫୦,୪୯୦ ଟଙ୍କା ରହିଥିଲା। ବୁଧବାର ରୁପା ଦର ୨୫୫୦ ଟଙ୍କା ବଢିବା ଯୋଗୁ କିଲୋ ପିଛା ଏହି ଧାତୁର ଦର ୬୦,୪୦୦ ଟଙ୍କା ଛୁଇଁଛି।



ମଙ୍ଗଳବାର ରୁପାର କିଲୋ ପିଛା ଦର ୫୭,୮୫୦ ଟଙ୍କା ରହିଥିଲା। ଏହି ପରିପ୍ରେକ୍ଷୀରେ ଏଚ୍‌ଡିଏଫ୍‌ସିର ବରିଷ୍ଠ ବିଶ୍ଳେଷକ ତପନ ପଟେଲ କହିଛନ୍ତି ଯେ, ଦିଲ୍ଲୀରେ ୨୪ କ୍ୟାରେଟ ସୁନା ଦର ୪୩୦ ଟଙ୍କା ବଢ଼ିବା ଯୋଗୁ ନୂଆ ରେକର୍ଡ ସ୍ତର ଛୁଇଁଛି। ଅନ୍ତର୍ଜାତୀୟ ବଜାର ଭଳି ଘରୋଇ ବଜାରରେ ସୁନା ଦର ଉଚ୍ଚରେ ରହିଛି। ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ସୁନା ଦର ଆଉନ୍ସ ପ୍ରତି ୫୭,୮୫୦ ଟଙ୍କା ରହିଥିବା ବେଳେ ରୁପା ଦର ଆଉନ୍ସ ପ୍ରତି ୨୧.୮୦ ଟଙ୍କା ରହିଛି। ବୁଧବାର ସୁନା ୧୮୫୦ ଡଲାର ସ୍ତର ଟପିବାରୁ ଏହା ସବୁଠାରୁ ଉଚ୍ଚ ସ୍ତର ବୋଲି କୁହାଯାଉଛି।

### ଖେଳ ଖବର

# ଭାରତର ଅଲିମ୍ପିକ୍ ପ୍ରସ୍ତୁତିକୁ ଶକ୍ତ ଝଟ୍‌କା

ନୂଆଦିଲ୍ଲୀ,୨୨।୭(ପି.ଟି.)

ବିଶ୍ୱ ନିଶା ନିବାରଣ ସଂସ୍ଥା (ୱାଡା) ଦେଶର ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବରେଟୋରି (ଏନ୍‌ଡିଟିଏଲ୍) ଉପରେ ଜାରି କରିଥିବା ବାସନ୍ଦାଦେଶକୁ ଆଉ ୬ ମାସକୁ ବୃଦ୍ଧି କରିଛନ୍ତି। ଏନ୍‌ଡିଟିଏଲ୍ ଅନ୍ତଃରାଷ୍ଟ୍ରୀୟ ସ୍ତରର ଅନୁରୂପ ହୋଇ ନ ଥିବାରୁ ୱାଡା ଏହି କଡ଼ା ନିଷ୍ପତ୍ତି ନେଇଛି ବୋଲିକହିଛି। ଫଳରେ ଭାରତୀୟ କ୍ରୀଡ଼ାକୁ ଜବରଦସ୍ତ ଝଟ୍‌କା ଲାଗିଛି। ଏହାଦ୍ୱାରା ଭାରତର ଅଲିମ୍ପିକ୍ସ ପ୍ରସ୍ତୁତି ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ୱାଡା ଗତବର୍ଷ ଅଗଷ୍ଟକୁ ଏନ୍‌ଡିଟିଏଲ୍‌କୁ ୬ ମାସ ପାଇଁ ସସ୍‌ପେଣ୍ଡ କରିଥିଲା। ପୁଣି ଥରେ ୱାଡା ତରଫରୁ ଏକ ନୂଆ ପର୍ଯ୍ୟାୟର ଯାଞ୍ଚ କରାଯାଇଥିଲା। ତେବେ ଅନ୍ତଃରାଷ୍ଟ୍ରୀୟସ୍ତରର କୌଣସି ମାପଦଣ୍ଡକୁ ପୂରଣ କରଯାଇ ନ ଥିବା ଏହି ଯାଞ୍ଚରୁ ଜାଣିବାକୁ ମିଳିଥିଲା। ଫଳରେ ନୂଆଦିଲ୍ଲୀସ୍ଥିତ ଏନ୍‌ଡିଟିଏଲ୍‌ର ମାନ୍ୟତାକୁ ଦ୍ୱିତୀୟ ଥର ପାଇଁ ଆଉ ୬ ମାସ ଲାଗି ସସ୍‌ପେଣ୍ଡ କରାଗଲା ବୋଲି ୱାଡା ତରଫରୁ କୁହାଯାଇଛି। ବାସନ୍ଦ ହେବା ଦ୍ୱାରା ଏବେ ଏନ୍‌ଡିଟିଏ୍ ରକ୍ତ ଓ ମୂତ୍ର ନେଇ କୌଣସି ପରୀକ୍ଷା କରି ପାରିବ ନାହିଁ। ଏନ୍‌ଡିଟିଏଲ୍‌ର ପରୀକ୍ଷାଗାରରେ ଅନ୍ତଃରାଷ୍ଟ୍ରୀୟସ୍ତରର ସୁବିଧା ସୁଯୋଗ ନାହିଁ ବୋଲି ୱାଡା ହୃଦୟଙ୍ଗମ କରିଛି। ଏନ୍‌ଡିଟିଏଲ୍ ଲାବରେଟୋରିରେ ଆଇସୋଟପ୍ ରେସିଓ ମାସ୍ ସ୍ପେକ୍ଟ୍ରୋମେଟ୍ରି ମଧ ଅନ୍ତଃରାଷ୍ଟ୍ରୀସ୍ତରର ନୁହେଁ ୱାଡା ଜାଣିବାକୁ ପାଇଛି।

### ଏନ୍‌ଡିଟିଏଲ୍ ବାସନ୍ଦ ଅବଧିକୁ ୬ ମାସ ବୃଦ୍ଧି କଲା ୱାଡା

ଏବେ ଯେଉଁ ମୂତ୍ର ନମୁନା ସଂଗ୍ରହ କାରାଯାଉଛି ସେଗୁଡିକୁ ଦୋହାସ୍ଥିତ ୱାଡ଼ା ସ୍ୱୀକୃତିପ୍ରାପ୍ତ ଲାବରେଟୋରିକୁ ପଠାଯାଉଛି। ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଏନ୍‌ଡିଟିଏଲ୍ କୌଣସି ପରୀକ୍ଷା କରିପାରିବ ନାହିଁ କୁହାଯାଇଛି। ଯଦି ଏନ୍‌ଡିଟିଏଲ୍‌ର ସ୍ଥିତିରେ ସୁଧାର ନ ଆସେ ତା'ହେଲେ ୱାଡା ଆଉ ୬ ମାସ ବାସନ୍ଦାଦେଶ ବଢାଇବ। ଇତିମଧ୍ୟରେ କୋଭିଡ୍-୧୯ ଲକ୍‌ଡାଉନ୍ ମଧ୍ୟରେ ଏନ୍‌ଡିଟିଏଲ୍ କୌଣସି ରକ୍ତ ନମୁନା ସଂଗ୍ରହ କରୁନାହିଁ ବୋଲି ଜାତୀୟ ନିଶା ନିବାରଣ ସଂସ୍ଥା (ନାଡା) ଡିଜି ନବୀନ ଅଗ୍ରୱାଲ କହିଛନ୍ତି। ପୂର୍ବରୁ ଗତ ଅଗଷ୍ଟରେ ଏନ୍‌ଡିଟିଏଲ୍ ଓ କ୍ରୀଡ଼ା ମନ୍ତ୍ରଣାଳୟ ୱାଡାର ବାସନ୍ଦାଦେଶ ବିରୋଧରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍) ଅପିଲ କରି ନ ଥିଲା। କିନ୍ତୁ ଏଥର ଅପିଲ କରାଯାଉଛି କି ନା ତାହା ଦେଖିବାକୁ ବାକି ରହିଲା।

## ଗଛ ଲଗାଉଛନ୍ତି ମଣିପୁର ଫୁଟ୍‌ବଲର

ନୂଆଦିଲ୍ଲୀ,୨୨।୭(ପି.ଟି.)

କୋଭିଡ୍ ମହାମାରୀ କାରଣରୁ ଗତ ୪ ମାସ ହେବ ଖେଳରୁ ଦୂରେଇ ରହିଥିବା ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁରର ପୂର୍ବତନ ଓ ଏବେକାର ଫୁଟବଲରମାନେ ଏକ ଭିନ୍ନ ପ୍ରକାର କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଫୁଟବଲରମାନେ ଏବେ ଗଛ ଲଗାଇବା ଅର୍ଥାତ ବନୀକରଣ ଉପରେ ମନୋନିବେଶ କରିଛନ୍ତି। ପୂର୍ବକଥା ମନେପକାଇ ସେମାନେ ରାଜଧାନୀ ଇମ୍ଫାଲର ଦକ୍ଷିଣରେ ୫୦ କି.ମି. ଦୂରରେ ଥିବା ତେଣ୍ଟା ଗ୍ରାମରେ ସେମାନେ ଗଛ ଲଗାଉଛନ୍ତି। ଏକଦା ସେମାନେ ଏହି ଗାଁରେ ଫୁଟବଲ ମ୍ୟାଚ୍ ଖେଳୁଥିଲେ।

ପୂର୍ବତନ ଭାରତୀୟ ମିଡ୍‌ଫିଲ୍ଡର ରେନେଡି ସିଂ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି। ଜାତୀୟ ଦଳର ୱିଙ୍ଗର ଉଡ଼ନ୍ତା ସିଂ ଏଥିରେ ସାମିଲ ହୋଇଛନ୍ତି। ୨୦୧୭ ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍ ଖେଳିଥିବା ସୁରେଶ ୱାଙ୍ଗଜାମ, ନିଙ୍ଗୋଇନଗାନ୍‌ବା ମିଟେଇ, ବୋରିସ୍ ଥାଙ୍ଗଜାମ ଓ ଜିକ୍‌ସନ ସିଂ ମଧ୍ୟ ଏହି ମହତ୍‌କାର୍ଯ୍ୟରେ ସାମିଲ ହୋଇଛନ୍ତି। ଚଳିତ ସପ୍ତାହ ଆରମ୍ଭରେ ଘରୁ ୫୦ କି.ମି. ଦୂରକୁ ଆସି ସେମାନେ ଏକାଠି ହୋଇଥିଲେ। ଏହି ଗାଁରେ ରେନେଡି ସ୍ଥାନୀୟ ଟୁର୍ନାମେଣ୍ଟ ଖେଳୁଥିଲେ। ଏହି ମହତ୍ କାର୍ଯ୍ୟ କରି ଖେଳାଳିମାନେ ବେଶ୍ ଖୁସି ଜାହିର କରିଛନ୍ତି।



ଇମ୍ଫାଲର ତେଣ୍ଟା ଗ୍ରାମରେ ବନୀକରଣ ଅବସରରେ ମଣିପୁରର ଫୁଟ୍‌ବଲ ଖେଳାଳିମାନେ।

## ତୃତୀୟ ଟେଷ୍ଟରୁ ବାଦ୍ ପଡ଼ିପାରନ୍ତି ଷ୍ଟୋକ୍ସ




ମାଞ୍ଚେଷ୍ଟର, ୨୨।୭(ପି.ଟି.)

ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ତୃତୀୟ କ୍ରିକେଟ ଟେଷ୍ଟ ଶୁକ୍ରବାରଠାରୁ ଆରମ୍ଭ ହେବ। ୩ ମ୍ୟାଚ ବିଶିଷ୍ଟ ସିରିଜ ଏବେ ୧-୧ ସ୍ଥିତିରେ ରହିଛି। ୱେଷ୍ଟଇଣ୍ଡିଜ ସାଉଥାମ୍ପଟନ ଟେଷ୍ଟ ଜିତିଥିବାବେଳେ ଇଂଲଣ୍ଡ ମାଞ୍ଚେଷ୍ଟରରେ ବିଜୟ ହାସଲ କରିଛି। ତେଣୁ ତୃତୀୟ ଟେଷ୍ଟରେ ସିରିଜ ନିର୍ଣ୍ଣୟ ହେବ। ଇଂଲଣ୍ଡ ପାଇଁ ଚଳିତ ସିରିଜରେ ସବୁଠାରୁ ପ୍ରଭାବୀ ପ୍ରଦର୍ଶନ କରିଥିବା ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ତୃତୀୟ ଟେଷ୍ଟରୁ ବାଦ୍ ପଡ଼ିପାରନ୍ତି। ରୋଟେଶନ ପଦ୍ଧତିରେ ଷ୍ଟୋକ୍ସଙ୍କୁ ସାମିଲ କରାଯିବା ଯୋଜନା ରହିଥିବା ସୂଚନା ଦେଇଛନ୍ତି କୋଚ୍ କ୍ରିସ୍ ସିଲଭରଉଡ୍। ଷ୍ଟୋକ୍ସ ଦ୍ୱିତୀୟ ଟେଷ୍ଟର ଦୁଇ ଇନିଂସରେ ଯଥାକ୍ରମେ ୧୭୬ ଓ ୭୮* ରନ କରିଥିବାବେଳେ ୩ଟି ଉଇକେଟ ହାସଲ କରିଥିଲେ। ଏହି ମ୍ୟାଚରେ ଇଂଲଣ୍ଡର ୧୧୩ ରନରେ ବିଜୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସାମ୍ପ୍ରତିକ ପ୍ରଦର୍ଶନ ତାଙ୍କୁ ଆଇସିସି ଅଲରାଉଣ୍ଡର ର୍‍ୟାଙ୍କିଙ୍ଗ୍‌ର ନମ୍ବରୱାନ ସ୍ଥାନରେ ମଧ ପହଞ୍ଚାଇ ଦେଇଛି। ''ବର୍ତ୍ତମାନ ଷ୍ଟୋକ୍ସ କିପରି ପ୍ରଦର୍ଶନ କରୁଛନ୍ତି ତାହା ସମସ୍ତେ ଜାଣନ୍ତି। ମାତ୍ର ଆମେ ରୋଟେଶନ କଥା ଚିନ୍ତା କରୁଛୁ। ଗତ ମ୍ୟାଚ ଗୁଡ଼ିକରେ ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସେ ଯଦି ସମ୍ପୂର୍ଣ୍ଣ ଫିଟ୍ ଓ ସୁସ୍ଥ ଥିବେ ତେବେ ଖେଳିବେ, ନଚେତ ଆମେ ରୋଟେଶନ କଥା ଚିନ୍ତା କରିବୁ'' ବୋଲି ସିଲଭରଉଡ୍ ପ୍ରକାଶ କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ୩ୟ ଟେଷ୍ଟ ପରେ ପାକିସ୍ତାନ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ ଇଂଲଣ୍ଡ। ଅଗଷ୍ଟ ୫ରୁ ଏହା ଆରମ୍ଭ ହେବ। ଇଂଲଣ୍ଡ ପ୍ରଥମ ଟେଷ୍ଟରେ ଜେମ୍ସ ଆଣ୍ଡରସନ, ଜୋଫ୍ରା ଆର୍ଚର ଓ ମାର୍କ ଉଡ୍‌ଙ୍କୁ ଖେଳାଇଥିବାବେଳେ ଦ୍ୱିତୀୟ ଟେଷ୍ଟ ପାଇଁ ଷ୍ଟୁଆର୍ଟ ବ୍ରଡ୍, କ୍ରିସ୍ ୱୋକ୍ସ ଓ ସାମ୍ କୁରାନଙ୍କୁ ସାମିଲ କରିଥିଲା। ବର୍ତ୍ତମାନ ଦଳରେ ୬-୭ ଜଣ ଦ୍ରୁତ ବୋଲର ଥିବାରୁ ସିଲଭରଉଡ୍ ଚୟନ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ସତ୍ତ୍ୱେ ସ୍ପିନର ଡୋମିନିକ୍ ବେସ୍ ଓ ଉଇକେଟ କିପର ଜୋସ୍ ବଟଲର ତୃତୀୟ ଟେଷ୍ଟ ପାଇଁ ସ୍ଥାନ ବଜାୟ ରଖିବେ ବୋଲି ସେ ସୂଚନା ଦେଇଛନ୍ତି।

## ୩୨ ବିଦେଶୀ କୋଚ୍‌ଙ୍କ ଚୁକ୍ତି ବୃଦ୍ଧି

ନୂଆଦିଲ୍ଲୀ, ୨୨।୭ (ପି.ଟି.): ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏଥିରେ ୩୨ଜଣ ବିଦେଶୀ କୋଚ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ସାଇ ୧୧ଟି କ୍ରୀଡ଼ାବର୍ଗର ଏହି କୋଚ୍‌ମାନଙ୍କ ଚୁକ୍ତିକୁ ଆସନ୍ତାବର୍ଷ ସେପ୍ଟେମ୍ବରକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତାବର୍ଷ ଆୟୋଜନ ହେବାକୁଥିବା ଟୋକିଓ ଅଲିମ୍ପିକ୍‌କୁ ଦୃଷ୍ଟିରେ ରଖି ଓ ଆଥଲେଟମାନଙ୍କୁ ଟ୍ରେନିଂକୁ ଜାରି ରଖିବା ପାଇଁ ଏହି ନିଷ୍ପତ୍ତି ହୋଇଛି। ଏମାନଙ୍କ ମଧ୍ୟରେ ସାମିଲ ରହିଛନ୍ତି ବକ୍ସିଂ କୋଚ୍ ସାଣ୍ଟିଆଗୋ ନିଏଭା ଓ ରାଫାଏଲ ବେରଗାମାସ୍କୋ, ପୁରୁଷ ହକିର ଗ୍ରାହାମ ରେଡ୍, ଶୁଟିଂର ପାଭେଲ ସ୍ମିରନୋଭ। ଆସନ୍ତା ସେପ୍ଟେମ୍ବରରେ ଏହି କୋଚ୍‌ମାନଙ୍କ କାର୍ଯ୍ୟକାଳ ଶେଷ ହୋଇଥାନ୍ତା। ଅଲିମ୍ପିକ୍ସ ସହ କୌଣସି ସମ୍ପର୍କ ନ ଥିଲେ ମଧ୍ୟ ଜାତୀୟ ଫୁଟବଲ କୋଚ୍ ଆଇଗର ଷ୍ଟିମାକଙ୍କ ଚୁକ୍ତି ବୃଦ୍ଧି ହୋଇଛି। ଗତବର୍ଷ ମେ'ରେ ତାଙ୍କୁ ଦୁଇବର୍ଷ ପାଇଁ ନିଯୁକ୍ତି ମିଳିଥିଲା।

## 'ଏପରି ସ୍ଥିତିରେ ଅଲିମ୍ପିକ୍ସ ସମ୍ଭବ ନୁହେଁ'

ଟୋକିଓ,୨୨।୭(ଏପି): ଟୋକିଓ ଅଲିମ୍ପିକ୍ସ ଉପରେ କରୋନା ଭାଇରସର ପ୍ରଭାବ ଜାରି ରହିଛି। ଏ ନେଇ ଅଲିମ୍ପିକ୍ ଆୟୋଜକ କମିଟି ମୁଖ୍ୟ ୟୋଶିରୋ ମୋରି ବୁଧବାର ନିଜର ମତ ରଖିଛନ୍ତି। ବର୍ତ୍ତମାନ ଯେପରି ସ୍ଥିତି ରହିଛି ତାହା ଜାରି ରହିଲେ ଟୋକିଓ ଅଲିମ୍ପିକ୍ସ ଆୟୋଜନ ସମ୍ଭବ ନୁହେଁ ବୋଲି ସେ ଜାପାନ ବ୍ରଡକାଷ୍ଟର ଏନ୍‌ଏଚ୍‌କେ ସହ ସାକ୍ଷାତ୍‌କାର ଦେବା ଅବସରରେ କହିଛନ୍ତି। ତେବେ ସ୍ଥିତିରେ ସୁଧାର ଆସିବ ବୋଲି ସେ ଆଶ ପ୍ରକାଶ କରିଛନ୍ତି। ସବୁକିଛି ଭ୍ୟାକ୍‌ସିନ ବା ଟିକାର ଉଦ୍‌ଭାବନ ଉପରେ ନିର୍ଭରକରେ ବୋଲି ସେ କହିଛନ୍ତି। କିନ୍ତୁ ଯଦି କୋଭିଡ୍-୧୯ର ବର୍ତ୍ତମାନ ଭଳି ସ୍ଥିତି ଜାରି ରହେ ତେବେ ଏହି ମେଗା ଇଭେଣ୍ଟ ଆୟୋଜନ ଏକ ପ୍ରକାର ଅସମ୍ଭବ ବୋଲି ସେ ସତର୍କ କରାଇ ଦେଇଛନ୍ତି।

ଅଲିମ୍ପିକ୍ସ ୨୦୨୧ ଜୁଲାଇ ୨୩ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଅର୍ଥାତ୍ ଗୁରୁବାରଠାରୁ ଠିକ୍ ବର୍ଷେ ପରେ ଏହି ମେଗା ଇଭେଣ୍ଟ ଆରମ୍ଭ ହେବ। ତେଣୁ ନୂଆ ନ୍ୟାଶନାଲ ଷ୍ଟାଡିୟମରେ ଅଲିମ୍ପିକ୍ସ କାଉଣ୍ଟ ଡାଉନ୍ ନେଇ ଦର୍ଶକଙ୍କ ଅନୁପସ୍ଥିତିରେ ୧୫ ମିନିଟ୍‌ର ଏକ ଛୋଟିଆ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଓ ଆୟୋଜକମାନେ ଅଲିମ୍ପିକ୍ ଆୟୋଜନ ନେଇ ବେଶ୍ ଆଶାବାଦୀ ଅଛନ୍ତି ଓ ଏ ନେଇ ବିଶ୍ୱାସ ପ୍ରକଟ କରିଛନ୍ତି। କୋଭିଡ୍-୧୯ ମହାମାରୀ କାରଣରୁ ଅଲିମ୍ପିକ୍ସ ଆଉ ଘୁଞ୍ଚାଯିବ ନାହିଁ ଓ ଏହାକୁ ବାତିଲ କରିବାକୁ ହେବ ବୋଲି ଆଇଓସି ସ୍ପଷ୍ଟ କରିସାରିଛି। ଆଉ ୬ରୁ ୯ମାସ ମଧ୍ୟରେ ଭ୍ୟାକ୍ସିନ ବାହାରିବାର ସମ୍ଭାବନା ରହିଛି ବୋଲି ରିସର୍ଚ୍ଚ କରୁଥିବା ବିଶେଷଜ୍ଞମାନେ କହୁଥିବା କଥା ମୋରି କହିଛନ୍ତି। ତେଣୁ ସବୁ କିଛି ଏହି ଟିକା ଉପରେ ନିର୍ଭର କରୁଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

**୨୦ ନଂ. ୱାର୍ଡ କଣ୍ଟେନମେଣ୍ଟ ଜୋନ୍**

ଖୋର୍ଦ୍ଧା ଅଫିସ- ଖୋର୍ଦ୍ଧା ପୌରାଞ୍ଚଳର ୨୦ନମ୍ବର ୱାର୍ଡରୁ ଜଣେ କରୋନା ପଜିଟିଭ ଚିହ୍ନଟ ହେବା ପରେ ବୁଧବାର ଜିଲାପାଳ ସୀତାଂଶୁ ରାଉତ ଏହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ବୁଧବାରଠାରୁ ୨୫ତାରିଖ ପର୍ଯ୍ୟନ୍ତ ଏହି କଟକଣା ରହିବ। ଏହି ଅଞ୍ଚଳରୁ କେହି ବାହାରକୁ ଯାଇପାରିବେ ନାହିଁ। ବାହାର ଲୋକେ ମଧ ଏହି ଅଞ୍ଚଳକୁ ଆସିପାରିବେ ନାହିଁ। ପ୍ରଶାସନ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବା ବ୍ୟବସ୍ଥା କରାଯିବ। ଅଗ୍ନିଶମ ବାହିନୀ ପକ୍ଷରୁ ଉକ୍ତ ଅଞ୍ଚଳକୁ ସାନିଟାଇଜ୍ କରାଯାଇଛି। ବୁଧବାର ଜିଲାରେ ୨୮୨ ସ୍ୱାବ ସଂଗ୍ରହ କରାଯାଇଛି।

## ସଂକ୍ଷେପରେ

### ଲକ୍‌ଡାଉନ ଶେଷ ଯାଏ ଟ୍ରେଜେରିରେ ଅନ୍‌ଲାଇନ ବିଲ୍

**ଭୁବନେଶ୍ୱର,୨୨।୭(ବ୍ୟୁରୋ):** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ଟ୍ରେଜେରିର ସମସ୍ତ ବିଲ୍ କାର୍ଯ୍ୟ ଅନ୍‌ଲାଇନରେ ହେବ ବୋଲି ସରକାର ମାର୍ଚ୍ଚ ୨୬ରେ ଚିଠି କରିଥିଲେ। ସରକାରୀ ବିଲ୍‌ଗୁଡ଼ିକ ମଧ ଅନ୍‌ଲାଇନ ମାଧମରେ ନେଣଦେଣ କରାଗଲା। ବର୍ତ୍ତମାନ ସଂକ୍ରମଣ ବୃଦ୍ଧି ପାଇବାରୁ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଅନ୍‌ଲାଇନ ମାଧମରେ ବିଲ୍ କାର୍ଯ୍ୟ କରିବାକୁ କହିଛନ୍ତି। ଜୁଲାଇ ୧୭ରୁ ଆସନ୍ତା ୩୧ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଅନ୍‌ଲାଇନରେ ଚାଲିବ। ସରକାରୀ ନିର୍ଦ୍ଦେଶନାମା ଅନୁସାରେ, ସରକାରୀ କର୍ମଚାରୀ ମଧ ସମସ୍ତେ ବର୍ତ୍ତମାନ ସମୟରେ ଅଫିସରେ ଯୋଗଦେଉ ନାହାନ୍ତି। ତେଣୁ ଏଭଳି ପରିସ୍ଥିତିରେ ବିଲ୍ ବିତରଣ, ଉଠାଣ କର୍ମଚାରୀ(ଡିଡିଓ)ମାନଙ୍କ କ୍ଷେତ୍ରରେ ସିଧାସଳଖ ବିଲ୍ କାର୍ଯ୍ୟ କରିବା ସମ୍ଭବପର ନୁହେଁ। ତେଣୁ କର୍ମଚାରୀ ଏବଂ ବିଭାଗୀୟ ଅଧିକାରୀମାନେ ମାର୍ଚ୍ଚ ୨୬ ପରଠାରୁ ଯେପରି ଅନ୍‌ଲାଇନ ଜରିଆରେ କାମ କରୁଥିଲେ ସେପରି କରିବେ। ଅନ୍‌ଲାଇନରେ ଆବେଦନ ହୋଇଥିବା ବିଲ୍‌ଗୁଡ଼ିକ ଲକ୍‌ଡାଉନ ପରେ ପ୍ରଥମ ସପ୍ତାହ କାର୍ଯ୍ୟଦିବସ ମଧ୍ୟରେ ହାର୍ଡ କପି ଦାଖଲ ନ କରିବେ ତେବେ ତାହା ପୈଠ ଗ୍ରହଣ କରାଯିବ ନାହିଁ।

### ୩୦ ପଜିଟିଭ ଚିହ୍ନଟ

**ଖୋର୍ଦ୍ଧା ଅଫିସ, ୨୨।୭:** ଖୋର୍ଦ୍ଧା ଜିଲାରେ (ବିଏମ୍‌ସିକୁ ବାଦ୍ ଦେଇ) ବୁଧବାର ୩୦ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଖୋର୍ଦ୍ଧା ସହରର ୭ ଜଣ ରହିଛନ୍ତି। ସେମାନେ ହେଲେ ତେଲେଙ୍ଗାସାହିର ଜଣେ ୩୪ ବର୍ଷୀୟ ପୁରୁଷ ବରୁଣେଇ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିଲେ। ନରଶଗଡ଼ର ଜଣେ ୩୪ ବର୍ଷୀୟ ପୁରୁଷ, ୬୮ ଓ ୬୧ ବର୍ଷୀୟା ୨ଜଣ ମହିଳା ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ। ଜଣେ ମହିଳା ପୋଲିସ କର୍ମଚାରୀ ଏବଂ ଏସ୍‌ପି କାର୍ଯ୍ୟାଳୟର ୨୮ ଓ ୩୦ ବର୍ଷୀୟ ୨ଜଣ ପୁରୁଷ। ସେହିପରି ଟାଙ୍ଗୀ ବ୍ଲକରୁ ୬, ବାଲୁଗାଁ, ବାଣପୁର ଓ ବେଗୁନିଆରୁ ୪ଜଣ ଲେଖାଏ, ବୋଲଗଡ଼ରୁ ୨ ଏବଂ ବାଲକାଟୀରୁ ୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଏସ୍‌ପି କାର୍ଯ୍ୟାଳୟକୁ ସାନିଟାଇଜ କରାଯାଇଛି।

### କୋଭିଡ୍ ହସ୍ପିଟାଲରେ ଏବିଇଓଙ୍କ ମୃତ୍ୟୁ

**ପୁରୁଷୋତ୍ତମପୁର,୨୨।୭(ଡି.ଏନ.ଏ.):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସି କନକା ସାହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୃତ୍ୟୁର ୨୪ ଘଣ୍ଟା ନ ପୂରୁଣୁ ଆଉ ଜଣେ ପ୍ରଧାନଶିକ୍ଷକ ତଥା ଭାରପ୍ରାପ୍ତ ସହକାରୀ ଶିକ୍ଷାଧିକାରୀ (ଏବିଇଓ)ଙ୍କ ମୃତ୍ୟୁ ଘଟିଛି। ବୁଧବାର ଶୀତଳାପଲ୍ଲୀସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଭାରପ୍ରାପ୍ତ ଏବିଇଓ ଲକ୍ଷ୍ମୀ ନାରାୟଣ ଶତପଥୀଙ୍କ ମୃତ୍ୟୁ ଘଟିଥିବା ନେଇ ପୁରୁଷୋତ୍ତମପୁର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ହରେକୃଷ୍ଣ ପଣ୍ଡା ସୂଚନା ଦେଇଛନ୍ତି। ଏବିଇଓ ଶତପଥୀ ଏପ୍ରିଲ ୨୭ରୁ ମେ ୩୧ ପର୍ଯ୍ୟନ୍ତ କରୋନା ଡ୍ୟୁଟିରେ ଥିଲେ।

### ବିସ୍ଫୋରଣରେ ହାତ ପାପୁଲି ଛିଣ୍ଡିଲା

**ଦେବଗଡ଼,୨୨।୭(ଡି.ଏନ.ଏ.):** ଡିନାମାଇଟ୍ ବିସ୍ଫୋରଣରେ ଜଣେ ମତ୍ସ୍ୟଜୀବୀଙ୍କ ହାତ ପାପୁଲି ଛିଣ୍ଡି ଯାଇଛି। ଆହତ ମତ୍ସ୍ୟଜୀବୀ ହେଲେ ଦେବଗଡ଼ ଜିଲା ରିଆମାଳ ବ୍ଲକ ପୋଡାଡିହି ଗ୍ରାମର ଭୀଷ୍ମ ପେଣ୍ଡେଇ(୪୫)। ସେ ବୁଧବାର ସକାଳେ ରେଙ୍ଗାଲି ଡ୍ୟାମ ଜଳ ଭଣ୍ଡାରରେ ମାଛ ମାରିବା ପାଇଁ ପାଣିରେ ଡିନାମାଇଟ ଖଞ୍ଜୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା।

### କ୍ୟାନ୍‌ସର ହସ୍ପିଟାଲରେ ପୁଣି ଆରମ୍ଭ ହେବ ଟେଲି ମେଡିସିନ ସେବା

**କଟକ ଅଫିସ,୨୨।୭:** ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ଗୁରୁବାରଠାରୁ ୨୪ଘଣ୍ଟିଆ ଟେଲି ମେଡିସିନ ସେବା ପୁନର୍ବାର ଆରମ୍ଭ ହେବ। ଏଥିପାଇଁ ହସ୍ପିଟାଲ କାର୍ଯ୍ୟାଳୟ ତରଫରୁ ଦୁଇଟି ମୋବାଇଲ ନମ୍ବର ଜାରି ହୋଇଛି। ନମ୍ବର ଦୁଇଟି ହେଲା ୭୬୫୫୦୫୧୪୪୭/୭୬୫୫୦୫୧୪୦୭। କଲ୍ ପରିଚାଳନା ଦାୟିତ୍ୱ ଦୁଇ ଜଣ ସେବିକାଙ୍କୁ ଦିଆଯାଇଛି। ଏହା ବ୍ୟତୀତ ନିର୍ଦ୍ଧାରିତ ବାର ଅନୁସାରେ ଟେଲି ମେଡିସିନ ଆଉଟ୍‌ଡୋରରେ ଡାକ୍ତର ଉପଲବ୍ଧ ରହିବେ।

# ରାମିଆଳରେ ଲୀନହେବ କପିଳେଶ୍ୱର

(ସୁଧୀର କୁମାର ପରିଡ଼ା)
**କାମାକ୍ଷାନଗର, ୨୨।୭**

- ଏକଦା କୂଳରେ ଥିଲା, ଏବେ ନଦୀ ଗର୍ଭରେ
- ଗଙ୍ଗବଂଶୀ ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିଲା

ଇତିହାସର ସାଉଁଟା କାହାଣୀ କୁହେ ଐତିହାସିକ କୀର୍ତ୍ତିରାଜି। ଏହାକୁ ସଂରକ୍ଷଣ କରି ପର୍ଯ୍ୟଟନର ବିକାଶ କଥା ଚିନ୍ତା କରୁଛନ୍ତି ସରକାର। ଏଥିଲାଗି ଅନେକ ଯୋଜନା। ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକରେ ଥିବା ଗଙ୍ଗବଂଶୀୟ ଭାସ୍କର୍ଯ୍ୟକଳାର ନିଦର୍ଶନ କପିଳେଶ୍ୱର ମନ୍ଦିର ପ୍ରତି ସତେ ଯେମିତି କାହାରି ନିଘା ନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ଏହି ପୁରାତନ ଶୈବପୀଠ ଏବେ ରାମିଆଳ ନଦୀ ଗର୍ଭରେ। ବଢ଼ିପାଣି ମାଡ଼ରେ ନିଜ ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଥିବା ଏହି ପ୍ରାଚୀନ ମନ୍ଦିରର ସୁରକ୍ଷାକୁ ହେୟଜ୍ଞାନ କଲେ ଗଙ୍ଗବଂଶୀୟ ରାଜାଙ୍କ ସନ୍ତକ କେବଳ ଇତିହାସ ପୃଷ୍ଠା ଭିତରେ ସୀମିତ ହୋଇ ରହିଯିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ଗ୍ରାମବାସୀ।

କାମାକ୍ଷାନଗର-ଭୁବନ ୫୩ନମ୍ବର ଜାତୀୟ ରାଜପଥରେ ୭କି.ମି ଗଲେ ପଡ଼େ ବଡସୁଆଁଲୋ ଛକ। ସେଠାରୁ ହାଟୁଆରି-ଜଗନ୍ନାଥପୁର ରାସ୍ତାରେ ୨କି.ମି ଗଲେ ରାମିଆଳ ନଦୀ ଗର୍ଭରେ ରହିଛି କପିଳେଶ୍ୱର ମହାଦେବଙ୍କ ପୀଠ। ଠାକୁରଙ୍କ ନାମରେ ପ୍ରାୟ ୬୦ଏକର ଜମି ରହିଛି। ରାଜରାଜୁଡ଼ା ଅମଳରୁ ହାଟୁଆରି ଗ୍ରାମର କେତେଜଣ ପୂଜକ ଜମି ଚାଷ କରିବା ସହ ମହାପ୍ରଭୁଙ୍କ ସେବା କରି ଆସୁଥିଲେ। ୧୯୯୪-୯୫ରେ ଦେବୋତ୍ତର ବିଭାଗ ହାତରେ ପୀଠ ପରିଚାଳନା ଭାର ନ୍ୟସ୍ତ କରାଯାଇଥିଲା। ତେବେ ପୂଜକ ଏବଂ ଦେବୋତ୍ତର ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଜମି ସବୁ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଗଲା। ମନ୍ଦିର ପୁନରୁଦ୍ଧାର ପାଇଁ ୨୦୧୦-୧୨ରେ ଏକାଠି ହୋଇଥିଲେ ଜଗନ୍ନାଥପୁର, ବଡସୁଆଁଲୋ, ବାଲିଗୋରଡ଼ ପଞ୍ଚାୟତ ଅଧୀନ ୧୫ ଗ୍ରାମର ବାସିନ୍ଦା। କନ୍ତାରିପାଟ ଗ୍ରାମର ଆଇନଜୀବୀ ଶେଷରଞ୍ଜନ ଦାସ ଏହାର ନେତୃତ୍ୱ ନେବା ସହ ଠାକୁରଙ୍କ ଜମିକୁ ଜବରଦଖଲ ମୁକ୍ତ କରାଇଥିଲେ। ୧୯୯୬ରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ନିଜ କାନ୍ଧକୁ ନେଇଥିଲା। ହେଲେ ୨୦ବର୍ଷ ଯାଏ କେବଳ ଫଳକରେ ସୀମିତ ରହିଲା ଉନ୍ନୟନମୂଳକ କାର୍ଯ୍ୟ। ନଦୀକୂଳରୁ ମନ୍ଦିର ଯାଏ ବ୍ରିଜ୍ ନିର୍ମାଣ, ପଶ୍ଚିମ ପାର୍ଶ୍ୱରେ ବଢ଼ି ପାଣି ମାଡ଼ରୁ ସୁରକ୍ଷା ଦେବାକୁ ଏକ ପଥର ପାଚେରି ନିର୍ମାଣ କରିବାକୁ ଯୋଜନା ହୋଇଥିଲା। ୨୦୧୫ରେ ପୀଠ ଚାରିପଟେ କିଛି ଅଂଶରେ ପଥର ପ୍ୟାକିଂ କରି ପ୍ରତ୍ନତତ୍ତ୍ୱ ବିଭାଗ ଦାୟିତ୍ୱ ସାରିଦେଇଛି। ଫଳରେ ବନ୍ୟାପାଣି ସ୍ରୋତରେ ମନ୍ଦିରର ପଶ୍ଚିମ ପାର୍ଶ୍ୱରେ ଫାଟ ସୃଷ୍ଟି ହେଲାଣି। ପାର୍ଶ୍ୱ ଦେବଦେବୀ ନଷ୍ଟ ହୋଇଯିବା ସହ କାରୁକାର୍ଯ୍ୟ ସବୁ ଉଭେଇ ଗଲାଣି।



ନଦୀଗର୍ଭରେ ବିପଦସଙ୍କୁଳ ଅବସ୍ଥାରେ ଥିବା କପିଳେଶ୍ୱର ମନ୍ଦିର।

ଗ୍ରାମବାସୀଙ୍କ କହିବା କଥା, ରାମିଆଳ ନଦୀକୂଳରେ କପିଳେଶ୍ୱର ମହାଦେବଙ୍କ ପୀଠ ଥିଲା। ଗତିପଥ ପରିବର୍ତ୍ତନ ଓ ବାରମ୍ବାର କୂଳ ଲଙ୍ଘିବା ଯୋଗୁ ନଦୀର ଚଉଡ଼ା ପାଖାପାଖି ୪୦୦ମିଟର ହୋଇଗଲାଣି। ଫଳରେ ମନ୍ଦିର ଏବେ ନଦୀଗର୍ଭରେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବର୍ଷାଦିନେ ନଦୀରେ ପାଣି ବଢ଼ିଲେ ଦିଅଁ ଦର୍ଶନ ଅସମ୍ଭବ ହୋଇପଡ଼େ। ୩ମାସ ଧରି ନଦୀକୂଳରେ ଥିବା ରୋଷଘରେ ଠାକୁରଙ୍କ ପୂଜାର୍ଚ୍ଚନା କରିବାକୁ ପଡ଼େ। ଆଶ୍ୱିନ ମାସରେ ଷୋଳପୂଜା ପୂର୍ବରୁ ମନ୍ଦିରର ପଙ୍କୋଦ୍ଧାର କରାଯାଇ ଅବଶିଷ୍ଟ ଦିନ ଯଥାନୀତି ପୂଜା କରାଯାଏ। ତଥାପି ଏହି ପ୍ରାଚୀନ ମନ୍ଦିରର କିମ୍ବଦନ୍ତୀ ପ୍ରତିବର୍ଷ ଶତାଧିକ ଶ୍ରଦ୍ଧାଳୁଙ୍କୁ ଟାଣି ଆଣିଥାଏ। କାର୍ତ୍ତିକ ପୂର୍ଣ୍ଣିମା, ଜାଗର, ଦୋଳ ପୂର୍ଣ୍ଣିମାରେ ହରିହର ଭେଟ, ଆଶ୍ୱିନରେ ଷୋଳପୂଜା ଅବସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥାଏ। ଏଏସ୍‌ଆଇର ଉଦାସୀନତା ଯୋଗୁ ଏଭଳି ଐତିହ୍ୟସମ୍ପନ୍ନ ମନ୍ଦିର ସତ୍ତା ହରାଇବାକୁ ବସିଥିବାବେଳେ ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଗବେଷକ ତଥା ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ କୁହନ୍ତି, ସମ୍ଭବତଃ ଗଙ୍ଗବଂଶର ରାଜତ୍ୱ ସମୟରେ ଦ୍ୱାଦଶ ଶତାବ୍ଦୀରେ ମନ୍ଦିର କପିଳେଶ୍ୱର ମନ୍ଦିର ନିର୍ମାଣ ହୋଇଥିବା ଅନୁମାନ କରାଯାଏ। ତତ୍କାଳୀନ ସମୟରେ ରାଜାମାନେ ଶୈବ ଉପାସକ ଥିଲେ। ସେମାନଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ଅନେକ ଶୈବପୀଠ ନିର୍ମାଣ କରାଯାଇଥିଲା। କପିଳେଶ୍ୱର ପୀଠର ସୁରକ୍ଷା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଜରୁରୀ। ସରକାରୀ ସ୍ତରରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଗଲେ ଏପରି ପ୍ରାଚୀନ ମନ୍ଦିରର ଐତିହ୍ୟ ବିଷୟରେ ସମସ୍ତେ ଜାଣିପାରିବେ।

## ଗଜପତି ଏଡିଏମ୍ କରୁଣାକର କରୋନାରେ ସଂକ୍ରମିତ ଥିଲେ

**ପାରଳାଖେମୁଣ୍ଡି,୨୨।୭ (ସ୍ୱ.ପ୍ର.)**

ଗଜପତି ଜିଲାର ଅତିରିକ୍ତ ଜିଲାପାଳ (ରାଜସ୍ୱ) ସ୍ୱର୍ଗତ କରୁଣାକର ରାଇକାଙ୍କ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଥିଲା। ସେ କରୋନାରେ ସଂକ୍ରମିତ ଥିଲେ ବୋଲି ବୁଧବାର ସ୍ୱାବ୍ ନମୁନାରୁ ଜଣାପଡ଼ିଛି। ବୁଧବାର ବ୍ରହ୍ମପୁରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ରାଇକା କୋଭିଡ୍ ଯୋଦ୍ଧା ଭାବେ ଆଗ ଧାଡିରେ କାର୍ଯ୍ୟରତ ଥିଲେ। ଥଣ୍ଡା ଜ୍ୱରରେ ପୀଡିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଆଇରନ ଓର୍ ଦର ହ୍ରାସ ଦାବିକଲା କେଆଇଏ

**ଯାଜପୁର ଅଫିସ, ୨୨।୭**

ଓଡ଼ିଶା ମାଇନିଂ କର୍ପୋରେଶନ(ଓଏମ୍‌ସି) ଦୈତାର ଲୁହାପଥର (ଆଇରନ ଓର) ଦର ହ୍ରାସ କରିବାକୁ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାନୁଷ୍ଠାନ ସଂଘ(କେଆଇଏ) ପକ୍ଷରୁ ଦାବି ହୋଇଛି। ଏହି ମର୍ମରେ କେଆଇଏ ସଭାପତି ପି.ଏଲ. କାଣ୍ଡୋଇ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ଆର. ଭିନିଲ କ୍ରିଷ୍ଣାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ସେ ଦର୍ଶାଇଛନ୍ତି ଯେ, କୋଭିଡ୍-୧୯ ଭୂତାଣୁ ସମଗ୍ର ବିଶ୍ୱର ଶିଳ୍ପ ଜଗତକୁ ପ୍ରଭାବିତ କରିଛି। ବର୍ତ୍ତମାନ ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡିଛି। ତେଣୁ ଓଏମ୍‌ସିର ସହଯୋଗ ଇସ୍ପାତ ଶିଳ୍ପକୁ ବଞ୍ଚାଇ ପାରିବ। ଗତ ଜୁନ ୧ ତାରିଖରେ ଓଏମ୍‌ସି କରିଥିବା ଇ-ନିଲାମରେ ମେଟ୍ରିକଟନ ପିଛା ଦୈତାରି ଆଇରନ ଓର ଦର ୨,୨୦୦ ଟଙ୍କା ଧାର୍ଯ୍ୟ କରିଛି। ଏହି ମହଙ୍ଗା ଦର ଯୋଗୁ ଇ-ନିଲାମ ଜରିଆରେ ଅଫର ପରିମାଣର ୧,୨୦,୦୦୦ ମେଟ୍ରିକ ଟନ ଆଇରନ ଓର ମଧ୍ୟରୁ ମାତ୍ର ୬୪,୦୦୦ ମେଟ୍ରିକ ଟନ ବିକ୍ରି ହୋଇପାରିଛି। ଯାହାକି ମାତ୍ର ୫୩ ପ୍ରତିଶତ। ଏହା ଆଇରନ ଓରର ମହଙ୍ଗା ଦରକୁ ସୂଚାଉଛି। ତେଣୁ ଜୁଲାଇ ଶେଷ ସପ୍ତାହରେ ହେବାକୁ ଥିବା ଇ-ନିଲାମରେ ଆଇରନଓର ଦର ମେଟ୍ରିକ ଟନ ପିଛା ୨୦୦୦ ଟଙ୍କା ଧାର୍ଯ୍ୟ କରିବାକୁ କେଆଇଏ ସଭାପତି କାଣ୍ଡୋଇ ଅନୁରୋଧ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଓଏମ୍‌ସିର ଅଧକ୍ଷ ପ୍ରମୁଖଙ୍କୁ ଏ ନେଇ ଦୃଷ୍ଟି ଆକର୍ଷଣ କରାଯାଇଛି।

## ଓସିପିରେ ଜଳିଗଲା କୋଇଲା ଟ୍ରକ୍

**କଣିହାଁ, ୨୨।୭(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ଏମ୍‌ସିଏଲ୍‌ର କଣିହାଁ ଓସିପିରେ ମଙ୍ଗଳବାର ଏକ କୋଇଲା ବୋଝେଇ ଟ୍ରକ୍ ଜଳିଯାଇଛି। ଟ୍ରକ୍‌ଟି ଖଣି ଭିତରେ କୋଇଲା ନେଇ ଆସୁଥିବାବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଉକ୍ତ ଗାଡ଼ିରେ ଅଗ୍ନିନିର୍ବାପକ ବ୍ୟବସ୍ଥା ନ ଥିବା ଚର୍ଚ୍ଚା ହେଉଛି। ତେବେ ପ୍ରାୟ ଅଧଘଣ୍ଟା ପରେ ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।



କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ବୁଧବାର ମେଡିକାଲ କର୍ମଚାରୀଙ୍କୁ କରୋନା ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ ତାଲିମ ଦିଆଯାଉଛି।

## ୩୬ ସାଙ୍ଗଠନିକ ଜିଲାରେ ଭାଜପାର ନୂଆ ପ୍ରଭାରୀ

**ଭୁବନେଶ୍ୱର,୨୨।୭(ବ୍ୟୁରୋ)**

ରାଜ୍ୟ ଭାଜପା ପକ୍ଷରୁ ସାଙ୍ଗଠନିକ ସଜବାଜ କରାଯାଉଛି। ସମୀର ମହାନ୍ତି ଭାଜପା ରାଜ୍ୟ ସଭାପତି ହେବାପରେ କିଛିଦିନ ତଳେ ନିଜ କମିଟି ଗଠନ କରିଥିଲେ। ଏହା ମଧ୍ୟରେ ଭାଜପା ୩୬ ସାଙ୍ଗଠନିକ ଜିଲା ପାଇଁ ନିଜର ସଭାପତି ଚୟନ କରିସାରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୪ ସଭାପତିଙ୍କ ତାଲିକା ପ୍ରକାଶ କରିଥିବା ବେଳେ ପରବର୍ତ୍ତୀ ସମୟରେ ଅନ୍ୟ ଦୁଇଟି ଆସନ ଲାଗି ଘୋଷଣା କରିଥିଲେ। ଏହାପରେ ଦଳର ଯୁବ, ମହିଳା, କୃଷକ ମୋର୍ଚ୍ଚା ଆଦିର ସଭାପତିଙ୍କ ତାଲିକା ମଧ ପ୍ରକାଶ ପାଇସାରିଛି। ଏହାର କିଛିଦିନ ବ୍ୟବଧାନ ପରେ ଦଳ ପକ୍ଷରୁ ବୁଧବାର ୩୬ ସାଙ୍ଗଠନିକ ଜିଲା ପାଇଁ ପ୍ରଭାରୀ ନିଯୁକ୍ତ କରାଯାଇଛି।

ଅନୁଗୋଳ ଜିଲା ପାଇଁ ସୀମାଞ୍ଚଳ ଖଟେଇ, ବାଲେଶ୍ୱର ଗୋଲକ ପ୍ରସାଦ ମହାପାତ୍ର, ବରଗଡ ନାଉରି ନାଏକ, ବାରିପଦା ବିଷ୍ଣୁ ସେଠୀ, ବଲାଙ୍ଗୀର ସୁରେଶ୍ୱର ଶତପଥୀ, ଭଦ୍ରକ କାଳନ୍ଦୀ ସାମଲ, ଭୁବନେଶ୍ୱରରେ ଭୁବନ ମୋହନ ଜେନା, ବୌଦ୍ଧ ରାମଚନ୍ଦ୍ର ମେହେର, ବଣାଇ ବଟକିଶୋର ମିଶ୍ର, କଟକ ସହରରେ ପୃଥ୍ୱୀରାଜ ହରିଚନ୍ଦନ, କଟକ ସଦର ଅମର ନାଏକ, ଦେଓଗଡ଼ରେ ଧୀରେନ ସେନାପତି, ଢେଙ୍କାନାଳ ପ୍ରଭାତୀ ପରିଡ଼ା, ଗଜପତି ପାଇଁ ସରୋଜ ସାବତ, ଘୁମୁସର(ଗଞ୍ଜାମ) ସୁରଥ ବିଶ୍ୱାଳ, ଯାଜପୁର ସାରଦା ପ୍ରସାଦ ଶତପଥୀ, ଜଗତ୍‌ସିଂହପୁର ସାରଦା ପ୍ରଧାନ, ଝାରସୁଗୁଡା ଶଙ୍କର ଓରାମ, କଳାହାଣ୍ଡି ରମେଶ ସାହୁ, କନ୍ଧମାଳ ବିରଞ୍ଚି ନାରାୟଣ ତ୍ରିପାଠୀ, କେନ୍ଦ୍ରାପଡ଼ା ଯତୀନ ମହାନ୍ତି, କେନ୍ଦୁଝରେ ନବୀନ ରାମ, କୋରାପୁଟ ବଳଭଦ୍ର ମାଝି, ଖୋର୍ଦ୍ଧା ଭୃଗୁ ବକ୍ସିପାତ୍ର, ମାଲକାନଗିରି କାଳିରାମ ମାଝି , ନୟାଗଡ ନିରଞ୍ଜନ ମିଶ୍ର, ନବରଙ୍ଗପୁର ମୁକେଶ ମହାଲିଙ୍ଗ, ନୂଆପଡା ପାଇଁ ଆର୍ତ୍ତତ୍ରାଣ ମହାପାତ୍ର, ପାନପୋଷ ରବିନାରାୟଣ ନାଏକ, ପୁରୀ ଲେଖାଶ୍ରୀ ସାମନ୍ତସିଂହାର, ରାଇରଙ୍ଗପୁର ମୋହନ ମାଝି, ରାୟଗଡ଼ା ଗୋବିନ୍ଦ ଜୈନ, ସମ୍ବଲପୁର ଟଙ୍କଧର ତ୍ରିପାଠୀ, ସୁନ୍ଦରଗଡ ମୁରଲୀ କ୍ରିଷ୍ଣା ଏବଂ ସୁବର୍ଣ୍ଣପୁରରେ ଭବେନ୍ଦ୍ର ପଣ୍ଡାଙ୍କୁ ପ୍ରଭାରୀ ଭାବେ ନିଯୁକ୍ତି ମିଳିଛି।

## ମୃତଦେହ ସଂସ୍କାର ପରେ ରିପୋର୍ଟ ପଜିଟିଭ

**ଭଞ୍ଜନଗର,୨୨।୭(ଡି.ଏନ.ଏ)**

**ଚିନ୍ତାରେ ଶବବାହକ, ପରିବାର ଲୋକେ**

ସ୍ୱାବ୍ ସଂଗ୍ରହର ୧୦ ଦିନ ପରେ ରିପୋର୍ଟ ପଜିଟିଭ ଆସିଲା। ସେତେବେଳକୁ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟି ସାରିଥିଲା। ପରିବାର ଲୋକେ ଓ ସମ୍ପର୍କୀୟ ସଂସ୍କାର କରିଦେଇଥିଲେ। ଏହାର କିଛି ଘଣ୍ଟା ପରେ ପ୍ରଶାସନ ପକ୍ଷରୁ କରୋନା ପଜିଟିଭ ନେଇ ପରିବାର ଲୋକଙ୍କୁ ସୂଚନା ଦିଆଗଲା। ଖବର ଶୁଣି ଶବବାହକ ଓ ପରିବାର ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି। ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲା ଭଞ୍ଜନଗର ଏନ୍‌ଏସି ଅଞ୍ଚଳରେ। ମୃତ ବ୍ୟକ୍ତି ଜଣେ ସରକାରୀ କର୍ମଚାରୀ ଓ ସେ ଚଳିତ ମାସ ୩୧ ତାରିଖରେ ଅବସର ନେଇଥାନ୍ତେ। ପ୍ରକାଶ ଯେ, ଗତ ୧୨ ତାରିଖରେ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କୁ ଜ୍ୱର ହୋଇଥିବାରୁ ଭଞ୍ଜନଗରରେ ହୋଇଥିବା ସେଣ୍ଟରରେ ସ୍ୱାବ୍ ଦେଇଥିଲେ। ତାଙ୍କର ଅନ୍ୟ ରୋଗ ଥିବାରୁ ସେ ଶନିବାର ରାତିରେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୧୦ଦିନ ପରେ ୨୧ ତାରିଖ ରାତିରେ ରିପୋର୍ଟ ପଜିଟିଭ ଆସିଥିଲା। ସେହି ରାତିରେ ତାଙ୍କର ବ୍ରହ୍ମପୁରର ବଡ ମେଡିକାଲରେ ମୃତ୍ୟୁ ଘଟିଥିଲା। ମୃତଦେହ ୨୨ ତାରିଖ (ବୁଧବାର) ସକାଳେ ଗାଁରେ ପହଞ୍ଚିବା ପରେ ଜାମପଲ୍ଲୀ ଶ୍ମଶାନରେ ସଂସ୍କାର କରାଯାଇଥିଲା। ଏହାର କିଛିସମୟ ପରେ ପ୍ରଶାସନ ପକ୍ଷରୁ ରିପୋର୍ଟ ପଜିଟିଭ ନେଇ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଥିଲେ। ସେ ଚାକିରି କରିଥିବା ଅଫିସର କର୍ମଚାରୀ ମୃତଦେହ ସଂସ୍କାରବେଳେ ଉପସ୍ଥିତ ଥିବାରୁ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ବିଭାଗୀୟ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଆସିବା ସଙ୍ଗେ ସଙ୍ଗେ ପ୍ରଶାସନ ଜଣାଇଥିଲେ ଏତେ ସମସ୍ୟା ହୋଇ ନଥାନ୍ତା ବୋଲି ପରିବାର ଲୋକେ କହିଛନ୍ତି।

## ୧.୪ ଲକ୍ଷ ଶ୍ରମିକଙ୍କ ନାମ ପଞ୍ଜୀକରଣ ହେବ

**ଭୁବନେଶ୍ୱର,୨୨।୭(ବ୍ୟୁରୋ)**

କରୋନା ମହାମାରୀ ପରିସ୍ଥିତିରେ ବାହାର ରାଜ୍ୟରୁ ଫେରି ଆସୁଥିବା ଲକ୍ଷେ ୪୦ ହଜାର ନିର୍ମାଣ ଶ୍ରମିକମାନଙ୍କ ନାମ ପଞ୍ଜୀକରଣ କରାଯିବ । ଭାରତ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡରେ ସେମାନଙ୍କ ନାମ ତାଲିକା ଅନ୍ତର୍ଭୁକ୍ତ କରାଯିବ ଏବଂ ଏଥି ସହିତ ଏହି ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରାଯିବ ବୋଲି ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଜିଲାପାଳମାନଙ୍କୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତ୍ତୀ ସମୟରେ ଯେଉଁ ନିର୍ମାଣ ଶ୍ରମିକମାନେ ବାହାର ରାଜ୍ୟଗୁଡ଼ିକରୁ ଫେରିବେ, ସେମାନଙ୍କ ନାମ ମଧ ନିର୍ମାଣ ଶ୍ରମିକ ବୋର୍ଡର ତାଲିକାରେ ଅନ୍ତର୍ଭୁକ୍ତ କରାଯିବ। ଏହାଦ୍ୱାରା ନିର୍ମାଣ ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ଯୋଜନାର ଅନ୍ତର୍ଭୁକ୍ତ କରାଯିବ। ଏହି ସମସ୍ତ ପଞ୍ଜୀକରଣ ଅନ୍‌ଲାଇନ ମାଧ୍ୟମରେ କରାଯିବ । ଏହି ତାଲିକାରେ ନିର୍ମାଣ ଶ୍ରମିକମାନଙ୍କ ବ୍ୟାଙ୍କ ଆକାଉଣ୍ଟ, ଆଧାର କାର୍ଡ ନମ୍ବର ପ୍ରଭୃତି ରଖାଯିବ। ଏହି ପଞ୍ଜୀକରଣ ପ୍ରକ୍ରିୟାକୁ ଜୁଲାଇ ମାସ ଶେଷ ସୁଦ୍ଧା ସାରିବାକୁ ଜିଲାପାଳମାନଙ୍କୁ କୁହାଯାଇଛି । ଏହି ପ୍ରକ୍ରିୟା ସଞ୍ଚାଳନ ନିମନ୍ତେ ଜିଲା ଶ୍ରମ ଅଧିକାରୀଙ୍କ ସମେତ ପୌରସଂସ୍ଥା, ବ୍ଲକ୍, ପଞ୍ଚାୟତର ସହାୟତା ନିଆଯାଇପାରିବ ବୋଲି ପରାମର୍ଶ ଦିଆଯାଇଛି । ଏହି କ୍ରମରେ ସୂଚନା ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ନିର୍ମାଣ ଶ୍ରମିକମାନେ ସିଧାସଳଖ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ, ନବୀକରଣ ଓ ଆର୍ଥିକ ସହାୟତା ଆବେଦନ କରିବା ସୁବିଧା ଅତିଶୀଘ୍ର ଉପଲବ୍ଧ କରାଇବା ପାଇଁ ପଦକ୍ଷେପ ନିଆଯାଇଛି ।

## ମହିଳା ସୁରକ୍ଷା ଦିଗରେ ପଦକ୍ଷେପ ନ ନେଲେ ଆନ୍ଦୋଳନ: ଭାଜପା

**ଭୁବନେଶ୍ୱର,୨୨।୭(ବ୍ୟୁରୋ)**

ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି । ପ୍ରତିଦିନ ମହିଳା ଓ ନାବାଳିକାଙ୍କ ସହ ବଳାତ୍କାର ବଢ଼ିବାରେ ଲାଗିଛି। ବିଶେଷକରି ଗତ କିଛିମାସ ହେବ ଆଦିବାସୀ ନାବାଳିକାଙ୍କ ସହ ବଳାତ୍କାର ଓ ହତ୍ୟା ଘଟଣା କ୍ରମାଗତଭାବେ ବୃଦ୍ଧି ପାଇଛି। ଗତ ୨୦ତାରିଖରେ କେତେଜଣ ଦୁର୍ବୃତ୍ତ କୋରାପୁଟ ଜିଲା କୋଟପାଡ ବ୍ଲକ ଚିତ୍ରା ପଞ୍ଚାୟତ ବାଗଚୁଆଁ ଗାଁର ଜଣେ ଆଦିବାସୀ ନାବାଳିକା ସହ ବଳାତ୍କାର କରି ହତ୍ୟା କରିବା ଅତ୍ୟନ୍ତ ନିନ୍ଦନୀୟ ଏବଂ ଦୁର୍ଭାଗ୍ୟଜନକ। ଏହି ଘଟଣାକୁ ୨ଦିନ ବିତିଥିଲେ ହେଁ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି । ଏଥିରୁ ସ୍ପଷ୍ଟ ହେଉଛି ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣଭାବେ ବିପର୍ଯ୍ୟସ୍ତ ହୋଇପଡିଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମହିଳା ସୁରକ୍ଷା ଦିଗରେ କାହିଁକି ନୀରବ ରହୁଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି। ଲେଖାଶ୍ରୀ କହିଛନ୍ତି ଯେ, ରାଜ୍ୟରେ ମହିଳା ଏବଂ ନାବାଳିକାଙ୍କୁ ସୁରକ୍ଷା ଯୋଗାଇଦେବା ରାଜ୍ୟ ସରକାରଙ୍କ ପ୍ରଥମ ଦାୟିତ୍ୱ । କିନ୍ତୁ ଏଠି ମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ମହିଳା କମିଶନ କେହି ନିଜର ସାମ୍ବିଧାନିକ ଦାୟିତ୍ୱ ତୁଲାଉନାହାନ୍ତି । ଜନପ୍ରତିନିଧିଙ୍କ କୌଣସି ଭୂମିକା ନ ଥିବାରୁ ରାଜ୍ୟରେ ଅମଲାତନ୍ତ୍ର ଶାସନ ଚାଲିଛି । ସେମାନେ ମହିଳା ସୁରକ୍ଷା ଦିଗରେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରୁନାହାନ୍ତି । ରାଜ୍ୟ ସରକାରଙ୍କ ଅପାରଗତା ଓ ନୀରବତା ଯୋଗୁ ଅଭିଯୁକ୍ତମାନେ ଏଠି ସକ୍ରିୟ ହୋଇ ଖୁଲମଖୁଲା ମହିଳା ଓ ନାବାଳିକାଙ୍କ ସହ ଅପରାଧ ଘଟାଇ ଚାଲିଛନ୍ତି। ମହିଳା ସୁରକ୍ଷା ଦିଗରେ ଯଦି ରାଜ୍ୟ ସରକାର ଆଗକୁ କୌଣସି ପଦପେକ୍ଷ ଗ୍ରହଣ ନ କରନ୍ତି ତେବେ ସରକାରଙ୍କ ବିରୋଧରେ ରାଜ୍ୟ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଲେଖାଶ୍ରୀ ଚେତାବନୀ ଦେଇଛନ୍ତି ।

## ଝରଣା ଝରକୁ କାଟି ଗ୍ରାମକୁ ଆଣିଲେ ପାଣି

**ମାଲକାନଗିରି,୨୨।୭(ସ୍ୱ.ପ୍ର.)**

- ଏବେ ହସୁଛି ଗୁମ୍ମାଝରଣରେ କ୍ଷେତ
- ଚାଷକୁ ଅଭାବ ନାହିଁ ଜଳ
- ପନିପରିବା ଚାଷ କରୁଛି ଚାଷୀଙ୍କ ଅଭିବୃଦ୍ଧି
- ପ୍ରଶାସନ ପାଖରେ ଖବର ନାହିଁ

ଗ୍ରାମର ନାଁ ଗୁମ୍ମାଝରଣ। ଏହି ନାଁକୁ ସାର୍ଥକ କରିଛନ୍ତି ଗ୍ରାମବାସୀ। ଝରଣାର ଝରକୁ କାଟି ନିଜ ଗ୍ରାମ ପର୍ଯ୍ୟନ୍ତ ନେଇଆସି ଚାଷଜମିକୁ ଜଳ ସମସ୍ୟାର ସମାଧାନ କରିପାରିଛନ୍ତି ସେମାନେ। ଏଥିପାଇଁ ମାଲକାନଗିରି ଜିଲାର ଏହି ଗ୍ରାମ ଏବେ ସମସ୍ତଙ୍କ ନଜରରେ କହିଲେ ଅତ୍ୟୁକ୍ତି ହେବନାହିଁ। ଏଠାରେ ପାଣି ଟୋପେ ପାଇଁ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୁଅନ୍ତି। ପାଣି ସମସ୍ୟା ଦୂର ଲାଗି ଅନେକ କାର୍ଯ୍ୟାଳୟକୁ ଦୌଡ଼ିଦୌଡ଼ି ନିରାଶ ହେବା ପରେ ନିଜ ପାଇଁ ନିଜେ ଅଣ୍ଟା ଭିଡ଼ିଲେ ଏହି ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମାଡକାପଦର ପଞ୍ଚାୟତର ଗୁମ୍ମାଝରଣ ଗ୍ରାମବାସୀ। ଗ୍ରାମଠାରୁ କିଛି ଦୂରରେ ରହିଥିଲା ଡୁଡୁମା ଜଳପ୍ରପାତର ଧାର। ସେମାନେ କୋଦାଳ, ଟାଙ୍ଗିଆରେ ଏହି ଜଳପ୍ରପାତର ଧାରକୁ ନେଇ ଆସିଲେ ନିଜ ଗ୍ରାମକୁ। ଶତାଧିକ ପଥର ହଟାଇ ମାଟି ଖୋଳିଖୋଳି ୨ କି.ମି. ଦୂରରୁ ଗ୍ରାମକୁ ପାଣି ଆଣିଲେ।



ଝରଣା ଜଳକୁ କାଟି ଗ୍ରାମକୁ ଜଳ ନେବା କାର୍ଯ୍ୟରେ ଲାଗିଛନ୍ତି ଗ୍ରାମବାସୀ।

ଏହି କାର୍ଯ୍ୟରେ ଗ୍ରାମର ପ୍ରତ୍ୟେକ ପରିବାରର ସଦସ୍ୟ ଲାଗି ପଡ଼ିଥିଲେ। ଏବେ ଏହି ପାଣି ଚାଷଜମିରେ ମାଡି ହସୁଛି ପାହାଡ଼ିଆ ଗାଁ ଗୁମ୍ମାଝରଣର ସମସ୍ତଙ୍କ କ୍ଷେତ। ପାଖାପାଖି ୫୦ ଏକରରୁ ଊର୍ଦ୍ଧ୍ୱ ଚାଷଜମିରେ ମାଡୁଛି ଏହି ପାଣି। ଗ୍ରାମବାସୀ ଜମିରେ ବିଭିନ୍ନ ପନିପରିବା ଚାଷକରି ବେଶ୍ ଖୁସିରେ ଚଳୁଛନ୍ତି। ବଳକା ପନିପରିବା ନେଇ ଗୋବିନ୍ଦପାଲି, ମାଥିଲି,ଖଇରପୁଟ,ଗୁମ୍ମା ହାଟରେ ବିକ୍ରୟ କରି ନିଜ ଆର୍ଥିକ ଅଭିବୃଦ୍ଧି କରୁଛନ୍ତି। ସେମାନେ ନେଇ ଆସିଥିବା ଏହି ଝରକୁ ଏକ ସ୍ଥାୟୀ ପ୍ରକଳ୍ପ ରୂପେ ପ୍ରତିଷ୍ଠା କରିବା ଲାଗି ପ୍ରଶାସନ ନିକଟରେ ଦାବି କରିବା ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଧବୁଲୁ ସୀସା କହନ୍ତି, ଗ୍ରାମବାସୀଙ୍କ କାର୍ଯ୍ୟ ସମ୍ପର୍କରେ ପ୍ରଶାସନ ଅବଗତ ନ ଥିଲା। ଏବେ ବିଡିଓ ଏବଂ ଅନ୍ୟ ଅଧିକାରୀମାନଙ୍କୁ ଅବଗତ କରାଯାଇଛି।

# ପ୍ରୋଜେରିଆ

ପ୍ରଦକ୍ଷିଣ



ମନୋଜ କୁମାର ପଣ୍ଡା (୪ ଅକ୍ଟୋବର ୧୯୫୪-୯ ଜୁଲାଇ ୨୦୨୦)

'ପ୍ରୋଜେରିଆ' ଛୋଟ ଛୁଆଙ୍କୁ ଅକାଳରେ ବୁଢ଼ା କରି ଦେଉଥିବା ଏକ ବିରଳ ରୋଗ, ଯହିଁରେ ଆକ୍ରାନ୍ତ ଗଳ୍ପର ନାୟକ 'ବାପା'। ଏ 'ବାପା' ଏକ ଅଲଗା ବାପା, ଅବସର ପରେ ଯାହାଙ୍କ ଟେବୁଲ ଡ୍ର'ରୁ ବାହାରିଛି ଘୁଷ୍ ଖାଇ କାମ କରି ନ ଥିବାରୁ ଗାଳିଦେଇ ଲେଖା ଯାଇଥିବା ଚିଠି, ରୁଦ୍ରାକ୍ଷ ମାଳ ଓ ତା' ସହିତ ଗୋଟେ ଅଭଦ୍ର ବହି, ଯାହା ଭିତରେ ଅଛି ସୁରୈୟାର ଏକ ଫଟୋ। 'ବାପା' କହିଲେ ଖଟୁଲିର ଦିଅଁ ଭାବି ଆସିଥିବା ପାଠକର ନିଦ ଭାଙ୍ଗିଯାଏ ପଢ଼ିଦେଲେ ମନୋଜ ପଣ୍ଡାଙ୍କର ଏ ଗପ, ଯାହା ମୂଳ ଗଳ୍ପର ସଂକ୍ଷିପ୍ତ ରୂପ...

ସେଦିନର ବାପାଙ୍କ ଦୟନୀୟ ଅବସ୍ଥା ଓ ଭୟଙ୍କର ଦୃଶ୍ୟ କଥା ମନେପକାଇଲେ ଏବେ ବି ଦେହଟା ଶିହିରି ଉଠେ।

ତାଙ୍କ ରିଟାୟାର୍ଡ କଲାଦିନ କଥା। ଗୋଟେ ଅଜବ ସ୍ୱସ୍ତି ଓ ଅସ୍ୱସ୍ତିରେ ଘରଟା ସକାଳୁ ସକାଳୁ ମହକୁଥାଏ। ସେଦିନ ମିଠାଭାତ ରନ୍ଧାହେଲା। ବାପାଙ୍କୁ ମିଠାଭାତ ଖୁବ୍ ଭଲଲାଗେ। ରସଗୋଲା ଅଣାହେଲା, ଚିକେନ୍ ଅଣାହେଲା। ବାପାଙ୍କୁ ମିଠା ଓ ଚିକେନ୍ ଭଲ ଲାଗେ। ତାଙ୍କ ଅଫିସ୍‌ରୁ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ଦଳ ଆସିଲେ। ତାଙ୍କୁ ମିଠା ଦିଆହେଲା, ଲେମ୍ବୁ ସରବତ ଦିଆହେଲା। ସେମାନେ ଆଣିଥିଲେ ବାପାଙ୍କ ଲାଗି ଚଷମା ଓ ଉଲେନ୍ ଚାଦର ଏବଂ ବାପା ଦମ୍ଭ ଧରିବେ ଭାବି ବିଭୂତି ଆଣି ଆସିଥିଲେ, "ଏମିତି ହୁଏ, ଆମେ ବି ଦିନେ ନିଜ ନିଜ କାମ ସାରି ବାହୁଡ଼ିବୁ" କହିଥିଲେ।

ସେମାନେ ଗଲାପରେ ବାପା ଶୋଇପଡ଼ିଲେ। ମୁଣ୍ଡ ଉପରେ ଡିମୋକ୍ଲିସ୍‌ଙ୍କ ଫେନ୍ ଘୁରୁଥାଏ। ଗଲାବେଳେ ପିଅନଟି ତିନୋଟି ରିକ୍ସା ଡାକି ଅଫିସ୍ ଆଲମାରି, ଅଫିସ୍ ଟେବୁଲ, ଚୌକି ଓ ଅଫିସ୍ ବେଞ୍ଚ୍ ଦୁଇଟି ନେଇଗଲା। ବେଞ୍ଚ୍ ଉପରୁ ପାଞ୍ଚଟି ବଡ଼ ବଡ଼ ବାକ୍ସ କାଢ଼ି ତଳେ ଇଟାପକାଇ ରଖାହେଲା। ସବା ଉପରେ ଦୁଇଟି ନୂଆ ଆଟାଚି ଓ ତା' ଉପରେ ଅଫିସ୍‌ର ପୁରୁଣା ପରଦା ଢଙ୍କାଗଲା।

ଟେବୁଲ ଉପରୁ ପେପରୱେଟ୍, ଦୁଇଟି ପେନ୍ ଓ ପେନ୍ ଷ୍ଟାଣ୍ଡ, ଆଇନ୍ ବହି, ଟାଇପ୍ କାଗଜ, ଅଠାଶିଶି, ଜୋତା ସଫା କରିବା ବ୍ରସ୍, ମାଗାଜିନ୍, ଡିକ୍ସନାରୀ ଓ ୱାର୍ଡବୁକ୍ ଏବଂ ଏକ ଅଚଳନ୍ତି ଟେବୁଲ ଘଡ଼ି ଅଲଗା ହେଲା। ପରେପରେ ଅଫିସ୍‌ରୁ ଅଣା ଟେବୁଲ କ୍ଲଥ୍ ଅଲଗା ହେଲା। ତା'ତଳୁ ପୁରୁଣା ଚିଠି ଦଶଟି, କୋର୍ଟରୁ ଆସିଥିବା ସମନ କାଗଜ ଚାରିଟି, ଲଟେରୀ ଟିକଟ ଗୋଛାଏ, ଗ୍ରିଟିଂ କାର୍ଡ ଓ ବିବାହ କାର୍ଡ ଗୋଛାଏ, ଡାକ୍ତରଙ୍କ ପ୍ରେସ୍କ୍ରିପ୍‌ସନ୍ ଓ ଔଷଧ କିଣା ବିଲ୍ ଗୋଛାଏ ବାହାରିଲା। ବାପାଙ୍କୁ କିଏ ଦୁଇ ଜଣ ଗାଳିଦେଇ ଚଠି ଲେଖିଥିଲେ। ତାଙ୍କଠାରୁ ପଇସା ନେଇ କାମ କରି ନ ଥିବାରୁ କୋର୍ଟକୁ ଘୋଷାଡ଼ି ଆଣିବାର ଧମକ ଦେଇଥିଲେ।

ଅଫିସ୍ ଆଲମାରି ଖୋଲିଲା ବେଳକୁ ତା' ଭିତରୁ ବାହାରିଲା ନେପ୍‌ଥେନଲିନ୍ ବାସ୍ନାଯୁକ୍ତ ଅବ୍ୟବହୃତ ପଞ୍ଜାବୀ କନା, ଚାରୋଟି ଥର୍ମୋଫ୍ଲାକ୍ସ, ତିନୋଟି କାଛ ଘଣ୍ଟା, ପିତଳର ମୟୂର, ରୁପାର ଈଶ୍ୱର, ଗୋଟେ ଗୀତ-ଗଜଲ୍-ସାୟରି ଖାତା, ରୁଦ୍ରାକ୍ଷମାଳ। ଆଲମାରି ଭିତରେ ଥିବା ଲକର ଭିତରୁ ବାହାରିଲା ଗୋଟିଏ ନୋଟ୍ ବିଡ଼ା। ବାପାଙ୍କ ଘରଡିହ କାଗଜ, ଲୋନ୍‌ମଗା ଫର୍ମ, ପାଣିଚିଆ ଦୁଇଟି ଗ୍ରୁପ୍ ଫଟୋ, ଦୁଇଟି ହଳଦିଆ ସାର୍ଟିଫିକେଟ୍, ଗୋଟେ ଅଭଦ୍ର ବହି ଓ ତା' ଭିତରେ ସୁରୈୟାର ଫଟୋଟିଏ।

ଅଫିସ୍‌ରୁ ଆଉ ଦଳେ ତୃତୀୟ ଶ୍ରେଣୀ କର୍ମଚାରୀ ଆସିଲେ। ଏମାନେ ପୂର୍ବଦଳ ସହ ପଟନ୍ତି ନାହିଁ। ଏମାନେ ଆଣି ଆସିଥିଲେ ଧୋତି, ଶାର୍ଟକନା, ଓ ସତରଧାତୁରେ ଗଢ଼ା ଏକ ଡେଉଁରିଆ। ସବୁ ପ୍ରକାରର ରିଷ୍ଟ ଇଷ୍ଟ ହୁଏ ତହିଁରେ। ଏମାନଙ୍କୁ କେବଳ ଚା' ଦିଆଗଲା। ସେମାନେ ସ୍ମିତ ହସି ଫେରିଗଲେ।

ଉପରେ ଡିମୋକ୍ଲିସ୍‌ଙ୍କ ଫେନ୍ ଘୁରୁଥିଲା ଖୁବ୍ ଜୋର୍‌ରେ ଏବଂ ବାପାଙ୍କ ଚୌକି ଦୋହଲି ଯାଉଥିଲା। ହଠାତ୍ ବାପାଙ୍କ ଦାନ୍ତ ଦୁଇଟି ପଡ଼ିଗଲା ଆଶ୍ଚର୍ଯ୍ୟଜନକ ଭାବରେ। ପାଣି ଗ୍ଲାସେ ଧରି ମା' ଦୌଡ଼ି ଆସିଲେ। ଦାନ୍ତ ଦୁଇଟି ନାତି ନାତୁଣୀ ଦି'ଜଣ ନେଇ ଖେଳିଲେ। ତାଙ୍କ ମୁଣ୍ଡବାଳ ସବୁ ସଙ୍ଗେ ସଙ୍ଗେ ଧଳା ରଙ୍ଗରେ ରୂପାନ୍ତରିତ ହୋଇଯାଇଥିଲା ଏବଂ ଉଡ଼ି ଉଡ଼ି ତଳେ ଝଡ଼ି ଯାଉଥିଲା। ମା' ଚିତ୍କାର କରି ଉଠିଲେ। ଦୁଇ ପୁଅ ଓ ଦୁଇ ବୋହୂ ଦୌଡ଼ି ଆସିଲେ। ଛୁଆମାନେ ଇତସ୍ତତଃ ଦୌଡ଼ିଲେ।

ଘରକୁ ଆଉ ଦଳେ ଶିକ୍ଷକ ଆସିଲେ। ସେମାନେ ଆଣିଥିଲେ ଜଗନ୍ନାଥଙ୍କ ଗୋଟିଏ ଆଖି, ଫାଳେ ନାକ, ଫାଳେ ପାଟି ଓ ଗୋଟିଏ ନୋଥ ଥିବା ଏକ ଚିତ୍ର ଏବଂ ବଦଳି କରି ନ ଥିବା ହେତୁ ସମୁଦାୟ ପଚାଶ ହଜାର ଟଙ୍କା ଓ ପୂର୍ବରୁ ନେଇଥିବା ଟେପ୍‌ରେକର୍ଡର ଓ ସୁନା ମୁଦି ଦୁଇଟି ଫେରାଇ ଦେବା ପାଇଁ କହିଲେ।

ସେମାନେ ବାପାଙ୍କ ଅବସ୍ଥା ଦେଖି ତାଙ୍କୁ ବାପାଙ୍କ ଅଜା ବୋଲି ଭାବିଥିଲେ। ଚଉତିରିଶ ବର୍ଷ ଚାକିରି କରି ସାରିଥିବା ଓ ଆଉ ଏକ ବର୍ଷ ଚାକିରି କରିବାକୁ ବାକିଥିବା ଜଣେ ବୃଦ୍ଧ ଶିକ୍ଷକ ଆସି କାନ୍ଦିଲେ। ମା' ଭାବିଲେ ବୋଧହୁଏ ବାପାଙ୍କ ଅକାଳ ବୃଦ୍ଧତ୍ୱ ଦେଖି ସହାନୁଭୂତିଶୀଳ ହୋଇ କାନ୍ଦୁଛନ୍ତି। ତେଣୁ ତାଙ୍କୁ ନ କାନ୍ଦିବା ପାଇଁ ପ୍ରବର୍ତ୍ତାଇଲେ। ବୃଦ୍ଧ ଶିକ୍ଷକ କହିଲେ, ତାଙ୍କ ବୟାନବେ ବର୍ଷର ବୃଦ୍ଧା ମା'ଙ୍କର ଅଭିଶାପ ପଡୁରେ ଅଲପେଇଶି, ତୁ ଏକ୍ଷଣି ମରିଯା, ମୋ' ପଇସା ଆଉ କେତେ ଦିନ ହଜମ କରିବୁ ?" ଏତକ କହି ପୁଣି ଭୋ ଭୋ କାନ୍ଦିଲେ।

ବାପାଙ୍କର କଥା କହିବା ଶକ୍ତି ନ ଥିଲା। ତାଙ୍କ ପାଟିରୁ ଲାଳ ଓ ଆଖିରୁ ପାଣି ନିଗିଡ଼ି ପଡୁଥିଲା। ଦାନ୍ତ ଆଦୌ ନ ଥିଲା। ହଠାତ୍ ପରିଶ୍ରାନଳୀ ବାଟେ ଲାଲ-ହଳଦିଆ ପାଣିଚିଆ ରକ୍ତର ଅସରନ୍ତି ଧାରଟିଏ ବାହାରିଲା। ଧୋତି ମଧ୍ୟଦେଇ ଦ୍ୱାର ଯାଏ, ଦ୍ୱାର ବାଟଦେଇ ଅଗଣାଯାଏ, ଅଗଣା ବାଟଦେଇ ମୁଖ୍ୟ ରାସ୍ତାଯାଏ ଗଡ଼ିଚାଲିଲା। ରାସ୍ତାରେ ବାଟୋଇମାନେ, ଗାଈମାନେ, ବାସ୍ନାବାରି ଧାରର ଉଭୟପଟେ ଛିଡ଼ା ହୋଇ ଶୁଂଘିଲେ, ଚାଟିଲେ, ପିଇଲେ। ଲୋକମାନେ ଓ ଆରୋହୀମାନେ ଅଟକି ଗଲେ। ଧଳାରଂଗର ରକ୍ତରଧାର ଗଡ଼ି ଗଡ଼ି ଚାଲିଲା ମୁଖ୍ୟରାସ୍ତା ଦେଇ ବ୍ୟୁରୋକ୍ରାଟ୍‌ମାନଙ୍କ ଅଫିସ୍ ଘରକୁ।

ଡାକ୍ତର ହତାଶ ହୋଇଗଲେ। ତାଙ୍କ ପରାମର୍ଶରେ ବାପାଙ୍କୁ କଫି କପେ ଦିଆଗଲା। କିନ୍ତୁ ତାଙ୍କ ଥରିଯାଉଥିବା ହାତରେ ବାପା କଫି କପ୍ ଧରିବାକ୍ଷଣି ତଳେ ପକାଇ ଦେଇଥିଲେ। ଛାତ ଫଟାଇ ଗୋଟେ ପଥର ଆସିପଡ଼ିଲା ତାଙ୍କ ଗୋଡ଼ତଳେ। ତହିଁରେ ଚିଠିଟିଏ ବନ୍ଧା ହୋଇଥିଲା। ଲେଖାଥିଲା, "ସେଦିନ ଆମ ୟୁନିୟନ ଅଫିସ୍‌ରେ ଆପଣ ଯେଉଁ ମାଂସ ତରକାରି ଖାଇଥିଲେ, ସାର୍ ତହିଁରେ ଗୁଡ଼ାଏ ମାଛି ଆମେ ଜାଣିଶୁଣି ପକାଇ ଦେଇଥିଲୁ। ଇତି ଆପଣଙ୍କ ଚତୁର୍ଥଶ୍ରେଣୀ କର୍ମଚାରୀ ସଂଘ ସଭ୍ୟଗଣ।"

ବାପା ଖୁବ୍ ଦୂରକୁ ଅନ୍ଧାରର ଖୋପ ଭିତରକୁ ଅପଲକ ନିରୀକ୍ଷଣ କରୁଥିବା ପରି ଜଣା ପଡୁଥିଲା। କିଛି ଗୋଟେ ସେ ଲକ୍ଷ୍ୟ କରୁଛନ୍ତି- ଲକ୍ଷ୍ୟ କରୁନାହାନ୍ତି ଏମିତି ଅବସ୍ଥାରେ ତଟସ୍ଥ ହୋଇଯାଇଥିଲେ। 'ନିଆଁ ନିଆଁ' କହି ଜୋର୍‌ରେ ପାଟିକରି ଉଠିଲା ତାଙ୍କ ତିନିବର୍ଷର ନାତି। ନିଆଁ କେଉଁଠି କେହି କିଛି ବୁଝିପାରିଲେ ନାହିଁ। କିନ୍ତୁ ସଭିଏଁ ଦେଖିଲେ ବାପାଙ୍କ କୋଟରଗତ ଆଖି ଦୁଇଟି ଖୁବ୍ ବଡ଼ ହୋଇ ଉଲ୍ଲସି ଉଠିଲା, ମୁହଁ ଉଜ୍ଜଳ ଦେଖାଗଲା ଏବଂ ବାପା ଆଖି ବୁଜିଦେଲେ। ବାପାଙ୍କ ଶ୍ମଶାନଯାତ୍ରା ବି ଅଜବ ଯାତ୍ରାଟିଏ। ପିମ୍ପୁଡ଼ିଠୁ ଆରମ୍ଭ କରି ଜିଲାପାଳ ଯାଏ ସଭିଏଁ ଯାତ୍ରା କରିଥିଲେ ଏବଂ ସମସ୍ତଙ୍କୁ ପ୍ରୋଜେରିଆ ଡେଇଁବାର ଏକ ଭୟଙ୍କର ଭୟ ଗ୍ରାସ କରିଥିଲା।

('ହାଡ଼ ବଗିଚା', 'ବର୍ଣ୍ଣ ବଗିଚା' ଓ 'ମାୟା ବଗିଚା' କଥାଗ୍ରନ୍ଥର ସ୍ରଷ୍ଟା ମନୋଜ ୨୦୧୫ରେ 'ଶାରଳା ପୁରସ୍କାର' ପ୍ରାପ୍ତ।)

## କବିତା

### ଫେରିଯାଅ

ତୃପ୍ତି ରଞ୍ଜନ ଦାସ

ଫେରିଯାଅ ତମେ,
ଗଲାବେଳେ ନେଇଯାଅ ମୋ' ବାକି ଆୟୁଷ
ଲିଭି ଆସୁଥିବା ଦିହୁଡ଼ିରେ ମୁଁ ଢାଳିବି
ମାଂସର ମହମ, କାଲେ ଅନ୍ଧାରରେ ଫେରିବ
ଦେଖିବାକୁ ମୋର ଭଗ୍ନ ଅବଶେଷ।

ମୁଁ କି' ଛାଇ ନିଦରେ ଶୋଇଲିଯେ!
ତୁମେ ଫେରି ପାଇଲ ତୁମ ସ୍ମୃତି
ଲିଭିଗଲା ଘୋଷାଡ଼ି ହୋଇ ତୁମ ପଣତରେ
ଅଗଣା ସାରା ଆଙ୍କିଥିଲେ ଯେଉଁ ଅଙ୍କାବଙ୍କା ଝୋଟି।

ଯେଉଁଦିନ ପାଦ ଥାପିଥିଲ ମୋ' ପାଦରେ
ତନ୍ଦ୍ରା ଭୁଲି ନିଶାର୍ଦ୍ଧରେ
ମୁହଁ ଫଣେଇ, ଜହ୍ନ କାଳି ଦିଶୁଥିଲା
ବୋଉ ମୋର ଲୁହ ଢାଳି କୋଟି ମୁଣ୍ଡିଆ ମାରୁଥିଲା
ସପନରେ ମୋ' ମୃତ୍ୟୁଦେଖି
ଫେରିଯାଅ...
ଯାହା ଭାଗରୁ ତମେ ଆସିଛ, ସେଇଠିକି
ଖରାକୁ ନିନ୍ଦୁଥିଲି, ସାମୟିକ ଛାଇରେ ଦେଖି ଖୁସିର
ନିଶୁଣୀ
ସରି ସରି ଆସିଲା ଆକାଶ ଖସିଗଲା ଓଢ଼ଣୀ
ତମେ ଫେରିଯାଅ...!!

ମୋ: ୮୨୪୯୩୫୭୨୭୨

ଗୀତି-କବିତା

### ବର୍ଷା

ଧନଞ୍ଜୟ ସ୍ୱାଇଁ

ବରଷା ତୁବର ଦୀର୍ଘଶ୍ୱାସରେ
ସଅଳ ଆସଇ ଫେରି
ବରଷା ଆସଇ କୁଆଁରୀ ଲାଜରେ
ମହୁଟୋପା ହସ ଭଳି।।

ଅପେକ୍ଷାର ଆଖିହଳେ ମୋ' ବାଟକୁ
ବରଷାରେ ଥାଏ ଚାହିଁ
ଯେମିତି ଆଷାଢ଼ ଅପେକ୍ଷାରେ ଥାଏ
ବୈଶାଖର ମଳାନଈ
ଗୋଡ଼ଘଷା ତୁଠପଥରରେ ବର୍ଷା
ତୁମ ଲାଗି ନାଚେ ଖାଲି
ମହୁଟୋପା ହସ ଭଳି..।।

ସୁନା ପାଣି ଦିଆ ବିଜୁଳିଲତାକୁ
ଆକାଶ ଜଡ଼ାଇ ଧରେ
ତୁମେ ଲାଗି ଆସ ମୋ' ପାଖ ଯେମିତି
ଅଜଣା ବରଷା ଡରେ
କୈଶୋରର କେଉଁ କାଗଜଡଂଗାରେ
ପିଲାଦିନ ଆସେ ଫେରି
ମହୁଟୋପା ହସ ଭଳି..।।

ମୋ: ୯୪୩୭୦୦୦୬୩୬

## କାଳ କାଳକୁ



"ସମସ୍ତ ମାନବୀୟ ପ୍ରଜ୍ଞା ଦୁଇଟି ଶବ୍ଦରେ
ସମାହିତ-ଗୋଟିଏ 'ଅପେକ୍ଷା'
(ଅର୍ଥାତ୍ 'ଅପେକ୍ଷା କର')
ଏବଂ ଅନ୍ୟଟି 'ଆଶା' (ଅର୍ଥାତ୍
'ଆଶା ରଖ')।

-ଆଲେକ୍‌ଜାଣ୍ଡାର୍ ଡୁମା

ଆଲେକ୍‌ଜାଣ୍ଡାର୍ ଡୁମାଙ୍କ ଜନ୍ମ ୨୪ ଜୁଲାଇ ୧୮୦୨ରେ ଓ ପରଲୋକ ୫ ଡିସେମ୍ବର ୧୮୭୦ରେ ଫ୍ରାନ୍ସରେ। ବହୁ ପଠିତ ଏହି ଫରାସୀ ଲେଖକ (ନାଟ୍ୟକାର ଓ ଔପନ୍ୟାସିକ)ଙ୍କର ଚର୍ଚ୍ଚିତ ଉପନ୍ୟାସ- "ଦ' କାଉଣ୍ଟ୍ ଅଫ୍ ମଣ୍ଟେ କ୍ରିଷ୍ଟୋ" (୧୮୪୪-୪୫), "ଦ' ଥ୍ରି ମସ୍କିଟିୟର୍ସ" (୧୮୪୪) ଓ "ଟ୍ୱେଣ୍ଟି ଇୟର୍ସ ଆଫ୍‌ଟର" (୧୮୪୫)। ଚଳଚ୍ଚିତ୍ର ହୋଇଛି ତାଙ୍କର ଶତାଧିକ ରଚନା।

## ତିନିଟି ମିନି କଥା

- ଶିବ ମିଶ୍ର

### ବେପାର

ଜଣେ ଭୋଟ୍ ପ୍ରାର୍ଥୀ, ଗୋଟିଏ ଗାଁରେ ସଭା କରି ଲୋକମାନଙ୍କୁ କହିଲେ- ଆପଣମାନେ ସଚେତନ ନାଗରିକ। ଭୋଟ୍‌ର ମୂଲ୍ୟ ନିଶ୍ଚୟ ବୁଝିଥିବେ। ଏତିକିବେଳେ ଜଣେ ଗ୍ରାମବାସୀ କହିଲା, ନିତି ଦିନିଆ ଧନ୍ଦା ତ ବଳାବଳ, ଏ ଅଦିନିଆ ବେପାର କଥା ବୁଝିବାକୁ ବେଳ କାହିଁ ? ଆପଣ ତ ଗତଥର ଗୋଟିକୁ ତିନିଶ ଦେଇଥିଲେ, ଏଥର କେତେ ଦେବେ କହୁ ନାହାନ୍ତି!



### ଅପରାଧ

ନର୍ସଂକ ମୁହଁରେ ମୁହଁ ଯୋଡ଼ି କଥା ହେଉଥିବା ଡାକ୍ତର ବାବୁଂକୁ ରୋଗୀଟିଏ କହିଲା- "ଆଜ୍ଞା, ମୋ କଥା ଶୀଘ୍ର ବୁଝନ୍ତୁ, ନ



ହେଲେ - ମୁଁ ମରିଯିବି। ଡାକ୍ତର ବାବୁ କହିଲେ, ଆତ୍ମହତ୍ୟା ଉଦ୍ୟମ, ଏକ ଧର୍ତ୍ତବ୍ୟ ଅପରାଧ। ପୋଲିସ୍‌କୁ ଖବର ଦେବାକୁ ପଡ଼ିବ।

### ଅଭିଯୋଗ



ଅଭିଯୋଗ କରିବା ପାଇଁ ଆସିଥିବା ଧର୍ଷିତା ଯୁବତୀକୁ ଥାନା ବାବୁ ପଚାରିଲେ- ଧର୍ଷଣକାରୀର ନାଁ ଜାଣିଛ ? ଯୁବତୀଟି କହିଲା, ତା' ନାଁ ଜାଣିନି, ତା' ବାପାଂକ ନାଁ ଜାଣିଛି। ଥାନାବାବୁ କହିଲେ- ଠିକ୍ ଅଛି, କୁହ! ଯୁବତୀଟି ଥାନା ବାବୁଂକ ପୋଷାକରେ ଲାଗିଥିବା ତାଂକ ନାମ ଫଳକ ଆଡ଼କୁ ଆଂଗୁଠି ଦେଖାଇଲା।


- ବାଣପୁର, ଖୋର୍ଦ୍ଧା

## ପୁସ୍ତକ ପରିଚୟ

### ଈଶ୍ୱରଙ୍କ ଦୋଳିଖେଳ

**କବି:** ସୁଶାନ୍ତ କୁମାର ନାୟକ
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, କଟକ-୨
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୨୫/-

ମୋଟ ୭୯ଟି କବିତାର କୁସୁମ ସ୍ତବକରେ ଗୁନ୍ଥା କବିତାର ଏହି ପୁଷ୍ପମାଲ୍ୟ। 'ଆଦ୍ୟକଥନ'ଟି କବିତାଠୁଁ ବଳି ଭାଷା ଓ ବିଷୟ ବୈଭବରେ। ସୁଶାନ୍ତ ଲେଖିଛନ୍ତି "ଆପଣ ଇଚ୍ଛାକଲେ ସବୁ କବିତାକୁ ଥରକରେ ପଢ଼ି ଦେଇପାରିବେ। ସବୁଠି ନିଜକୁ ପାଇବେ। x x ଅନେକ ମୁହୂର୍ତ୍ତରେ ଜୀବନ ତା'ର ବେଶ ବଦଳେଇ



ମରଣର ବେଶଘରୁ ପୁଣି ମଞ୍ଚକୁ ପ୍ରବେଶର ଦୃଶ୍ୟ ଚିହ୍ନିଚିହ୍ନା ଲାଗିବ।" ଭାତହାଣ୍ଡିରୁ ଗୋଟିଏ ପରି ଏଇ ଉଦ୍ଧୃତିକୁ ପରଖିବା- "ପଶା ପାଲିରେ ବନ୍ଧା ପଡ଼ିଚି/ଯୌବନ/ଯିଏ ଜିତିବ, ସେ କରିବ/ ଦ୍ରୌପଦୀଙ୍କ ବସ୍ତ୍ରହରଣ/ପ୍ରତିଯୋଗିତା ଚାଲିଛି/ ହେବାକୁ ଦୁଃଶାସନ।" (ବାଲିଘର, ପୃ: ୭୪)। ଉହ୍ୟ ବ୍ୟଙ୍ଗର ଦେଖିଲେ ତ ଧାର! ପାଠକ ହାତରେ ବହିଟି ଏକ ସୌଭାଗ୍ୟ ହେବ।

### ଢେଉ

**ଲେଖକ:** ପଲ୍ଲବୀ ନାୟକ
**ପ୍ରକାଶକ:** ଟାଇମ୍‌ପାସ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୨୫/-

୨୭ଟି ଗଳ୍ପ। ଛୋଟ, ମଝାଲି ଓ ଅତି ଛୋଟ। 'ବର୍ଷା ଫୁଲର ନିଆଁ'ରୁ ଆରମ୍ଭ ଓ ଶେଷ 'ବାହାରେ ବର୍ଷାରେ'। ଗଳ୍ପଗୁଡ଼ିକରେ ଜୀବନ ଓ ଚାରିପାଖର ଜଗତ ଫେଣ୍ଟାଫେଣ୍ଟି। ଭାଷାରେ କାହାଣୀ ଓ କବିତା ଧରାପରା। ଭାଷାର କୃତ୍ରିମତାରେ ଅନୁଭବର ମେଦମାଂସକୁ ଲୁଚେଇବାର ଅହଂ ନାହିଁ। 'ବିତୁ ନ ଥିବା ସମୟ'ରେ ପାରିମିତା



ପାଇଥିବା ଅଜଣା ଚିଠିଟି ହୁଏତ ଅନ୍ୟମନସ୍କତାରେ ଚୁଲି ଧରାଇବାକୁ ଜାଳିଦେଇଛି। ପାଉଁଶ ଭିତରେ ଖୋଜିଲେ କି ଆଉ ସେ ଚିଠି ମିଳେ! ଶ୍ୟାମଳୀ ଝିଅ ଓ ଗୋରାପୁଅ କ୍ୟାମ୍ପସ୍‌ରେ ରାଧାଚୂଡ଼ା, କୃଷ୍ଣଚୂଡ଼ା ଲଗାନ୍ତି ବର୍ଷାରେ ଭିଜି ଭିଜି। ବାରିପଦା ଆଉ ରାଇରଙ୍ଗପୁର ଭିତରେ କଟେ ମହଙ୍ଗା ମହଙ୍ଗା ଦିନ। ସବୁ ମଣି ସ୍ମୃତିର ଏକ ବିଚିତ୍ର ରଙ୍ଗଭରା କୋଲାଜ୍ 'ଢେଉ'। ବସୁବସୁ, ନିଦ ଆସୁ ଆସୁ, ତା' ପିଉ ପିଉ ପଢ଼ି ଦେଇ ହେଉଥିବା ବହିର ଗପଗୁଡ଼ିକୁ କେଉଁ କଥାକାବୁରା ବା ହାତଛଡ଼ା କରିବ!

# ପାଠକଙ୍କ ପ୍ରେରଣା ହିଁ ମୋ' ଲେଖାର ମଞ୍ଜି

ସୃଜନ-ସ୍ମୃତି

ହଂସନାଥ ମୁଦୁଲିଙ୍କ ଜନ୍ମ ୯ ଫେବୃୟାରୀ ୧୯୫୩ରେ, କଟକ ସହର ଉପକଣ୍ଠ ଅଇନି ଗାଁରେ। ୪ଟି ଗଳ୍ପ, ୬ଟି ଗୀତି-କବିତା ଓ ୧୦ଟି 'ଶିଶୁ ପୁସ୍ତକ'ର ଏହି ରଚୟିତା ତାଙ୍କର ଗଳ୍ପଗ୍ରନ୍ଥ 'ଜୀବନଯୁଦ୍ଧ', 'କଥା ଉପକଥା' ଓ ଶିଶୁ ପୁସ୍ତକ 'ମନ ଅଗଣାର ଫୁଲ' ପାଇଁ ପାଠକୀୟ ଶ୍ରଦ୍ଧାର ଅଧିକାରୀ। ଗୀତି-କବିତା ପାଇଁ 'ଫକୀରମୋହନ ସାହିତ୍ୟ ସଂସଦ' ଓ 'ଓଡ଼ିଆ ଗୀତିକବି ସମାଜ' ଦ୍ୱାରା ସମ୍ମାନିତ...



ହଂସନାଥ ମୁଦୁଲି

ମୁଁ ସେତେବେଳେ କଟକ ନୂଆ ବଜାର ଉଚ୍ଚ ବିଦ୍ୟାଳୟରେ ପଢୁଥାଏ। ସମ୍ଭବତଃ ନବମ କିମ୍ବା ଦଶମ ଶ୍ରେଣୀ ହେବ। ସେଇ ବେଳରୁ ମୋ' ଭିତରେ ଲେଖାଲେଖି କରିବାର ଆଗ୍ରହ ପ୍ରକାଶ ପାଇଥାଏ। କଥାରଖି ଏଠି ସୂଚେଇ ଦେଲେ ଉଚିତ୍ ହେବଯେ, ମୁଁ ଲେଖାଲେଖି ବିଷୟରେ କିଛି ଜାଣିବା ପୂର୍ବରୁ ଅନେକଗୁଡ଼ିଏ ବହି ପଢ଼ିସାରିଥିଲି। ସେ ବହିଗୁଡ଼ିକ ଭିତରେ ଅନେକ ଥିଲା ରୀତିଯୁଗୀୟ ସାହିତ୍ୟ। ସେ ସବୁରେ ଥିବା ଲେଖାର ଅର୍ଥ ବୁଝେ ନ ବୁଝେ, ପଢ଼ିପକାଇଥିଲି। ତାହା ସହିତ କିଛି ଗଳ୍ପ ଓ ଉପନ୍ୟାସ ମଧ୍ୟ। ବହିଗୁଡ଼ିକ ଥିଲା ମୋର ଜଣେ ଭାଇଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଗୋଟିଏ ଛୋଟ ଘରୋଇ ପାଠାଗାରର। ସବୁ କବି ବା ଲେଖକଙ୍କ ପରି ମୁଁ ବି ପ୍ରଥମେ ଭାବିଥିଲି କବିତା ଲେଖିବାକୁ। ବିଶେଷକରି ଶିଶୁ କବିତା। ମୁଁ ବିଦ୍ୟାଳୟରେ ପଢ଼ିବା ସମୟ ଥିଲା ବିଂଶ ଶତାବ୍ଦୀର ସପ୍ତମ ଦଶକ ଅର୍ଥାତ୍ ପଚାଶ ବର୍ଷରୁ ଅଧିକ ସମୟ ପୂର୍ବର କଥା, ଯେତେବେଳେ କି ଅଧିକାଂଶ ସାହିତ୍ୟିକ କେବଳ ଛନ୍ଦୋବଦ୍ଧ କବିତା ହିଁ ଲେଖୁଥିଲେ। ମୁଁ ବି ସେଥିରୁ ବାଦ୍ ଯାଆନ୍ତି କିପରି!

ସେହି କ୍ରମରେ ମୁଁ ପ୍ରଥମେ ଶିଶୁ କବିତା ହିଁ ଲେଖିବାରେ ମନ ଦେଲି। ମୋର ଯାହା ମନେ ପଡୁଛି 'ଚିକି ଚଢ଼େଇ' ଶୀର୍ଷକ ଗୋଟିଏ ଛୋଟ ଶିଶୁ କବିତା ମୁଁ ଲେଖିଥିଲି ଏବଂ ସେ ଲାଇବ୍ରେରୀ ଭାଇଙ୍କୁ ଦେଖାଇଥିଲି, ଯଦିଓ ପ୍ରଥମ ଅବସ୍ଥାରେ ଯେତେବେଳେ ଲେଖିବା ଆରମ୍ଭ କଲି, ସେତେବେଳେ ମୁଁ ମୋର ଲେଖାରୁ କିଛି କାହାକୁ ଦେଖାଇ ପାରୁ ନ ଥିଲି। ଯାହା ବି ଲେଖୁଥିଲି, କେବଳ ଏକାକୀ ଏବଂ ଏକ ନିର୍ଜନ ସ୍ଥାନରେ ବସିଲେ ହିଁ ଲେଖିପାରୁଥିଲି। ପରେପରେ ଗୋଟିଏ ଗୋଟିଏ ଲେଖୁଥାଏ ଓ ଚିରୁଥାଏ।

ମୁଁ ଏବେ ଯେତେବେଳେ ଅଧିକାଂଶ ସାହିତ୍ୟିକ (ବରିଷ୍ଠ ହୁଅନ୍ତୁ ବା କନିଷ୍ଠ)ଙ୍କ ପ୍ରଥମ ଲେଖା ବିଷୟରେ ପଢ଼େ, ସେଥିରେ ଦେଖିବାକୁ ମିଳିଥାଏଯେ ସେମାନଙ୍କ ପ୍ରଥମ ଲେଖାଟି ସେମାନଙ୍କ ଅଗୋଚରରେ ଏବଂ ଖୁବ୍ ପ୍ରଥମ ଅବସ୍ଥାରୁ ହିଁ ପ୍ରକାଶିତ ହୋଇପାରିଛି। ସାଧାରଣତଃ ତାହା ହିଁ ହୋଇଛି ସେମାନଙ୍କ ଲେଖକ ଜୀବନ ପାଇଁ ପ୍ରେରଣା। ମାତ୍ର ମୋ' ଲେଖା ଆରମ୍ଭ ସମୟରେ ପ୍ରକାଶ ନ ପାଇବା କାରଣରୁ ମୁଁ ବାରମ୍ବାର ଲେଖାମାନ ପଠାଇବାରେ ଲାଗିଥିଲି। ହୁଏତ ସେଇ ଜିଦ୍‌ରୁ ହିଁ ମୁଁ ଅଧିକରୁ ଅଧିକ ଲେଖି ଚାଲିଛି ଏବଂ ପରିସ୍ଥିତି ଯାହା ହେଉନା କାହିଁକି ମୁଁ ମୋର ଲେଖାଲେଖି ଅନ୍ତେ ବହୁତେ ନିରବଚ୍ଛିନ୍ନ ଭାବରେ ଜାରି ରଖିଛି।

ହିସାବ କଲେ ଏବଂ ଅତି ଛୋଟ ତଥା ବଡ଼ ପତ୍ରପତ୍ରିକାକୁ ଗଣତିକୁ ନେଲେ ଆଜି ପର୍ଯ୍ୟନ୍ତ ମୋର ୨୫୦୦ରୁ ଊର୍ଦ୍ଧ୍ୱ ଲେଖା ପ୍ରକାଶିତ ହୋଇସାରିଛି। ସେ ସବୁ ଲେଖାର ସ୍ମୃତି ଏବେ ବି ସଜଳ ଅଛି ମୋର। ମୋ' ଲେଖାର ମୂଳ ମଞ୍ଜି ହେଉଛି ପାଠିକାପାଠକଙ୍କ ପ୍ରେରଣା।

ମୋ: ୯୭୭୭୯୬୮୭୧୯



ପୃଥିବୀରେ କରୋନା ମହାମାରୀ ପରେ ଏକ ନୂଆ ବିପଦ ପୃଥିବୀ ଉପରେ ମାଡ଼ିଆସିବ ବୋଲି ବିଶ୍ୱ ପାଣିପାଗ ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ନୂଆ ବିପଦ ପଙ୍ଗପାଳଙ୍କ ଯୋଗୁ ସୃଷ୍ଟି ହେବ। ଚାଷ ଜମିରେ ପଙ୍ଗପାଳଙ୍କ ଯୋଗୁ ଫସଲ ନଷ୍ଟ ହେବା ଜାରି ରହିଛି। ପଙ୍ଗପାଳ ଫସଲ ଖାଇଯିବାରୁ ଆଗାମୀ ଦିନରେ ଭାରତ, ପାକିସ୍ତାନ ସମେତ ପୂର୍ବ ଆଫ୍ରିକାରେ ଲୋକଙ୍କୁ ଖାଇବାକୁ ମିଳିବ ନାହିଁ। ଭାରତରେ ଗରିବଙ୍କୁ ଦୁଇବେଳା ଦୁଇମୁଠା ଖାଦ୍ୟ ମଧ୍ୟ ମିଳିବା କଷ୍ଟକର ହେବ ବୋଲି ଡବ୍ଲ୍ୟୁଏମ୍ଓ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ବୋଲ୍ଡ ଫଟୋ ଶେୟାର କଲେ ବିପାଶା



ବିପାଶା ବସୁ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ବିପାଶା ବସୁ କରନ ସିଂ ଗ୍ରୋଭରଙ୍କୁ ବିବାହ କରିବା ପରେ ଆଉ ଫିଲ୍ମ ଦୁନିଆରେ ଦେଖିବାକୁ ମିଳୁନାହାନ୍ତି। କିନ୍ତୁ ସୋସିଆଲ ମିଡିଆରେ ସେ ବେଶ୍ ସକ୍ରିୟ ରହୁଛନ୍ତି। ବିପାଶା ନିକଟରେ ସୋସିଆଲ ମିଡିଆରେ ନିଜର ବୋଲ୍ଡ ଏବଂ ଗ୍ଲାମର୍ସ ଫଟୋ ପୋଷ୍ଟ କରି ଚର୍ଚ୍ଚାକୁ ଆସିଛନ୍ତି। ଯାହାକୁ ଦେଖି ଲୋକେ ବିଭିନ୍ନ ପ୍ରକାର କମେଣ୍ଟ ଦେଉଛନ୍ତି। ନିଜର କିଛି ଫଟୋ ପୋଷ୍ଟ କରି ବିପାଶା ଲେଖିଛନ୍ତି, 'ମୁଡ୍, ଅପ୍‌ନେ ଆପ୍‌କୋ ପ୍ୟାର କରୋ' ଦ୍ୱିତୀୟ ଫଟୋରେ ଲେଖିଛନ୍ତି, 'ମେଁ ଏକ୍ ଫୁଲ ନେହିଁ ବନୁଙ୍ଗି ଜୋ ଅପ୍‌ନୀ ସୁନ୍ଦରତା କୋ କୋଇ ତୋଡ୍ କେ ଲିଏ ଜାଏ ଔର ମୁର୍ଝାନେ କେ ବାଦ୍ ଛୋଡ୍ ଦିୟା ଜାଏ'। ଏହା ପୂର୍ବରୁ ମଧ୍ୟ ବିପାଶା ତାଙ୍କର କେତେକ ପୁରୁଣା ଫଟୋ ପୋଷ୍ଟ କରିଥିଲେ, ଯାହାକୁ ଫ୍ୟାନ୍‌ମାନେ ବେଶ୍ ପସନ୍ଦ କରିବା ସହ କମେଣ୍ଟ ମଧ୍ୟ କରିଥିଲେ। କିନ୍ତୁ ଏବେ ଯେଉଁ ଫଟୋ ପୋଷ୍ଟ କରିଛନ୍ତି, ସେଥିରେ ତାଙ୍କର ବୋଲ୍ଡ ଅବତାର ଦେଖିବାକୁ ମିଳିଛି। ଯାହାକୁ ଦେଖି ବିପାଶାଙ୍କ ଫ୍ୟାନ୍‌ମାନେ ପାଗଳ ହୋଇଯାଇଛନ୍ତି। ବିଭିନ୍ନ ପ୍ରକାର କମେଣ୍ଟ ମଧ୍ୟ ଦେଉଛନ୍ତି। ଜଣେ ଫ୍ୟାନ୍ ତ ଏମିତି ଲେଖିଛନ୍ତି ଯେ, 'ମ୍ୟାଡାମ ଆପଣ କାହିଁକି ଏତେ ସୁନ୍ଦର'। ଏବେ ବଲିଉଡ୍‌ର ବ୍ଲାକ୍ ବିୟୁଟି ବିପାଶ ସ୍ୱାମୀ କରନଙ୍କ ସହିତ ହୋମ୍ କ୍ୱାରାଣ୍ଟାଇନ୍‌ରେ ସମୟ ଅତିବାହିତ କରୁଛନ୍ତି।

# କେଦାରନାଥ ଶିଡ଼ିରେ ଚଢ଼ିଲା ଟ୍ରାକ୍ଟର



**କେଦାରନାଥ:** ସୋସିଆଲ ମିଡିଆରେ ପ୍ରତିଦିନ ଅନେକ ଭିଡିଓ ଭାଇରାଲ ହେଉଛି। ତେବେ ବର୍ତ୍ତମାନ ଏପରି ଏକ ଭିଡିଓ ଭାଇରାଲ ହୋଇଛି, ଯାହାକୁ ଦେଖିକି ଆପଣ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯିବେ। ଭିଡିଓରେ ଦେଖାଯାଇଛି, ପାହାଡରେ ନିର୍ମାଣ ହୋଇଥିବା ଶିଡ଼ିରେ ଏକ ଟ୍ରାକ୍ଟର ଚଢୁଛି ଏବଂ ଟ୍ରାକ୍ଟର ପଛରେ ଭାରୀ ମେଶିନ ଲଦା ହୋଇଛି। ମେଶିନକୁ ଏକ ଦଉଡ଼ିରେ ବନ୍ଧାଯାଇଛି। ବନ୍ଧା ଯାଇଥିବା ଦଉଡ଼ିକୁ କେତେକ ଲୋକ ଧରିଥିବା ମଧ୍ୟ ଦେଖିବାକୁ ମିଳିଛି। ଏହି ଭିଡିଓକୁ ଭାରତୀୟ ବନସେବା ଅଧିକାରୀ ସୁଶାନ୍ତ ନନ୍ଦ ନିଜ ଟୁଇଟରରେ ଶେୟାର କରିଛନ୍ତି। ସେ ଲେଖିଛନ୍ତି, ଏହା କେବଳ ଭାରତରେ ହୋଇପାରେ। ପ୍ରକାଶ ଯେ, କେଦାରନାଥରେ ନିର୍ମାଣ କାର୍ଯ୍ୟ ଚାଲିଛି। ସେଠାରେ ବିଦ୍ୟୁତ୍ ଷ୍ଟେଶନ ସ୍ଥାପନ କରାଯିବ ପାଇଁ ପାହାଡ ଉପରକୁ ବିଦ୍ୟୁତ ସାମଗ୍ରୀ ନିଆଯାଉଛି। ବେଳେବେଳେ ବିଦ୍ୟୁତ ସାମଗ୍ରୀ ଉପରକୁ ନେବାକୁ ସମସ୍ୟା ସମ୍ମୁଖୀନ ହେବାକୁ ପଡିଥାଏ। ନିର୍ମାଣ କାର୍ଯ୍ୟ ପାଇଁ ଭାରିଯନ୍ତ୍ର ପାହାଡ ଉପରକୁ ଆଣିବାର ଥିଲା। ଜଣେ ବ୍ୟକ୍ତି ଭାରୀ ମେଶିନ୍‌କୁ ଏକ ଟ୍ରାକ୍ଟରରେ ଲଦି ସିଡିରେ ଚଢି କେଦାରନାଥରେ ପହଞ୍ଚାଇଥିଲେ। ଏହି ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।




ଧ-୧୭୮୦୬


# ମୃତଦେହ ମେଳରେ ମହୋତ୍ସବ

**ପୃଥିବୀରେ ବାସକରନ୍ତି ଅନେକ ଧର୍ମାବଲମ୍ବୀ। ସମ୍ପ୍ରଦାୟ ଅନୁଯାୟୀ ଧର୍ମବିଶ୍ୱାସ ଏବଂ ପର୍ବପର୍ବାଣି ମଧ୍ୟ ଭିନ୍ନ। ତେବେ ଇଣ୍ଡୋନେସିଆରେ ବାସ କରୁଥିବା 'ଟୋରାଜନ' ଜନଜାତିର ଧର୍ମୀୟ ଭାବନା ସହିତ ଜଡ଼ିତ ଗଣପର୍ବ 'ମାନେନେ' ବିଷୟରେ ଜାଣିଲେ ଦେହ ଶୀତେଇ ଉଠିବ। ପ୍ରତି ୩ ବର୍ଷରେ ପାଳିତ ହେଉଥିବା ଏହି ପର୍ବରେ କାଠ କବରରୁ ମୃତଦେହ ବାହାର କରାଯିବା ପରମ୍ପରା ରହିଛି। କେବଳ ଏତିକି ନୁହେଁ, ମୃତଦେହକୁ ସଜାଯିବା ପରେ ବାହାରିଥାଏ ଶୋଭଯାତ୍ରା।**



**ବିଚିତ୍ର ଫେଷ୍ଟିଭାଲ 'ମାନେନେ'**

**ଜାକର୍ତ୍ତା:** ମୃତଦେହ ମେଳରେ ପର୍ବ। ଏଥିପାଇଁ କାଠବାକ୍ସରେ ସଂରକ୍ଷିତ କରି ପାହାଡ଼ ଗୁମ୍ଫାରେ ରଖାଯାଇଥାଏ ମରଶରୀର। ପ୍ରତି ୩ବର୍ଷରେ ଥରେ ମୃତକଙ୍କ ପୁଣ୍ୟତିଥିରେ କାଠବାକ୍ସରୁ ମୃତକଙ୍କୁ ବାହାର କରାଯାଏ ଏବଂ ଏହାପରେ ଆରମ୍ଭ ହୋଇଥାଏ ମହୋତ୍ସବ 'ମାନେନେ'। ସାଧାରଣତଃ ମୃତଦେହକୁ ନେଇ ହିନ୍ଦୁ ସମ୍ପ୍ରଦାୟରେ ଭିନ୍ନ ପ୍ରଥା ପ୍ରଚଳିତ ଥିବାବେଳେ 'ମାନେନେ' ଫେଷ୍ଟିଭାଲ ପାଇଁ ଅପେକ୍ଷା କରିରହିଥାନ୍ତି ଇଣ୍ଡୋନେସିଆର 'ଟୋରାଜନ' ସମ୍ପ୍ରଦାୟର ଲୋକେ।

'ମାନେନେ' ଫେଷ୍ଟିଭାଲ୍ ବିଷୟରେ ଜାଣିବାକୁ ହେଲେ ଆମକୁ ଫେରିବାକୁ ପଡ଼ିବ ୧୦୦ବର୍ଷ ତଳକୁ। ଏପରି ବିଚିତ୍ର ମହୋତ୍ସବ ପାଳନ ପଛରେ 'ବରୁପ୍ପୁ' ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କଠାରୁ ଅନେକ କଥା ଶୁଣିବାକୁ ମିଳେ। ସେମାନଙ୍କ କହିବା କଥା, ଶହେ ବର୍ଷ ତଳେ ଗ୍ରାମର ଟୋରାଜନ ଜନଜାତିର 'ପୋଙ୍ଗ୍ ରୁମାସେକ୍' ନାମକ ଜଣେ ଶିକାରୀ ଶିକାର କରିବାକୁ ବାହାରିଥିଲେ। ଶିକାର ଖୋଜିଖୋଜି ସେ ଚାଲିଯାଇଥିଲେ ଘଞ୍ଚ ଜଙ୍ଗଲ ଭିତରକୁ। ଶିକାର ତ ମିଳିଲାନି ହେଲେ 'ପୋଙ୍ଗ୍ ରୁମାସେକ୍'ଙ୍କ ନଜରରେ ପଡ଼ିଲା ଏକ ଗଳିତ ମୃତଦେହ। ଏହାପରେ ନିଜେ ପିନ୍ଧିଥିବା ପୋଷାକ ବାହାର କରି ସେହି ମୃତଦେହକୁ ପିନ୍ଧାଇ ଦେଲେ ଏବଂ ସେଠାରେ ମୃତଦେହର ଅନ୍ତିମ ସଂସ୍କାର କରିଦେଲେ। ଏହାପରେ 'ପୋଙ୍ଗ୍ ରୁମାସେକ୍'ଙ୍କ ଜୀବନ ବଦଳିଗଲା। କଷ୍ଟକର ସମୟ ଶେଷ ହୋଇଯିବା ସହ ଭଲ ଦିନ ଆସିଲା। ଏହାପରେ ସେ ବେଶ୍ ହସଖୁସିରେ ପରିବାର ସହ ଦିନ କାଟିଲେ। ଏହି ଘଟଣା ଲୋକଲୋଚନକୁ ଆସିବା ପରେ 'ଟୋରାଜନ' ଜନଜାତିରେ ମୃତକଙ୍କ ସମ୍ମାନ ଏବଂ ପରିବାରର ମଙ୍ଗଳ ଲାଗି ଆରମ୍ଭ ହୋଇଥିଲା 'ମାନେନେ'। ପୂର୍ବଜଙ୍କ ସ୍ମୃତିକୁ ମନେ ପକାଇ ସେମାନେ ଫେଷ୍ଟିଭାଲ୍‌କୁ ଅତି ଜାକ୍‌ଜମକର ସହ ପାଳିଥାନ୍ତି।

ଏହି ପର୍ବର ଆରମ୍ଭ ଯେକୌଣସି ବ୍ୟକ୍ତିଙ୍କ ମୃତ୍ୟୁ ପରେ ଆରମ୍ଭ ହୋଇଥାଏ। ପରିବାରରେ କାହାରି ମୃତ୍ୟୁ ଘଟିଲେ ତାଙ୍କୁ ତୁରନ୍ତ କବର ଦିଆଯାଏ ନାହିଁ, ବରଂ ମୃତଶରୀରକୁ ନେଇ ଶୋଭାଯାତ୍ରା ବାହାର କରିବା ସହ ସମସ୍ତେ ଉତ୍ସବରେ ସାମିଲ ହୋଇଥାନ୍ତି। ଉତ୍ସବର ଆରମ୍ଭରେ ବଳଦ, ମଇଁଷି ଭଳି ଏକ ଜନ୍ତୁକୁ ଶିକାର କରିବାର ବିଧି ରହିଛି। ଉକ୍ତ ଜନ୍ତୁର ଶିଙ୍ଗରେ ମୃତକଙ୍କ ଘରେ ସଜାଯାଏ। ଯେଉଁ ବ୍ୟକ୍ତିଙ୍କ ଘରେ ଯେତେ ଅଧିକ ଶିଙ୍ଗ ଲାଗିଥାଏ ତାଙ୍କୁ ସେତିକି ବେଶି ସମ୍ମାନ ଦିଆଯାଇଥାଏ। ସପ୍ତାହରୁ ମାସାଧିକ କାଳ ଯାଏ ଚାଲୁଥିବା ଲମ୍ବା ଅବଧିର ଏହି ଯାତ୍ରା ବେଶ୍ ବ୍ୟୟବହୁଳ। ତେଣୁ ମୃତଦେହଙ୍କୁ ସଂସ୍କାର ନ କରି ଦୀର୍ଘଦିନ ଯାଏ ରଖାଯାଇଥାଏ। ଏହି ସମୟ ମଧ୍ୟରେ ମୃତକଙ୍କ ପରିଜନ ଖର୍ଚ୍ଚ ହେବାକୁ ଥିବା ଟଙ୍କା ସଂଗ୍ରହ କରିବାକୁ ସମୟ ପାଇଥାନ୍ତି।

'ଟୋରାଜନ' ସମ୍ପ୍ରଦାୟରେ ନିଆରା ଢଙ୍ଗରେ ମୃତଦେହକୁ କବର ଦିଆଯାଇଥାଏ। ମାଟି ଖୋଳି ମୃତଦେହ ପୋତିବା ବଦଳରେ ଏକ କାଠବାକ୍ସରେ ଅବରୁଦ୍ଧ କରି ଗୁମ୍ଫାରେ ରଖାଯାଇଥାଏ। ମୃତକଙ୍କ ବୟସ ୧୦ବର୍ଷରୁ କମ୍ ହୋଇଥିଲେ ମୃତଦେହକୁ ଗଛ କୋରଡ଼ରେ ରଖିଦିଆଯାଏ। ମୃତଦେହକୁ ଦୀର୍ଘଦିନ ଧରି ସୁରକ୍ଷିତ ରଖିବାକୁ ମରଶରୀରରେ କପଡ଼ାର ପରସ୍ତ ଗୁଡ଼ାଯାଇଥାଏ। ଆଜିକାଲି 'ମାନେନେ'ରେ ଫ୍ୟାଶନ ପଶିଲାଣି। ଏବେ ମୃତକଙ୍କ ଶରୀରରେ ମୂଲ୍ୟବାନ ଅଳଙ୍କାର, କଳା ଚଷମା, ଘଡ଼ି ପିନ୍ଧାଯାଇ ସଜ୍ଜିତ କରାଯାଉଛି। ତେବେ ଏହା ମୃତକଙ୍କ ପରିଜନଙ୍କ ସାମର୍ଥ୍ୟ ଉପରେ ନିର୍ଭର କରେ। ଏହାପରେ ଏକ କାଠବାକ୍ସରେ ଆବଦ୍ଧ କରି ମୃତଦେହକୁ ଗୁମ୍ଫାରେ ରଖିଦିଆଯାଏ। ପ୍ରତି ତିନିବର୍ଷରେ ଏହାକୁ ବାହାର କରାଯାଇ ପୁନର୍ବାର ନୂଆ କପଡ଼ା ପିନ୍ଧାଯାଏ। ଶବରେ ଗୁଡ଼ା ଯାଇଥିବା ପୁରୁଣା କପଡ଼ାକୁ ବାହାର କରି ପରିଜନମାନେ ପିନ୍ଧିଥାନ୍ତି। ମରଶରୀର କଙ୍କାଳରେ ପରିଣତ ନ ହେବା ଯାଏ ପ୍ରତି ୩ ବର୍ଷରେ ଥରେ ମୃତଦେହ ବାହାର କରାଯାଇଥାଏ। କଙ୍କାଳରେ ପରିଣତ ହୋଇଯାଇଥିବା ମୃତଦେହକୁ ଦାହସଂସ୍କାର କରି ଦିଆଯାଇଥାଏ। ଏପରି କରିବା ଦ୍ୱାରା ମୃତକଙ୍କ ଆତ୍ମାଠାରୁ ଆଶୀର୍ବାଦ ମିଳିଥାଏ ବୋଲି 'ଟୋରାଜନ' ଜନଜାତିରେ ପ୍ରଚଳିତ ବିଶ୍ୱାସ ରହିଛି।

# ବ୍ୟସ୍ତବହୁଳ ଜୀବନରେ ମନ ହାଲୁକା କରେ

## ନ୍ୟାଶନାଲ ରିଫ୍ରେଶମେଣ୍ଟ୍ ଡେ'



ପ୍ରତିବର୍ଷ ଜୁଲାଇ ଚତୁର୍ଥ ଗୁରୁବାର ନ୍ୟାଶନାଲ ରିଫ୍ରେଶ୍‌ମେଣ୍ଟ ଡେ' ପାଳନ କରାଯାଏ। ୨୦୧୮ରେ ଏହି ଦିବସ ଜୁଲାଇ ୨୬ ଓ ୨୦୧୯ରେ ଜୁଲାଇ ୨୫ରେ ପାଳନ କରାଯାଇଥିବାବେଳେ ଚଳିତ ବର୍ଷ ଏହା ୨୩ ଜୁଲାଇରେ ପାଳନ କରାଯାଉଛି। ଆମେରିକାର ଭର୍ମୋଣ୍ଟ ରାଜ୍ୟସ୍ଥିତ ବୁର୍ଲିଙ୍ଗଟନ ସହରରେ ଥିବା ଟ୍ରାଭେଲର ବିୟର କମ୍ପାନୀ ଦ୍ୱାରା ୨୦୧୫ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ୟୁରୋପୀୟ ସ୍ୟାଣ୍ଡୀ ଓ ଆମେରିକୀୟ କ୍ରାଫ୍ଟ ବିୟର ମିଶ୍ରଣରେ ବିଭିନ୍ନ ପ୍ରକାର ବିୟର ପ୍ରସ୍ତୁତ କରିଥାଏ ଉକ୍ତ କମ୍ପାନୀ। ଗ୍ରୀଷ୍ମରେ ଏକ ନୂଆ ପ୍ରକାର ବିୟରର ତାଜା ସ୍ୱାଦ ନେଇ ଫୁର୍ତ୍ତିହେବାକୁ କମ୍ପାନୀ ଏହି ଦିବସ ପାଳନ କରିଥିଲା। ସେବେଠାରୁ ଏହା ପ୍ରତିବର୍ଷ ପାଳନ କରାଯାଉଛି। ବର୍ଷରେ ଗୋଟିଏ ଦିନ ମାଇଣ୍ଡ୍‌ଫ୍ରେଶ୍ କରିବା ଲାଗି ବହୁ ଲୋକ ଏହି ଦିନଟିକୁ ଉତ୍ସୁକତାର ସହିତ ଅପେକ୍ଷା କରିଥାନ୍ତି। ଟ୍ରାଭେଲର ବିୟର କମ୍ପାନୀର ବିୟର ପିଇ ଏହି ଦିବସରେ ମଜା ନେଇଥାଆନ୍ତି। ସାମାନ୍ୟ ରିଫ୍ରେଶ ହୋଇଗଲେ ବ୍ୟସ୍ତତା ମଧ୍ୟରେ କାଳ ସାଜିଥିବା ବିଷାଦରୁ ଟିକେ ମୁକ୍ତି ମିଳେ, ତା' ସହ ମନ ବି ହାଲୁକା ହୋଇଯାଏ ଓ ଆରାମ ଲାଗେ। ବ୍ୟସ୍ତବହୁଳ ଜୀବନରେ ନିୟମିତ ବ୍ୟବଧାନରେ ରିଫ୍ରେଶ ହୋଇ ବିଷାଦରୁ ମୁକ୍ତି ପାଇବା ଲାଗି ଏହି ଦିବସ ସମସ୍ତଙ୍କୁ ସ୍ମରଣ କରାଇଦିଏ।

ମଣିଷର ଭାବନା ଓ କାର୍ଯ୍ୟ ସବୁବେଳେ ଭିନ୍ନ ରହିଥାଏ। ଏଣୁ ରିଫ୍ରେଶମେଣ୍ଟର ତରିକା ବି ଭିନ୍ନ ହେବା ସ୍ୱାଭାବିକ। କେହି ଯଦି ଗୋଟିଏ ବିୟରରେ ମନ ଓ ଶରୀରକୁ ରିଫ୍ରେଶ କରିପାରୁଛି ତ ଆଉ କେହି ପୂରା ନୀରବ ରହି ମନ ହାଲୁକା କରୁଛି। ତେବେ ନ୍ୟାଶନାଲ ରିଫ୍ରେଶମେଣ୍ଟ ଡେ' କେମିତି ପାଳନ କରିବେ ତାହାକୁ ନେଇ ଅନେକେ ଦ୍ୱନ୍ଦ୍ୱରେ ପଡନ୍ତି। କିନ୍ତୁ ଏହା ତ ଭାରି ସହଜ। ଉକ୍ତ ଦିବସକୁ ପସନ୍ଦର ବିୟରରେ ଉତ୍ସାହର ସହ ମନାଇ ଫଟୋ ସୋସିଆଲ ମିଡିଆରେ ଶେୟାର କରନ୍ତୁ। କିନ୍ତୁ ଆନନ୍ଦ କେବଳ ପାନୀୟରେ ନଥାଏ, ବରଂ ସମୟ ବାହାର କରି ଟିଭିଦେଖିବା, ଯାହା ମନ ହେଉଛି ତାହା ଖାଇବା, ବନ୍ଧୁଙ୍କ ସହ ଚାଲିବା ଓ ମନଖୋଲି ହସିବା, ପାର୍କ ଯାଇ ପିଲାଙ୍କ ସହ ଖେଳିବା, ଯୋଗ, ମସାଜ ଦ୍ୱାରା ଶରୀର ଓ ମନ ରିଫ୍ରେଶ ହୋଇଯିବ। କିନ୍ତୁ ଏଥର ଏହି ଦିବସରେ ଭଙ୍ଗା ପକାଇଛି କରୋନା ମହାମାରୀ। ଯାହା କିଛି ହେବ ଭର୍ଚୁଆଲି।

# ୨,୫୦୦ ବର୍ଷର ପୁରୁଣା କଙ୍କାଳ ଠାବ

**ଲୌହଯୁଗରେ ବି ହେଉଥିଲା ଅପରାଧ**



**ଲଣ୍ଡନ:** ମାନବ ସଭ୍ୟତାର କ୍ରମବିକାଶ ସହିତ ଆପରାଧିକ କାର୍ଯ୍ୟ ବଢ଼ିଥିବା ନେଇ ଏବେ ଗବେଷଣାରୁ ଜଣାପଡ଼ିଛି। ଇଂଲଣ୍ଡର ଦକ୍ଷିଣପୂର୍ବରେ ଥିବା ଚଲର୍ଟନ ହିଲ୍ ଅଞ୍ଚଳ ଅନ୍ତର୍ଗତ ୱେନଡେଭର ନିକଟବର୍ତ୍ତୀ ୱେଲୱିକ୍ ଫାର୍ମରୁ ଏକ ପୁରୁଣା କଙ୍କାଳ ଠଶବ କରାଯାଇଛି। ମିଳିଥିବା ଲୌହଯୁଗର ଏହି ମାନବ କଙ୍କାଳକୁ ଅଧ୍ୟୟନ କରି ପ୍ରତ୍ନତତ୍ତ୍ୱବିତ୍‌ମାନେ ବହୁ ତଥ୍ୟ ଜାଣିବାକୁ ପାଇଛନ୍ତି। ଏଠାରେ ୪ ହଜାର ବର୍ଷତଳେ ଲୌହଯୁଗ ସଭ୍ୟତା ଥିବା ଖନନରୁ ଅନୁମିତ ହୁଏ। ଏହି ସ୍ଥାନରୁ ପଛପଟୁ ହାତ ବନ୍ଧାଥିବା ଏକ କଙ୍କାଳ ଉଦ୍ଧାର କରାଯାଇଥିଲା। ହୁଏତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡାଦେଶ ଅବା ହତ୍ୟା କରାଯାଇଥାଇପାରେ ବୋଲି ଅନୁମାନ କରାଯାଇଛି। ସେତେବେଳେ ମୃତ୍ୟୁଦଣ୍ଡାଦେଶ ମିଳୁଥିବା ଲୋକଙ୍କର ମୁଣ୍ଡକାଟ କରାଯାଉଥିବା ପ୍ରତ୍ନତତ୍ତ୍ୱବିତ୍ କହିଛନ୍ତି। ତେବେ କଙ୍କାଳର ମୁଣ୍ଡ ସୁରକ୍ଷିତ ରହିଛି। ଅପରପକ୍ଷରେ ମୃତ୍ୟୁଦଣ୍ଡାଦେଶ ଦିଆଯାଉଥିବା ବ୍ୟକ୍ତିଙ୍କ ମୃତଦେହକୁ କଫିନ୍‌ରେ ଭର୍ତ୍ତିକରି କବର ଦେବା ପରମ୍ପରା ପ୍ରଚଳିତ ଥିଲା। କିନ୍ତୁ ମିଳିଥିବା କଙ୍କାଳକୁ କଫିନ୍‌ରେ ରଖାଯାଇନାହିଁ। ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅପରାଧୀମାନେ ଅମାନୁଷିକ ଭାବେ ହତ୍ୟା କରିଥିବା ଅନୁମାନ କରାଯାଉଛି। ହତ୍ୟା କରିବା ପରେ ମୃତଦେହକୁ ମାଟିରେ ତରବରିଆ ଭାବେ ପୋତି ଦିଆଯାଇଛି। କଙ୍କାଳଟି ୨,୫୦୦ ବର୍ଷ ପୁରୁଣା ବୋଲି ପ୍ରତ୍ନତତ୍ତ୍ୱବିତ୍ ରାଚେଲ ଉଡ୍ କହିଛନ୍ତି। କଙ୍କାଳର ଖପୁରିରେ ଏକ ଗଭୀର କ୍ଷତ ଚିହ୍ନ ରହିଛି। ସମ୍ଭବତଃ କୌଣସି ଓଜନିଆ ପଦାର୍ଥରେ ମୁଣ୍ଡକୁ ପଛପଟୁ ଆଘାତ କରାଯାଇଥିବା ଜଣାପଡୁଛି। କଙ୍କାଳଟି ମୁହଁ ମାଡ଼ି ପଡ଼ିଥିବାବେଳେ ଏହାର ପଞ୍ଜରାରେ କୌଣସି କ୍ଷତ ଚିହ୍ନ ନାହିଁ। ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧାରୁଆ ଅସ୍ତ୍ରରେ ପେଟକୁ ଅଘାତ କରାଯାଇ ନ ଥିବା ଉଡ୍ ଉଲ୍ଲେଖ କରିଛନ୍ତି।

# ସୁଶାନ୍ତଙ୍କ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିଲେ ରିୟା



**ମୁମ୍ବାଇ:** ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ତଦନ୍ତରେ ପ୍ରତିଦିନ ନୂଆ କଥା ଶୁଣିବାକୁ ମିଳୁଛି। ଏବେ ସୋସିଆଲ ମିଡିଆରେ ସୁଶାନ୍ତଙ୍କ ଗର୍ଲଫ୍ରେଣ୍ଡ ରିୟା ଚକ୍ରବର୍ତ୍ତୀ ପୋଲିସ ଆଗରେ ଦେଇଥିବା ବୟାନକୁ ନେଇ ଚର୍ଚ୍ଚା ଜାରି ରହିଛି। ରିୟାଙ୍କ ବୟାନ ପରେ ସୁଶାନ୍ତଙ୍କ ଆତ୍ମହତ୍ୟା ମାମଲାରେ ଟୁଇଷ୍ଟ ଆସିଛି। ପୋଲିସ ଜେରା ସମୟରେ ରିୟା ପ୍ରାୟ ଏକ ବର୍ଷ ଧରି ସୁଶାନ୍ତଙ୍କର କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିବା ସ୍ୱୀକାର କରିଛନ୍ତି। ଏହାକୁ ସେ ବିଭିନ୍ନ ଶପିଂ ସମୟରେ ବ୍ୟବହାର କରୁଥିବା କହିଛନ୍ତି। ସୁଶାନ୍ତ ରିୟାଙ୍କ ସହିତ ପାସ୍‌ୱାର୍ଡ ଏବଂ ପିନ୍ ଶେୟାର କରିଥିଲେ କି ନାହିଁ ସେନେଇ ପୋଲିସ ଅଧିକ ପଚରାଉଚରା ଜାରି ରଖିଛି। ଗତବର୍ଷ ରିୟାଙ୍କ ୟୁରୋପ ଗସ୍ତର ସମସ୍ତ ଖର୍ଚ୍ଚ ସୁଶାନ୍ତ ଦେଇଥିବା କୁହାଯାଉଛି। ଇତିମଧ୍ୟରେ ପୋଲିସ ସାଇକାଟ୍ରିକ ଡାକ୍ତର କେରସି ଚଭଦାଙ୍କ ସହିତ ୩୭ ଜଣଙ୍କ ବୟାନ ରେକର୍ଡ କରିଛି। ଡାକ୍ତରଙ୍କୁ ସ୍ଥାନୀୟ ଡିସିପି ଅଭିଷେକ ତ୍ରିମୁଖେ ପଚରାଉଚରା କରିଥିଲେ।

# ସ୍ମାର୍ଟଫୋନ୍ ଡାଟାରୁ ଜାଣିହେବ ବ୍ୟକ୍ତିତ୍ୱ

**ମ୍ୟୁନିକ:** ସମାଜରେ ବିଭିନ୍ନ ପ୍ରକାରର ଲୋକ ବାସ କରିଥାନ୍ତି। ପୁଣି ଜଣଙ୍କର ବ୍ୟକ୍ତିତ୍ୱ ଅନ୍ୟଠାରୁ ଅଲଗା ହୋଇଥାଏ। କାହାର କାହାର ବ୍ୟକ୍ତିତ୍ୱ ଜାଣିବା ପାଇଁ ଗବେଷକ ଦୀର୍ଘ ଅଧ୍ୟୟନ ମଧ୍ୟ କରିଥାନ୍ତି। ତେବେ ଏଣିକି ବ୍ୟକ୍ତିତ୍ୱ ଜାଣିବା ଲାଗି ଅଧିକ ସମୟ ଲାଗିବ ନାହିଁ। ସ୍ମାର୍ଟଫୋନ୍‌ରେ ଥିବା ଡାଟାରୁ ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ସହଜରେ ଜାଣିହେବ। ଏନେଇ ଜର୍ମାନୀର ମ୍ୟୁନିକ୍‌ସ୍ଥିତ ଲ୍ୟୁଡୱିଗ୍ ମ୍ୟାକ୍ସି ମିଲାନ୍ ବିଶ୍ୱ ବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ ହୋଇଛି। ସ୍ମାର୍ଟଫୋନ୍‌ରେ ଥିବା ଡାଟା ଜଟିଳ ଥିଲେ ଏହା ବ୍ୟବହାରକାରୀଙ୍କ ଜଟିଳ ମାନସିକତାକୁ ସୂଚିତ କରିଥାଏ ବୋଲି ମନସ୍ତତ୍ତ୍ୱବିତ୍ ପ୍ରଫେସର ମାର୍କ୍ୟୁସ୍ ବ୍ୟୁହନେର୍ କହିଛନ୍ତି। ଅପରପକ୍ଷରେ ସ୍ମାର୍ଟଫୋନ୍‌ରେ ଥିବା ଡାଟା ସହଜ ଥିଲେ ଏହା ବ୍ୟବହାରକାରୀଙ୍କ ଖୁସ୍ ମିଜାଜ ଏବଂ ସରଳ ପଣିଆର ସୂଚନା ଦେଇଥାଏ। ଏହି ଅଧ୍ୟୟନରେ ବିଭିନ୍ନ ବର୍ଗର ୬୨୪ ଜଣଙ୍କୁ ଭେଟି ସେମାନଙ୍କର ସ୍ମାର୍ଟଫୋନ୍‌ରେ ଥିବା ଡାଟାକୁ ଅନୁଧ୍ୟାନ କରିବା ପରେ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟବହାର ସମ୍ବେଦନଶୀଳ ତଥା ସମାଜପ୍ରତି ପ୍ରତିଶ୍ରୁତିବଦ୍ଧ ତାହା ସ୍ମାର୍ଟଫୋନ୍ ଡାଟାରୁ ସହଜରେ ଜାଣିହୋଇପାରିବ ବୋଲି ବ୍ୟୁହନେର୍ କହିଛନ୍ତି।




## ମନେ ପଡ଼ନ୍ତି

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ରଜନୀ ଦେବୀ**
ପୁରୁଣା ଭୁବନେଶ୍ୱର
ତୁମେ କାଲି ଥିଲ, ଆଜି ଅଛ, ଆସନ୍ତାକାଲି ମଧ୍ୟ ରହିବ। ବଳବାନ ସମୟ ବି ତୁମକୁ ଆମ ସ୍ମୃତିପଟରୁ ହଜାଇ ପାରିନି କି ପାରିବନି ମଧ୍ୟ। ଆଖି ପାଉ ନ ଥିବା ଯୋଜନ ଯୋଜନ ଦୂରରେ ଥାଇ ମଧ୍ୟ ତୁମେ ସେଇମିତି ଆମ ପାଖେ ପାଖେ ଅଛ। ଜୀବନ ରାସ୍ତାରେ ବାଟ ଦେଖାଉଛ। ସର୍ଗାଲୋକରେ ଥାଇ ଆମକୁ କୋଟି ଆଶୀର୍ବାଦ କରୁଥାଅ।
ଶୋକସନ୍ତପ୍ତ
ପୁଅବୋହୂ, ନାତିନାତୁଣୀ, ଝିଅଜ୍ୱାଇଁ ବନ୍ଧୁପରିବାରବର୍ଗ ଓ
ଉମା ଫ୍ରେମିଙ୍ଗ୍ ସେଣ୍ଟର
ଅଶୋକନଗର, ଭୁବନେଶ୍ୱର
ଧ-୬୯୬୦୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ପ୍ରଥମ ଶ୍ରାଦ୍ଧବାର୍ଷିକୀ**




**ସ୍ୱର୍ଗତ ଗୋପୀନାଥ ତ୍ରିପାଠୀ**
ପ୍ଲଟ୍ ନଂ. ୩୩୨୭, ଚକେଇସିହାଣି, ମଞ୍ଚେଶ୍ୱର, ଭୁବନେଶ୍ୱର
ଆବିର୍ଭାବ: ୧୯୩୪ ମସିହା
ତିରୋଧାନ: ୨୦୧୯ ମସିହା
ନନା, ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ତୁମର ନିଷ୍କପଟ ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟ ପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ। ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।
ତୁମର ଶୋକସନ୍ତପ୍ତ:
ସମସ୍ତ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧି ଓ ଆତ୍ମୀୟସ୍ୱଜନ।
ଧ-୧୭୮୦୩

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ**



**୰ ଡାଃ. ଅମ୍ବିକା ପ୍ରସାଦ ମହାନ୍ତି**
ଆବିର୍ଭାବ - ୦୩/୦୨/୧୯୩୫
ତିରୋଧାନ - ୨୩/୦୭/୨୦୧୯
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସ୍ୱଭାବ ଓ କର୍ତ୍ତବ୍ୟନିଷ୍ଠାକୁ ପାଥେୟ କରି ବାଟ ଚାଲିବାକୁ ଚେଷ୍ଟା କରୁଛୁ। ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ :
ପୁତ୍ର/ପୁତ୍ରବଧୂ, ଝିଅ/ଜ୍ୱାଇଁ, ନାତି/ନାତୁଣୀ ଓ ବନ୍ଧୁ ଏବଂ ଆତ୍ମୀୟସ୍ୱଜନ।
ଧ-୧୭୮୦୪

**୰ ଗଙ୍ଗା**
**ଭକ୍ତିପୂତ ଶ୍ରଦ୍ଧାଞ୍ଜଳି**



**୰ ଡ. ଅମରେନ୍ଦ୍ର ତ୍ରିପାଠୀ**
ଆବିର୍ଭାବ : ୨୦.୦୧.୧୯୩୫
ତିରୋଧାନ: ୧୪.୦୭.୨୦୨୦
ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
॥ ଇତି ॥
ତ୍ରିପାଠୀ, ପାଣିଗ୍ରାହୀ, ଆଚାର୍ଯ୍ୟ ଏବଂ ମହାପାତ୍ର ପରିବାର ବର୍ଗ।
୨୫୧, ଶହୀଦ୍ ନଗର, ଭୁବନେଶ୍ୱର
ଧ-୧୭୮୦୫

# ବାଣୀଙ୍କ ଖୁସି



ବାଣୀ କପୁର ଏବେ ଖୁସିରେ ଉଚ୍ଛୁଳୁଛନ୍ତି। କାରଣ ହ୍ରିତିକଙ୍କ ସହ ସେ ଅଭିନୟ କରିଥିବା 'ୱାର୍' ହିଟ୍ ହୋଇଛି। ତା'ପରେ ଏବେ ତାଙ୍କ ହାତରେ ୩-୪ଟି ଅଫର ମଧ୍ୟ ରହିଛି। ତାଙ୍କ ଖୁସି ପଛରେ ଆଉ ଏକ କଥା ଲୁଚି ରହିଛି। ତାହା କ'ଣ ଜାଣନ୍ତି ? ଅକ୍ଷୟ କୁମାରଙ୍କ ଆଗାମୀ ଫିଲ୍ମ 'ବେଲ୍ ବଟମ୍'ର କାଷ୍ଟିଂରେ ସେ ମଧ୍ୟ ଅଛନ୍ତି। ଏ ନେଇ ବାଣୀ କହନ୍ତି, 'ହ୍ରିତିକଙ୍କ ପରେ ଅକ୍ଷୟ କୁମାରଙ୍କ ପରି ଅଭିନେତାଙ୍କ ସହ ମୁଁ ଅଭିନୟ କରିବାକୁ ଯାଉଛି-ଏକଥାକୁ ମୁଁ ନିଜେ ବିଶ୍ୱାସ କରିପାରୁନି। ଭଗବାନ ମୋ ଆଶା ପୂରଣ କରିଛନ୍ତି। କାରଣ ଏପରି ଅଭିନେତାଙ୍କ ସହ ଆକ୍ଟିଂ କଲେ ଅନେକ କଥା ଶିଖି ହୋଇଥାଏ। ଏଣିକି କୌଣସି ଅଫର ଗ୍ରହଣ କରିବା ପୂର୍ବରୁ ତାକୁ ନେଇ ଶହେ ଥର ଚିନ୍ତା କରିବି।' ବାଣୀ ଯାହା ଚାହୁଁଥିଲେ ତାହା ସିନା ପୂରଣ ହୋଇଗଲା, ହେଲେ ଫିଲ୍ମଗୁଡିକ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।

# ସୁସ୍ମିତାଙ୍କ ଜିଦ୍ ରହିଲା



ହିନ୍ଦୀ ସିନେମା 'ଫିଜା'ର ଶୁଟିଂ ସମୟର କଥା। ଏହି ଫିଲ୍ମରେ ହ୍ରିତିକ ରୋଶନ, ସୁସ୍ମିତା ସେନ୍, କରିଷ୍ମା କପୁର ଅଭିନୟ କରିଛନ୍ତି। ଏଥିରେ 'ମେହେବୁବୁ ମେରି' ଗୀତ ସଂଯୋଜିତ ହୋଇଛି। ଯେତେବେଳେ ସୁସ୍ମିତା ଏହି ଗୀତଟିକୁ ଶୁଣିଲେ ସେଥିରେ ଅନ୍ତର୍ଭୁକ୍ତ ଏକ ଧାଡିକୁ ପରିବର୍ତ୍ତନ କରିବାକୁ ଜିଦ୍ ଧରି ବସିଲେ। ସେହି ଧାଡିଟି ଥିଲା 'ଆ ଗରମି ଲେ ମେରି ସିନେ ସେ'। ସୁସ୍ମିତାଙ୍କ କଥାକୁ ମଧ୍ୟ ମ୍ୟୁଜିକ କମ୍ପୋଜର ଅନୁ ମଲ୍ଲିକ ଗଭୀରତାର ସହ ନେଇଥିଲେ। ବେଶ୍ କିଛି ବିଚାରବିମର୍ଶ ପରେ ଏହି ଧାଡିଟିକୁ ପରିବର୍ତ୍ତନ କରି 'ଆ ନରମି ଲେ ମେରି ଆଖୋଁ ସେ' କରାଯାଇଥିଲା। ଗୀତଟିର କୋରିଓଗ୍ରାଫି କରିଥିଲେ ଗଣେଶ ହେଗଡେ।

# ଅପେକ୍ଷା କରିବେ ଜଗା

କଥାରେ ଅଛି ଅପେକ୍ଷାର ଫଳ ମିଠା। ତେବେ ନିଜ ଲକ୍ଷ୍ୟ ହାସଲ ପାଇଁ ସବୁ ପ୍ରକାର ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବାକୁ ତୟାର ବୋଲି କହନ୍ତି ନବାଗତ ଅଭିନେତା ଜଗା ରଣା। ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ପ୍ରଥମେ ନିର୍ଦ୍ଦେଶକ ନିଶି କର ମୋତେ ଆଲବମ୍‌ରେ ସୁଯୋଗ ଦେଇଥିଲେ। 'ତୋ ବିନା ଭଲ ଲାଗେନା', 'ପ୍ରେମ ବାହୁଡା' ଆଦି ପାଖାପାଖି ୫୦ଟି ଆଲବମ୍‌ରେ ଅଭିନୟ କରିଛି। ତା'ପରେ ବଡ଼ ପରଦାରେ ମୋତେ ସୁଯୋଗ ଦେଲେ ନିର୍ଦ୍ଦେଶକ ନାରାୟଣ ଘଡ଼େଇ। ଏବେ ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଯାଉଥିବା ଓଡ଼ିଆ ସିନେମା 'ଅଫିସର'ରେ ମୁଁ ଅନ୍ୟତମ ନାୟକ ଭାବରେ ଅଭିନୟ କରିବାକୁ ଯାଉଛି। ତେବେ ବଡ଼ ବ୍ରେକ ପାଇଁ ଅପେକ୍ଷା କରିଛି। ସମୟ ଆଉ ସୁଯୋଗ



ମିଳିଲେ ଆଦୌ ହାତଛଡ଼ା କରିବି ନାହିଁ। କୌଣସି ନୂଆ ସିନେମା ସାଇନ୍ କରିବା ପୂର୍ବରୁ ସେ ନେଇ ଗଭୀର ଭାବରେ ଚିନ୍ତା କରିବି।' ନୂଆପଡାର ଚିନାପାଲି ଗ୍ରାମରେ (ମା-ପ୍ରଣୀତ ରଣା, ବାପା-ପୁଣ୍ୟଶେଖର ରଣା)ଜନ୍ମିତ ଜଗା ଏପର୍ଯ୍ୟନ୍ତ ଓଡ଼ିଆ ଚଳଚ୍ଚିତ୍ର 'ଜୟ ଜୟ ସାଇରାମ', 'ବୋବାଲ ଟୋକା', 'କଥା ଦେଲି ମଥା ଛୁଇଁ'ରେ ଅଭିନୟ କରିସାରିଛନ୍ତି। ଅଭିନୟ କ୍ଷେତ୍ରରେ ପାଦ ଦେବା ପଛରେ ନିଜ ବାପାଙ୍କ ପ୍ରେରଣାକୁ ସ୍ମରଣ କରନ୍ତି ଏହି ଅଭିନେତା।

# ସ୍ତ୍ରୀ ହେବ ଏମିତି

ସତରେ ପତ୍ନୀ ହେବ ଏମିତି। ଦେଖୁନାହାନ୍ତି, ନିଜର ପ୍ରତିଟି କଥା ବିଷୟରେ ସେ କେମିତି ସ୍ୱାମୀ ନିକ ଜୋନାସଙ୍କ ସହ ଆଲୋଚନା କରୁଛନ୍ତି। କୌଣସି କଥା ତାଙ୍କୁ କୁଆଡେ ସେ ଲୁଚାଇବାକୁ ଚାହାନ୍ତି ନାହିଁ। 'ନିକ୍‌ଙ୍କ ସହ ପ୍ରତିଟି କଥା ମୁଁ ଶେୟାର କରେ। କୌଣସି ସିନେମା ସାଇନ୍ କରିବା ପୂର୍ବରୁ ଦୁହେଁ ଏ ନେଇ ଭଲ ଭାବରେ ଆଲୋଚନା କରିଥାଉ। ଶୁଣିବାକୁ ପାଉଛି ଯେ ମୁଁ ଆଉ ବଲିଉଡ୍‌ରେ ଅଭିନୟ କରିବି ନାହିଁ। ଏକଥା ସମ୍ପୂର୍ଣ୍ଣ ମିଛ। ସେପରି ଅଫର ମିଳିଲେ ମୁଁ ନିଶ୍ଚୟ ଚିନ୍ତା କରିବି।' ଅନ୍ୟପକ୍ଷରେ ଏବେ ପ୍ରିୟଙ୍କା ନିଜ ପତିଦେବଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି। ତେବେ ସେ ବଲିଉଡ୍‌କୁ କେବେ ଫେରୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।



ପ୍ରିୟଙ୍କା

# ପ୍ରଶଂସା ଅନ୍ତରାଳେ..

ଶିଲ୍ପା ସେଟ୍ଟି କୁନ୍ଦ୍ରା ଏବେ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ପ୍ରଶଂସାରେ ଶତମୁଖ। କାରଣ କ'ଣ ଜାଣନ୍ତି ? ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା କମେଡି ଭିତ୍ତିକ ଫିଲ୍ମ 'ହଙ୍ଗାମା-୨'ର କାଷ୍ଟିଂରେ ଶିଲ୍ପା ଅଛନ୍ତି। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ତାଙ୍କୁ ମଧ୍ୟ ମନଲାଖି ଭୂମିକାଟିଏ ମିଳିଛି। 'ଯେତେବେଳେ ଏ ନେଇ ପ୍ରିୟଦର୍ଶନ ମୋ ସହ ଯୋଗାଯୋଗ କଲେ ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା। କାରଣ କେବଳ ଏହି ଫିଲ୍ମର କାହାଣୀ ନୁହେଁ, ଏଥିରେ ମୋ ଭୂମିକା ମୋତେ ବେଶ୍ ପ୍ରଭାବିତ କରିଛି। ଏହାବ୍ୟତୀତ ପ୍ରିୟଦର୍ଶନଙ୍କ ପରି ନାମୀ ନିର୍ଦ୍ଦେଶକଙ୍କ ସହ କାମ କରିବା ସୁଯୋଗ ଭାଗ୍ୟରେ ଥିଲେ ମିଳେ।' ଏହି ଫିଲ୍ମରେ ପରେଶ ରାୱଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି। ଅପରପକ୍ଷରେ ଏଥିରେ ଚାରି ଜଣ ପିଲାଙ୍କ ରୋଲ୍ ମଧ୍ୟ ଅନ୍ୟତମ ଆକର୍ଷଣ ବୋଲି କହନ୍ତି ପ୍ରିୟଦର୍ଶନ। ଯଦି ସମ୍ଭବ ହୁଏ ତେବେ ଚଳିତବର୍ଷ ସେପ୍ଟେମ୍ବରରୁ ଏହାର ଶୁଟିଂ ବିଦେଶରେ ଆରମ୍ଭ ହେବାର ଯୋଜନା ରହିଛି।

# କ୍ଲବ-୬୯



ପପୁ ପମ୍‌ପମ୍

ବର୍ତ୍ତମାନ କରୋନା ମହାମାରୀ ପାଇଁ ବିଶ୍ୱର ଅର୍ଥନୀତି କେଉଁ ଅବସ୍ଥାରେ ପହଞ୍ଚିଛି ତାହା ପ୍ରାୟ ଅନେକଙ୍କୁ ଜଣା। କେବଳ ଜୀବନଜୀବିକା ନୁହେଁ, ଯୁବପିଢ଼ିଙ୍କ ଭବିଷ୍ୟତର ସ୍ୱପ୍ନ ପଛକୁ ଚାଲିଯାଇଛି। କେତେକ ନିଜ ସ୍ୱପ୍ନ ମାଟିରେ ମିଶିଯିବା ପରେ କ୍ରାଇମ କରିବାକୁ ପଛାଉ ନାହାନ୍ତି। ଏବେ ସାଇବର କ୍ରାଇମକୁ କେତେକେ ଆପଣେଇ ନେଉଛନ୍ତି। ଏହାକୁ ରୋକିବାକୁ ପୋଲିସ ମଧ୍ୟ ସଜାଗ। ତେବେ ଏପରି କିଛି କାହାଣୀକୁ ନେଇ ହାସ୍ୟାଭିନେତା ପପୁ ପମ୍‌ପମ୍ ଆଓ ଟିଭି ପାଇଁ ନିର୍ମାଣ କରିଛନ୍ତି ଏକ ୱେବ ସିରିଜ 'କ୍ଲବ-୬୯'। ଯୁବପିଢ଼ିଙ୍କୁ ସାଇବର କ୍ରାଇମ ନେଇ ସଚେତନ କରାଇବା ଏପରି ସିରିଜର ମୂଳ ଲକ୍ଷ୍ୟ ବୋଲି କହନ୍ତି ପପୁ।

# ମହାନାୟକ..

**ସେ ଥିଲେ ଅଭିନୟର ସୌଦାଗର । 'ରୁପା ଶଗଡ଼ିରେ ସୁନା କନିଆ' ଗୀତ ହେଉ ଅବା 'ନାଇ ନାଇ ନାଇମ' ଡାଏଲଗ୍ ହେଉ, ତାଙ୍କ ଅଭିନୟରେ ଭରି ରହିଥିଲା ଶତ ପ୍ରତିଶତ ମନୋରଞ୍ଜନ । ସେହି ମହାନ୍ ବ୍ୟକ୍ତିତ୍ୱ ତଥା ଓଡ଼ିଆ ଚଳଚ୍ଚିତ୍ର ଜଗତର ପିତାମହ ଭୀଷ୍ମ ଭାବରେ ପରିଚିତ ବିଜୟ ମହାନ୍ତି ଆଉ ଆମ ଗହଣରେ ନାହାନ୍ତି । ତାଙ୍କର ଆକସ୍ମିକ ପରଲୋକରେ ସମଗ୍ର ଓଡ଼ିଶା ଯେମିତି ସ୍ତବ୍ଧ ହୋଇଯାଇଛି ...**


ଓଡ଼ିଆ ଚଳଚ୍ଚିତ୍ରର ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ ହେଲେ ଅଭିନେତା ବିଜୟ ମହାନ୍ତି। ନିଜର ଅଭିନୟ ଦକ୍ଷତା ପ୍ରମାଣ କରି ସେ ଦୀର୍ଘ ୪ ଦଶନ୍ଧି ଧରି ଓଡ଼ିଆ ଚଳଚ୍ଚିତ୍ରରେ ଆଧିପତ୍ୟ ବିସ୍ତାର କରିଥିଲେ। 'ନାଗଫାଶ' ଚଳଚ୍ଚିତ୍ରରେ ଅଭିନୟ କରୁଥିବା ବେଳେ ସେ ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅଧ୍ୟାପକ ଭାବରେ ଯୋଗ ଦେଲେ। ନାଟକକୁ ନୂଆ ଦିଶା ଦେବାରେ ତାଙ୍କର ଅବଦାନକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ।

ଥରେ ସେ ସଙ୍ଗୀତ ମହାବିଦ୍ୟାଳୟର ମୁଖଦ୍ୱାରରେ ଷ୍ଟେଜ୍ କରି ମଞ୍ଚସ୍ଥ କରାଇଥିଲେ ପୌରାଣିକ ନାଟକ 'କଂସ'। ଏହାର ନିର୍ଦ୍ଦେଶନା ମଧ୍ୟ ସେ ନିଜେ ଦେଇଥିଲେ। ନାଟକର ଟାଇଟଲ ଅର୍ଥାତ୍ କଂସ ଭୂମିକାରେ ଅଭିନୟ କରୁଥାଆନ୍ତି ବିଶିଷ୍ଟ ମଞ୍ଚ ଅଭିନେତା ସୂର୍ଯ୍ୟ ମହାନ୍ତି। ଏହି ନାଟକରେ ବିଜୟ ବାବୁଙ୍କ ନିର୍ଦ୍ଦେଶନା ଏତେ ବଳିଷ୍ଠ ଥିଲା ଯେ ଆଜି ବି ସେହି ନାଟକ ଦେଖିଥିବା ଦର୍ଶକଙ୍କର ଲୋମ ଟାଙ୍କୁରି ଯାଏ। କେବଳ ସେତିକି ନୁହେଁ, ନିଜ ଚରିତ୍ର ସହ ସୂର୍ଯ୍ୟବାବୁ ଏତେ ମଜ୍ଜି ଯାଇଥିଲେ ଯେ ଅଭିନୟ ସମୟରେ ସେ ବେହୋସ ହୋଇଯାଇଥିଲେ। ମଞ୍ଚ ନାଟକ ପ୍ରତି ବିଜୟ ମହାନ୍ତିଙ୍କ ଅବଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ।

ବିଜୟ ବାବୁଙ୍କ ସହ ମୋର ନିଜସ୍ୱ ଅନୁଭୂତି ବେଶ୍ ମଧୁର। ତାଙ୍କର ଏକ ଜାୱା ଗାଡି ଥାଏ। ଗାଡ଼ିର ଦୁଇ ପଟରେ ସାଇଲେନ୍ସର ଲାଗିଥିଲା। ଏପଟେ ବିଜୟଙ୍କର ହିପିକୁ ବେଲ୍ ପ୍ୟାଣ୍ଟ। ଏପରି ଗେଟଅପରେ ସେ ବେଶ୍ ଷ୍ଟାଇଲିଷ୍ଟ ଦେଖାଯାଉଥିଲେ। ଥରେ ସେ ମୋତେ ତାଙ୍କର ଜଣେ ଛାତ୍ରଙ୍କର ବିବାହ ଭୋଜିକୁ ସାଙ୍ଗ ହୋଇ ଯିବାକୁ ଡାକିଲେ। ହଁ ଭରିଲି। ବାଲକାଟିର ଶାରୁଆ ଗାଁକୁ ଯିବାକୁ ପଡ଼ିଲା। ରାସ୍ତାର ଦୁଇ ପଟରେ କିଆବଣ। ମୋଟର ସାଇକେଲ ସେ ଜୋର୍‌ରେ ଚଲାନ୍ତି। ମୁଁ କହିଲି, ସାର୍, କିଆବୁଦା ମୂଳରେ ତମ୍ପ ସାପ ଥିବେ। ତେଣୁ ସାଇଡ୍ କରି ଚଲାନ୍ତୁ। ଫେରିବା ସମୟରେ କୁଆଖାଇ ନଈ ବାଲିରେ ସେ ଗାଡି ଷ୍ଟାର୍ଟରେ ରଖି ଆଗରୁ ଧରିଲେ ଆଉ ମୁଁ ପଛରୁ ଠେଲିଲି। ସେହି ସ୍ମୃତି ଏବେ ମଧ୍ୟ ମୋ ମନରେ ସତେଜ ହୋଇ ରହିଛି। ବିଜୟ ବାବୁଙ୍କର ମନରେ ଆତ୍ମଗର୍ବ ନ ଥିଲା। ଯାହା ଉଚିତ ମଣୁଥିଲେ ସିଧାସଳଖ କହୁଥିଲେ। ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବା ସମୟରେ ସେ ଛାତ୍ରୀଛାତ୍ରଙ୍କର ସମସ୍ୟାକୁ ବେଶ୍ ସରଳ ଭାବରେ ସମାଧାନ କରୁଥିଲେ। କିଛି ବର୍ଷ ଚାକିରି ଥିଲା, ହେଲେ ସେ ଭିଆର୍‌ଏସ୍ ନେଇ ଚଳଚ୍ଚିତ୍ରରେ ଅଧିକ ମନୋନିବେଶ କରିଥିଲେ।

ସେ ଥିଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅପ୍ରତିଦ୍ୱନ୍ଦ୍ୱୀ ଅଭିନେତା। 'ଆରତୀ' ଚଳଚ୍ଚିତ୍ର ପାଇଁ ସେ ଶ୍ରେଷ୍ଠ ଅଭିନେତା ଭାବରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ତା'ପରେ 'ମମତା ମାଗେ ମୂଲ' (ପାର୍ଶ୍ୱ ଅଭିନେତା), 'ପ୍ରତିଶୋଧ ଅପରାଧ ନୁହେଁ' (ପାର୍ଶ୍ୱ ଅଭିନେତା), 'ଆମ ଘର ଆମ ସଂସାର' (ଶ୍ରେଷ୍ଠ ହାସ୍ୟାଭିନେତା), 'ଭାଇ ହେଲା ଭଗାରି' (ଶ୍ରେଷ୍ଠ ଅଭିନେତା), 'ବୋଉ' (ଶ୍ରେଷ୍ଠ ଅଭିନେତା), 'ସତ୍ୟମେବ ଜୟତେ' (ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା) ପାଇଁ ମଧ୍ୟ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଏହାବ୍ୟତୀତ ୨୦୧୪ରେ ତାଙ୍କୁ ସମ୍ମାନଜନକ ଜୟଦେବ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ସେ ଦୁଇଥର ସିନେକ୍ରିଟିକ ପୁରସ୍କାର ମଧ୍ୟ ପାଇଥିଲେ। ଓଡ଼ିଆ ଚଳଚ୍ଚିତ୍ର 'ଚିଲିକା ତୀରେ', 'ହାକିମ ବାବୁ', 'ଏଇ ଆମ ସଂସାର', 'ଜଗା ହାତରେ ପଘା', 'ଠାକୁର ଅଛନ୍ତି ଚଉ ବାହାକୁ', 'କାବେରୀ', 'ବୋଉ'ରେ ବିଜୟ ବାବୁଙ୍କ ଅଭିନୟ ବେଶ୍ ନିଖୁଣ, ଯେଉଁଥିପାଇଁ ସେ ଅଗଣିତ ସିନେପ୍ରେମୀ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଭାବରେ ସେ ଅକ୍ଷୟ ମହାନ୍ତିଙ୍କୁ ବହୁତ ଭଲ ପାଆନ୍ତି। ଶିଶିର ମିଶ୍ର, ପ୍ରଣବ ଦାସ, ମହମ୍ମଦ ମହସୀନ, ପ୍ରଶାନ୍ତ ନନ୍ଦ, ରାଜୁ ମିଶ୍ରଙ୍କ ଅଭିନୟ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ତା' ସହ ନୀରଦ ମହାପାତ୍ରଙ୍କ 'ମାୟା ମିରିଗ' ଚଳଚ୍ଚିତ୍ରକୁ ସେ ସବୁଠାରୁ ଭଲ ଚଳଚ୍ଚିତ୍ରର ମାନ୍ୟତା ଦେଉଥିଲେ। ସବୁବେଳେ ଭଲ ସିନେମାଟିଏ ନିର୍ମାଣ ହେଉ ତାହା ଉପରେ ସେ ଗୁରୁତ୍ୱ ଦେଉଥିଲେ। ନିଜର ଅଭିନୟ ଦକ୍ଷତା ପାଇଁ ସେ ୧୭୫ଟି ଚଳଚ୍ଚିତ୍ରରେ ଅଭିନୟ କରି ଓଡ଼ିଆ ସିନେମା ଜଗତରେ ଏକ ଉଜ୍ଜ୍ୱଳ ତାରକା ହୋଇ ରହିଗଲେ।

ଭଲ ମଣିଷର ମୂଲ୍ୟାୟନ ମୃତ୍ୟୁରେ ହୁଏ। ଜୀବଦଶାରେ ସେପରି ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କୁ ପଦ୍ମ ପୁରସ୍କାର ମିଳିପାରିଲା ନାହିଁ। ବିଜୟ ବାବୁ- ତୁମ ଅମର ଆତ୍ମାର ସଦଗତି କାମନା କରୁଛି। ଆଗାମୀ ଦିନର କଳାକାରମାନଙ୍କୁ ଆପଣ ଯେଉଁଠି ଥିଲେ ବି ଆର୍ଶୀବାଦ କରନ୍ତୁ ଯେମିତି ସେମାନେ ପାହାଚ ପରେ ପାହାଚ ଚଢ଼ନ୍ତୁ, ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।



ଶ୍ରଦ୍ଧାଞ୍ଜଳି/ ବିଜୟ ମହାନ୍ତି

**-ଦିଲୀପ ହାଲି,** ସମ୍ପାଦକ
ସିନେକ୍ରିଟିକ ଆସୋସିଏଶନ
ବଡ଼ଗଡ଼, ଭୁବନେଶ୍ୱର-୧୮
ମୋ : ୯୮୬୧୦୦୯୨୫୨

DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୩/୨୦୨୦ Bhubaneswar, Thursday, July 23/ 2020

# ଜାମାଇକା ମିଟ୍‌ରେ ଭାଗନେଲେ ଶ୍ରାବଣୀ

**କିଙ୍ଗଷ୍ଟନ, ୨୨।୭ (ପି.ଟି.)**

ତାରକା ସ୍ପ୍ରିଣ୍ଟର ଓଡ଼ିଶାର ଶ୍ରାବଣୀ ନନ୍ଦ କରୋନା ଭାଇରସ ସଂକ୍ରମଣ ଜନିତ ଲକ୍‌ଡାଉନ୍ ପରେ ପ୍ରଥମ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟଭାବେ କୌଣସି ଏକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଜାମାଇକାରେ ସେ ବିଶ୍ୱର କେତେଜଣ ଶ୍ରେଷ୍ଠ ଆଥଲେଟ୍‌ଙ୍କ ସହ ଏକ ମିଟ୍‌ରେ ଭାଗ ନେଇଛନ୍ତି। ଜାମାଇକା କଲେଜର ଆଶେନହେମ୍ ଷ୍ଟାଡିୟମରେ ଅନୁଷ୍ଠିତ ଭେଲୋସିଟି ଫେଷ୍ଟରେ ୨୯ ବର୍ଷୀୟା ଶ୍ରାବଣୀ ୧୦୦ ମିଟରରେ ଏମଭିପି ଟ୍ରାକ୍ କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ହିଟ୍ ନମ୍ବର-୨ରେ ସେ ୧୧.୭୮ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଥିଲେ। ଓଭରଅଲ୍ ସେ ତୃତୀୟ ସ୍ଥାନ ହାସଲ କରିଥିଲେ। ୧୦୦ ମିଟରରେ ଶ୍ରାବଣୀଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ହେଉଛି ୧୧.୪୫ ସେକେଣ୍ଡ ଏବଂ ୨୦୦ ମିଟରରେ ୨୩.୦୭ ସେକେଣ୍ଡ। ୨୦୧୬ ରିଓ ଅଲିମ୍ପିକ୍ସରେ ସେ ଅଂଶଗ୍ରହଣ କରି ନିଜ ହିଟ୍‌ରେ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ୨୦୧୭ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍‌ର ୪x୧୦୦ ମିଟର ରିଲେ ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳର ସେ ସଦସ୍ୟା ଥିଲେ। ୨୦୧୬ ସାଉଥ୍ ଏସିଆନ ଗେମ୍ସରେ ସେ ୨୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୧୦୦ ମିଟରରେ ରୌପ୍ୟ ପଦକ ପାଇଥିଲେ।



ଶ୍ରାବଣୀଙ୍କ ବ୍ୟତୀତ ଭେଲୋସିଟି ଫେଷ୍ଟରେ ଡବଲ ଅଲିମ୍ପିକ୍ ସ୍ପ୍ରିଣ୍ଟ ଚାମ୍ପିୟନ ଇଲାନେ ଥମ୍ପସନ ଓ ଶେଲି-ଆନ୍ ଫ୍ରାସର-ପ୍ରାଇସଙ୍କ ପରି ପ୍ରତିଯୋଗୀ ଭାଗ ନେଇଥିଲେ। ବର୍ତ୍ତମାନର ଅଲିମ୍ପିକ୍ ଚାମ୍ପିୟନ ଥମ୍ପସନ ମଧ୍ୟ ଏମ୍‌ଭିପି ଟ୍ରାକ୍ କ୍ଲବରୁ ପ୍ରତିନିଧିତ୍ୱ କରୁଥିଲେ। ସେ ୧୧.୧୯ ସେକେଣ୍ଡ ସମୟ ନେଇ ଓଭରଅଲ୍ ବିଜେତା ହୋଇଥିଲେ। ନାଇକ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଫ୍ରାସର-ପ୍ରାଇସ ମହିଳା ୨୦୦ ମିଟରରେ ୨୨.୭୪ ସେକେଣ୍ଡ ସମୟ ନେଇଥିଲେ। ପୂର୍ବତନ ୧୦୦ ମିଟର ବିଶ୍ୱଚାମ୍ପିୟନ ୟୋହାନ ବ୍ଲାକ୍ ପୁରୁଷ ୨୦୦ ମିଟର ରେସ୍‌ରେ ୨୨.୭୪ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଗତ ମାର୍ଚ୍ଚପରେ

**କରୋନା ସଂକ୍ରମଣ ପରେ କୌଣସି ପ୍ରତିଯୋଗିତାରେ ଭାଗନେବାରେ ପ୍ରଥମ ଭାରତୀୟ**

ଭେଲୋସିଟି ଫେଷ୍ଟ ଜାମାଇକାର ପ୍ରଥମ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ।

ୱାର୍ଲ୍ଡ ଆଥଲେଟିକ୍ସ(ଆଇଏଏଏଫ) ଅଲିମ୍ପିକ୍ କ୍ୱାଲିଫିକେଶନ ଟୁର୍ନାମେଣ୍ଟକୁ ୨୦୨୦ ନଭେମ୍ବର ପର୍ଯ୍ୟନ୍ତ ସସପେଣ୍ଡ କରିଛି। ଆଥଲେଟିକ୍ ଫେଡେରେଶନ ଅଫ ଇଣ୍ଡିଆ(ଏଏଫଆଇ) ଇଣ୍ଡିଆନ ଗ୍ରାଁ ପ୍ରି ଓ ଫେଡେରେଶନ କପ୍‌କୁ ବାତିଲ କରିଛି। ଫଳରେ ଅଧିକାଂଶ ଭାରତୀୟ ଆଥଲେଟ୍ ଏବେ କେବଳ ଟ୍ରେନିଂ କରି ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛନ୍ତି।

## କମେଣ୍ଟ୍ରି ସମ୍ପର୍କରେ ନିଷ୍ପତ୍ତି ଖୁବ୍‌ଶୀଘ୍ର

**ନୂଆଦିଲ୍ଲୀ,୨୨।୭(ପି.ଟି.):** ସାରା ବିଶ୍ୱରେ କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ ହେବା ନିଶ୍ଚିତ ମନେହେଉଛି। ମହାମାରୀ କାରଣରୁ ଆଇପିଏଲ୍‌ରେ ଏଥର ଭର୍ଚୁଆଲ କମେଣ୍ଟ୍ରି ଉପରେ ଗୁରୁତ୍ୱ ଦିଆଯିବ। ଅର୍ଥାତ୍ ମ୍ୟାଚ୍ ଅବସରରେ ଷ୍ଟାଡିୟମରେ ଉପସ୍ଥିତ ନ ଥାଇ ଘରେ ରହି କମେଣ୍ଟ୍ରି କରିହେବ। ଏ ନେଇ ଆଇପିଏଲ୍ ବ୍ରଡକାଷ୍ଟର ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବ। ଏ ନେଇ କେତେକ ପ୍ରଦର୍ଶନୀ ମ୍ୟାଚ୍‌ରେ ପରୀକ୍ଷା ନିରୀକ୍ଷା କରାଯାଇ ସଫଳତା ହାସଲ କରାଯାଇଛି। ରବିବାର ଦକ୍ଷିଣ ଆଫ୍ରିକାର ସେଞ୍ଚୁରିଆନ ପାର୍କରେ ଖେଳାଯାଇଥିବା ଏକ ଲାଇଭ୍ ମ୍ୟାଚ୍‌ରେ ଇର୍ଫାନ ପଠାନ ତାଙ୍କ ବରୋଦାସ୍ଥିତ ଘରେ, ଦୀପ ଦାସଗୁପ୍ତା କୋଲକାତାରେ ଓ ସଞ୍ଜୟ୍ ମଞ୍ଜେରକରକର ମୁମ୍ବାଇ ସ୍ଥିତ ତାଙ୍କ ଘରେ ରହି ସଫଳତାର ସହ କମେଣ୍ଟ୍ରି କରିଥିଲେ। ଏହି ପରୀକ୍ଷା ବେଶ୍ କାମରେ ଆସିଥିଲା ବୋଲି ପଠାନ କହିଛନ୍ତି। ଆଇପିଏଲ୍ ବ୍ରଡକାଷ୍ଟର ଷ୍ଟାର ସ୍ପୋର୍ଟ୍ସ ସେଞ୍ଚୁରିଆନ ପାର୍କରେ ୩ ଟି ଦଳକୁ ନେଇ ଖେଳାଯାଇଥିବା ୩୬ ଓଭର ବିଶିଷ୍ଟ ପ୍ରଦର୍ଶନୀ ମ୍ୟାଚ୍‌ରେ ଭର୍ଚୁଆଲ କମେଣ୍ଟ୍ରି ନେଇ ପରୀକ୍ଷା ନିରୀକ୍ଷା କରିଥିଲା ଓ ଏହା ସଫଳ ମଧ୍ୟ ହୋଇଥିଲା। ଅବଶ୍ୟ ଏଥିରେ କେତୋଟି ଛୋଟମୋଟ ସମସ୍ୟା ରହିଛି ବୋଲି ସେ ସ୍ୱୀକାର କରିଛନ୍ତି। ଗ୍ରାଉଣ୍ଡ କମେଣ୍ଟ୍ରିର କୌଣସି ବିକଳ୍ପ ନାହିଁ ବୋଲି ପଠାନ ସ୍ପଷ୍ଟ କରିଛନ୍ତି। ଘରୁ ରହି ମଧ୍ୟ କମେଣ୍ଟ୍ରି କରିହେବ। ତେବେ ଏହାକୁ କିପରି ବ୍ୟବହାର ଓ ପ୍ରୟାସ କରାଯାଇପାରିବ ତାହା ଉପରେ ସବୁକିଛି ନିର୍ଭର କରେ ବୋଲି ପଠାନ ସ୍ପଷ୍ଟ କରିଛନ୍ତି।

## ୱାର୍ଲ୍ଡ ଲିଗ୍ସ ଫୋରମରେ ଆଇଏସ୍‌ଏଲ୍ ସାମିଲ

**ନୂଆଦିଲ୍ଲୀ, ୨୨।୭(ପି.ଟି.)**

ସମ୍ମାନଜନକ ୱାର୍ଲ୍ଡ ଲିଗ୍ସ ଫୋରମ (ଡବ୍ଲ୍ୟୁଏଲଏଫ)ରେ ସାମିଲ ହୋଇଛି ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ)। ପ୍ରିମିୟର ଲିଗ୍, ଲା ଲିଗା ଓ ବୁନ୍ଦେସଲିଗାପରି ପ୍ରଫେଶନାଲ ଫୁଟବଲ ଲିଗ୍ କ୍ଲବ ଗୁଡ଼ିକ ଏଥିରେ ପୂର୍ବରୁ ରହିଛନ୍ତି। ଦକ୍ଷିଣ ଏସିଆର ପ୍ରଥମ ଏବଂ ଏସିଆର ୭ମ ଲିଗ୍‌ଭାବେ ଆଇଏସଏଲ ଡବ୍ଲ୍ୟୁଏଲଏଫରେ ସାମିଲ ହୋଇଛି ବୋଲି ପ୍ରକାଶ କରାଯାଇଛି। ବର୍ତ୍ତମାନ ଡବ୍ଲ୍ୟୁଏଲଏଫରେ ୫ ମହାଦେଶର ପାଖାପାଖି ୧୨୦୦ କ୍ଲବ ସାମିଲ ଅଛନ୍ତି। ଏହା ଫୁଟବଲର ସର୍ବୋଚ୍ଚ ସଂସ୍ଥା ଫିଫା ସହିତ ମିଳିତଭାବେ ପ୍ରଫେଶନାଲ ଫୁଟବଲର ଉନ୍ନତି ପାଇଁ କାର୍ଯ୍ୟ କରୁଛି। ୱାର୍ଲ୍ଡ ଲିଗ୍ ଫୋରମ ଟେବୁଲରେ ସ୍ଥାନ ପାଇବା ଏକ ବଡ଼ ସମ୍ମାନ ବୋଲି ଆଇଏସଏଲ ଆୟୋଜକ ଫୁଟବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡର ପ୍ରତିଷ୍ଠାତା ତଥା ଚେୟାରପର୍ସନ ନୀତା ଅମ୍ବାନୀ ପ୍ରକାଶ କରିଛନ୍ତି। ''ଡବ୍ଲ୍ୟୁଏଲଏଫର ସ୍ୱୀକୃତି ବିଶ୍ୱସ୍ତରରେ ଭାରତୀୟ



ଫୁଟବଲର ଉତ୍‌ଥାନକୁ ସୂଚାଉଛି। ଏଥିରେ ଆଇଏସଏଲର ବଡ଼ ଭୂମିକା ରହିଛି। ଆମେ ଡବ୍ଲ୍ୟୁଏଲଏଫ ସହ ମିଳିତଭାବେ କାର୍ଯ୍ୟ କରି ବିଶ୍ୱରେ ଏହି କ୍ରୀଡ଼ାର ଉନ୍ନତି ପାଇଁ କାର୍ଯ୍ୟ କରିବୁ'' ବୋଲି ସେ କହିଛନ୍ତି। ''ପ୍ରଫେଶନାଲ ଫୁଟବଲ ପରିବାରକୁ ଆଇଏସଏଲକୁ ସ୍ୱାଗତ କରି ଆମେ ଖୁବ୍ ଆନନ୍ଦିତ। ନିକଟ ଅତୀତରେ ଆଇଏସଏଲ ଅନେକ ସଫଳତା ପାଇଛି। ଏହା ଏବେ ସେହି ଅଞ୍ଚଳରେ ଏକ ବଡ଼ ଲିଗ୍‌ରେ ପରିଣତ ହୋଇଛି'' ବୋଲି ୱାର୍ଲ୍ଡ ଲିଗ୍ସ ଫୋରମର ସାଧାରଣ ସମ୍ପାଦକ ଜେରୋମି ପେର୍ଲେମୁଟର ପ୍ରକାଶ କରିଛନ୍ତି।


## ଆଇଏମ୍‌ଜି ରିଲାଏନ୍ସ ସହ ଧାୱନଙ୍କ ଚୁକ୍ତି

**ମୁମ୍ବାଇ,୨୨।୭(ପି.ଟି.):** ଭାରତୀୟ ଅଭିଜ୍ଞ ଓପନର ଶିଖର ଧାୱନ୍ ଏକ ବଡ଼ ଧରଣର ମାର୍କେଟିଂ ଓ ମ୍ୟାନେଜମେଣ୍ଟ ଚୁକ୍ତି କରିଛନ୍ତି। ସେ ଆଇଏମ୍‌ଜି ରିଲାଏନ୍ସ ସହ ଏକ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଫଳରେ ଆଇଏମ୍‌ଜି ପ୍ଲେୟାର ମ୍ୟାନେଜମେଣ୍ଟ ରୋଷ୍ଟରରେ ରୋହିତ ଶର୍ମା, ଯଶପ୍ରୀତ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା, କ୍ରୁନାଲ ପାଣ୍ଡ୍ୟା, ଶ୍ରେୟାସ ଆୟରଙ୍କ ସହ ଧାୱନ ସାମିଲ ହୋଇଛନ୍ତି। ଏହି ଚୁକ୍ତିରେ ସ୍ୱାକ୍ଷର କରି ବେଶ୍ ଖୁସି ବୋଲି ଧାୱନ କହିଛନ୍ତି। ଭାରତରେ ଆଇଏମ୍‌ଜି ରିଲାଏନ୍ସ ବେଶ୍ ଭଲ କାମ କରୁଛି। ରିଲାଏନ୍ସ ସହ ପୂର୍ବରୁ ଭିନ୍ନଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷ ସାମିଲ ହୋଇଛନ୍ତି। ଏହି କମ୍ପାନୀ ସହ ସାମିଲ ହୋଇ ବେଶ୍ ଉତ୍ସାହିତ ଅଛି। କ୍ରିକେଟ ସହିତ ପୂର୍ବଭଳି ଜଡିତ ରହିବି ଓ ଏହା ଉପରେ ମନୋନିବେଶ କରିବି। ଏବେ ପଡିଆ ବାହାରେ ଆଇଏମ୍‌ଜି ରିଲାଏନ୍ସ ସହ ଜଡିତ ରହି ମୋର ପ୍ରତିଭାକୁ ଆହୁରି ବୃଦ୍ଧି କରିବାକୁ ପ୍ରୟାସ କରିବି ବୋଲି ସେ କହିଛନ୍ତି। ୩୪ ବର୍ଷୀୟ ଧାୱନ ଏପର୍ଯ୍ୟନ୍ତ ୩୪ଟି ଟେଷ୍ଟ ଓ ୧୩୬ଟି ଦିନିକିଆ ମ୍ୟାଚ୍ ଖେଳି ୮,୦୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଧାୱନ ହେଉଛନ୍ତି ଜଣେ ପ୍ରତିଭାସମ୍ପନ୍ନ କ୍ରିକେଟର। ତାଙ୍କ ପାଖରେ ଏକାଧିକ ପ୍ରତିଭା ରହିଛି। ଏକ ବ୍ରାଣ୍ଡ୍ ସୃଷ୍ଟି କରିବାରେ ଧାୱନ ସହାୟ ହେବେ ବୋଲି ଆଇଏମ୍‌ଜି ରିଲାଏନ୍ସ ଟ୍ୟାଲେଣ୍ଟ ଓ ସ୍ପୋନ୍ସରଶିପ୍ ମୁଖ୍ୟ ନିଖିଲ ବାର୍ଡିଆ କହିଛନ୍ତି।

## ପ୍ରଥମ ରାଉଣ୍ଡରେ ହାରିଲେ ଆନନ୍ଦ

**ଚେନ୍ନାଇ, ୨୨।୭ (ପି.ଟି.)**

ପୂର୍ବତନ ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଅନ୍‌ଲାଇନ୍ ଲିଜେଣ୍ଡ୍ସ ଚେସ୍ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ରୁଷିଆର ପିଟର ସିଲଡରଙ୍କଠାରୁ ୧.୫-୨.୫ ପଏଣ୍ଟରେ ହାରି ଯାଇଛନ୍ତି। ମ୍ୟାଗ୍ନସ କାର୍ଲସେନ ଚେସ୍ ଟୁର୍‌ରେ ଆନନ୍ଦ ପ୍ରଥମଥରପାଇଁ ଭାଗ ନେଇଛନ୍ତି। ତୃତୀୟ ଗେମ୍ ପର୍ଯ୍ୟନ୍ତ ଆନନ୍ଦ ଓ ସିଲଡର ୧.୫ ଲେଖାଏ ପାଇଥିଲେ। ମାତ୍ର ୪ର୍ଥ ଗେମ୍‌ରେ ଆନନ୍ଦ ହାରି ଯାଇଥିଲେ। ବିଶ୍ୱର ୩ ନମ୍ବର ଖେଳାଳି ଚାଇନାର ଡିଙ୍ଗ ଲିରେନଙ୍କୁ ୩-୧ରେ ହରାଇ ଭେଟେରାନ ବୋରିସ ଗେଲଫାଣ୍ଡ ବିପର୍ଯ୍ୟୟ ଘଟାଇଥିବାବେଳେ ନମ୍ବରୱାନ ନରୱେର ମ୍ୟାଗ୍ନସ କାର୍ଲସେନ ନେଦରଲାଣ୍ଡର ଆନିଶ ଗିରିଙ୍କୁ ୩-୧ରେ ପରାସ୍ତ କରିଛନ୍ତି। ଅନ୍ୟ ୨ଟି ମ୍ୟାଚରେ ଇଆନ ନେପୋମନିଆଚି ୩-୨ରେ ଭ୍ଲାଡିମିର କ୍ରାମନିକ୍ ଏବଂ ପିଟର ଲେକୋ ୩-୨ରେ ଭାସଲି ଇଭାନଚୁକଙ୍କୁ ପରାସ୍ତ କରିଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ